# ରକ୍ତ ନିଶାଣ

ଭଗବାନ ମହାପାତ୍ର

Digitized by PPRACHIN, SOA

## ଏହି ଲେଖକଙ୍କ ଅନ୍ୟାନ୍ୟ କୃତି

### କବିତାଗ୍ରନ୍ଥ

ଜୀବନ ପାଇଁ କବିତା

ନିଜକୁ ଖୋଜୁଥିବା ମଣିଷ

ଦେଶ ଓ ଅନ୍ୟାନ୍ୟ କବିତା

ଆମେ ଏ ଦେଶର ସିଂହ ଶାବକ
(କିଶୋର ଧର୍ମୀ କବିତା ସଙ୍କଳନ)

### ଜନସାହିତ୍ୟ ଗଳ୍ପ

ବଣଫୁଲର ମହକ

ଗାଁର ଶିରି

### ସମ୍ପାଦନା

ଅଗ୍ନିବୀଣା ସାହିତ୍ୟ ପତ୍ର

ଆରୋହଣ ସାହିତ୍ୟ ପତ୍ର ଏବଂ

ବହୁ ଉପାଦେୟ ସ୍ମରଣିକା

Digitized by PPRACHIN, SOA

# ରକ୍ତ ନିଶାଣ

ଭଗବାନ ମହାପାତ୍ର

ସୃଜନ
ଭୁବନେଶ୍ୱର

Digitized by PPRACHIN, SOA

# ରକ୍ତ ନିଶାଣ

ଗଳ୍ପ ସଂକଳନ

ଭଗବାନ ମହାପାତ୍ର

■

ପ୍ରକାଶକ : 'ସୃଜନ', ଆଇ.ଡି.୨୬/୪, ୟୁନିଟ୍‌-୧, ଭୁବନେଶ୍ୱର

■

ମୁଦ୍ରଣ :

ବିଶ୍ୱମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର-୨୩

■

ପ୍ରଚ୍ଛଦ : ସୁଶୀଳ ପୁହାଣ

■

ମୂଲ୍ୟ :

ଟ. ୮୦/-

■

ପ୍ରଥମ ସଂସ୍କରଣ :

ନବକଳେବର, ୨୦୧୫

ବିତରକ : ବିଶ୍ୱମୁକ୍ତି, ଭୁବନେଶ୍ୱର

**RAKTA NISHAN**

by

**Bhagaban Mahapatra**

■

Publisher :

**Srujan,** Bhubaneswar

■

Printed at

**Vishwamukti Publication**

Bhubaneswar-23

■

Price :

**Rs. 80/-**

■

First Edition

**Nabakalebar, 2015**

*Digitized by PPRACHIN, SOA*

## ଉତ୍ସର୍ଗ :

ମୋର ସଦା ଶୁଭକାମନା କରିଥିବା ଓ ପ୍ରଥ ପ୍ରଦର୍ଶନ କରିଥିବା ମୋର ଶିକ୍ଷାଗୁରୁ ସ୍ୱର୍ଗତ କବି ବ୍ରହ୍ମାନନ୍ଦ ଦାସଙ୍କ କରକମଳରେ ନିବେଦିତ ।

- ଲେଖକ

Digitized by PPRACHIN, SOA

# ସୂଚୀ

| | | |
|---|---|---|
| ୧. | ରକ୍ତ ନିଶାଣ | ୦୫ |
| ୨. | ଭିନ୍ନ ମଣିଷ ଭିନ୍ନ ହୃଦୟ | ୨୦ |
| ୩. | ଶଙ୍କରା ଚମାର | ୨୯ |
| ୪. | ସମାନ୍ତରାଳ | ୩୯ |
| ୫. | ଲୁହ | ୫୪ |
| ୬. | ମଧ୍ୟବିତ୍ତ | ୫୮ |
| ୭. | ସତ୍ୟର ବ୍ୟବଚ୍ଛେଦ | ୬୫ |
| ୮. | କେଆରଲେସ୍ | ୬୯ |
| ୯. | ଅନ୍ୟ ଏକ ଦିଗନ୍ତ | ୭୬ |
| ୧୦. | ଦଙ୍ଗା | ୮୫ |
| ୧୧. | କଳାମେଘ | ୯୧ |
| ୧୨. | ଭିନ୍ନ ଏକ ଯୀଶୁ | ୧୦୦ |
| ୧୩. | ବଧୂ ଓ ସନ୍ନ୍ୟାସୀ | ୧୦୬ |
| ୧୪. | ଗୋବିନ୍ଦ ସାର୍ | ୧୨୩ |


Digitized by PPRACHIN, SOA

# ରକ୍ତ ନିଶାଣ

ଶ୍ରୀକାନ୍ତ ପାଇଁ ଏ ହେଉଛି ପ୍ରଥମ ଚାକିରି ଜୀବନ । ସେ ଆଗରୁ କେବେ ଭାବି ନଥିଲା ଚାକିରି ଜୀବନ ଓ ସ୍ୱାଧୀନ ଜୀବନ ଭିତରେ ଏତେ ପ୍ରଭେଦ ଅଛି ବୋଲି । ଏସବୁ ଦେଖି ସେ ଭାବେ, ମୁକ୍ତ ଭାବରେ ଆତଯାତ ହେଉଥିବା ମଣିଷଗୁଡ଼ାକ ସାଧାରଣ ଭାବରେ ଯେପରି ମନେହେଉଥାନ୍ତି, ଚାକିରି ଖଣ୍ଡେ ଧରିବାପରେ ଏପରି ହୋଇଯାନ୍ତି କାହିଁକି ? ଏହିପରି ଅନେକ ପ୍ରଶ୍ନ ଶ୍ରୀକାନ୍ତର ମୁଣ୍ଡକୁ ଭାରାକ୍ରାନ୍ତ କରୁଥାଏ ଏବଂ କୌଣସି ପ୍ରଶ୍ନର ଉତ୍ତର ତା'ମୁଣ୍ଡକୁ ଆସି ଯୁଟି ଯାଉଥାଏ ତ ତାକୁ ଟିକେ ହାଲ୍‌କା ଲାଗୁଥାଏ ।

ଅଫିସ୍ ଫେରନ୍ତା ବାଟରେ ବେଳେବେଳେ ଭାବୁ ଭାବୁ ଶ୍ରୀକାନ୍ତକୁ ହସମାଡ଼େ । ବାସ୍ତବିକ୍ ଏ ମଣିଷ ଗୁଡ଼ାକ କି ବିଚିତ୍ର ଧରଣର ? ନିଯୁକ୍ତି ପତ୍ରଟିଏ ପାଇବା ପରେ ସତେ ଯେମିତି ଗୋଟିଏ ଗୋଟିଏ ମେଣ୍ଢାଛୁଆ ବନିଯାନ୍ତି । କିଛିଦିନ ଚାକିରି କରିବା ପରେ ଦେହଘସା ହୋଇଯାଏ । ମେଣ୍ଢାମାନେ ଯେମିତି ଦଳ ଦଳ ହୋଇ ଚରିବାକୁ ଯାଆନ୍ତି ଓ ଦଳ ଦଳ ହୋଇ ଫେରନ୍ତି ଅଥଚ କାହା ସହିତ କାହାର ସମ୍ପର୍କ ନଥାଏ, ଏ ଜୀବମାନେ ମଧ୍ୟ ସେମିତି କାରଖାନାକୁ ଯିବାବେଳେ ଓ ଫେରିବାବେଳେ ଦଳ ଦଳ ହୋଇ ଧପାଲିଥାନ୍ତି । ହେଲେ ଫେରିବାବେଳେ ଯେପରି କେହି କାହାକୁ ଟିକେ ଚାହିଁବାକୁ ପ୍ରସ୍ତୁତ ନୁହନ୍ତି । ଫେରିଲେ ଯେମିତି ଶୀଘ୍ର ବଜାର ସଉଦା ଶେଷକରି ଯାଇ ସ୍ତ୍ରୀ ମୁଖ ଦର୍ଶନ କରିବେ । ସେଠି ପୁଣି ଆଉ ଗୋଟିଏ ଚାକିରି । ବଜାରରୁ ଫେରିବା ପରେ ସ୍ତ୍ରୀକୁ କୈଫିୟତ ଦେବାକୁ ପଡ଼ିବ । କିଛି ନା କିଛି ଶୁଣିବାକୁ ମିଳିବ– ଏତେ ଡେରି କାହିଁ ହେଲା ? ମୁଁ ଜାଣେ ପରା କୋଉଠି ଗପୁଥିବ । ଏ ମାଛଗୁଡ଼ା ଆଣିଛ ଯେ ସବୁ ପଚା । ତୁମର କାମ ସବୁ ଏଇଆ । ହକ୍ ପଇସା ଦେଇ ଆଣିବ,



Digitized by PPRACHIN, SOA

ଅଥଚ ପଚା ମାଛ, ପୋକା ବାଇଗଣ । ତୁମପରି କ'ଣ ସମସ୍ତେ ଇମିତି କରୁଛନ୍ତି ?

ଏହିପରି ଅନେକ କଥା ଶୁଣି ହଜମ କରିବା ଛଡ଼ା ଉପାୟ ବା କ'ଣ ଅଛି ! ଏଇ ପନ୍ଦରଟା ଦିନ ଭିତରେ ଖୁଡ଼ୀଙ୍କର ଦାଦାଙ୍କ ପ୍ରତି ଯେଉଁ ବ୍ୟବହାର ଏବଂ ଦାଦାଙ୍କ ପରି ଜଣେ ଅଫିସରଙ୍କ ନିଜ ଘରେ ଯେଉଁ ବିକଳ ଅବସ୍ଥା, ଏକଥା ବୁଝିବାପରେ ଶ୍ରୀକାନ୍ତର ଆଉ ବୁଝିବାକୁ ବାକି ନଥିଲା ଚାକିରିଆ ସ୍ୱାମୀମାନଙ୍କର ଅବସ୍ଥା ସମ୍ପର୍କରେ ।

ଶ୍ରୀକାନ୍ତ ଏସବୁ ଦେଖି ମନେ ମନେ ହସେ ଓ ଏମାନଙ୍କ ପ୍ରତି ତା'ର ଦୟା ଆସେ ।

ନିକଟରେ ଛାଡ଼ି ଆସିଥିବା ଛାତ୍ର ଜୀବନ କଥା ତା'ମନରେ ସର୍ବଦା ଲାଖି ରହିଥାଏ । କେତେ ଫୁଲାଫାଙ୍କିଆ ଜୀବନ । ଝିଅପିଲାଙ୍କୁ କମେଣ୍ଟ କରିବା, ସାଙ୍ଗମାନଙ୍କ ସହ ବାଜି ରଖି ଅପରିଚିତା ଝିଅଟିଏ ସହିତ କଥାହେବା, ପିକ୍‌ନିକ୍ କରିବା, ଫିଲ୍ମ ଯିବାରେ କେତେ ମଜା ଥିଲା ସତରେ ! ଆଜି ଏତେ ଶୀଘ୍ର ସେ ସାଙ୍ଗମେଳ ଛାଡ଼ି ଏ ଅଜବ ଜୀବମାନଙ୍କ ସାଥିରେ କେମିତି କାମ କରିବ । ଅବଶ୍ୟ ଛାତ୍ରାବସ୍ଥାର ବେପରୁଆ ଜୀବନ ପ୍ରତି ତା'ର ଆଉ ଆସକ୍ତି ନାହିଁ, ହେଲେ ଏଭଳି ଏକ ଶୃଙ୍ଖଳବଦ୍ଧ ଜୀବନ ମଧ୍ୟ ସେ ଗ୍ରହଣ କରିପାରୁନି ।

ଦାଦା ହରିଶ ମହାପାତ୍ରଙ୍କ ସୁପାରିଶରେ ଶ୍ରୀକୃଷ୍ଣ କେମିକାଲରେ ଚାକିରିଟିଏ ପାଇଥାଏ ଶ୍ରୀକାନ୍ତ । ହେଲେ ନିଯୁକ୍ତିପତ୍ର ପାଇନଥାଏ । ସେମିତି କାମ କରୁଥାଏ । କମ୍ପାନୀର ବଡ଼ ସଙ୍କଟମୟ ସମୟ । ଶ୍ରମିକ ଧର୍ମଘଟର ମସୁଧା ଚାଲିଥାଏ । ତେଣୁ ବିନା ନିଯୁକ୍ତି ପତ୍ରରେ ଲୋକ ନିଯୁକ୍ତି କରାଯାଉଥାଏ । ଦାଦାଙ୍କର ତାଗିଦା, କାହା ସାଙ୍ଗରେ କଳି କରିବନି । ନିଜ କାମକୁ ନିଷ୍ଠାର ସହ କରିବ । କାହା ସାଙ୍ଗରେ ମିଶିବ ନାହିଁ କି କାହା କଥାରେ ପ୍ରଭାବିତ ହେବନାହିଁ । ଏହିପରି ବହୁ ସତର୍କତାପୂର୍ଣ୍ଣ ନିର୍ଦ୍ଦେଶ । ଏସବୁ କଥା ଶ୍ରୀକାନ୍ତକୁ ବଡ଼ ଅସ୍ୱସ୍ତିକର ବୋଧ ହେଉଥିଲେ ମଧ୍ୟ ନୀରବରେ ଶୁଣିବା ଛଡ଼ା ତା'ର ଅନ୍ୟ ଉପାୟ ନଥିଲା ।

କାରଖାନାଟିର ମାଲିକ ମିଃ. ଜୈନ ଗୁଜୁରାଟର ଲୋକ । ତେଣୁ କେତେଜଣ ଗୁଜୁରାଟୀ ଲୋକ ମଧ୍ୟ କାରାଖାନାର ବିଭିନ୍ନ ବିଭାଗରେ କାମ କରିବାର ସୁଯୋଗ ପାଇଥାନ୍ତି । ହେଲେ ସ୍ଥାନୀୟ କର୍ମଚାରୀଙ୍କର ପ୍ରତି ସେମାନଙ୍କର ବ୍ୟବହାର ମାଲିକ ସୁଲଭ ବ୍ୟବହାର ପରି ଔଦ୍ଧତ୍ୟପୂର୍ଣ୍ଣ । ସେମାନେ ନିଜକୁ ବୋଧହୁଏ ମାଲିକ ପରିବାର ଲୋକ ବୋଲି ମନେକରନ୍ତି । କଲେଜରୁ ସଦ୍ୟ ଫେରନ୍ତା ଶ୍ରୀକାନ୍ତର ତାଜା ରକ୍ତ ଏମାନଙ୍କର ଔଦ୍ଧତ୍ୟପୂର୍ଣ୍ଣ ଦୁର୍ବ୍ୟବହାରକୁ ହଜମ କରିବା ନିଶ୍ଚୟ କଷ୍ଟକର । ଗୋଟେ



Digitized by PPRACHIN, SOA

ଦୁଇଟି ଘଟଣାରେ ଶ୍ରୀକାନ୍ତ ମଧ୍ୟ ତାଙ୍କୁ ଠୋକର ଦେଇଲାଣି । ହେଲେ ଏ ମେଣ୍ଢା ପଲ୍ଲୁ ସ୍ଥାନୀୟ ଶ୍ରମିକ, କର୍ମଚାରୀଙ୍କ ରକ୍ତ ଟିକେ ଉଷୁମ ହେବାର ସେ ଦେଖୁନି, ଯଦିଓ ତୀବ୍ର ଅସନ୍ତୋଷ ଓ ଘୃଣାରେ ସେମାନେ ସନ୍ତୁଳି ହେଉଛନ୍ତି ।

ବଡ଼ ଅଦ୍ଭୁତ ଏ ଲୋକମାନଙ୍କର ଖିଆଲ । "କିହୋ, ତୁମେ ମାଲିକ ପ୍ରଦେଶର ଲୋକ ହେଲେ ବି, ଏଠି ଖଟିକରି ମଜୁରି ନେଉଛ । ଆମେ ବି ତ ଖଟିକରି ମଜୁରି ପାଉଛୁ । ତୁମେ ଯେମିତି ଶୋଷିତ ହେଉଚ, ଆମେ ମଧ୍ୟ ସେମିତି ଶୋଷିତ ହେଉଚୁ । ତୁମର ସ୍ୱାର୍ଥ ଓ ଆମର ସ୍ୱାର୍ଥଇତ ଏକ । ତେବେ କୋଉ ଗୁଣରେ ଆମ ଉପରେ ହାକିମି ଦେଖଉଚ ? ତୁମେ ବୁଝିବା ଦରକାର ଆମ ରାଜ୍ୟର ମାଟି, ପାଣି ପବନରେ ଚଳୁଚ । ଆମ ସାଙ୍ଗରେ ସିନା ଭାଇଚାରା କରନ୍ତ, ଏ ରକ୍ତଲୋଭୀ ସୟତାନର କୁକୁରଗିରି କରୁଚ କିଆଁ ? ମାଲିକ ଆମକୁ ଦେଖଉଚି ଚାକିରି ନେବାର ଭୟ । ଅଥଚ ତୁମ ପିଠି ଆଉଁଷୁଚି । ତୁମେ ତା'ର ସୁନାପୁଅ । ହେଲେ ପୁଅ, ବେଳ ଆସିବ । ମାଲିକ ଥୟ ପଡ଼ିବନି । ତୁମପରି କୁକୁର ମଧ୍ୟ ଥୟ ପଡ଼ିବେନି ।" ଶ୍ରୀକାନ୍ତ ଯେ ଖାଲି ଏଇ କଥା ମନରେ ଭାବେ ତା'ନୁହେଁ, ବେଳେ ବେଳେ ଏମାନଙ୍କୁ ରୋକ୍‌ଠୋକ୍ ଜବାବ ଦେଇଦିଏ । ଯା'ହେଉ ଶ୍ରୀକାନ୍ତ ସେମାନଙ୍କ ମନରେ ଭୟର ଏକ ପାତଳ ଛାୟା ଖେଳେଇ ଦେଇଥାଏ ।

ମିଃ. ଜୈନ ନଈଟିଏ କୂଳରେ ମୁହାଣଠାରୁ ଅନ୍ତତଃ ୧୫କି.ମି. ଦୂରରେ ଏଇ କଷ୍ଟିକ୍ ସୋଡ଼ା ପ୍ଲାଣ୍ଟ୍‌ଟି ସହ କେତେକ କାରଖାନା ବସେଇବା ପରେ ତାଙ୍କ ପ୍ରଦେଶରୁ କିଛି ଲୋକ ଆଣି ନିଯୁକ୍ତି କରିଥିଲେ । ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିବାରୁ ଭୟରେ ସେମାନଙ୍କୁ ବାଧ୍ୟ ହୋଇ ନିଯୁକ୍ତି କରାଗଲା । କୌଣସି ଗୋଟିଏ ଶ୍ରମିକ ୟୁନିୟନ ଗଢ଼ାହେବା ପୂର୍ବରୁ, ନିଜ ପ୍ରଦେଶର ଲୋକଙ୍କୁ ନେଇ ଗୋଟିଏ ୟୁନିୟନ ମଧ୍ୟ ଗଢ଼ାହେଲା । ସେଥିରେ ସ୍ଥାନୀୟ ଦଲାଲ ଓ ନ୍ୟସ୍ତସ୍ୱାର୍ଥ ଲୋକମାନେ ମଧ୍ୟ ସାମିଲ ହେଲେ । ଏଇମାନେ କର୍ମଚାରୀମାନଙ୍କୁ ଆଜିଯାଏ ଧପେଇ ଚାଲିଛନ୍ତି । କିନ୍ତୁ କମ୍ରେଡ୍ ଚତୁର୍ଭୁଜ ରଣା ଯେଉଁ ଶ୍ରମିକ ୟୁନିୟନ ଗଠନ କରିଛନ୍ତି, ସେଥିରେ କାରଖାନାର ଶତକଡ଼ା ପଞ୍ଚସ୍ତରି ଭାଗ କର୍ମଚାରୀ ସଭ୍ୟ ଥିଲେ ବି ଏ କମ୍ପାନୀ ତାଙ୍କୁ ସ୍ୱୀକୃତି ଦେଉନି କି ସେମାନଙ୍କର କୌଣସି ଦାବୀ ପ୍ରତି କର୍ଣ୍ଣପାତ କରୁନି । ଆମର ଏ ମେଣ୍ଢା ଦଳତ ଆଗକୁ ବାହାରିବେନି ହବ କ'ଣ ? ଯିଏ ଆଗକୁ ବାହାରିଲା ଛଟେଇ ପରୱାନା ମିଳିବାକୁ ବେଶୀ ଡେରି ଲାଗୁନି । ଯୋଉ ଅଫିସର ଯା'ଙ୍କୁ ଭିତିରି ସମର୍ଥନ କଲା, ୨୪ଘଣ୍ଟା ଭିତରେ ତାକୁ ନିକାଲ୍ । ଏସବୁ ଘଟଣା ଦେଖି ଶ୍ରୀକାନ୍ତର ରକ୍ତ ଟକ୍‌ମକ୍ ହୋଇ ଫୁଟୁଚି । ହେଲେ ଦାଦାଙ୍କ ଘରୁ ବାହାରକୁ ଆସିବାକୁ ମନା । କା' ସାଙ୍ଗରେ ମିଶିବାକୁ ମନା ।



Digitized by PPRACHIN, SOA

ସେ ଚତୁର୍ଭୁଜ ବାବୁଙ୍କ ୟୁନିୟନରେ ମିଶିବାକୁ ଚାହୁଁଥିଲେ ବି ଅଫିସରଙ୍କ ନିଜର ଲୋକ ବୋଲି କେହି ହୁଏତ ଭରସିକରି ତାକୁ କିଛି କହିପାରୁନାହାନ୍ତି । କିନ୍ତୁ ଶ୍ରୀକାନ୍ତର କଥାଭାଷା, ଚାଲିଚଳନ ଓ ବ୍ୟବହାରରୁ ଯେ କେହି ମନେକରିବା ସ୍ୱାଭାବିକ ଯେ, ସେ ହେଉଛନ୍ତି କମ୍ପାନୀ ବିରୋଧୀ ଲୋକ । ଶ୍ରୀକାନ୍ତ ନିଜକୁ ଏକଲା ଅନୁଭବ କରି ଭାବେ, ତା'ସାଙ୍ଗକୁ ତା'ର କଲେଜ ସାଥୀ ଅଜୟ, ଶେଖର ଓ ପ୍ରଦୀପ ଏଇ ତିନିଜଣ ହୋଇଥିଲେ ବି ସେ ଦେଖିଲା କାମ କରି ଦିଅନ୍ତା । ଏକଲା ବା ସେ କ'ଣ କରିବ । ଆଚ୍ଛା ଦେଖାଯାଉ କୋଉ ପାଣି କୁଆଡ଼ିକି ଯାଉଚି । ଏମିତି ଭାବି ଭାବି ଶ୍ରୀକାନ୍ତ ଖାଲି ନିଜକୁ ନିଜେ ଦମ୍ଭ ଦେଉଥାଏ ।

ଯା' ଭିତରେ କାରଖାନାର ପରିସ୍ଥିତି ଟିକିଏ ଉଷୁମ ହେଲାଣି । ଧର୍ମଘଟ ପାଇଁ ଚତୁର୍ଭୁଜ ବାବୁ ଠା'କୁ ଠା' ସଭା କଲେଣି । ଶ୍ରୀକାନ୍ତର ଚାକିରି ଦୁଇମାସ ପୂରିଗଲେ ବି ଆଜିଯାଏ ନିଯୁକ୍ତିପତ୍ର ମିଳିନି । ତା'ପ୍ରତି ପର୍ସନାଲ ମେନେଜର ମିଃ. ରାଠୋରଙ୍କର କଡ଼ା ନଜର । ଦାଦାଙ୍କର ମଧ୍ୟ କଟକଣା । କିନ୍ତୁ ଶ୍ରୀକାନ୍ତ ଉପରେ ଏସବୁର ବିଶେଷ ପ୍ରଭାବ ପଡ଼ିପାରୁନି ।

ଶ୍ରୀକାନ୍ତର ରୋକ୍‌ଠୋକ୍ ସ୍ୱଭାବ ପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଉଦାସୀନ ରହିବା କେବେ ସମ୍ଭବ ନୁହେଁ । ସମୟେ ସମୟେ ମିଃ. ରାଠୋର ଶ୍ରୀକାନ୍ତକୁ ତାଙ୍କ ଘରକୁ ଡାକନ୍ତି । ବହୁ ଆଦର କରନ୍ତି, ଗୋଟେ ଗାଈକୁ କଅଁଳ ଘାସ ବିଡ଼ାଏ ଦେଖେଇ ଦେଖେଇ ନେଇ ଗୁହାଳ ଭିତରେ ପୂରେଇବା ପରି । ବହୁ ଫୁସୁଲା ଫୁସୁଲି କରନ୍ତି କମ୍ପାନୀ ସମର୍ଥିତ ୟୁନିୟନରେ ଯୋଗଦେବାକୁ । ତା'ହେଲେ ତାକୁ ସ୍ଥାୟୀ ନିଯୁକ୍ତି ମିଳିବ । ଖୁବ୍ କମ୍ ଦିନରେ ପଦୋନ୍ନତି ହେବ । ଏସବୁ ସତ୍ତ୍ୱେ ଶ୍ରୀକାନ୍ତକୁ ପଟେଇବା ସମ୍ଭବ ହୁଏନି ।

ମିଃ. ରାଠୋରଙ୍କର ୫ ବର୍ଷର ଝିଅ ଜିନି । ଶ୍ରୀକାନ୍ତ ପ୍ରଥମ ଥର ମିଃ. ରାଠୋରଙ୍କ ଘରକୁ ଯିବା ସମୟରୁ ସେ ଶ୍ରୀକାନ୍ତକୁ ବେଶ୍ ଆଦରି ନେଇଛି । ଶ୍ରୀକାନ୍ତ ପହଞ୍ଚିବା ମାତ୍ରେ ଜିନି ସଙ୍ଗେ ସଙ୍ଗେ ଆସି ହାଜର ହୋଇଯାଏ । ଶ୍ରୀକାନ୍ତ ତା'ସହିତ କିଛି ସମୟ ଆଳାପ କରି ଆନନ୍ଦ ପାଏ । ଫେରିବା ବେଳକୁ ଜିନି ଶ୍ରୀକାନ୍ତକୁ ଛାଡ଼ିବାକୁ ନାରାଜ ହୁଏ । ଶ୍ରୀକାନ୍ତ ପୁଣି ଆସିବ ବୋଲି କହି ତା'ଠାରୁ ମୁକ୍ତ ହୁଏ ।

ଜିନି ପ୍ରତି ଏକ ସ୍ନେହସିକ୍ତ ମମତା ଶ୍ରୀକାନ୍ତକୁ ତା'ର ବିବେକ ବିରୁଦ୍ଧରେ ଟାଣି ନେଇଯାଏ ମିଃ. ରାଠୋରଙ୍କ ଘରକୁ । ଘରେ ମିଃ. ଓ ମିସେସ୍ ରାଠୋରଙ୍କ ବ୍ୟବହାର ବେଶ୍ ପ୍ରୀତିପଦ ହେଲେ ମଧ୍ୟ ସ୍ଥାନୀୟ ଭାଷା ଯେ ଶିଖି ପାରିନାହାନ୍ତି ଏଥିପାଇଁ ଶ୍ରୀକାନ୍ତ ବଡ଼ ଦୁଃଖ ଓ ବିରକ୍ତି ପ୍ରକାଶ କରେ । ତା'ର ମନ ଘୃଣାରେ ଭରିଯାଏ । ବାସ୍ତବିକ ଏ



Digitized by PPRACHIN, SOA

ଲୋକଗୁଡ଼ାକ ବଡ଼ ସ୍ୱାର୍ଥପର ଓ ଅହଂକାରୀ । ଏମାନଙ୍କ ପ୍ରତି ସାମାନ୍ୟତମ ସହାନୁଭୂତି ଦେଖେଇବା ମଧ୍ୟ ଅନୁଚିତ । ଶ୍ରୀକାନ୍ତ ମନ ବିଦ୍ରୋହୀ ହୋଇଉଠେ ।

ମିଃ. ରାଠୋର ! କମ୍ପାନୀର ପର୍ସନେଲ ମ୍ୟାନେଜର । ନିଜ ଘର ଭିତରେ ବ୍ୟବହାର କେଡ଼େ ବନ୍ଧୁସୁଲଭ । ପୁରାତନ ପ୍ରିୟ ବନ୍ଧୁଟିଏ ବହୁଦିନ ପରେ ଦେଖାହେବା ପରି ଆଦର ସମ୍ଭାଷଣ ! କି ଆତିଥ୍ୟ ! କେଡ଼େ ନମନୀୟ, ଭଦ୍ର । ହେଲେ କାରଖାନା ଭିତରକୁ ପଶିଗଲା ପରେ ଗୋଟାଏ ରକ୍ତମୁଖା ଶାର୍ଦ୍ଦୁଳ ଯେପରି । କାରଖାନାର ଲୋକଗୁଡ଼ାକ ତା'ଆଗରେ ମଧ୍ୟ ଗୋଟେ ଗୋଟେ ଶିକାର । କଞ୍ଚା ଖାଇଯିବ କି କ'ଣ ! ସାକ୍ଷାତ ଯମ ସଦୃଶ କଠୋର । ନିଜ ଘର ଭିତରେ ଫୁଲପରି କୋମଳ ବ୍ୟବହାର କରୁଥିବା ଲୋକଟି କାରଖାନା ଭିତରକୁ ପଶିଲେ କେମିତି ଯେ ଗୋଟେ ନର ଖାଦକର ପ୍ରତିମୂର୍ତ୍ତି ଧାରଣ କରେ ସେ କଥା ଭାବିଲେ ଶ୍ରୀକାନ୍ତକୁ ବଡ଼ ଆଶ୍ଚର୍ଯ୍ୟ ଲାଗେ ।

ଶ୍ରୀକାନ୍ତ କମ୍ପାନୀ ଦପ୍ତରରେ ଷ୍ଟୋର ଆସିଷ୍ଟାଣ୍ଟ ଭାବରେ କାମ କରୁଥାଏ । କାମ ପଡ଼ିଲେ ପର୍ସନେଲ ମେନେଜର ମିଃ. ରାଠୋରଙ୍କ ପ୍ରକୋଷ୍ଠକୁ ଯିବାକୁ ପଡ଼େ । ଅଫିସ୍‌ରେ ତାଙ୍କର ବ୍ୟବହାର ଶ୍ରୀକାନ୍ତକୁ ଆଦୌ ଭଲ ଲାଗେନି । ବଡ଼ ଔଦ୍ଧତ୍ୟପୂର୍ଣ୍ଣ ଓ କର୍କଶ ତାଙ୍କର ବ୍ୟବହାର । କାମରୁ ଫେରିବା ବେଳେ ଶ୍ରୀକାନ୍ତ ଭାବେ ଏ ଲୋକଟାକୁ କିପରି ପାନେ ଦେବି । ଦିନେ ଦିନେ ମିଃ. ରାଠୋର ଶ୍ରୀକାନ୍ତକୁ ତାଙ୍କ ଘରେ ଦେଖା କରିବାକୁ କହନ୍ତି । ଜିନିର ଆକର୍ଷଣରେ ଶ୍ରୀକାନ୍ତ ତାଙ୍କ ଘର ଆଡ଼କୁ ଟାଣିହୋଇ ଚାଲିଯାଏ । ଜିନି ତାକୁ ସ୍ନେହରେ ବାନ୍ଧିପକାଏ । ତାଙ୍କ ଘରୁ ଫେରିବାବେଳେ ଜିନିର ଦରୋଟି କଥା ଓ ଖିଲି ଖିଲି ମିଠା ମିଠା ହସ ତା'ମନରେ ଲାଖି ରହିଯାଏ । କିନ୍ତୁ ମିଃ. ରାଠୋରଙ୍କ ଛଳନାପୂର୍ଣ୍ଣ କଥାକୁ ମନକୁ ଆଣିଲେ ମନଟା ତା'ର ଧୂମାୟିତ ହୋଇଯାଏ । ସେ ଶ୍ୱାସରୁଦ୍ଧ ଯନ୍ତ୍ରଣାରେ ଛଟପଟ ହେବାକୁ ଆରମ୍ଭ କରେ ।

ଶ୍ରୀକାନ୍ତ ପରି ଏକ କର୍ମନିଷ୍ଠ, ସଚ୍ଚୋଟ ଓ ଦାୟିତ୍ୱିକ ଯୁବକକୁ ବୁଝିବାକୁ ମିଃ. ରାଠୋରଙ୍କ ପରି ଏକ ବିଚକ୍ଷଣ ମ୍ୟାନେଜରଙ୍କ ପକ୍ଷେ ଆଦୌ କଷ୍ଟକର ନଥିଲା । ଉପରିସ୍ଥ କର୍ମଚାରୀ ଓ ଆତ୍ମଗର୍ବୀ କମ୍ପାନୀ ଦଳିଆ କର୍ମଚାରିଙ୍କ ଆଧିପତ୍ୟ ବିରୁଦ୍ଧରେ ବ୍ୟକ୍ତିଗତ ଭାବରେ ସ୍ୱର ଉତ୍ତୋଳନ କରିବା ଓ ସେମାନଙ୍କର ତ୍ରୁଟି ଦେଖିଲେ ଶ୍ରୀକାନ୍ତ ସେମାନଙ୍କୁ ମୁହାଁମୁହିଁ ଜବାବ ଦେବା ଓ ଆଖି ଦେଖେଇବା ଆଦି ଆଚରଣ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଛପା ନଥିଲା । ଶ୍ରୀକାନ୍ତକୁ କୌଣସି ପ୍ରକାର ଆୟତ୍ତ କରି କମ୍ପାନୀର ସ୍ୱାର୍ଥରେ ଲଗାଯାଇ ପାରିଲେ ପୁରୁଷତ୍ୱହୀନ ତୋଷାମଦକାରୀ ସ୍ଥାନୀୟ ଦଲାଲଙ୍କ ଅପେକ୍ଷା ଭଲ କାମ ଦେବ । ଯଦି ତାକୁ ଆୟତ୍ତ କରାନଯାଏ, ତେବେ ତାକୁ କାରଖାନାରୁ ନିକାଲି ଦେବା ହିଁ ସର୍ବଶେଷ



Digitized by PPRACHIN, SOA

ଉପାୟ ହେବ, ଏଇ ମତଲବରେ ଥା'ନ୍ତି ମିଃ. ରାଠୋର । ତେଣୁ ଅଫିସରେ ଅନ୍ୟମାନଙ୍କ ପରି ଶ୍ରୀକାନ୍ତକୁ କର୍କଶ ଭାବରେ ବ୍ୟବହାର କଲେ ମଧ୍ୟ ଘରକୁ ଆମନ୍ତ୍ରଣ କରି ମଧୁର ଆଳାପ କରୁଥିଲେ । ଫଳରେ ଶ୍ରୀକାନ୍ତ ଅନୁଭବ କରିବ ଯେ ମିଃ. ରାଠୋର କର୍ତ୍ତବ୍ୟ ତାଡ଼ନାରେ କାରଖାନାର କାର୍ଯ୍ୟାଳୟରେ ତା'ପ୍ରତି କର୍ତ୍ତୃପକ୍ଷ ସୁଲଭ ଆଦବ କାଇଦାରେ ବ୍ୟବହାର କଲେ ବି ମନ ଭିତରେ ତା'ପ୍ରତି ଅତ୍ୟନ୍ତ କୋମଳ ଓ ସ୍ନେହସ୍ନିଗ୍ଧ । ଅଗ୍ନିଦୀପ୍ତ ଔଜ୍ଜ୍ୱଲ୍ୟରେ ଝକ୍‌ମକ୍ ହେଉଥିବା ଶ୍ରୀକାନ୍ତର ପୁରୁଷକାର ଏପରି ଛଳନାପୂର୍ଣ୍ଣ ବ୍ୟବହାରରେ ଦ୍ରବୀଭୂତ ନହୋଇ ପ୍ରଥମେ ପ୍ରଥମେ ମିଃ. ରାଠୋରଙ୍କ ପ୍ରତି ସେ କିଛି ପରିମାଣରେ ମୋହାବିଷ୍ଟ ହୋଇଥିଲା । କାରଖାନାରେ କାମ କରିବା ଅବସରରେ ଲବ୍ଧ ଅଭିଜ୍ଞତାରୁ ସେ ଜାଣିପାରିଛି ଯେ, ଏ ବ୍ୟକ୍ତିଟି ହେଉଛି ମାଲିକର ଶୋଷଣ, ଜୁଲମ ଓ କାଏମୀ ସ୍ୱାର୍ଥର ଏକ ଜାନ୍ତବ ପ୍ରତିନିଧି ।

ଘରିଆଡ଼େ ପ୍ରାଚୀର ପତ୍ର ମରା ହେଲାଣି, ଆମର ଦାବୀ ମାନିନିଅ । ଶ୍ରମିକ ସଂଘକୁ ସ୍ୱୀକୃତି ଦିଅ । ଶ୍ରମିକ ଉପରେ ଜୁଲୁମ ବନ୍ଦ କର । ଅସ୍ଥାୟୀ ଚାକିରି ସ୍ଥାୟୀ କର । ଦରମା ବଢ଼ାଅ । ବୋନସ ବଢ଼ାଅ - ଇତ୍ୟାଦି ।

ବଜାର ହାଟ, ପାନ ଦୋକାନ, ଚା'ଦୋକାନ, ସବୁଠି ଧର୍ମଘଟ ବିଷୟରେ ଚର୍ଚ୍ଚା ଚାଲିଛି : ଏ ହାରାମଜାଦା କମ୍ପାନୀ ଦଳେ ଭଡ଼ାଟିଆଙ୍କୁ ନେଇ ଗୋଟେ ୟୁନିୟନ କରିଛି ଯେ, ସେ ଦଳେ ଚାମଚା କାମ କରି ଆମ ଇଜ୍ଜତକୁ ବିକି ଦେଉଛନ୍ତି । ଏଥର ଶଳେ ଯିବେ କୁଆଡ଼େ ? କିଏ ୟା'ଙ୍କୁ କାରଖାନାକୁ ଛାଡ଼ିବ ଦେଖିବା ? ଆମରି ଏଇଠୁ ଅମଳ ହେଉଥିବା ଲୁଣ, ଆମରି ଖଣିରୁ ଚୂନ ଇତ୍ୟାଦି ସଂଗ୍ରହ କରି ଆମରି ଲୁହ, ଆମରି ରକ୍ତରେ ଏ କମ୍ପାନୀ କଷ୍ଟିକ ସୋଡ଼ା, କ୍ଲୋରିନ୍ ଇତ୍ୟାଦି ଯାବତୀୟ ରାସାୟନିକ ଦ୍ରବ୍ୟ ଉତ୍ପାଦନ କରି ପ୍ରଚୁର ମୁନାଫା କରୁଛି । ଖର୍ଚ୍ଚ ଟଙ୍କାଏ ହେଲେ ବିକୁଛି ଛଅ ଟଙ୍କାରେ । ଟଙ୍କାକେ ପାଞ୍ଚଟଙ୍କା ମୁନାଫା । ଏଣେ ଆମକୁ ଦେବ କମ୍ ଦରମା । ରହିବାକୁ ଘର ନାହିଁ, ବୋନସ୍ ଦେବାବେଳକୁ ମିଛ ହିସାବ ଦେଖାଇବ ଯେ ଲାଭ ହେଉନି । ତେଣେ କାରଖାନାର ମଇଳା, ଆବର୍ଜ୍ଜନା ସବୁ ନଈ ଭିତରକୁ ଛାଡ଼ିବ । ଏ ନଈର ପାଣି ବ୍ୟବହାର କରି ପାଖଆଖର ଗାଁ ଗଣ୍ଡା, ବସ୍ତିର ଲୋକ ବେମାର । ସମୁଦ୍ରକୁ ଚ୍ୟାନେଲ୍‌ଟିଏ ଖୋଳିଥିଲେ ମାତ୍ର ୩ କି.ମି.କୁ କେତେ ଖର୍ଚ୍ଚ ପଡ଼ିଥାନ୍ତାଯେ, ନଈଟାକୁ ନାରଖାର କରୁଚି । ପାଟିତୁଣ୍ଡ କଲେ କିଏ ବା ଶୁଣୁଚି । ସରକାରର ବା କି ଗରଜ ଅଛି । କମ୍ପାନୀ ପକ୍ଷରେ ସରକାରୀ ଲୋକଙ୍କ ମୁହଁ ବନ୍ଦ କରିଦେବା କିଛି ବଡ଼କଥା ନୁହେଁ । ଏଥର ଆଉ କାରସାଦି ଚଳିବନି । ପୁଅ ଠିକ୍ ବାଟକୁ ଆସୁ ନଚେତ୍ ଏଠୁ ବିଦାହେଇ ଯାଉ ।



Digitized by PPRACHIN, SOA

ଧର୍ମଘଟ ନୋଟିସ୍ ନେଇ ଶ୍ରମିକ ସଂଘର ଯେଉଁ ପ୍ରତିନିଧି ଯାଇ ଜେନେରାଲ ମ୍ୟାନେଜରଙ୍କୁ ଦେଖାକରିବାକୁ ଚାହିଁଲେ, ସେ ଦେଖାଦେଲେନି । ଏମାନେ ନୋଟିସ୍ ପଠେଇ ଦେଇ ଫେରିଆସିଲେ- ତେଣୁ ଆଜି ବିକ୍ଷୋଭ ପଟୁଆର ବାହାରିଛି । ଶ୍ରମିକ କର୍ମଚାରି ଧାଡ଼ି ଛୁଟିଛନ୍ତି । ନାଲିରଙ୍ଗର ଫ୍ଲାଗ୍, ଫେଷ୍ଟୁନ୍‌ରେ ସହରଟି ଛାଇ ହୋଇଯାଇଛି । ବିଭିନ୍ନ ଦାବୀ ଲେଖା ହୋଇଥିବା ପ୍ଲାକାର୍ଡ଼ମାନ ଧରି ଶୋଭାଯାତ୍ରାକାରୀମାନେ ଚାଲିଛନ୍ତି । ବିଭିନ୍ନ ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହୋଇଯାଉଛି । ସମୁଦ୍ର ଲହଡ଼ିପରି ମାଡ଼ି ଚାଲିଛନ୍ତି ଅସୁମାରି ଶ୍ରମିକ, କର୍ମଚାରିଗଣ । ସମସ୍ତଙ୍କ ଭିତରେ ଅହେତୁକ ଉତ୍ତେଜନା, ପ୍ରମତ୍ତ ଭାବାବେଗ ।

ଶ୍ରୀକାନ୍ତ ଏସବୁ ଦେଖି ନିଜକୁ ଅପରାଧୀଟିଏ ପରି ମନେକରୁଛି । ଜାଣିଥିଲେ ଖଣ୍ଡେ ପ୍ଲାକାର୍ଡ଼ ଧରି ଚାଲିଥାନ୍ତା ସେମାନଙ୍କ ସାଙ୍ଗରେ, ଆଜି କାମକୁ ଆସି ନଥାନ୍ତା । ସେ' ତ ଦାଦାଙ୍କ ପାଖରେ ରହୁଚି । କ'ଣ କେତେବେଳେ ଯେ ଘଟିଯାଉଛି ସେ ବା କିପରି ଜାଣିବ ? ସିଏ ଯାହାଙ୍କୁ ମେଣ୍ଢାପଲ ବୋଲି ଭାବୁଥିଲା, ସେମାନଙ୍କର ଏପରି ଅପୂର୍ବ ଜାଗରଣ ଦେଖି ବିସ୍ମୟ ଓ ଆନନ୍ଦରେ ଅଧୀର ହୋଇପଡୁଛି । ସେମାନେ ଆଜି ଯେପରି ବାନର ସେନାପରି ବୀର ଦର୍ପରେ ଚାଲିଛନ୍ତି । ଆଗକୁ ମାଡ଼ି ଚାଲିବା ହେଉଛି ସେମାନଙ୍କର ଯେପରି ଏକମାତ୍ର କାମ୍ୟ ।

କାରଖାନା ଭିତରେ ସିକ୍ୟୁରିଟି ବାଲା ଆଜି ବେଶ୍ ତତ୍ପର । ପର୍ସନାଲ ମ୍ୟାନେଜର, ଲେବର ଅଫିସର ଏସବୁ ଖାଲି ଜେନେରାଲ ମ୍ୟାନେଜର ପ୍ରକୋଷ୍ଠକୁ ବାରମ୍ବାର ଧାଁ ଧପଡ଼ କରୁଛନ୍ତି ।

ଇମର୍ଜେନ୍ସି ପାଇଁ ଶ୍ରୀକାନ୍ତକୁ ଷ୍ଟୋର୍ ବିଭାଗରୁ ବଦଳି କରି ଆଣି ଟେଲିଫୋନ୍ ସରବରାହ ଦାୟିତ୍ୱରେ ରଖାଯାଇଛି । ପର୍ସନେଲ୍ ମ୍ୟାନେଜରଙ୍କ କଡ଼ା ନିର୍ଦ୍ଦେଶ ତାଙ୍କର ବିନା ଅନୁମତିରେ କର୍ତ୍ତୃପକ୍ଷଙ୍କ ସହ କଥାହେବାକୁ କାହାକୁ ଟେଲିଫୋନ୍ କନେକ୍ସନ୍ ଦେବନି । ଆଚ୍ଛା ବ୍ୟାପାର ! ଏ ପୁଣି କେମିତିକା କଥା ! ଫୋନ୍ କନେକ୍ସନ ଦେବାକୁ ହେଲେ ପୁଣି ଅନୁମତି ! ଏଠି ସତରେ କ'ଣ ଯେ ଚାଲିଛି ! ଏମାନେ ଏ ଖଟିଖିଆ ମଣିଷଗୁଡ଼ାଙ୍କୁ ପଣ୍ୟଦ୍ରବ୍ୟ ଭାବରେ ବୋଧହୁଏ ଦେଖୁଛନ୍ତି । ଦେଖାଯାଉ କ'ଣ ହେଉଚି ।

କାରଖାନାର ମୁଖ୍ୟ ଫାଟକର ଅନତିଦୂରରେ ସଭା ଚାଲିଛି । ଶ୍ରମିକ ସଂଘର ସାଧାରଣ ସମ୍ପାଦକ କମ୍ରେଡ଼ ଚତୁର୍ଭୁଜ ରଣା ଭାଷଣ ଦେଉଛନ୍ତି । ଅନର୍ଗଳ ଭାଷଣ । କରତାଳି ଉପରେ କରତାଳି ବିଞ୍ଛିହୋଇଯାଉଚି । ମାଲିକର ଶୋଷଣ, ଜୁଲମ, ଅତ୍ୟାଚାର ଓ କର୍ମଚାରିଙ୍କ ଦୈନ୍ୟ ସମ୍ପର୍କରେ କହି ଚାଲିଛନ୍ତି । ଭାଷଣ ନୁହେଁତ ଯେପରି ବୁଲେଟ୍



Digitized by PPRACHIN, SOA

ପରେ ବୁଲେଟ୍ ଛୁଟି ଚାଲିଛି । ତାଙ୍କ ପରେ ବହୁ ଶ୍ରମିକ ନିଜ ନିଜ ବିଭାଗର ଦୁରାବସ୍ଥା ଓ କମ୍ପାନୀର ଶ୍ରମିକମାରଣ ନୀତି ଉପରେ ବକ୍ତବ୍ୟ ଦେଇଗଲେ । ସଭାପତି କମ୍ରେଡ୍ ଆଶୁତୋଷ ବାବୁ ତାଙ୍କର ବକ୍ତବ୍ୟରେ ଗୋଟିଏ ଗୋଟିଏ ପ୍ରଶ୍ନ ଉପରେ କମ୍ପାନୀକୁ ଜବାବ ମାଗୁଥାନ୍ତି । ଜବାବ୍ ବା ଦଉଚି କିଏ ? କମ୍ପାନୀର ମାଲିକ ମିଃ. ଜୈନ ଆସି ଭୁବନେଶ୍ୱରଠି କମ୍ପାନୀ ଡାକବଙ୍ଗଳାରେ ବସି ଟେଲିଫୋନ୍‌ରେ ସବୁ ଖବର ବୁଝୁଛି । ଜେନେରାଲ ମ୍ୟାନେଜରକୁ ତ କଡ଼ା ନିର୍ଦ୍ଦେଶ ଆନ୍ଦୋଳନକାରୀଙ୍କ ସହ କୌଣସି ବୁଝାବଣା ନକରିବାକୁ । ତେଣୁ କାରଖାନାକୁ କମ୍ପାନୀର ସିକ୍ୟୁରିଟି ଫୋର୍ସ ଓ ମିଲିଟାରୀ ଫୋର୍ସ ତ ଜଗିଛନ୍ତି, କିଏ ବା କ'ଣ କରୁଛି କରୁ ।

ସଭାରେ ସ୍ଥିର ହେଲା, କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ସଂଘ ସହ ଦାବୀପତ୍ର ସମ୍ପର୍କରେ ଆଲୋଚନା କରିବାକୁ ଆଗେଇ ନଆସିଲେ ନିର୍ଦ୍ଧାରିତ ତାରିଖରେ ସମ୍ପୂର୍ଣ୍ଣ ହରତାଳ ପାଳନ କରାଯିବ । ଶ୍ରମିକ କର୍ମଚାରି ଭାଇମାନେ ସେଦିନ ଶୋଭାଯାତ୍ରାରେ ଆସି କାରଖାନା ଫାଟକରେ ପିକେଟିଂ କରିବେ ।

ଧର୍ମଘଟ ହେବାକୁ ମାତ୍ର ଗୋଟିଏ ଦିନ ଥାଏ । କମ୍ପାନୀର ଗୋଡ଼ାଣିଆ ଓ୍ୱାର୍କରସ୍ ୟୁନିୟନ ସହ ରାତିଅଧିଆ ଚୁକ୍ତି ହୋଇଗଲା । ନାମକୁ ମାତ୍ର କିଛି ଦରମା ବଢ଼ିଲା । ଅନ୍ୟାନ୍ୟ ଭତ୍ତା ମଧ୍ୟ କିଛି କିଛି ବଢ଼ିଲା । ଅଥଚ ଓଭରଟାଇମ୍ ଭତ୍ତାକୁ ଖୁବ୍ ସଙ୍କୁଚିତ କରି ଦିଆଗଲା । ଏଥିରେ ଦଲାଲି ଓ୍ୱାର୍କର୍ସ ୟୁନିୟନର କର୍ମଚାରିମାନେ ବ୍ୟାଣ୍ଡପାର୍ଟି ନେଇ, କିଛି କଣ୍ଟ୍ରାକ୍ଟ କୁଲିଙ୍କୁ ଭଡ଼ାରେ ଆଣି ଶୋଭାଯାତ୍ରା କରି ଚାଲିଛନ୍ତି । ମାଇକ୍‌ରେ ଚାରି ପାଞ୍ଚଜଣ କର୍ମଚାରି ସ୍ଲୋଗାନ ଦେଇ ଚାଲିଛନ୍ତି: ଆମର ଦାବୀ ଶ୍ରୀକୃଷ୍ଣ କେମିକାଲ୍ସ ଆଣ୍ଡ କୋଃ ମାନିନେଲେ... ଇତ୍ୟାଦି । କମ୍ପାନୀର ତିନି ହଜାର କର୍ମଚାରି ଭିତରୁ ମାତ୍ର ଦୁଇଶହ ଭଳି କର୍ମଚାରି ଓ କିଛି ଭଡ଼ାଟିଆ ବିଭିନ୍ନ ଧ୍ୱନିଦେଇ ଚାଲିଥାନ୍ତି । କାରଖାନା ସାମ୍ନାରେ ସଭାହେଲା । ଖଦଡ଼ର ଧୋତି ପଞ୍ଜାବୀ ଓ ଟ୍ରାଉଜର ପଞ୍ଜାବୀ ପିନ୍ଧି ପ୍ରାୟ ଅଧଡର୍ଜନ ନେତା ମଞ୍ଚ ଉପରକୁ ଉଠିଲେ । ସେମାନଙ୍କର କୃତିତ୍ୱ ଗୋଟିଏ ପରେ ଗୋଟିଏ ବୟାନ କରି ଚାଲିଲେ । କମ୍ପାନୀ ସହ ସଦ୍‌ଭାବ ରଖି ଦାବୀ ହାସଲ କରିବା ଉଚିତ । ଧର୍ମଘଟ କଲେ ଉତ୍ପାଦନ ବ୍ୟାହତ ହେବ । ଏହାଦ୍ୱାରା ଦେଶର କ୍ଷତି ହେବ । ଆମର ମଧ୍ୟ କ୍ଷତି ହେବ । ତେଣୁ କର୍ମଚାରୀ ଭାଇମାନେ ଧର୍ମଘଟରେ ଯୋଗଦେବା ଅନୁଚିତ ଇତ୍ୟାଦି । ସଭା ଶେଷ ହେବା ପୂର୍ବରୁ ଅଧେ ଲୋକ ଚାଲିଯାଇସାରିଥିଲେ ।

ଆଜି ଥାର୍ଡ଼ ସିଫ୍‌ଟ୍‌ରେ ଶ୍ରୀକାନ୍ତର କାମ । କମ୍ପାନୀର ଟେଲିଫୋନ୍ ଏକ୍ସଚେଞ୍ଜରେ କାମ କରୁଛି । କାଲି ସକାଳ ଫାଷ୍ଟ ସିଫ୍ଟରୁ ଧର୍ମଘଟ ଆରମ୍ଭ । ମିଃ.ରାଠୋର



Digitized by PPRACHIN, SOA

ନିକଟେ ଆସି କହିଯାଇଥାନ୍ତି, ଶ୍ରମିକ ସଂଘ ବା ବାହାରର ଯେ କେହି ହେଉ ତାଙ୍କ ବିନା ଅନୁମତିରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ କଥା ହେବାକୁ କନେକ୍‌ସନ୍ ଦେବନି । ତେଣେ ଭୁବନେଶ୍ୱର କମ୍ପାନୀ ଡାକବଙ୍ଗଳାରୁ ମିଃ. ଜୈନ୍ ବାରମ୍ବାର ପରିସ୍ଥିତି ସମ୍ପର୍କରେ ଜେନେରାଲ ମ୍ୟାନେଜରଙ୍କ ଠାରୁ ବୁଝୁଥାନ୍ତି । ତେଣୁ ଧର୍ମଘଟକୁ ପଣ୍ଡ କରାଇବା ପାଇଁ କମ୍ପାନୀ ଅଫିସରମାନେ ଥାର୍ଡ଼ ସିଫ୍ଟର କର୍ମଚାରିମାନଙ୍କୁ ଫୁସୁଲା ଫୁସୁଲି, ଧମକ ସବୁ ରକମର ଫନ୍ଦି ଚଳେଇଥାନ୍ତି । ସେମାନଙ୍କୁ କାରଖାନା ଭିତରେ ମାଗଣାରେ ଖାଇବାକୁ ଦେଇ ସକାଳୁ ଫାଷ୍ଟ ସିଫ୍ଟରେ କାମରେ ନିଯୁକ୍ତି ଦେବେ । ସେଥିପାଇଁ ବିଭିନ୍ନ ପ୍ରଲୋଭନ ଦେଖାଯାଉଥାଏ । ମାଗଣାରେ ଜଳଖିଆ, ମିଲ୍, ପାନ, ସିଗାରେଟ୍ ଓ ଯିଏ ଯାହା ଚାହିଁବା ମୁତାବକ ଏପରିକି ଦାରୁ ମଧ୍ୟ ଯୋଗେଇ ଦେବାର ବ୍ୟବସ୍ଥା କରାଯାଇଥାଏ । ତା'ଛଡ଼ା ଓଭରଟାଇମ୍, ଭଲ ସାର୍ଟିଫିକେଟ୍, ପଦୋନ୍ନତି ସୁବିଧା ଇତ୍ୟାଦି ଦେବାର ପ୍ରଲୋଭନ ମଧ୍ୟ କରାଯାଇଥାଏ । ଟ୍ରକ୍ ଟ୍ରକ୍ ମାଲ୍ ଆସି କାରଖାନା ଭିତରେ ପହଞ୍ଚୁଥାଏ ତ, ରୋଷେଇବାସର ବନ୍ଦୋବସ୍ତ କରାଯାଉଥାଏ । ଖାସୀମାନଙ୍କଠାରୁ ମସ୍ତକ ଗୁଡ଼ିକ ବିଚ୍ଛିନ୍ନ ହେବା ପୂର୍ବରୁ ବିଳପିତ ଅର୍‌ମେ ଅର୍‌ମେ ଶବ୍ଦ କାରଖାନାର ପ୍ରାଚୀର ଭିତରେ ଖେଳି ଯାଉଥାଏ ।

କାରଖାନା ଘଣ୍ଟାରେ ଠଂ ଠଂ କରି ୧୨ଟା ବାଜିଲା । ଆଉ କିଛି ସମୟ ପରେ ସକାଳ ହେବ । ଶ୍ରୀକାନ୍ତର ମନ ଅଥୟ ହେଉଥାଏ । ସେ ଏ ବନ୍ଦୀଖାନାରୁ ବାହାରି ଚାଲିଯିବ । ଅଗଣିତ ଜନତାର ବେଗଗାମୀ ସ୍ରୋତରେ ସେ ସାମିଲ ହୋଇଯିବ । ଦାଦା, ଖୁଡ଼ୀ ଯାହା ଭାବନ୍ତୁନା କାହିଁକି । ଏମିତି ଭାବି ଚାଲିଥିବା ସମୟରେ ଖୋଦ୍ ଶ୍ରମିକ ସଂଘର ସଭାପତି କମ୍ରେଡ୍ ଆଶୁତୋଷ ବାବୁ ଜେନେରାଲ ମ୍ୟାନେଜର୍‌ଙ୍କ ସହ କଥାହେବାକୁ କନେକ୍‌ସନ୍ ଚାହିଁଛନ୍ତି । ଶ୍ରୀକାନ୍ତ ଦୁଃଖ ସହକାରେ କମ୍ପାନୀର ନିର୍ଦ୍ଦେଶ ଜଣେଇଦେଲା । ଆଶୁବାବୁ ବଡ଼ ବ୍ୟଗ୍ର ହୋଇ ଶ୍ରୀକାନ୍ତକୁ ଅନୁରୋଧ କଲେ । ମିଃ. ରାଠୋରଙ୍କ ଅନୁମତି ନ ନେଲେ କନେକ୍‌ସନ୍ ଦେଇପାରିବ ନାହିଁ ବୋଲି ଶ୍ରୀକାନ୍ତ ସ୍ପଷ୍ଟ ଭାବରେ ଜଣେଇଦେଲା । ଆଶୁବାବୁ ପୁଣି ଅନୁରୋଧ ଛଳରେ କହିଲେ– ଆରେ ବାବୁ ତୁମେ ତ ଜଣେ କର୍ମଚାରି । ସମୁଦାୟ ଶ୍ରମିକ କର୍ମଚାରିଙ୍କ ସ୍ୱାର୍ଥ କ'ଣ ତୁମର ସ୍ୱାର୍ଥ ନୁହେଁ । ତୁମ ଚାକିରି କିଏ ନେଇଯିବ ବୋଲି ଭୟ କରୁଚ ? ତୁମର ଯଦି କିଛି ହୁଏ, ତୁମ ପଛରେ କାରଖାନାର ସମସ୍ତ କର୍ମଚାରି ଅଛନ୍ତି । ଏ ରାଠୋରଟା ବଡ଼ ପାଜୀ ଲୋକ । ସେ ଜମା ଅନୁମତି ଦେବନି । ତୁମେ ଦୟାକରି ତୁମରି ଭାଇମାନଙ୍କ ସ୍ୱାର୍ଥପାଇଁ ମତେ ଟିକେ ଜେନେରାଲ ମ୍ୟାନେଜରଙ୍କ ସହିତ କଥା ହେବାକୁ କନେକ୍‌ସନ୍ ଦିଅ ।



Digitized by PPRACHIN, SOA

ଶ୍ରୀକାନ୍ତ ଜେନେରାଲ ମ୍ୟାନେଜରଙ୍କ ନମ୍ବର ସହ କନେକ୍‌ସନ୍ ଦେଇଦେଲା । ଭୟ, ଆଶଙ୍କା ଓ ଉଦ୍‌ବେଗରେ ସେ ଦୁହିଁଙ୍କର କଥାକୁ କାନେଇ ଶୁଣୁଥାଏ । ତେବେ କ'ଣ ସେ କଥା ? କମ୍ରେଡ୍ ଆଶୁତୋଷ ଯେପରି ମେସିନ୍‌ଗନ୍ ଚଳାଉଛନ୍ତି । ଜେନେରାଲ ମ୍ୟାନେଜର ଉପରେ ଗାଳିବର୍ଷଣ ଛୁଟୁଥାଏ, ତା' ଭିତରେ କୈଫିୟତ୍ ଉପରେ କୈଫିୟତ୍ ଓ ଧମକ ମଧ୍ୟ ଦିଆଯାଉଥାଏ । ଖାଲି ଅଗ୍ନି ବର୍ଷୁଚି । ଜେନେରାଲ ମ୍ୟାନେଜରଙ୍କ ପାଟି ଖନି ବାଜି ଯାଉଥାଏ । ସେ ହଠାତ୍ ଟେଲିଫୋନ୍ ରଖିଦେଲେ ।

ଶ୍ରୀକାନ୍ତର ଦେହ ଶିହରି ଉଠୁଥାଏ । ଆଶଙ୍କାର କଳାବଉଦ ତା'ର ଚତୁର୍ଦ୍ଦିଗରେ ଯେପରି ଘେରି ଯାଉଛନ୍ତି । ଶ୍ରୀକାନ୍ତ ନିର୍ବାକ୍ ହୋଇ ଋହିଁ ରହିଥାଏ କ'ଣ ଘଟିବ । ତିନି ଚାରି ମିନିଟ୍ ଭିତରେ ଜେନେରାଲ ମ୍ୟାନେଜର, ପର୍ସନେଲ ମ୍ୟାନେଜର, ସିକ୍ୟୁରିଟି ଅଫିସର ଇତ୍ୟାଦି ଦୁଇଟି କାର୍‌ରେ ଆସି ପହଞ୍ଚିଗଲେ । ଜେନେରାଲ ମ୍ୟାନେଜର କାର୍‌ରୁ ଓହ୍ଲଉ ଓହ୍ଲଉ ରୁକ୍ଷ ଗଳାରେ ପଚାରିଲେ- ହୁଇଜ୍ ଦ୍ୟାଟ୍ ? କମ୍ ଅନ୍ ! ପୁଣି ହିନ୍ଦୀରେ ଚାଲିଲା- ନୌକରି ଅଚ୍ଛା ଲଗତା ନହିଁ । ଏତକ କହି ନିକଟବର୍ତ୍ତୀ ହୋଇଥିବା ଶ୍ରୀକାନ୍ତର ଗାଲ ଆଡ଼କୁ ତାଙ୍କର ହାତ ନେବାକୁ ଯାଉଥାନ୍ତି...

ଶ୍ରୀକାନ୍ତ ! ଅଗ୍ନିର ସ୍ଫୁଲିଙ୍ଗ ଆଖିରୁ ତା'ର ନିର୍ଗତ ହେଉଥାଏ । ସର୍ବାଙ୍ଗ ଜଳିଯାଉଥାଏ ଉତ୍ତେଜନାରେ । ଦୁଇ ଗୋଡ଼ରୁ ଚପଲ ଦୁଇଟି କାଢ଼ି ଜେନେରାଲ ମ୍ୟାନେଜରର ଦୁଇ ଗାଲରେ ଢୋ ଢୋ ଆବାଜ୍ ଦେଲା । ଜେନେରାଲ ମେନେଜର ତରବର ହୋଇ ଗାଡ଼ି ଭିତରକୁ ପଶିବାକୁ ଯିବା ଭିତରେ ତାଙ୍କୁ ଶୁଣେଇ ଦେଲା- ସାଲା ପାଜୀ ! ତୋ ବାପାର ମୁଁ ଚାକର ନୁହେଁ ! ଚାକିରି ନେବାକଥା ତ ନେଇଯା ! ଏମିତି ଦୁର୍ବ୍ୟବହାର କାହିଁକି ? ଆଉ ଥରେ ଏମିତି ଦୁର୍ବ୍ୟବହାର କଲେ ୟା'ଠୁ ଆହୁରି କଡ଼ା ଜବାବ୍ ପାଇବୁ !

ଶ୍ରୀକାନ୍ତର କଥା ସରିବା ପୂର୍ବରୁ ଗାଡ଼ିଟା ସାଏଁକିନା ଋଲିଗଲା । ଶ୍ରୀକାନ୍ତ ଥକ୍‌କା ହୋଇ ବସିପଡ଼ିଲା । ସେ ଆଜି ସତରେ କ'ଣ କଲା । ଜାଣୁ ଜାଣୁ ଚାକିରିଟା ନିଜ ହାତରେ ନିଜେ ନେଲା । ହଉ ଚାକିରି ଗଲେ ପଛେ ଯିବ, ଯାଉ । ଏଭଳି ଚାକିରି ତା'ର ଦରକାର ନାହିଁ । ହେଲେ ଯଦି କେଶ୍ ଫେଶ୍ କରେ, କି ଗୁଣ୍ଡା ଲଗାଏ । ଶ୍ରୀକାନ୍ତ ଧୈର୍ଯ୍ୟ, ସାହସ ସଞ୍ଚୟ କଲା । ଯାହା କରିବ ଦେଖିବା । ହେଲେ ଏମାନଙ୍କ ପାଖରେ ହାଁଜୀ ହାଁଜୀ ସେ କରିପାରିବ ନାହିଁ ।

ପୂର୍ବାକାଶରେ ସୂର୍ଯ୍ୟ ଉଠିବା ପୂର୍ବରୁ ଶ୍ରମିକ ଫୌଜ କାରଖାନା ଫାଟକ ପାଖରେ ଘେରି ଯାଇଥିଲେ । ପିକେଟିଂର ନେତୃତ୍ୱ ନେଇଥାନ୍ତି କମ୍ରେଡ଼ ଚତୁର୍ଭୁଜ ବାବୁ । ସ୍ଲୋଗାନ୍



Digitized by PPRACHIN, SOA

ଦେଇ ଶ୍ରମିକ ପଟୁଆର ବିଭିନ୍ନ ଦିଗରୁ ମାଡ଼ି ଆସୁଥାଏ ।

ଛଅଟା ବାଜିବାକୁ ୧୫ ମିନିଟ୍ ଥାଏ । ପୋଲିସ୍ ଭ୍ୟାନ୍ ମାଡ଼ିଆସିଲା । ପ୍ରଥମ ଦଫାରେ ଚତୁର୍ଭୁଜ ବାବୁ ଓ ତାଙ୍କ ସହ ପିକେଟିଂ କରୁଥିବା ଆଉ ପ୍ରାୟ କୋଡ଼ିଏ ଜଣ ଶ୍ରମିକ ଗିରଫ ହେଲେ । ସେମାନଙ୍କୁ ବିପ୍ଳବୀ ଅଭିବାଦନ ସହକାରେ ବିଦାୟ ଦିଆଗଲା । ସେମାନେ ପ୍ରତ୍ୟୁତରରେ ଆହ୍ୱାନ ଦେଇଗଲେ, ସଂଗ୍ରାମ ବଞ୍ଚିରହୁ !

ବାସ୍ତବିକ୍ କି ଆବେଗ ପ୍ରବଣ, ରୋମାଞ୍ଚକର ସେ ଦୃଶ୍ୟ । ଭାଇ ପାଇଁ ଭାଇର ଆବେଦନ । ରକ୍ତ ପାଇଁ ରକ୍ତର ଆଲୋଡ଼ନ । ଏଠି ନାହିଁ ଜାତି ଭେଦ, ଉଚ୍ଚନୀଚ ଭେଦଭାବ । ସମସ୍ତେ ଗୋଟିଏ ମାଆର ସନ୍ତାନ ।

ଶ୍ରୀକାନ୍ତର ମନ ବଡ଼ ଉଣା ଯେ, ସେ ପିକେଟିଂରେ ମିଶି ପାରିଲା ନାହିଁ । ନିରାପତ୍ତାରକ୍ଷୀଙ୍କ କଡ଼ା ପହରା । ବାହାରକୁ ଯାଇ ହେବନି । ଥାର୍ଡ୍ ସିଫ୍ଟର କର୍ମଚାରୀମାନେ କାରଖାନା ଭିତରେ ଗାଧୋଇ କାରଖାନା କାଣ୍ଟିନ୍‌ରେ ମାଗଣାରେ ଖାଇ ଦଳଦଳ ହୋଇ ମେସିନ୍ ଚଳଉଛନ୍ତି । ଶ୍ରୀକାନ୍ତ ନିରୁପାୟ ।

ସକାଳୁ ଶ୍ରୀକାନ୍ତ ମୌଖିକ ନିର୍ଦ୍ଦେଶ ପାଇଲା- ଟେଲିଫୋନ୍ ଛାଡ଼ି ପୁଣି ଷ୍ଟୋର୍ ବିଭାଗକୁ ଯିବାକୁ ପଡ଼ିବ । ପୁରୁଣା କାମରେ ଜେନେରାଲ ସିଫ୍ଟରେ ଯୋଗଦେବାକୁ ହେବ ସକାଳ ୮ଟା ବେଳେ ।

ଶ୍ରୀକାନ୍ତ କାରଖାନା ଭିତରେ ନିତ୍ୟକର୍ମ ସାରି ୮ଟା ବେଳେ ଷ୍ଟୋର୍‌ରେ ପହଞ୍ଚିଲା । ଶ୍ରୀକାନ୍ତକୁ ବୁଝିବାକୁ ବାକି ରହିଲାନାହିଁ, ତାକୁ ଏଠୁ ବଦଳି କରିବାର କାରଣ କ'ଣ ।

କାମ କରିବାର ଅଧଘଣ୍ଟାଏ ପରେ ଷ୍ଟୋର୍ ବଡ଼ବାବୁ ଆସି ତା'ପାଖରେ ବସିପଡ଼ି କହିଲେ- 'ବାବୁ ତୁମର କାର୍ଯ୍ୟକଳାପ ଜଣାପଡ଼ିଗଲାଣି । ଏଣିକି ଆଗକୁ ବିପଦ ରହିବ । ତେଣୁ ମାନେ ମାନେ ଇସ୍ତଫା ଦେଇ ଖସି ଚାଲିଯାଅ ।'

ଶ୍ରୀକାନ୍ତ ତଥାପି ନୀରବ । ସବୁ ଶୁଣିଯାଉଥାଏ ନିର୍ବାକ ହୋଇ ।

ବଡ଼ବାବୁ ଏଥର ଟିକେ କଅଁଳେଇ କହିଲେ- କ'ଣ ଆଉ କିଛି ଟଙ୍କା ହେଲେ ହେବ ତ । ହଉ ହେଲା ତୁମକୁ ହଜାରଟି ଟଙ୍କା ନଗଦ ଦିଆଯିବ । ତୁମେ ଇସ୍ତଫାପତ୍ର ଶୀଘ୍ର ଦିଅ !

ଶ୍ରୀକାନ୍ତ ସ୍ୱଷ୍ଟଭାବରେ ମନାକରିଦେଲା ଇସ୍ତଫା ଦେବାକୁ । ଶ୍ରୀକାନ୍ତ ଦେଖୁଚି ଦିନ ବାରଟା ବାଜିବାକୁ କିଛି ସମୟ ବାକିଥାଏ । ତା'ର ଦାଦା ଆସିଷ୍ଟାଣ୍ଟ ପ୍ଲାଣ୍ଟ ମ୍ୟାନେଜର ଶ୍ରୀକାନ୍ତକୁ କହିଲେ- ଲଞ୍ଚ୍ ଟାଇମ୍‌ରେ ଆମ ବସାକୁ ଯିବୁ । ମୁଁ ସିକ୍ୟୁରିଟି ଅଫିସ୍‌କୁ ଫୋନ୍ କରୁଛି ସେ ତୋତେ ଛାଡ଼ିଦେବେ ।



Digitized by PPRACHIN, SOA

ଶ୍ରୀକାନ୍ତ ସେଠୁ ଆସିବା ପରେ ଭାବି ଚାଲିଛି- ଏଇଟି କମ୍ପାନୀର ଶେଷ ଅସ୍ତ୍ର । ଜେନେରାଲ ମ୍ୟାନେଜରର ଦାଦାଙ୍କୁ କହିଥିବ ଏବଂ ଧମକ ଦେଇଥିବ ମୋତେ ଇସ୍ତଫା ଦେବାକୁ ପ୍ରବର୍ତ୍ତାଇବାକୁ । କାରଖାନା ଭିତରୁ ବାହାରକୁ କାହାକୁ ନଛାଡ଼ିବାକୁ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ମୋତେ ଘରକୁ ଯିବାକୁ କହିବାରେ କ'ଣ ବା ପ୍ରୟୋଜନ ଥାଇପାରେ !

କମ୍ପାନୀ କର୍ତ୍ତୃପକ୍ଷ ଜାଣନ୍ତି ଏ ସମୟରେ ଶ୍ରୀକାନ୍ତକୁ ଚାକିରିରୁ ବାହାର କଲେ, ଉତ୍ତେଜନା ବଢ଼ିଯିବ, ହୁଏତ ପରିସ୍ଥିତି ଆୟତ୍ତ ଭିତରୁ ଚାଲିଯିବ ।

ଦାଦାଙ୍କ ଘରେ ତାଙ୍କ ସହ ଡାଇନିଂ ଟେବୁଲ୍‌ରେ ଶ୍ରୀକାନ୍ତ ବସି ଖାଉଚି । ଦାଦା ଖୁବ୍ ଗମ୍ଭୀର ହୋଇ କହିଲେ- ଦେଖ୍ ଶ୍ରୀକାନ୍ତ ! ତୁ ଗାଁରେ ବେକାର ହୋଇ ବୁଲୁଥିବାରୁ ମୁଁ ତୋତେ ଆଣିଥିଲି ଏଠି ଚାକିରି କରିବୁ ବୋଲି । ଗଣ୍ଡଗୋଳ ପାଇଁ ନୁହେଁ । ତୋ ଯୋଗୁ ମୋର ପ୍ରମୋଶନ୍ ବନ୍ଦ ହେବ ।

ଶ୍ରୀକାନ୍ତ ଅଧା ଖାଇଥିବା ଅବସ୍ଥାରେ ଉଠିପଡ଼ିଲା । ଖୁଡ଼ୀ ଦାଦାଙ୍କ ଉପରେ ବିରକ୍ତ ହେଲେ, ଖାଇବା ସମୟରେ ତାକୁ ଏପରି କହିବାରୁ । ସେ ଶ୍ରୀକାନ୍ତର ହାତଧରି ବସେଇବାକୁ ଚେଷ୍ଟାକଲେ ମଧ ଶ୍ରୀକାନ୍ତ ଆଉ ବସି ନଥିଲା ଓ ଦାଦାଙ୍କୁ ସ୍ପଷ୍ଟ ଭାବରେ କହିଦେଲା- ମୁଁ ଆଜି ଇସ୍ତଫା ଦେଇଦେଉଛି ।

ଶ୍ରୀକାନ୍ତ ସିଧା ଆସି ମ୍ୟାନେଜରର ମିଃ. ରାଠୋରର ପ୍ରକୋଷ୍ଠକୁ ପଶି ଗୋଟେ ଚେୟାର ଉପରେ ବସିପଡ଼ି ପଚାରିଲା- ମୋ ଇସ୍ତଫା ପାଇଁ ଦାଦାଙ୍କ ପ୍ରମୋଶନ ସ୍ଥଗିତ ଅଛିକି ? ଯଦି ଥାଏ, ଏଇ ମୁଁ ଗୋଟିଏ ହାତରେ ଇସ୍ତଫାପତ୍ର ଧରିଚି । ଅନ୍ୟ ହାତରେ ଦାଦାଙ୍କ ପ୍ରମୋଶନ ଅର୍ଡ଼ର ଧରିବି ତ, ଇସ୍ତଫାପତ୍ର ବଢ଼େଇ ଦେବି ।

ମିଃ. ରାଠୋର କହିଲେ- ସେ କଥା ହୋଇପାରିବନାହିଁ । ତୁମେ ଆଗ ଇସ୍ତଫାପତ୍ର ଦେଇଦିଅ । ତା'ପରେ ତୁମ ଦାଦାଙ୍କ ପ୍ରମୋଶନ ପତ୍ର ପାଇବ ।

ଶ୍ରୀକାନ୍ତ ଏଥିରେ ରାଜି ନହୋଇ ଉଠିବାରୁ, ମିଃ. ରାଠୋର ତାକୁ ଅପେକ୍ଷା କରିବା ପାଇଁ ଇଙ୍ଗିତ ଦେଇ ଜେନେରାଲ ମ୍ୟାନେଜରଙ୍କ ପ୍ରକୋଷ୍ଠକୁ ଗଲେ । ସେଠାରୁ ପ୍ରାୟ ଅଧଘଣ୍ଟାଏ ପରେ ଆସି ତା' ଦାଦା ହରିଶ ବାବୁଙ୍କ ପ୍ରମୋଶନ ଅର୍ଡ଼ର ଆଣି ଶ୍ରୀକାନ୍ତ ହାତରେ ଧରେଇ ଦେଲେ । ଶ୍ରୀକାନ୍ତ ନିଜର ଇସ୍ତଫାପତ୍ର ମ୍ୟାନେଜରଙ୍କ ହାତକୁ ବଢ଼େଇଦେଲା, ଯେଉଁଥିରେ କି ଲେଖାଥିଲା କମ୍ପାନୀର ଅନ୍ୟାୟ, ଅତ୍ୟାଚାର, ଜୁଲମରେ ଅତିଷ୍ଠ ହୋଇ ଇସ୍ତଫା ଦେବାକୁ ବାଧ ହେଲି । ମିଃ. ରାଠୋର ଇସ୍ତଫାପତ୍ରଟି ଉପରେ ଆଖି ନପକେଇ ଡ୍ରୟାର ଭିତରେ ରଖିଦେଇ ଶ୍ରୀକାନ୍ତର ହାତଧରି ବସେଇ ଦେଲେ ଓ କହିଲେ- ଅପେକ୍ଷା କର । ତୁମ କାମ କରିଥିବା ଯାଏ ତୁମର ଦରମାତକ ନେଇଯିବ ।



Digitized by PPRACHIN, SOA

ଶ୍ରୀକାନ୍ତ ଉତ୍ତେଜିତ ଗଳାରେ ଜବାବ୍ ଦେଲା- ମିଃ. ରାଠୋର । ତୁମେ ତୁମର ଇଜ୍ଜତ ବିନିମୟରେ କମ୍ପାନୀର ଦଲାଲିକରି ଦରମା ପାଉଛ । ଆମେ ଛୋଟ କର୍ମଚାରି ହେଲେ ବି ଆମର ପେଟପାଟଣା ପାଇଁ ଇଜ୍ଜତକୁ ବିକି ପାରିବୁ ନାହିଁ । ମୋତେ ଯେଉଁ ହଜାରେ ଟଙ୍କା ଦେଉଛ, ଏଇଟା ମୋର କୋଉ ବାବଦରେ ପ୍ରାପ୍ୟ କହିପାରିବ କି ? ମୋର ଦରମା ବ୍ୟତୀତ ଗୋଟିଏ ଟଙ୍କା ବି ତୁମ କମ୍ପାନୀ ଠୁଁ ମୁଁ ନେବିନି । ମୋ ଚାକିରିଟା ତୁମ ହାତରେ ଟେକି ଦେଇଥିବାରୁ ତୁମେ ଭାବିଚ ଯେ ମୁଁ ତୁମର ମୂଲ୍ୟବାନ ନିମକହାରାମି ଉପଢୌକନକୁ ସାଦରେ ଗ୍ରହଣ କରି ସ୍ୱଗୃହକୁ ବାହୁଡ଼ିଯିବି । ଏହା ତୁମର ଭୁଲ୍ ସମ୍ଭାବନା । କାରଣ ଏ କାରଖାନାର ଅଗଣିତ ଶ୍ରମିକ ଭାଇଙ୍କ ସ୍ୱାର୍ଥ ଓ ଇଜ୍ଜତ ସହ ମୋର ଇଜ୍ଜତ୍ ଜଡ଼ିତ । ମୁଁ ଚାକିରି ଛାଡ଼ିଲେ ମଧ୍ୟ ସେମାନଙ୍କୁ ଛାଡ଼ିପାରୁନାହିଁ । ଏତକ କହି ଝଡ଼ ବେଗରେ ସେଠାରୁ ପ୍ରସ୍ଥାନ କଲା ।

ଦାଦା ହରିଶବାବୁଙ୍କ ପ୍ରକୋଷ୍ଠରେ ପ୍ରବେଶ କରି ଶ୍ରୀକାନ୍ତ ତାଙ୍କର ପ୍ରମୋଶନ ଅର୍ଡ଼ର ହାତକୁ ବଢ଼େଇ ଦେଇ କହିଲା- ଏଇ ଆପଣଙ୍କର ପ୍ଲାଣ୍ଟ୍ ମ୍ୟାନେଜର ପଦକୁ ପ୍ରମୋଶନ ଅର୍ଡ଼ର ନିଅନ୍ତୁ । ମୋ ଚାକିରିଟି ଆପଣଙ୍କ ଚାକିରିର ପଦୋନ୍ନତି ଦିଗରେ ପ୍ରତିବନ୍ଧକ ହେବାରୁ ମୋତେ ତ ଇସ୍ତଫା ଦେବାକୁ ହେଲା । ମୁଁ ଏବେଠୁ ଆପଣଙ୍କଠାରୁ ବିଦାୟ ନେଉଛି । କିନ୍ତୁ ଆପଣଙ୍କୁ ମୋର ଏତିକି ଅନୁରୋଧ, ଆପଣ ଯେପରି ମୋର କର୍ମକ୍ଷେତ୍ରରେ କୌଣସି ପ୍ରକାର ପ୍ରତିବନ୍ଧକ ହୋଇ ଠିଆ ନହୁଅନ୍ତି ।

ହରିଶ ବାବୁଙ୍କ ପୁରୁଷକାରକୁ ଏକ ପ୍ରଚଣ୍ଡ ଆଘାତ ଦେଇ ଶ୍ରୀକାନ୍ତ ଏକମୁହାଁ ହୋଇ ଚାଲିଗଲା । ହରିଶବାବୁ ଚାହିଁଛନ୍ତି ନିର୍ବାକ ହୋଇ । ଶ୍ରୀକାନ୍ତ ପ୍ରତି ତାଙ୍କର ବ୍ୟବହାରରେ ସେ ଯେତିକି ଲଜ୍ଜିତ, ଶ୍ରୀକାନ୍ତର ଦୁଃସାହସରେ ମଧ୍ୟ ସେତିକି ବିସ୍ମିତ । ଶ୍ରୀକାନ୍ତର ଜ୍ୱଳାମୟୀ ବ୍ୟକ୍ତିତ୍ୱ ପାଖରେ ସେ ଯେପରି ପତଙ୍ଗଟିଏ ।

ଶ୍ରୀକାନ୍ତ ଫେରି ଆସୁଚି । ତା'ଆଗରେ ରାସ୍ତାଟି ଲମ୍ବି ଯାଇଛି ବହୁ ଦୂରକୁ । ଶ୍ରମିକ ବସ୍ତିଆଡ଼କୁ । କିନ୍ତୁ ତା'ର ସବୁଦିନିଆ ରାସ୍ତାଟି ଥିଲା କେତେ କ୍ଷୁଦ୍ର । କାରଖାନାରୁ ଦାଦାଙ୍କ ଘରୁ ଓ ଦାଦାଙ୍କ ଘରୁ କାରଖାନାକୁ ଏବଂ ଅତି ବେଶୀ ହେଲେ ଦାଦାଙ୍କ ଘରୁ ବଜାର ଭିତରକୁ । ଆଜି କିନ୍ତୁ ସେ ସହରର ଗଳିକନ୍ଦି ସମସ୍ତ ଶ୍ରମିକ ବସ୍ତି ଆଦିରେ ବିନା ବାଧାରେ ବିଚରଣ କରିପାରିବ । ଏଣିକି ତା'ର ଆଶ୍ରୟସ୍ଥଳ ହେବ, ୟୁନିୟନ ଅଫିସ୍ ନଚେତ୍ ଫୁଟ୍‌ପାଥ ।

ଶ୍ରୀକାନ୍ତ ଚାଲୁ ଚାଲୁ ଦେଖୁଚି, ଯେପରି ଜିନି ଆସି ହସି ହସି ତା'ଆଗରେ ଠିଆହୋଇ ଯାଉଛି । ତା' ହାତଧରି ଟାଣୁଛି । ଅଝଟ କରୁଚି । ଦାଦା ହରିଶବାବୁଙ୍କ



Digitized by PPRACHIN, SOA

ପିଲାମାନେ ସ୍କୁଲ୍‌ରୁ ଆସି ତାକୁ ଘେରି ଯାଇଛନ୍ତି, କିଏ ଟଫି ମାଗୁଚି ତ କିଏ କହୁଚି ଚାଲ ବଜାର ଆଡ଼େ ଯିବା, କିଏ କହୁଚି ଆଜି ଭଲ ଫିଲ୍ମ ପଡ଼ିଚି, ଚାଲ ଯିବା ଇତ୍ୟାଦି । ଖୁଡ଼ୀ ଆସି ମାତୃସୁଲଭ ମମତାରେ ତା'ମନକୁ ଓଦାକରି କହୁଛନ୍ତି- ତୁମେମାନେ ସବୁ କାହିଁ ଆସି ଭାଇଙ୍କ ସାଙ୍ଗରେ ବକର ବକର ହେଉଚ । ଆସ ଏଯାଏ କିଛି ଖାଇନା ପରା । ଖାଇପିଇ ସାରିଲେ ସେ ତୁମକଥା ବୁଝିବେ । ଶ୍ରୀକାନ୍ତ ପିଲାଙ୍କୁ ଗୋଟେ ଗୋଟେ ଟଫି ଧରେଇ ଦେଉଚି । ପିଲାମାନେ ଆନନ୍ଦରେ କୁରୁଳି ଉଠୁଛନ୍ତି । ଖୁଡ଼ୀ ଏସବୁ ଦେଖି ମୁରୁକି ମୁରୁକି ହସୁଛନ୍ତି ।

ଆଗରେ କିଛି ଦୂରରେ କାହାର ପାଟି ଶୁଣି ଶ୍ରୀକାନ୍ତ ପ୍ରକୃତିସ୍ଥ ହେଲା ।

ଶ୍ରୀକାନ୍ତ ଦେଖିଲା, କମ୍ରେଡ୍ ଆଶୁତୋଷ ବାବୁ କିଛି ଲୋକଙ୍କ ସହ କଥାହୋଇ ଆସୁଛନ୍ତି । ଶ୍ରୀକାନ୍ତ ଚତୁର୍ଦ୍ଦିଗରେ ଘେରି ଯାଉଥିବା ଦୃଶ୍ୟମାନଙ୍କୁ କାଟି କାଟି ଆଗକୁ ଚାଲିଲା । ପଛରେ ପଡ଼ିରହିଲେ ସ୍ମୃତି ବିଜଡ଼ିତ ଜିନି ଓ ହରିଶବାବୁଙ୍କ ପିଲାମାନେ ।

ଶ୍ରୀକାନ୍ତ ବିନମ୍ର ଭାବରେ ନମସ୍କାର ଜଣାଇଲା । ଆଶୁତୋଷ ବାବୁ ପ୍ରତି ନମସ୍କାର ଜଣାଇ କହିଲେ, କିହୋ ଶ୍ରୀକାନ୍ତ ବାବୁ ! ତୁମେ ଇସ୍ତଫା କାହିଁକି ଦେଇଦେଲ ? ତୁମ ଦାଦାର ପ୍ରମୋଶନ ହୋଇନଥିଲେ କ'ଣ ମୁସ୍କିଲ୍ ହୋଇଯାଇଥାନ୍ତା । ନା ଜେନେରାଲ ମ୍ୟାନେଜରକୁ ମାରିଲ ବୋଲି ଭୟରେ ଇସ୍ତଫା ଦେଇଦେଲ ?

ଶ୍ରୀକାନ୍ତ ପ୍ରତ୍ୟୁତରେ କହିଲା- ନାଇଁ ଆଜ୍ଞା ! ମୋର ସେ ଭୟଫୟ ନାହିଁ । ଦାଦା ମୋତେ ଏଠି ଚାକିରିରେ ରଖେଇ ଦେଇଥିଲେ ତ ତାଙ୍କର ଅନୁଗ୍ରହ ପ୍ରାର୍ଥୀ ହୋଇ ରହିବା ଅପେକ୍ଷା, ଚାକିରିଟି ତାକୁ ଫେରେଇ ଦେଲି ତାଙ୍କ ପ୍ରମୋଶନ ମାଧ୍ୟମରେ । ମୋର ଏଭଳି ଚାକିରି ଦରକାର ନାହିଁ ।

'ତା'ହେଲେ ଏବେ କ'ଣ କରିବ ?' ଆଶୁବାବୁ ପଚାରିଲେ ।

ଶ୍ରୀକାନ୍ତ କହିଲା- ଆପଣତ ପୁଣି ଚାକିରି କରିନାହାନ୍ତି । ଆପଣଙ୍କର କ'ଣ ଯେ ମୁସ୍କିଲ୍ ହୋଇଯାଇଛି । ଚାକିରି ମୋ ଦେଇ ଆଜ୍ଞା ଚଳିବନି । ମୋତେ ନିଆଁକୁ ଡେଇଁବାକୁ କହିଲେ ପଛେ ଡେଇଁବି, ସେଥିରେ ଇଜ୍ଜତ ଅଛି କିନ୍ତୁ ଚାକିରି କରି ଆଜ୍ଞା ଆଜ୍ଞା କହିପାରିବିନି ।

ଆଶୁବାବୁ ଶ୍ରୀକାନ୍ତ କାନ୍ଧରେ ହାତ ପକେଇ କହିଲେ- ହଉ ଆସ, ସିଆଡ଼େ ପିକେଟିଂ ଆଡ଼େ ଟିକେ ଯିବା ।

ଶ୍ରୀକାନ୍ତ ସେମାନଙ୍କ ସହ ଚାଲିବା ଭିତରେ ଭାବି ଚାଲିଥାଏ, ଆଶୁବାବୁ ଏତେ ଶୀଘ୍ର କେମିତି ଜାଣିଲେ ତା'ର ଚାକିରିରୁ ଇସ୍ତଫା ଦେବାକଥା, ଦାଦାଙ୍କ ପ୍ରମୋଶନ



Digitized by PPRACHIN, SOA

କଥା ଏପରିକି ଜେନେରାଲ ମ୍ୟାନେଜରଙ୍କୁ ମାରିବା ଭଳି ଏକାନ୍ତ ଗୁରୁତର କଥା । ତା'ହେଲେ ଏମାନଙ୍କର କ'ଣ କିଛି ଗୋଇନ୍ଦା ସଂସ୍ଥା ଅଛି ନା କ'ଣ ! ବୋଧହୁଏ କାରଖାନା ଭିତରୁ ଏମାନେ ଗୁପ୍ତରେ ଖବର ସଂଗ୍ରହ କରୁଛନ୍ତି ।

କମ୍ପାନୀର ଗୋଡ଼ାଣିଆ ୱାର୍କର୍ସ ୟୁନିୟନ କର୍ମଚାରୀମାନେ ସେକେଣ୍ଡ୍ ସିଫ୍ଟରେ କାମ କରିବାକୁ ଯିବାବେଳେ କାରଖାନା ଫାଟକରେ ଧର୍ମଘଟକାରୀମାନେ ତା'ର ବିରୋଧ କରିଛନ୍ତି । ଫଳରେ ପୋଲିସ୍‌ର ଲାଠିମାଡ଼ରେ ଶ୍ରୀକାନ୍ତ ପରି କେତେଜଣ ଆହତ ହୋଇଛନ୍ତି । ଶ୍ରୀକାନ୍ତର ମୁଣ୍ଡରେ ଆଘାତ ଲାଗି ରକ୍ତ ବହୁଛି । ଶ୍ରୀକାନ୍ତ ତା'ର ଧଳା ରଙ୍ଗର ରୁମାଲଟି ମୁଣ୍ଡରେ ଚାପି ଧରିଛି । ରୁମାଲଟି ରକ୍ତରେ ଜୁଡୁବୁଡୁ ହୋଇଗଲାଣି ।

ଆହତ ଲୋକଙ୍କୁ ପୋଲିସ୍ ଭ୍ୟାନ୍‌ରେ ଭର୍ତ୍ତି କରାଗଲା । ଦୂରେଇ ଯାଇଥିବା ଶ୍ରମିକ ଜନତା ପୁଣି ପାଖେଇ ଆସୁଛି । ଶ୍ରୀକାନ୍ତ ସେମାନଙ୍କ ଆଡ଼କୁ ତା'ର ରକ୍ତ ଜୁଡୁବୁଡୁ ରୁମାଲଟି ଫିଙ୍ଗିଦେଇ ବାଷ୍ପ ଗଦ ଗଦ କଣ୍ଠରେ କହିଲା- ଭାଇମାନେ, ଏଇ ରକ୍ତ ହେଉଛି ତୁମ ସଂଗ୍ରାମର ନିଶାଣ । ତୁମର ସଂଗ୍ରାମ ଦୀର୍ଘଜୀବୀ ହେଉ !

ଜେନେରାଲ ମ୍ୟାନେଜର୍, ପର୍ସନେଲ ମ୍ୟାନେଜର୍, ଲେବର ଅଫିସର୍, ସିକ୍ୟୁରିଟି ଅଫିସର୍, ପ୍ଲାଣ୍ଟ୍ ମ୍ୟାନେଜର୍ ହରିଶବାବୁ ସମେତ ବହୁ ଅଫିସର୍ ଆସି ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ ଓ ଶ୍ରୀକାନ୍ତ ଆଡ଼କୁ ତଟସ୍ଥ ହୋଇ ଚାହିଁ ରହିଥିଲେ ।

ପୋଲିସ୍-ଗାଡ଼ି ଭେଁ କିନା ଶବ୍ଦ କରି ଚାଲିଗଲା ।

ଶ୍ରମିକ ଜନତାର ଉଚ୍ଛ୍ୱସିତ ସ୍ଲୋଗାନ ତୀବ୍ରରୁ ତୀବ୍ରତର ହେଉଥିଲା ।

ଶ୍ରୀକାନ୍ତର ରକ୍ତଭିଜା ରୁମାଲଟି ଖଣ୍ଡିଏ ବାଡ଼ିରେ ଲଗାହୋଇ ଫର ଫର ହୋଇ ଉଡୁଥିଲା । ❖❖



Digitized by PPRACHIN, SOA

# ଭିନ୍ନ ମଣିଷ, ଭିନ୍ନ ହୃଦୟ

ଯୁବ ବରଯାତ୍ରୀମାନେ କଦମ ରସୁଲ ଗାଁ ଦାଣ୍ଡରେ ବ୍ୟାଣ୍ଡପାର୍ଟି ସହ ଆସିଥିବା ହେଞ୍ଜଡ଼ା, ହେଞ୍ଜଡ଼ୀଙ୍କ ସହ ଟୁଇଷ୍ଟ କରି ମଫସଲିଆ ଦର୍ଶକମାନଙ୍କୁ ଯେ ବିମୁଗ୍ଧ କରିଛନ୍ତି ସେତିକି ନୁହେଁ, ଗୋପ ନଗ୍ରର ଲୋକମାନେ ପ୍ରଭାସ ଯଜ୍ଞକୁ ଯାତ୍ରା କଲାବେଳେ ଉନ୍ମତ୍ତ ପ୍ରାୟ ଓଗାଳ ଗାଇ ଗାଇ ଗୋପ ଦାଣ୍ଡରେ ଯେପରି ଧୂଳି ଝଡ଼ ସୃଷ୍ଟି କରିଥିଲେ, କଦମ ରସୁଲ ଗାଁ ଦାଣ୍ଡରେ ସେହି ଅବସ୍ଥା ହିଁ ଉପୁଜିଥିଲା ସେଇ ରାତିଟିରେ । ବାଣ ଆତସବାଜିରେ ରାତ୍ରୀର ଘନ ଅନ୍ଧକାର ଭିତରେ ଘୁମେଇ ପଡ଼ିଥିବା ବଣମୂଲକର ସେଇ ଗାଁଟିରେ କିଛି ସମୟ ପାଇଁ ଅହେତୁକ କୋଳାହଳ ଓ ଚଞ୍ଚଳତା ଖେଳି ଯାଇଥିଲା । ଲୋକେ କୁହାକୁହି ହେଉଥିଲେ- ଏଭଳି ବାଣ, ରୋଷଣୀ ଏ ଅଞ୍ଚଳରେ କେହି କରିନାହାନ୍ତି । ଯାହେଉ ମାଖୁନା ମିଶ୍ର, ଗାଁରେ ରେକର୍ଡ଼ କଲା ।

ମାଖୁନା ମିଶ୍ର ହେଉଛନ୍ତି କଦମ ରସୁଲ ଗାଁର ମୁକୁନ୍ଦ ମିଶ୍ରଙ୍କ ବ୍ୟଙ୍ଗ ନାମ । ମିଶ୍ରଙ୍କର ଏପରି ନାମକରଣ ହେବାର କାରଣ ହେଉଛି, ମିଶ୍ରେ ବଡ଼ ବଡ଼ କଥା ହାଙ୍କନ୍ତି କିନ୍ତୁ କାମରେ ଠିକ୍ ଓଲଟା । ଆଜି କିନ୍ତୁ ବରପକ୍ଷର ଦୀର୍ଘ ପଟୁଆର ବା ଏକରକମ କନ୍ୟା ଘରକୁ ଚାଲିଥିବା ଯୁଦ୍ଧଯାତ୍ରାରୁ ମନେହେଲା, ମାଖୁନା ମିଶ୍ରଙ୍କର ମଧ କିଛିଟା କିମତ୍ ଅଛି । ଲୋକଟା ନିହାତି ଫାଲ୍‌ତୁ ନୁହଁ । ଦାମିକା ବନ୍ଧୁଟିଏ କରିଛି ।

ବରପକ୍ଷର ଯେଉଁମାନେ ସୋମରସ ପାନ କରି ନୃତ୍ୟରତ ଥିଲେ, ସେମାନେ ତ କନ୍ୟାଘରେ ପହଞ୍ଚିବା ପରେ ଏବେସବୁ ବେସାଷ୍ଟମ । ସେମାନଙ୍କୁ ସାଷ୍ଟମ କରିବା ଦାୟିତ୍ୱ ବରପକ୍ଷର ସ୍ୱେଚ୍ଛାସେବୀ ଦି'ଜଣ ନେଇ ସାରିଥାନ୍ତି । ଅନ୍ୟମାନଙ୍କୁ ଥଣ୍ଡା ପାନୀୟ ଦ୍ୱାରା ପରିଚର୍ଯ୍ୟା କରିବା ପରେ ଭୋଜନର ଆୟୋଜନ ହେଲା । ତା'ପରେ ପରେ



Digitized by PPRACHIN, SOA

ବା'ଘର କାମ ଆରମ୍ଭ କରିବା ପାଇଁ ବରପିତା ନିର୍ଦ୍ଦେଶ ଦେଲେ । ଆୟୋଜନ ମଧ୍ୟ ଶେଷ ହେଲା ।

ବର୍ତ୍ତମାନ ବର ବେଦୀକୁ ଯିବାର ସମୟ ଆଗତ । କନ୍ୟାପିତା କାର୍ଯ୍ୟବ୍ୟସ୍ତତା ଭିତରେ ଏଣେତେଣେ ଘୂରି ବୁଲୁଥାନ୍ତି । ପ୍ରଳାପଗ୍ରସ୍ତ ଟାଇଫଏଡ୍ ରୋଗୀର ଜ୍ୱର ମପାହେବା ସମୟରେ ଥର୍ମୋମିଟର ଭିତରର ପାରଦ ଉପରକୁ ଉପରକୁ ଉଠିବା ପରି ବରପିତାଙ୍କର ମସ୍ତିଷ୍କର ଉତ୍ତାପ ବଢ଼ି ବଢ଼ି ଚାଲିଥାଏ । ପୁରୋହିତ ବେଦୀ ଉପରୁ ଚିତ୍କାର କରୁଥାନ୍ତି- ବରକୁ ଆଣିବା ବ୍ୟବସ୍ଥା କରନ୍ତୁ । ବରପିତା ଉତ୍କଣ୍ଠିତ ହୋଇ ଉଠୁଥାନ୍ତି । ଘରିଆଡ଼େ ଗୋଟିଏ ଗମ୍ଭୀର ଗମ୍ଭୀର ଭାବ ବାରିହୋଇ ପଡୁଥାଏ । ବରପିତା ଦଣ୍ଡପାଣି ତ୍ରିପାଠୀଙ୍କ ଆଖି ଦି'ଟା କୁମ୍ଭାଟୁଆ ଆଖି ପରି ଲାଲ୍ ଲାଲ୍ ଦିଶୁଥାଏ । ନାକପୁଡ଼ା କ୍ରୋଧରେ ଫୁଲି ଉଠିଲାଣି, ଦୁଧ ଉତୁରିବାର ପୂର୍ବାବସ୍ଥା ପରି । ତାଙ୍କ ଆଖି ଦି'ଟାକୁ ଚାହିଁଲେ ଯେ କେହି କହିବ, ବରପିତା ହୁଏତ ଟୋକାଙ୍କ ବାଧରେ ହେଉ ବା ଅଭ୍ୟାସବଶତଃ ହେଉ କିଛିଟା ଦାରୁ ସେବନ କରିଛନ୍ତି, ଯଦିଓ ପ୍ରୋସେସନ୍‌ରେ ନୃତ୍ୟରତ ଅବସ୍ଥାରେ ତାଙ୍କୁ କେହି ଆବିଷ୍କାର କରିପାରିନାହାନ୍ତି ।

ସମୁଦି ମୁକୁନ୍ଦ ମିଶ୍ର ଯାହାକୁ କି ଦଣ୍ଡପାଣିଙ୍କ ରକ୍ତଚକ୍ଷୁ ବା'ଘରର କୋଳାହଳ ଭିତରେ ପହଁରି ପହଁରି ଖୋଜୁଥିଲା । ନିଜେ ସଶରୀରେ ଆସି ହସ ହସ ମୁହଁରେ ହାଜର ହେଲେ ଓ ବିନୟ ମୁଦ୍ରାରେ କହିଲେ, ସମୁଦି ଆଉ ଡେରି କାହିଁକି ? ଶୁଭ ମୁହୂର୍ତ୍ତ ଗଡ଼ିଯାଉଛି । ପୁଅକୁ ବେଦୀକୁ ପଠାନ୍ତୁ । ଆପଣଙ୍କ ଅବଶିଷ୍ଟ ପ୍ରାପ୍ୟ ପାଇବାରେ ଆଦୌ ଅସୁବିଧା ହବନି । କାଲି ଆପଣ ପାଇଯିବେ ।

ଧନୁରେ ଗୁଣ ଟଙ୍କାରି ଯୁଦ୍ଧଂ ଦେହି ଡାକରା ଦେବାପରି ଦଣ୍ଡପାଣି ରେ ରେ କାର କରି ଉଠିଲେ- ତମପରି ଧପ୍‌ପାବାଜ୍ ଲୋକ ମୁଁ କୋଉଠି ଦେଖିନି, ତମର ଇଜ୍ଜତ ନାହିଁ ବୋଲି ମୋର କ'ଣ ଇଜ୍ଜତ ନାହିଁ ? ଜବାବ କ'ଣ ହୋଇଥିଲା ? ନିର୍ବନ୍ଧ ଦିନ ୨୦ ହଜାର । ବେଦୀକୁ ଯିବାପୂର୍ବରୁ ଆଉ ୨୦ ହଜାର । ଜବାବ୍ ହୋଇନଥିଲା ବା'ଘର ପରଦିନ ଟଙ୍କା ଦେବାକୁ । ତମେ ଏଯାଏ ମତେ ଧରାଛୁଆଁ ଦଉନା । ଏବେ ଆସି କହୁଚ କ'ଣ ନା ଶୁଭବେଳ ଗଡ଼ିଯାଉଛି । ଯାଉ । ଶୁଭବେଳକୁ ତମେ ଧରି ରଖୁନା !

ଆହୁରି କାକୁସ୍ଥ ହୋଇ ମୁକୁନ୍ଦ ମିଶ୍ରେ ଯୋଡ଼ ହସ୍ତରେ ନିବେଦନ କଲେ- ହାତ ଯୋଡୁଚି ସମୁଦି ! ମୋ କଥା ଟିକେ ବୁଝନ୍ତୁ । ଗତକାଲି ଶନିବାର ଥିଲା । ବେଙ୍କ୍‌ଟା ଏଠୁ ଦଶବାର କି.ମି. । ମୁଁ ପହଞ୍ଚିବା ବେଳକୁ ବେଙ୍କ୍ ସମୟ ଗଡ଼ିଯାଇଥିଲା ।



Digitized by PPRACHIN, SOA

ଆଜି ତ ସହଜେ ରବିବାର । କାଲି ୧୧ଟା ସୁଦ୍ଧା ମୁଁ ଟଙ୍କା ଆଣି ଆପଣଙ୍କ ଜିମା ଦେବି । ଏ ଅସୁବିଧା ପାଇଁ ମୋତେ କ୍ଷମା କରିବେ ସମୁଦି ।

ସେ ଚାଲାଖି ମୋ ପାଖରେ ଚଳିବନି ମାଖୁନା ମିଶ୍ରେ । ତୁମ ବିଷୟରେ ମୁଁ ଯାହାସବୁ ଶୁଣିଥିଲି, ଏବେ କାମରେ ଦେଖୁଛି ସେଇଆ । ଟଙ୍କା ନଦେଲେ ବା'ଘର ହୋଇପାରିବନି । ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କଲେ ଖୋଦ୍ ବରପିତା ଦଣ୍ଡପାଣି ।

କଥାଗୁଡ଼ାକ ଅସହ୍ୟ ହେଲା ମୁକୁନ୍ଦ ମିଶ୍ରଙ୍କୁ । ଶେଷକୁ ବ୍ୟଙ୍ଗ ନାଁଟା ମାଖୁନା ମିଶ୍ର ବୋଲି ସମ୍ବୋଧନ କଲେ । କି ଘୋର ଅପମାନ ! କନ୍ୟାପିତା ହିସାବରେ ଏସବୁ ଗାଳିଗୁଲଜ, ଅପମାନ ଓ ହାକିମାଦିକୁ ସହ୍ୟକରିବା ଏକ ସାମାଜିକ ଦାୟିତ୍ୱ ମନେକରି ନିରବରେ ସେଠୁ ଚାଲିଗଲେ ମୁକୁନ୍ଦ ମିଶ୍ରେ ।

ତଥାପି ଦଣ୍ଡପାଣି ଗର୍ଜନର ହାତୁଡ଼ି ପ୍ରହାର ପରି ତାଙ୍କ ହୃଦୟକୁ ଆଘାତ କରୁଥିଲା । ଦଣ୍ଡପାଣି କହି ଚାଲିଥିଲେ-ଭାବିଚକି ଇଏ ! ଗୋଟାଏ ଡାକ୍ତର ଜ୍ୱାଇଁ ପାଇଁ ଚାଳିଶ ହଜାର ଟଙ୍କା କ'ଣ ଗୋଟେ ବଡ଼କଥା । ଢେର ଢେର ଟଙ୍କା ଲୋକ ଯାଚୁଥିଲେ । ହେଲେ ଝିଅଟା ମନକୁ ମାନିବାରୁ ଯାଙ୍କୁ ବହୁ ରିହାତି ଦେଇଛି । ତା'ସତ୍ତ୍ୱେ ଯେ ଭାବୁଚି ମୂଳେ ମୂଳେ କାମଟା ହାସଲ କରିନେବ ।

ମୁକୁନ୍ଦ ମିଶ୍ରଙ୍କ ଦୁଇପୁଅ ବୃଦ୍ଧ ଦଣ୍ଡପାଣିଙ୍କ ବକ୍ତୃତା ଶୁଣି ସମ୍ମୁଖ ଯୁଦ୍ଧରେ ଝାମ୍ପ ଦେବାକୁ ତୟାର ହୋଇଗଲେଣି । ଫଁ ଫଁ ଶବ୍ଦ, ଗର୍ଜନ ତର୍ଜନ ଖଞ୍ଜା ଘର ଭିତରୁ ଶୁଭୁଛି- ଶଳାଙ୍କୁ ଗୋଟାକେତେ ଗୋପାଳି ଦେଇ ପୋଲିସ୍ ଜିମା ଦେଇଦେଲେ ଶଳେ ମାମୁଘରେ କିଛିଦିନ ରହି ଠିକ୍ ବୁଝିଯିବେ । ଆମ ଭଉଣୀକୁ ଗୋଟିଏ ମୁର୍ଖକୁ ପଛେ ବାହାଦେବୁ ଦର୍କାର ନାହିଁ ଏଭଳି ଡାକ୍ତର ଜୋଇଁ ।

ଖଞ୍ଜାଘର ଭିତର ଓ ବାହାର ଅଗଣାରେ ଥିବା ବନ୍ଧୁବାନ୍ଧବ, ସାଇପଡ଼ିଶା ଓ ନିମନ୍ତ୍ରିତ ଲୋକଙ୍କ ଭିତରେ କୁହାକୁହି ହେଉଥାନ୍ତି- ଯା'ଙ୍କର ଯଦି ଏତେ ସତ୍‌ବୁଦ୍ଧି ଥିଲା, ଆଗରୁ ସେ କାମ ନକଲେ କିଆଁ ? ଦି'ମାଣ ଜମି ବିକି ବଜାରରେ ବରର ଭାଉକୁ ଚାଳିଶ ହଜାର ପର୍ଯ୍ୟନ୍ତ ନିଲାମ ଡାକି ଏବେ ଏ ଫୁଟାଣି ବିକିବାରେ ମୂଲ୍ୟ କ'ଣ ?

ଅପମାନ ଶରରେ ଆହତ ମୁକୁନ୍ଦ ମିଶ୍ରେ ପୁତ୍ର ଦ୍ୱୟଙ୍କୁ ଶାନ୍ତ କରେଇଲେ । ବୁଝେଇ ଶୁଝେଇ କହିଲେ- ଏଇଟାତ ଆଜିକାଲି ନୂଆକଥା ନୁହେଁ । ଆମ ତରଫରୁ ଭୁଲ୍ ରହିଯାଇଚି, ଆମେ ଜବାବ୍ ରକ୍ଷାକରି ପାରିନେ । ସମୁଦି ଆଜି ଯାହା କହନ୍ତୁନା କାହିଁକି, କାଲିତ ପୁଣି ସେ ଆମର ବନ୍ଧୁ ହେବେ । ସବୁକଥା ସବୁଦିନେ ରହିବନି । ମୁଁ ସେସବୁ କଥା ବୁଝୁଚି । କାଲି ଟଙ୍କା ଦିଆଯିବା ପରେ ବା'ଘର ହେବ । ତୁମେ ସବୁ



Digitized by PPRACHIN, SOA

ଚୁପ୍ ରୁହ ।

ବରଯାତ୍ରୀମାନେ ରାତ୍ରୀଭୋଜନ ତ ଉଦରସ୍ଥ କରିସାରିଥିଲେ । ତା'ପରଦିନ ପ୍ରାତଃ ଭୋଜନ ସାରି ଗୋଟିକ ପରେ ଗୋଟିଏ ବିଦାୟ ନେଲେ । କାରଣ ଦୁଇଟି ଭୋଜନ ହିଁ ତାଙ୍କର ପ୍ରାପ୍ୟ ଥିଲା । ତାହା ସେମାନେ ହାସଲ କରିବା ପରେ ଆଉ ବା ତୁଚ୍ଛାଟାରେ କାହିଁକି ଗହଳି କରିଥାନ୍ତେ ? ତା'ଛଡ଼ା ପରିସ୍ଥିତି କେତେବେଳେ କେଉଁ ରୂପ ନେବ କିଏ କହିବ ? ସୁତରାଂ କେବଳ ବରର କେତେକ ନିକଟତମ ବନ୍ଧୁ ଓ ଆତ୍ମୀୟ ଲୋକ ଅପେକ୍ଷା କରି ରହିଲେ ବା'ଘର ପର୍ଯ୍ୟନ୍ତ । ବେଙ୍କ୍‌ରୁ ଟଙ୍କା ଆସିଲେ ତ ଯାଇ ବା'ଘର ସୁର୍ ହେବ । ବୈଶାଖ ମାସର ହିଙ୍ଗୁଳା ପବନ ପାହାଡ଼ିଆ ଗାଁଟି ଭିତରେ ବିଚରା ଅପେକ୍ଷାରତ ବରପକ୍ଷର ଲୋକମାନଙ୍କ ଦେହରେ ଚାଉଁ ଚାଉଁ ଲାଗିଯାଉଥାଏ ।

ତା'ପରଦିନ ବୃଦ୍ଧ ମୁକୁନ୍ଦ ମିଶ୍ର ସକାଳୁ ସକାଳୁ ରିକ୍‌ସାରେ ଗଲେ ବସ୍ ଧରିବାକୁ । ଯେତେ ଆଗରୁ ଗଲେ ବି ଦିନ ୧୦ଟାରେ ତ ବେଙ୍କ୍ ଖୋଲିବ । ବସ୍ ଷ୍ଟେଜ୍ ଗାଁଠୁ ୨ କି.ମି. । ସେଠୁ ପ୍ରାୟ ଦଶ କି.ମି. ଯିବାକୁ ପଡ଼ିବ ବସ୍‌ରେ । ବେଙ୍କ୍‌ରେ ପହଞ୍ଚି ଜମି ବିକ୍ରିକରି ରଖିଥିବା ଟଙ୍କାର ଅବଶିଷ୍ଟାଂଶ ୨୦ ହଜାର ଟଙ୍କା ଉଠେଇ ତାଙ୍କ ପୁରୁଣା ଆଟାଚିରେ ଭରିଲେ, ଯେଉଁଟାରେ କି ଖାଲି ବନ୍ଦ୍ ହେବା ଛଡ଼ା ଲକ୍ ହେବାର ବ୍ୟବସ୍ଥା ନଥିଲା । ତା'ପରେ ଆଟାଚିଟି ଧରି ବସ୍‌ରେ ଉଠିଲେ ।

ବସ୍‌ରେ ବସିବାକୁ ତ ଜାଗା ନଥିଲା । ପାଖ ସିଟ୍‌ରେ ବସିଥିବା ଯୁବକ ଜଣକ ବୁଢ଼ାଲୋକଟିକୁ ଆଟାଚିଟେ ଧରି ଠିଆ ହୋଇଥିବାର ଦେଖି, ତାଙ୍କ ପାଖରେ ଆଡ଼ଜଷ୍ଟ୍ ହୋଇ ବସିବାକୁ କହିଲେ । ବୃଦ୍ଧ ମିଶ୍ରେ ବସିବା ପରେ ଯୁବକ ଜଣକ ଆଳାପ ଆରମ୍ଭ କଲେ । ବୃଦ୍ଧଙ୍କର ମନର ଉଦ୍‌ବେଗ ଓ ବିଷଣ୍ଣତା ଲକ୍ଷ୍ୟକରି ଯୁବକଜଣକ ତାଙ୍କର ବ୍ୟସ୍ତତା ବିଷୟରେ ଜାଣିବାକୁ ଚାହିଁଲେ । ଯୁବକ ଜଣଙ୍କର ସୌଜନ୍ୟ ଓ ବ୍ୟବହାରରେ ଆମୋଦିତ ହୋଇ ବୃଦ୍ଧ ସମସ୍ତ କଥା ତାଙ୍କ ଆଗରେ ଗୋଟି ଗୋଟି କହିଗଲେ । ଯୁବକଟି ସମବେଦନା ଜଣେଇ କହିଲେ- ସବୁ ଯୌତୁକ ଜନିତ କାରବାରରେ ବର କନ୍ୟା ଉଭୟ ପକ୍ଷ ଦାୟୀ ।

ଯୁବକଙ୍କ କଥା ବୃଦ୍ଧ ମିଶ୍ରଙ୍କୁ ଖୁବ୍ ପସନ୍ଦ ଲାଗୁଥାଏ । ଆଗ ଷ୍ଟେଜ୍‌ରେ ଓହ୍ଲେଇବ ବୋଲି କହି ମିଶ୍ରେ ବିଦାୟ ନେବାକୁ ପ୍ରସ୍ତୁତ ହେଲେ । ଯୁବକ ଜଣକ ପଚାରିଲେ- ମଉସା ଏଠୁ କେତେବାଟ ଯିବ ? ସାଙ୍ଗରେ ତ କେହି ନାହାନ୍ତି ? ଏକୁଟିଆ ଏତେ ଟଙ୍କା ନେଇ ଏ ଜଙ୍ଗଲିଆ ରାସ୍ତାରେ କେମିତି ଯିବ ?

ମିଶ୍ରେ ଉତ୍ତର ଦେଲେ- ଆମ କଦମରସୁଲ ଗାଁଟା ବସ୍ ଷ୍ଟେଜ୍‌ରୁ ମାତ୍ର ୨



Digitized by PPRACHIN, SOA

କି.ମି. । ରିକ୍ସା ମିଳିବ । ବିଶେଷ ଅସୁବିଧା ହେବନି ।

ଗାଡ଼ି ଷ୍ଟେସନ୍‌ଟିରେ ରହିଗଲା । ମିଶ୍ରେ ଯୁବକ ଜଣକ ଠାରୁ ବିଦାୟ ନେଇ ଆଟାଚି ଧରି ଓହ୍ଲେଇଗଲେ । ଘରେ ପହଞ୍ଚି ଆଟାଚି ଖୋଲି ଦେଖିଲେ ସେଥିରେ ଟଙ୍କା ତ ନାହିଁ, ଅଛି ଗୋଟେ ଲୁଙ୍ଗି, ତଉଲିଆ, ବ୍ରସ୍, ପେଷ୍ଟ, ସେଭିଙ୍ଗ୍ ସେଟ୍, ଗୋଟେ ଇଂରାଜୀ ପତ୍ରିକା । ସେଥିରେ ଲେଖାଅଛି ପ୍ରମୋଦ ରାଉତ । ପିଲାଟିର ଠିକଣା କୋଉଠିବି ଲେଖାନାହିଁ । ବୁଢ଼ାଙ୍କୁ ଆଉ ବୁଝିବାକୁ ବାକି ରହିଲାନି ଯେ ଆଟାଚିଟା ବଦଳ ହୋଇଛି ସେଇ ପିଲାଟି ଆଟାଚି ସହିତ । ଏତେ ଆଳାପ ସତ୍ତ୍ୱେ ମାନସିକ ଉଦ୍‌ବେଗ ଭିତରେ ମିଶ୍ରେ ପିଲାଟିର ଠିକଣା ପଚାରି ପାରିନାହାନ୍ତି । ଏବେ ଆଉ ଉପାୟ କ'ଣ ? ଏଇକଥା ଭାବୁ ଭାବୁ ବୃଦ୍ଧ ମୁକୁନ୍ଦ ମିଶ୍ରଙ୍କର ହୋସ୍ ଚାଲିଗଲା । ହଠାତ୍ ଗୋଟେ କାନ୍ଧ ବୋବାଳିରେ ଖଞ୍ଜାଟା ଫାଟିପଡ଼ିଲା । କଥାଟା ସାଙ୍ଗେ ସାଙ୍ଗେ ବିଜୁଳି ବେଗରେ ଖେଳିଗଲା । ତୁରନ୍ତ ଅଟୋ ରିକ୍ସାଟିଏ ଯୋଗାଡ଼ କରି ଡାକ୍ତରଖାନା ନିଆଗଲା ବୃଦ୍ଧଙ୍କୁ । ବରପକ୍ଷ ଶିବିରରେ ଭାଳେଣି ପଡ଼ିଲାଣି ଏଥକୁ କ'ଣ କରାଯିବ ?

ମୁକୁନ୍ଦ ମିଶ୍ରେ ବସ୍‌ରୁ ଓହ୍ଲେଇ ଗଲାପରେ ପ୍ରମୋଦ ଭାବୁଥିଲା, ସତରେ ସମାଜଟାର ଗତି କୁଆଡ଼ିକି ଯାଉଛି । ରସାତଳକୁ ଯାଉଥିବା ଏ ସମାଜର ଗତିକୁ ତା'ପରି ଜଣେ ଲୋକ କ'ଣ ବାଧା ଦେଇପାରିବ । ସେଇ ଗୋଟିଏ ସୁଅରେ ସମସ୍ତେ ଯେପରି ଭାସି ଚାଲିଛନ୍ତି । କି ପୁଅ, କି ଝିଅ, କି ବାପା ମା' ସମସ୍ତେ ଖଣ୍ଡେ ଖଣ୍ଡେ କୁଟାକାଠି ପରି ଭାସି ଯାଉଛନ୍ତି । ପ୍ରମୋଦ ଆଟାଚିଟେ ଧରି ଓହ୍ଲାଇଗଲା । ଘରେ ପହଞ୍ଚି ଧୁଆଧୋଇ ହୋଇ ମା'କୁ କହିଲା, ଲୁଙ୍ଗି ତଉଲିଆ ଆଟାଚିରୁ ବାହାର କରିବାକୁ । ଉତ୍‌ଫଣ ତଣ୍ଟକୁ ଦେଖି ଚମକି ଉଠିବା ପରି, ଆଟାଚିଟି ଖୋଲି ପ୍ରମୋଦର ମା' ଚିତ୍କାର କରି ଉଠିଲେ-ଯେ ମା' ଏତେ ଟଙ୍କା କୋଉଠୁ ଆଣିଲୁରେ ପୁଅ ?

ପ୍ରମୋଦ ଧାଇଁ ଆସିଲା । ଆଟାଚିଟା ବୁଢ଼ା ମୁକୁନ୍ଦ ମିଶ୍ରଙ୍କର ବୋଲି ବୁଝିବାକୁ ଆଉ ବାକି ରହିଲାନି । ଏକା ପ୍ରକାର ଦିଶୁଚି । ଏଇଟା ଅବଶ୍ୟ ଟିକିଏ ପୁରୁଣା । ପ୍ରମୋଦ ଘଟଣାଟିର ରହସ୍ୟ ମା'ଙ୍କ ଆଗରେ କହିଲା । ମା'· ପୁଅ ଦି'ଜଣ ବ୍ୟସ୍ତ, ବିବ୍ରତ ହୋଇପଡ଼ିଲେ । ପୁଅଠୁ ସମସ୍ତ କଥା ଶୁଣି ମା' ପ୍ରମୋଦକୁ ସାଥିରେ ଧରି ବାହାରି ପଡ଼ିଲେ କଦମରସୁଲ ଗାଁକୁ । ବାପା ଯେଉଁଦିନଠାରୁ ସେମାନଙ୍କୁ ଛାଡ଼ି ଚାଲିଯାଇଛନ୍ତି, ମା' ତାର ସବୁକିଛି । ଜୀବନର ସମସ୍ତ ପ୍ରେରଣାର ଉତ୍ସ ହେଉଛି ମା' ।

ବସ୍‌ରୁ ଓହ୍ଲେଇ କଦମରସୁଲ ଯିବାକୁ ମା'ପୁଅ ରିକ୍ସାଟେ ଧରିଲେ । ପ୍ରମୋଦର ଦୃଷ୍ଟି ପଡ଼ିଲା ଅଟୋ ରିକ୍ସାଟି ଉପରେ । ହୋସ୍ ହରେଇଥିବା ବୃଦ୍ଧ ମୁକୁନ୍ଦ ମିଶ୍ରଙ୍କୁ ଧରି



Digitized by PPRACHIN, SOA

ଅଟୋ ରିକ୍ସାଟି ଡାକ୍ତରଖାନା ଅଭିମୁଖେ ଛୁଟିଥାଏ । ଷ୍ଟେପେଜ୍‌ଟାରେ ଅଟୋର ଗତି ଟିକେ ମନ୍ଥର ହେବାରୁ ପ୍ରମୋଦ ମିଶ୍ରଙ୍କୁ ଦେଖି ଅଟୋକୁ ରଖିବାକୁ ନିର୍ଦ୍ଦେଶ ଦେଲା । ସେଥିରେ ବସିଥିବା ତାଙ୍କର ଆତ୍ମୀୟଙ୍କୁ କହିଦେଲା- ବୁଢ଼ାଙ୍କର ହୋସ୍ ଆସିଲେ କହିଦେବ ତାଙ୍କର ସମସ୍ତ ଟଙ୍କା ଥିବା ଆଟାଚି ଧରି ମୁଁ ତାଙ୍କ ଘରକୁ ଯାଉଚି । ଆଟାଚିଟା ବସ୍‌ରେ ବଦଳ ହୋଇଯାଇଥିଲା ।

ପ୍ରମୋଦର କଥା ଶୁଣି ଅଟୋର ଡ୍ରାଇଭର ସହ ଅନ୍ୟ ଦି'ଜଣ ଲୋକ ଗ୍ରୀବା ଟେକି ବ୍ୟାକୁଳ ହୋଇ ଚାହିଁ ରହିଲେ ପ୍ରମୋଦକୁ । ଆଉ ବିଳମ୍ବ ନକରି ତୁରନ୍ତ ଡାକ୍ତରଖାନା ଅଭିମୁଖେ ଅଟୋଟା ଛୁଟେଇବାକୁ କହି ପ୍ରମୋଦ ରିକ୍ସାବାଲାକୁ ନିର୍ଦ୍ଦେଶ ଦେଲା, ଶୀଘ୍ର କଦମରସୁଲରେ ପହଞ୍ଚାଇ ଦେବାକୁ ।

ମୁକୁନ୍ଦ ମିଶ୍ରଙ୍କ ଘରେ ଶ୍ମଶାନର ନୀରବତା ବିରାଜମାନ କରୁଥିଲା । ବରପକ୍ଷର ଲୋକେ ଖଞ୍ଜାଘର ସାମ୍ନାରେ ଆଉ ଏକ ଲମ୍ବା କୋଠରିରେ ବସିଥିବାର ଜଣାପଡୁଥିଲା । ସେମାନଙ୍କ ମୁହଁ ଯେପରି ଲଜ୍ୟାରେ ଜଳିଯାଉଥିଲା । କନ୍ୟାପକ୍ଷର ଯୋଉମାନେ ଆତଯାତ ହେଉଥିଲେ ଅଥବା ମନମାରି ବସିଥିଲେ ସେମାନଙ୍କ ମୁହଁରେ ଆଶଙ୍କା, ଉଦ୍‌ବେଗ ଓ ହତାଶାର ମୁଦ୍ରାଙ୍କ ବେଶ୍ ପଢ଼ିହେଉଥିଲା । ସ୍ତ୍ରୀଲୋକଙ୍କ ଭିତରୁ କେହି କେହି ଆଖିରେ ଛଳ ଛଳ ହେଉଥିବା ଲୋତକ ବିନ୍ଦୁକୁ ଅନ୍ୟମାନଙ୍କ ଅଲକ୍ଷରେ ପୋଛିଦେଉଥିଲେ ।

ଏଇଭଳି ଏକ ପରିସ୍ଥିତିରେ ପ୍ରମୋଦ ଓ ତା'ର ମା' ସିଧାସଳଖ ମୁକୁନ୍ଦ ମିଶ୍ରଙ୍କ ଖଞ୍ଜା ଘର ଭିତରକୁ ପଶିଗଲେ । ଝିଅ ପାଖରେ ବସିପଡ଼ି ଆଟାଚିଟି ରଖିଦେଇ ପ୍ରମୋଦର ମା' କହିଲେ- ମା'ରେ ତୋ ବାପା ତାଙ୍କ ଟଙ୍କା ଆଟାଚି ବସ୍‌ରେ ଛାଡ଼ିଦେଇ ଭୁଲ୍‌ରେ ମୋ ପୁଅର ଆଟାଚି ନେଇ ଆସିଥିଲା । ଏଇ ଦେଖ୍ । ଏଥିରେ ସବୁତକ ଟଙ୍କା ଅଛି । ଏଇ ମୋ ପୁଅ ବି ମୋ ସାଥିରେ ଆସିଚି । ତାଠୁ ସବୁକଥା ଶୁଣିଛି । ଟଙ୍କା ଜମା ମଣିଷକୁ ବଡ଼ କରେନା । ଏଇ ଟଙ୍କାରେ ମୋ ପୁଅର ଭାଗ୍ୟ ଫେରିନଥାନ୍ତା । ତୁ କ'ଣ ମୋର ଝିଅ ନୋହୁଁ ? ତୋର ମଙ୍ଗଳକାମ ଭଲରେ ହୋଇଯାଉ ସେତିକି ଆମର ଇଚ୍ଛା ।

ବଧୂବେଶରେ ସଜ୍ଜିତା ମୁକୁନ୍ଦ ମିଶ୍ରଙ୍କ ଝିଅ ମାନସୀ ଦରଜା ପାଖରେ ଷ୍ଟାଚ୍ୟୁପରି ଠିଆହୋଇଥିବା ପ୍ରମୋଦକୁ ଥରେ ଚାହିଁନେଲା । ଲୋତକ ବିନ୍ଦୁରେ ଢଳ ଢଳ ତା'ର ନୀଳଆଖି ଦୁଇଟି ପ୍ରମୋଦର ବିସ୍ଫାରିତ ଚକ୍ଷୁ ଦୁଇଟି ସହିତ ମିଶିଗଲା କ୍ଷଣିକପାଇଁ । ସେହି ମୁହୂର୍ତ୍ତକର ମିଳନ ଥିଲା ଅପୂର୍ବ, ଅନିର୍ବଚନୀୟ । ଦୁଇଟି ମମତାଭରା ହୃଦୟର ଗୋପନ ଭାଷା ଫୁଟିଉଠିଥିଲା ତା'ରି ଭିତରେ । ମାନସୀ ଆଖିରୁ ଝରିପଡ଼ିଲା ଧାର ଧାର ଲୁହ । ପ୍ରମୋଦର ମା'ଙ୍କ ହାତକୁ ଧରି ସେ କଇଁ କଇଁ ହୋଇ କାନ୍ଦିଉଠିଲା । ମାନସୀର



Digitized by PPRACHIN, SOA

ମା' ମଧ୍ୟ ତାକୁ ଏକରକମ ଜାବୁଡ଼ି ଧରି କାନ୍ଦି ଉଠିଲେ । ସାଇର ସବୁଲୋକ, ବନ୍ଧୁବାନ୍ଧବ ସମସ୍ତେ ରୁଣ୍ଡ ହୋଇଗଲେ । ସମସ୍ତଙ୍କ ଆଖି ଢଳ ଢଳ ଛଳ ଛଳ । କ'ଣ ଗୋଟେ ହୋଇଯାଉଚି ଭାବି ବରପକ୍ଷର ଯେଉଁ କେତେଜଣ ଥିଲେ, ସେମାନଙ୍କ ମଧ୍ୟରୁ କେତେକ ଦାଣ୍ଡ ଅଗଣାକୁ ଆସି ଉଙ୍କିମାରି ଲକ୍ଷ୍ୟ କରୁଥାନ୍ତି ଖଞ୍ଜା ଭିତରର ଦୃଶ୍ୟକୁ ।

ମାନସୀ ପ୍ରମୋଦର ମା'ଙ୍କ ହାତକୁ ଜାବୁଡ଼ି ଧରି ସମସ୍ତ ସଙ୍କୋଚ ଛାଡ଼ି ବାଷ୍ପରୁଦ୍ଧ କଣ୍ଠରେ କହିଚାଲିଲା– ମାଉସୀ ତୁମେ ନାରୀ ନୁହଁ ଦେବୀ । ଆଉ ତୁମର ପୁଅ ମଣିଷ ନୁହନ୍ତି, ଦେବତା । ତୁମେ ଯଦି ମୋତେ ଝିଅ ବୋଲି ଭାବୁଚ ସବୁଦିନ ପାଇଁ ତୁମ ଘରକୁ ନେଇଯାଅ । ଯେ ଟଙ୍କା ଆଉ ଫେରେଇବା ଦରକାର ନାହିଁ । ଯେ ଯୋଉ ଘରକୁ ଯାଇଥିଲା, ସେଇଠିକି ଫେରିଯିବ । ତୁମ ପୁଅ ହେଉଛନ୍ତି ମୋର ପ୍ରକୃତ ସ୍ୱାମୀ । ତାଙ୍କ ଛଡ଼ା ମୁଁ ଆଉ କାହାକୁ ବିବାହ କରିବିନାହିଁ ।

ଝିଅଟିର ପାଗଳାମିରେ ଆଶ୍ଚର୍ଯ୍ୟ ହୋଇଗଲେ ପ୍ରମୋଦର ମା' । ତାଙ୍କୁ ପ୍ରବୋଧନା ଦେଇ କହିଲେ– ମାଲୋ ! ତୁ' ତ ବ୍ରାହ୍ମଣଘର ଝିଅ । ଆମେ ତ ପଧାନ ଘରର । ଏ ବା'ଘର କେମିତି ହେବ । ତା'ଛଡ଼ା ବର ଆସି ମଙ୍ଗୁଳା ହୋଇ ବସିଛି । ସେ କ'ଣ ଫେରିଯିବ ? ତୁ ସେ ପାଗଳାମି ଛାଡ଼ ।

ମାନସୀ ପୁଣି କଇଁ କଇଁ ହେଇ କାନ୍ଦିଉଠିଲା । ତା'ଆଖିରୁ ଲୁଗାକାନିରେ ଲୁହ ପୋଛିଦେଲେ ପ୍ରମୋଦର ମା' । ଅନେକ ସାନ୍ତ୍ୱନା ଦେଲେ । କିନ୍ତୁ ମାନସୀକୁ ବୁଝେଇବା ସମ୍ଭବ ହେଲାନି ତାଙ୍କ ପକ୍ଷରେ । ମାନସୀ ସେମିତି କାନ୍ଦି କାନ୍ଦି କହୁଥାଏ– ଏଠି ଆଉ ଜାତିଭେଦର ପ୍ରଶ୍ନ ଉଠାଅନା ମାଉସୀ । ମୁଁ ତାଙ୍କୁ ସ୍ୱାମୀ ଭାବରେ ଗ୍ରହଣ କରିସାରିଛି । ଏଇ ଦେଖୁଚ ଆମରି ଜାତିର ଲୋକଟେ ଡାକ୍ତରି ପାଶ୍ କରି କିପରି ମାଇଚିଆଟେ ପରି ମେଲାଘରେ ବସିଚି । ଏମାନେ ପାଠ ପଢ଼ି ବି ଅମଣିଷ । ଆଉ ତା'ର ବାପା ଜାନୁଅରଟେ ସାଜି ମୋ ବାପାର ତଣ୍ଟି କଣାକରି ରକ୍ତ ପିଇବାକୁ ଆଁକରି ବସିଛି ।

ଗୋଟାଏ ପ୍ରଶାନ୍ତ ନୀରବତା ବ୍ୟାପିଗଲା ଶୋକାକୁଳ ପରିବେଶଟିରେ । ପ୍ରମୋଦ ଘର ଭିତରୁ ବାହାରି ଆସିଲା ଦାଣ୍ଡ ଅଗଣାକୁ । କାହାରି ପାଟିରୁ ପଦୁଟିଏ କଥା ବାହାରୁନଥାଏ । ସମସ୍ତେ ଯେପରି ନିଶ୍ଚୁପ ଅଥଚ ଉଦ୍‌ବିଗ୍ନ ।

ଅଟୋରିକ୍ସା ଆସି ପହଞ୍ଚିଗଲା । ଉଦାସ ଅପରାହ୍ନଟି ଚଞ୍ଚଳ ହେଇଉଠିଲା । ସମସ୍ତଙ୍କ ଦୃଷ୍ଟି ଅଟୋରିକ୍ସା ଉପରେ ନିବଦ୍ଧ ହେଇଗଲା । ମୁକୁନ୍ଦ ମିଶ୍ରଙ୍କୁ ଅଟୋରିକ୍ସାରୁ ଧରି ଧରି ଆଣୁଥାଏ ବଡ଼ପୁଅ ହେମନ୍ତ । ପ୍ରମୋଦକୁ ଦେଖି ବୁଢ଼ା ଆନନ୍ଦରେ କୁଣ୍ଢେଇ ପକାଇଲେ । ବୁଢ଼ାଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବିନ୍ଦୁ ଝରିପଡ଼ିଲା । ବୁଢ଼ା ବ୍ୟସ୍ତହୋଇ



Digitized by PPRACHIN, SOA

ପାଟିକରି କହିଲେ- ଆରେ ଏ ପୁଅର ଖାଇବା ପିଇବା କଥା କ'ଣ ବୁଝିଲଣି ନା ଖାଲି ସମସ୍ତେ ହାଉଳି ଖାଉଚ ।

ଦେଖଣାହାରୀମାନେ ଅବିଳମ୍ବେ ବୃଦ୍ଧ ମୁକୁନ୍ଦ ମିଶ୍ରଙ୍କୁ ମାନସୀର ନିଷ୍ପତ୍ତି ଶୁଣେଇଦେଲେ । ବୁଢ଼ା ନୀରବରେ ଥକ୍କାମାରି ବସିଗଲେ । ଏ ପ୍ରସ୍ତାବକୁ ସେ ବିରୋଧ କରିପାରିଲେନି । ହେଲେ ବ୍ରାହ୍ମଣ ଶାସନ ତ । ଏ ବା'ଘର କେମିତି ହବ ।

ଝିଅର ଜିଦ୍ ପାଖରେ ସମସ୍ତଙ୍କୁ ହାର୍ ମାନିବାକୁ ପଡ଼ିଲା । ବରପକ୍ଷ ବହୁ ନେହୁରା କଲେ । ବରର ପିତା ଦଣ୍ଡପାଣି ମୁକୁନ୍ଦ ମିଶ୍ରଙ୍କ ହାତଧରି କ୍ଷମା ମାଗିଲେ । ଅନୁନୟ ବିନୟ କଲେ । ବିନା ଯୌତୁକରେ ବା'ଘର କରିବେ ବୋଲି ପ୍ରତିଶ୍ରୁତି ଦେଲେ କିନ୍ତୁ ସବୁ ନିରର୍ଥକ ହେଲା । ଲୋକେ ତାଙ୍କୁ ଛି' ଛାକର କଲେ । ଝିଅର ଇଚ୍ଛା ଉପରେ କେହି ଜୋର୍ କରିପାରିଲେ ନାହିଁ । କାହିଁକି ବା କରିବେ ?

ଘଟଣା ସ୍ଥଳରେ ଉପସ୍ଥିତ ସାଧାରଣ ଜନତାଙ୍କ ମଧ୍ୟରୁ ମୁଖିଆ ଲୋକମାନେ ବସି ସେମାନଙ୍କର ସର୍ବସମ୍ମତ ରାୟ ଶୁଣେଇଦେଲେ- ବରପିତା ଦଣ୍ଡପାଣି ମିଶ୍ର ନିର୍ବନ୍ଧ ସମୟରେ ନେଇଥିବା କୋଡ଼ିଏ ହଜାର ଟଙ୍କା ଆଜିଦିନ ଅପରାହ୍ନ ୪ ଘଟିକା ଠାରୁ ୨୪ ଘଣ୍ଟା ମଧ୍ୟରେ ଫେରସ୍ତ ଦେବେ । ସେ ପର୍ଯ୍ୟନ୍ତ ତାଙ୍କର ଡାକ୍ତର ପୁତ୍ର ଏଠାରେ ବନ୍ଧା ସ୍ୱରୂପ ରହିବେ । ଟଙ୍କା ଫେରସ୍ତ ନଦେଲେ ତାଙ୍କ ପୁତ୍ରଙ୍କ ମୁଣ୍ଡରେ ଗଧ ଟୋପି ଦେଇ ମୁହଁରେ ଚୂନକାଳି ବୋଳି କଦମରସୁଲ ଗାଁ ସାରା ବୁଲେଇ ବୁଲେଇ ଯୌତୁକ ଦାବୀ ଅପରାଧରେ ପୋଲିସ୍ ମାର୍ଫତ୍ ଦେବାକୁ ପଡ଼ିବ ।

ଜନତା ଦରବାରର କାଠଗଡ଼ାରେ ଯୋଡ଼ହସ୍ତରେ ଉଭା ଦଣ୍ଡପାଣିଙ୍କ ବିନମ୍ର ଅପିଲ୍ ଖାରଜ ହେଲା । ସୁତରାଂ ଜନତାର ଏହି ନିଷ୍ଠୁର ରାୟକୁ ମାନିନେବା ଛଡ଼ା ଦଣ୍ଡପାଣିଙ୍କର ଆଉ ବା କ'ଣ ଚାରାଥିଲା । ତେଣୁ ନିଜ ସାନଭାଇର ପୁଅ ମଙ୍ଗୁକୁ ସାଥିରେ ଧରି ମଟରସାଇକେଲରେ ଛୁଟିଲେ ଆଡ୍‌ଭାନ୍ସ ନେଇଥିବା ଟଙ୍କାତକ ଫେରସ୍ତ ଆଣିବାକୁ ।

ମୁକୁନ୍ଦ ମିଶ୍ରଙ୍କ ଘରେ ଘଟିଥିବା ଏଇ ରୋମାଞ୍ଚକର ଘଟଣାଟି କାନକୁ କାନ ହୋଇ ଅଞ୍ଚଳ ସାରା ବ୍ୟାପିଗଲା । ବିଭିନ୍ନ ଗାଁରୁ ଲୋକମାନେ ଧାଡ଼ି ଛୁଟିଲେ ଏଇ ନାଟକର ପରିଣତିକୁ ପ୍ରତ୍ୟକ୍ଷ ଦର୍ଶନ କରିବାକୁ । କଦମରସୁଲ ଗାଁର ବ୍ରାହ୍ମଣସାଇର ମୁଷ୍ଟିମେୟ ବଡ଼ପଣ୍ଡା ଏଇ ପ୍ରସ୍ତାବିତ ଅସବର୍ଣ୍ଣ ବିବାହ ବିରୁଦ୍ଧରେ ବଦ୍ଧମୁଷ୍ଟି ଉତ୍ତୋଳନ ପୂର୍ବକ ପ୍ରବଳ ପ୍ରତିରୋଧ କଲେ । ବ୍ରାହ୍ମଣ ସାଇର ଯୁବକମାନଙ୍କ ଅପେକ୍ଷା ଝିଅମାନେ ସାମ୍ନାକୁ ବାହାରି ଆସି ଏହାର ଦୃଢ଼ ମୁକାବିଲା କଲେ । ବେଳକୁ ବେଳ ବଢ଼ି ଘଟିଥିବା



Digitized by PPRACHIN, SOA

ସାଧାରଣ ଦର୍ଶକମାନେ ଉଚ୍ଛ୍ୱସିତ କଣ୍ଠରେ ଏହି ବିବାହକୁ ଯେ ସମର୍ଥନ ଜଣେଇଲେ ସେତିକି ନୁହେଁ, ତଥାକଥିତ ବଡ଼ପଣ୍ଡାମାନଙ୍କୁ ଅଭିଧାନ ବହିର୍ଭୁତ ଶବ୍ଦ ବାଣରେ ଜର୍ଜରିତ କରିବାକୁ ଲାଗିଲେ । ଫଳରେ ଅଗତ୍ୟା ଏଇ ମହାତ୍ମାମାନେ ସେଇ ସ୍ଥାନ ପରିତ୍ୟାଗ ପୂର୍ବକ ସ୍ୱ ସ୍ୱ ଗୃହକୁ ବାହୁଡ଼ି ଯାଇଥିଲେ ଏବଂ ବିପୁଳ ହର୍ଷଧ୍ୱନି ଓ ଆନନ୍ଦ ଉଲ୍ଲାସରେ ବିବାହ କାର୍ଯ୍ୟ ଆଗେଇ ଚାଲିଲା ।

ବିବାହ ପର୍ବର ଶେଷ ପର୍ଯ୍ୟାୟରେ ହସ ହସ ମୁହଁରେ ମୁକୁନ୍ଦ ମିଶ୍ର ସେଇ ଟଙ୍କା ଆଟାଚିଟି ଆଣି ପ୍ରମୋଦ ପାଖରେ ରଖି ଆବେଗଭରା କଣ୍ଠରେ କହିଲେ- ବାପ ପ୍ରମୋଦ, ଏ ଧନ ମୋର ନୁହେଁ । ଇଏ ତୁମ ଘରକୁ ଯିବ, ଇଏ ତୁମର । ମୁଁ ତୁମକୁ ଖୁସିରେ ଦେଉଚି, ମନା କରିବନି ।

ପ୍ରମୋଦ ଟଙ୍କା ଆଟାଚିଟି ଫେରେଇଦେଲେ ସଙ୍ଗେ ସଙ୍ଗେ । ସେ କିଛି କହିବା ପୂର୍ବରୁ ତା'ର ମା' ସମୁଦିଙ୍କୁ ଉତ୍ତରଦେଲେ- ମୋ ପୁଅକୁ ଟଙ୍କାରେ ମୂଲ କରାଯାଇପାରେନା ସମୁଦି । ମୋ ଘରକୁ ଯାହାକୁ ବୋହୂକରି ନେଉଛି ସେ ହିଁ ମୋର ରତ୍ନ । ତା'ଛଡ଼ା ମୋ ପୁଅ ଯୌତୁକକୁ ଭାରି ଘୃଣାକରେ । ଏ ଟଙ୍କା ଆମ ପ୍ରତି ଘୋର ଅପମାନ ହେବ ସମୁଦି । ତୁମେ ଫେରେଇନିଅ ।

ମୁକୁନ୍ଦ ମିଶ୍ରେ ଏକଥା ଶୁଣି ଭୋ ଭୋ ଡକା ଛାଡ଼ିଲେ । ସ୍ତ୍ରୀ, ପୁଅ, ବନ୍ଧୁ, ବାନ୍ଧବ, ଉପସ୍ଥିତ ଲୋକ ସମସ୍ତଙ୍କ ଆଖିରେ ଖାଲି ଲୁହ । କ'ଣ ଯେ ସତରେ ଘଟିଯାଉଛି ଏକଥା ନିଜ ଆଖିରେ ଦେଖିଲେ ବି ବିଶ୍ୱାସ କରିହେଉନି । ସ୍ତବ୍ଧ ଚକିତ ହୋଇ ଚାହିଁଛନ୍ତି କଦମରସୁଲ ଓ ପାଖଆଖ ଗାଁର ସାଧାରଣ ଲୋକ । କେହି କେହି କୁହାକୁହି ହେଉଥାନ୍ତି- ଏ ଆଖି ଦିନେ ଯାହା ଦେଖିନଥିଲା ଶେଷରେ ମାଖୁନା ମିଶ୍ର ଆମକୁ ଦେଖାଇଦେଲା ।

ଏହି ନାଟକର ଶେଷ ଅଙ୍କ ପୂର୍ବରୁ ବିଚରା ଡାକ୍ତର ବର ଓ ବରପିତା ଓଗେର ଯେଉଁ ଲୋକମାନେ ଥିଲେ, ସେମାନେ ଜନତାର ରାୟ କାର୍ଯ୍ୟକାରୀ କରିବା ପୂର୍ବକ ଯେଝା ଯେଝା ଖଣ୍ଡରେ ରାତାରାତି ଆପଣା ରାସ୍ତା ଧରି ପଳାୟନ କରିସାରିଥିଲେ ।



Digitized by PPRACHIN, SOA

# ଶଙ୍କରା ଚମାର

ଶଙ୍କରା ଚମାର ଓରଫ ଶଙ୍କର୍ଷଣ ବେହେରା ନାମଟି ଶୁଣିଲେ ଖଣ୍ଡ ମଣ୍ଡଳରେ ଯେ କୌଣସି ଲୋକର ମନରେ ଭୂକମ୍ପ ସୃଷ୍ଟି ହୁଏ । ସେ ନାଁ ପଛରେ କି ବୀଭତ୍ସତା, ଭୟ ଓ କୁତ୍ସିତତା ଲୁଚି ରହିଛି କେଜାଣି । କି ଗରୀବ କି ଧନୀ, ପିଲା କୁହ, ବୁଢ଼ା କୁହ ସେଇ ନାଁଟି ଶୁଣିବା ମାତ୍ରେ ଆତଙ୍କିତ । ବୋହୂ ଭୂଆସୁଣୀଙ୍କ କଥା ଛାଡ଼ । ତା' ନା ଶୁଣିଲେ ସେମାନଙ୍କ ଛାତି ଭିତର କଲିଜା ମଧ୍ୟ ଥରିଉଠେ । ତା' ନଜରରେ କୌଣସି ଝିଅ ବୋହୂ ପଡ଼ିଲେ ସେମାନେ ବରଂ ବାଘ କି କୁମ୍ଭୀର ମୁହଁରେ ଜୀବନ ଦେବାକୁ ପସନ୍ଦ କରିବେ ।

ସେଦିନ ମାଧ ଖଣ୍ଡୁଆଳଙ୍କ ସ୍ତ୍ରୀ ପୋଖରୀରେ ଗାଧୋଉଥାନ୍ତି । ସାଥିରେ ଖଣ୍ଡୁଆଳଙ୍କ ମଝିଆ ବୋହୂ ଓ ଝିଅ ମଧ୍ୟ ଥା'ନ୍ତି । ଏଇ ବର୍ଷେ ହେବ ପୁଅର ବା' ଘର ହେଇଚି । ବୋହୂଟିର ହଳଦୀ ଗୁରୁଗୁରୁ ଦେହ । ଲାଜ ସରସର ଦେହ ସାରା ଲୁଗା ଢାଙ୍କିଲେ ମଧ୍ୟ ଗାଧୋଇ ସାରି ଚାଲିବା ବେଳେ ବୋହୂଟିର ହାତ ପାଦ ଆଦି କୌଣସି ଅଂଶ ଦୁଶିଯାଉଥାଏ । ସହଜେ ତ ଖଣ୍ଡୁଆଳଙ୍କ ମଝିଆ ବୋହୂର ପ୍ରଶଂସା ଶୁଣିଥାଏ । ଗାଧୋଇ ସାରି ଚାଲି ଯାଉଥିବାର ଦେଖି ଶଙ୍କରା ତୁଚ୍ଛା ବେହିଆଟେ ପରି ଦାନ୍ତ ନେଫଡ଼େଇ କହେ– 'ମାଉସୀମ ! ତୋ ବୋହୂଟା କେଡ଼େ ସୁନ୍ଦରିଆ ହେଇଚି ! ଆମ ଘରକୁ ଟିକେ ପଠଉନୁ !'

ଖଣ୍ଡୁଆଳଙ୍କ ସ୍ତ୍ରୀ ଘଡ଼ିଏ ଥକ୍କାମାରି ତା'ମୁହଁକୁ ବହେ ଚାହିଁ ଥରିଲା କଣ୍ଠରେ କହିଲେ– 'କିରେ ଶଙ୍କରା ! ଏମିତିକା କଥା କହିବାକୁ ତୋ ତୁଣ୍ଡ କେମିତି ନୋଉଚୁଟି ! ତତେ କ'ଣ ପ୍ରଳାପ ଘୋଟିଲାଣି ନାଁ କ'ଣ ?'



Digitized by PPRACHIN, SOA

ଝିଅ ବିନ୍ଦୁ ଓ ବୋହୂ ଚଞ୍ଚଳ ପାଦ ପକେଇ ଚାଲିଯାଉଥାନ୍ତି । ଶଙ୍କରା ନିପଟ ନିଲଠାପଣରେ ଦାନ୍ତ ଦେଖେଇ ପୁଣି କହିଲା- 'ମାଉସୀ ରାଗିଲୁ କି ? ବୋହୂଟି ଯଦି ଏତେ ଲୋଭ, ତେବେ ଝିଅକୁ ପଠେଇଦବୁ କହୁଚି । ଆଜି ଯଦି ମୋ ଘରକୁ ନପଠାଉ, ତେବେ ଭଲ କଥା ହବନି ।' ଶଙ୍କରା ଏତକ କହି ଦ୍ରୁତ ଗତିରେ ପ୍ରସ୍ଥାନ କଲା । ଖଣ୍ଡୁଆଳ ସ୍ତ୍ରୀ କ'ଣ କହୁଥିଲେ, ସେ କଥା ଶୁଣିବାକୁ ଆଉ ନଥିଲା ।

ସେଦିନ ସନ୍ଧ୍ୟା ପୂର୍ବରୁ ମାଧ ଖଣ୍ଡୁଆଳ ତାଙ୍କ ସ୍ତ୍ରୀ, ବୋହୂ ଓ ଝିଅ ଆଦିଙ୍କୁ ଧରି ଅଗତ୍ୟା ଗାଁ ଛାଡ଼ିଲେ । ସମ୍ବଲପୁରରେ ଚାକିରି କରିଥିବା ପୁଅ ପାଖକୁ ଚାଲିଲେ । ମଝିଆଁ ପୁଅ ସୋମନାଥ ସମ୍ବଲପୁରରେ ଚାକିରି କରେ । ସାନପୁଅ କଲେଜରେ ପଢୁଛି । ମଝିଆଁ ପୁଅର ବରାବର ଗସ୍ତ ପଡୁଥିବାରୁ ବୋହୂକୁ ନେଇନି । ଏବେ କିନ୍ତୁ ସମସ୍ତେ ଯାଇ ତା' ପାଖରେ ହାଜର । ଏକୁଟିଆ ସିନା ବୋହୂକୁ ନେଇ ପାରୁନଥିଲା । ଏବେ ତ ଘରର ସମସ୍ତେ ଯାଇଛନ୍ତି, ସମସ୍ତଙ୍କୁ ଦେଖି ସୋମନାଥଙ୍କ ମନରେ ଆନନ୍ଦ ସାଙ୍ଗକୁ ଆଶଙ୍କା ମଧ୍ୟ ବଢ଼ି ଯାଇଥାଏ । ସମସ୍ତ ଘଟଣା ଶୁଣିବାପରେ ଦୁଃଖ, ହତାଶା ଓ ଗ୍ଲାନିରେ ଭାଙ୍ଗି ପଡୁଥାନ୍ତି ସେ । ସୋମନାଥ ଜଣେ ପୁଲିସ ସବ୍‌ଇନ୍‌ସ୍ପେକ୍ଟର । ଏ କ୍ଷେତ୍ରରେ ତାଙ୍କର ଚାରା ବା କ'ଣ । ସେ କ'ଣ ବା କରିପାରିବେ ଶଙ୍କରାର । ଶଙ୍କରାର କୋଉ ଆଗକୁ ନା ପଛକୁ ନଗା ଅଛି । ଯାହା ଚାହିଁବ କ'ଣ ଗୋଟାଏ କରିବସିବ । ତେଣିକି ଆଇନ୍ କାନୁନ୍ ପଛକଥା । ଆଇନ୍ କାନୁନ୍ କୋଉ ତା' ପାଇଁ ଲାଗୁହେବ । ମନ୍ତ୍ରୀଙ୍କ ବଳରେ ଯିଏ ବଳିୟାନ, ତା' ପାଇଁ ଚାରି ଖୁନ୍ ମାଫ୍ ।

ମାଧ ଖଣ୍ଡୁଆଳ ଶାସକ ଦଳର ଲୋକ ନୁହନ୍ତି । ସେ ହେଉଛନ୍ତି ବିରୋଧୀ ଦଳର ଲୋକ । ଗାଁର ଜଣେ ମୁଖିଆ ବ୍ୟକ୍ତି । ଶଙ୍କରାର ପ୍ରକୋପ ସହି ନପାରି ବହୁ ବିରୋଧୀ ଦଳର ଲୋକ ଶାସକ ଦଳକୁ ସମର୍ଥନ କଲେଣି । ଆଉ କେତେକ ଭୀତତ୍ରସ୍ତ ହୋଇ ମୂକ ବଧିର ପାଲଟି ଯାଇଛନ୍ତି । ବର୍ତ୍ତମାନ ସର୍ବଶେଷ ଆକ୍ରମଣ ହେଉଛି ମାଧ ଖଣ୍ଡୁଆଳ ଉପରେ । ଇଜ୍ଜତ ରଖି ଗାଁ ଛାଡ଼ି ପଳେଇ ଆସିବା ଛଡ଼ା ଅନ୍ୟ ଉପାୟ ନଥିଲା ତାଙ୍କର । ତାଙ୍କ ଆଗରେ ବିଶ୍ୱାଳ ଘର ଝିଅ ସୋଦରୀକୁ ନେଇ ଜବରଦସ୍ତି ତା' ଘରେ ରଖିଚି । କିଏ ବା ପାଟି ଖୋଲିବ । ପାଟି ଖୋଲିଲେ ପାଇଟି ଶେଷ । ଇଜ୍ଜତ ମାନ ଘଡ଼ିକେ ଦି'କଡ଼ା ହୋଇଯିବ । ମାଟିରେ ମିଶିଯିବ ।

ମାତ୍ର ତିନିବର୍ଷ ତଳେ ଗୋଟେ ଧାରୁଆ କଟୁରୀ ଓ ଗୋଟେ ରସି ଧରି ଶଙ୍କରା ଗାଁ ଗାଁ ବୁଲୁଥିଲା । ନଡ଼ିଆ, ତାଳ, ଖଜୁରି ଗଛ ସବୁ ଝାଡୁଥିଲା । ନଡ଼ିଆ ତୋଳୁଥିଲା । ଗଛ ଗୋଟାକୁ ଗୋଟିଏ ନଡ଼ିଆ ଥିଲା ତା'ର ମଜୁରୀ । ଯେତେ ଉଚ୍ଚ ଗଛ ହେଉ ହନୁ ଭଳି ଚଟାପଟ ଚଢ଼ିଯିବାରେ ତା'ର ନାଁ ଥିଲା ବଡ଼ ଡାକୁଆ ।



Digitized by PPRACHIN, SOA

ଶଙ୍କରା କପାଳ ଖୋଲିଗଲା । ଶାସକ ଦଳର ନିର୍ବାଚନ ହେବାର ଆୟୋଜନ ଚାଲିଥାଏ ମତଗଜପୁର ଗାଁରେ । ଶଙ୍କରା ସେଇ ଗାଁର ଲୋକ । ମନ୍ତ୍ରୀ ଆସି ପହଞ୍ଚିଗଲେଣି । ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଶାସକଦଳର ସର୍ବୋଚ୍ଚ ନେତା ତଥା ଉପସ୍ଥିତ ଖୋଦ୍ ମହାମାନ୍ୟ ମନ୍ତ୍ରୀଙ୍କ ଯାଏ ସମସ୍ତଙ୍କ ନାଁ ସପକ୍ଷରେ ଜିନ୍ଦାବାଦ ଧ୍ୱନି ଉଚ୍ଚାରିତ ହୋଇସାରିଥାଏ । ଏଥର ମନ୍ତ୍ରୀ ମହୋଦୟଙ୍କୁ ପାଛୋଟି ନେଇ ସୁସଜ୍ଜିତ ମଞ୍ଚକୁ ମଣ୍ଡିତ କରିବା କଥା । ତା' ମଧ୍ୟ ହୋଇଗଲା । ଯଥାରୀତି ମନ୍ତ୍ରୀଙ୍କ ପ୍ରଧାନ ଚାମଚା ତାଙ୍କର ପୃଥୁଳ ଗର୍ଦ୍ଦନ ଚାରିପଟେ ଏକ ମୋଟା ଗଜରା ହାର ଲମ୍ବେଇ ଦେଲେ । ମୃଦୁ କରତାଳିରେ ସଭାସ୍ଥଳୀ କିଛିଟା ଉଷୁମ ହେବାକୁ ଲାଗିଲା । ଉଦ୍‌ଘାଟନୀ ଭାଷଣ ଦେବାକୁ ଯାଇ ପ୍ରଧାନ ଚାମଚା ଜଣକ ଷ୍ଟାଣ୍ଡ୍ ପାଖରେ ପାଟି ଆଁ କରିବାକୁ ଯାଉଛନ୍ତି, ପଛରୁ ମିଳିତ କଣ୍ଠରେ ପ୍ରବଳ ରଡ଼ି ଶୁଭିଲା-

ଧପାବାଜ ମନ୍ତ୍ରୀ ତୁମେ ଫେରିଯାଅ, ଫେରିଯାଅ, ଫେରିଯାଅ ।

ଗରିବୀ ହଟାଅ ଚାଲବାଜି ତୁମ ଚଳିବନାଏଁ, ଚଳିବ ନାଏଁ, ଚଳିବ ନାଏଁ ।

(ମନ୍ତ୍ରୀଙ୍କ ନାମ ଧରି) ମଦନ ମୋହନ ମଙ୍ଗରାଜ ମୁର୍ଦ୍ଦାବାଦ, ମୁର୍ଦ୍ଦାବାଦ, ମୁର୍ଦ୍ଦାବାଦ ।

ଏହିପରି ମୁକ୍ତ କଣ୍ଠରେ ସ୍ଲୋଗାନ ଚାଲିଥିବା ବେଳେ, ଗୋଟିଏ ଟେକା ଆସି ମନ୍ତ୍ରୀଙ୍କ ଟେବୁଲ୍ ଉପରେ ଥୁଆହୋଇଥିବା ପାଣି ଗ୍ଲାସ୍ ଉପରେ ପଡ଼ିବାରୁ ପାଣି ଗୁଡ଼ା ଛିଟିକି ମନ୍ତ୍ରୀଙ୍କ ଶୁଭ୍ର କାମିଜ ଓ ପ୍ୟାଣ୍ଟକୁ ସ୍ଥାନେ ସ୍ଥାନେ ଭିଜେଇଦେଲା । ମନ୍ତ୍ରୀ ମହୋଦୟ ତତ୍‌କ୍ଷଣାତ୍ ଉଠିପଡ଼ି ଯୋଡ଼ହସ୍ତରେ କ୍ରୁଦ୍ଧ ଜନତାକୁ ଶାନ୍ତ ହେବାକୁ ଅନୁରୋଧ କଲେ । ତା'ପରେ ଦ୍ୱିତୀୟ ଟେକାଟି ଆସି ଟେବୁଲ୍ ଉପରେ ଥିବା ଫୁଲଦାନୀ ଉପରେ ପଡ଼ି ଫୁଲଦାନୀକୁ ଭୂତଳଶାୟୀ କରିଦେଲା । ମନ୍ତ୍ରୀଙ୍କ ଚାମଚାମାନେ ଉତ୍‌ଫଣ ନାଗପରି ଫଁ ଫଁ ହୋଇ ନିଜର ଆନୁଗତ୍ୟ ପ୍ରକାଶ କରିବା ଛଡ଼ା ଅନ୍ୟ ଉପାୟ ନଥିଲା । କାରଣ ଏ ଗାଁରେ ବିରୋଧୀ ଦଳଙ୍କ ଆଧିପତ୍ୟ ଖୁବ୍ ବେଶୀ । ଏଠି ପାଟି ଖୋଲିଲେ ପିଠିରେ ଆଦୌ ଜାଗା ରହିବନି ।

ଏଇଭଳି ଏକ ସଙ୍କଟମୟ ପରିସ୍ଥିତିରେ ଶଙ୍କରା ଚମାର ଓରଫ ଶଙ୍କର୍ଷଣ ବେହେରାଙ୍କର ରାଜନୈତିକ ଆବିର୍ଭାବ ହୁଏ । ଶଙ୍କରା ଆଗେଇ ଆସେ ମନ୍ତ୍ରୀଙ୍କୁ ସାହାଯ୍ୟ କରିବାକୁ । ଚିତେ ଉଚ୍ଚ ଏକ ମୂଳିଆ ଠେଙ୍ଗା ଧରି ଦୋ ଅକ୍ଷରୀ ଉଚ୍ଚାରଣ ପୂର୍ବକ ଉପସ୍ଥିତ ଜନତାକୁ ଆହ୍ୱାନ ଦେଲା- 'କୋଉ ଶଳାର ବହପ ଅଛି ସଭା ବନ୍ଦ କରିବ କରୁ । ଏଇ ଗୋଟିଏ ଠେଙ୍ଗାରେ ଶହେ ମୁଣ୍ଡ ଛତୁ କରିଦେବି । ସଭା ଅଲବତ୍ ଚାଲିବ । ଚାଲିବ ।



Digitized by PPRACHIN, SOA

ଚାଲିବ ।'

ହଠାତ୍ ସଭାସ୍ଥଳୀ ନିସ୍ତବ୍ଧ, ଶୂନ୍‌ଶାନ ହେଇଗଲା । ଶଙ୍କରା ଠେଙ୍ଗା ଧରିବା ମାତ୍ରେ ସମସ୍ତେ ଚୁପ୍ । ଶଙ୍କରାର ବାହୁ ବଳ ସମସ୍ତିଙ୍କି ଜଣା । ବାଗୁଡ଼ି ଖେଳରେ ଖଣ୍ଡ ମଣ୍ଡଳରେ ତାକୁ କେହି ପରାସ୍ତ କରିପାରିନାହାନ୍ତି । ବାଡ଼ି ଖେଳିଲେ ତା' ପାଖ ପଶିବା ମୁସ୍କିଲ୍ । ହେଲେ ସର୍ବସାଧାରଣରେ ସେ ଏପରି ଭାବରେ ନିଜର ହିମତ କେବେ ପ୍ରଦର୍ଶନ କରିନଥିଲା ।

ମନ୍ତ୍ରୀଙ୍କ ସଭା ସେଦିନ ଭଣ୍ଡୁର ହେବା ପରିବର୍ତ୍ତେ ଗହ ଗହ ଡାକିଲା । ବହୁ ପ୍ରତିଶ୍ରୁତିରେ ଉପସ୍ଥିତ ଲୋକଙ୍କ ମୁହଁ ଓଦାଳିଆ ଓ ଅଠାଳିଆ ହୋଇଉଠିଲା । ସଭା ଶେଷରେ ମନ୍ତ୍ରୀ ଶ୍ରୀଯୁକ୍ତ ମଦନମୋହନ ନିଜ ଗର୍ଦ୍ଦନରୁ ଫୁଲ ହାରଟି କାଢ଼ି ଶଙ୍କରା ବେକରେ ଲମ୍ବେଇ ଦେଲେ । ସେଇ ମୁହୂର୍ତ୍ତରୁ ଶଙ୍କରା ଖୋଦ୍ ମନ୍ତ୍ରୀଙ୍କ ବ୍ୟକ୍ତିଗତ ଦେହରକ୍ଷୀ ରୂପେ ନିଯୁକ୍ତି ପାଇଲା । ଶଙ୍କରା ମନ୍ତ୍ରୀଙ୍କ ଗାଡ଼ିରେ ବସି ଚାଲିଲା ରାଜଧାନୀ ଅଭିମୁଖରେ ।

ରାଜଧାନୀରୁ ଗାଁକୁ ଫେରିବାକୁ କିଛିଦିନ ଲାଗିଗଲା । ନିର୍ବାଚନ ସରିବା ପରେ ଶଙ୍କରାକୁ ଛୁଟି ମିଳିଲା । ମଦନମୋହନ ମଙ୍ଗରାଜ ପୁଣି ମନ୍ତ୍ରୀ ହେଲେ । ଶଙ୍କରାର ଭାଉ ଏଥରକ ଭରି ମୂଲ୍ୟ ହୋଇଗଲା । ମତଗଜପୁର ଗାଁଠୁ ଫେରିବା ଦିନ ଶଙ୍କରାକୁ ଯିଏ ଦେଖିଥିବ, ସିଏ ଏକଥା ବେଶ୍ ଉପଲବ୍ଧ କରିଥିବ । ଶଙ୍କରାର ଚାଲିଚଳନ, ଆଚାର ବ୍ୟବହାର, କଥାତ ଛାଡ଼ । ସେ ଫେରିବା ପରେ ତା'ର ଯେଉଁ ଭୌତିକ ପରିବର୍ତ୍ତନ ଘଟିଥିଲା ତାହା ହିଁ ଥିଲା ମତଗଜପୁର ଓ ପାଖ ଆଖ ଗାଁ ଲୋକଙ୍କର ପ୍ରଧାନ ଆଲୋଚ୍ୟ ବିଷୟ । ରାଜଧାନୀରୁ ଆସିବା ବେଳେ ତା' ଗୋଡ଼ରେ ହଳେ ଦାମୀ ଜୋତା ଲାଗିଥିଲା । ଦୁନିଆଟା ତା' ହାତ ମୁଠାରେ ଥିବାପରି ଲାଗୁଥିଲା । 'ଚୋପ୍' କହିଦେଲେ ବାଘର ହେଣ୍ଟାଳି ବି ବନ୍ଦ ହୋଇଯାଉଥିଲା । 'ଧରବେ ଶଳାକୁ' କହିଦେଲେ ପାଞ୍ଚ ଦଶ ଚାମଚା ଫାର୍ଶା ଧରି ଝାମ୍ପି ପଡୁଥିଲେ । ହାକିମ ହୁକୁମା, ପୁଲିସ୍ ଯିଏ ହେଲେ ବି ଶଙ୍କି ଯାଉଥିଲେ । ଲୋକଗୁଡ଼ାଙ୍କ କଥା ତ ଛାଡ଼ । ସେମାନେ ତା'ପାଖରେ ଛେଳିଠୁଁ ହୀନ । ଆଜି କିନ୍ତୁ କ'ଣ ହେଲା । ବିଶାଳ ପୃଥିବୀଟା ଯେପରି ଚାରିଆଡୁ ରୁନ୍ଧହୋଇ ଆସି ତାକୁ ଜେଲ୍ ଗାରଦ ଭିତରକୁ ଠେଲିଦେଇଛି । ଶଙ୍କରା ବିଶ୍ୱାସ କରିପାରୁନି, ସତରେ ଏହା କିପରି ସମ୍ଭବ ହେଲା । ସେ ମନେ ମନେ ମନ୍ତ୍ରୀଙ୍କ ଉପରେ ବୋହେ ରାଗିଲାତ ଥାନାବାବୁ ଉପରେ ବୋହେ ଗର ଗର ହେଲା । ଯେବେ ବି ହେଉ ଯା' ଭିତରୁ ମୁକୁଳିଲେ ସେ ପହିଲେ ଥାନାବାବୁକୁ ଓ ପରେ ମନ୍ତ୍ରୀଙ୍କୁ ଦେଖିବ ।



Digitized by PPRACHIN, SOA

ମନ୍ତ୍ରୀଙ୍କ ଶଳା ଚନ୍ଦ୍ରଭାନୁ ପଶାୟତ ମନ୍ତ୍ରୀଙ୍କ ଉପରେ ବହୁ ଚାପ ପକେଇଲେଣି ଶଙ୍କରାକୁ ଜେଲ୍‌ରୁ ମୁକ୍ତ କରିବାକୁ । ମନ୍ତ୍ରୀ କିନ୍ତୁ ଏଥିରେ କାହିଁକି ବିଶେଷ ଆଗ୍ରହ ଦେଖଉନାହାନ୍ତି । ଜନମତ ସମ୍ପୂର୍ଣ୍ଣ ଶଙ୍କରା ବିରୁଦ୍ଧରେ, ତା'ଛଡ଼ା ପୋଲିସ୍ କର୍ତ୍ତୃପକ୍ଷ ଏକଯୁଟ ହୋଇ ଶଙ୍କରା ବିରୁଦ୍ଧରେ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଛନ୍ତି । ଜନମତ ବିରୁଦ୍ଧରେ ହୁଏତ ସେ ସାମୟିକ ଯାଇପାରିବେ । କାରଣ କଳେ ବଳେ କୌଶଳେ ଜନମତକୁ ତାଙ୍କ ସପକ୍ଷରେ ନେବାର ଦୃଢ଼ ମନୋବଳ ତାଙ୍କର ଅଛି । କିନ୍ତୁ ପୋଲିସ୍ କଳ ବିରୁଦ୍ଧରେ ତ ସେ ଯାଇପାରିବେ ନାହିଁ । ସୁବିଧା ସୁଯୋଗ ଦେଖି ତ ଯାହା କିଛି କରିବେ ।

ଶଙ୍କରାର ଦୀର୍ଘ ଅନୁପସ୍ଥିତିରେ ଚନ୍ଦ୍ରଭାନୁ ବାବୁ ତାଙ୍କ ଦଳର ଅନ୍ୟତମ ସ୍ୱୀକୃତିପ୍ରାପ୍ତ ଗୁଣ୍ଡା ବାଙ୍କା ଯେ କି ଶଙ୍କରାର ସହକାରୀ ଭାବରେ କାମ କରେ ଓ ବହୁ ଅଭିଜ୍ଞତା ଅର୍ଜନ କରିଛି ତାକୁ ଶଙ୍କରା ସ୍ଥାନରେ ସାମୟିକ ପଦୋନ୍ନତି ଦେଇଥିଲେ । ଶଙ୍କରା ଯଦି ଜେଲ୍‌ରୁ ଆସିଲା ତ ଭଲ, ନଚେତ୍ ବାଙ୍କା ହିଁ ଓସ୍ତାଦ କାମ କରିବ । ତା' ସତ୍ତ୍ୱେ ଚନ୍ଦ୍ରଭାନୁ ବାବୁ ମନ୍ତ୍ରୀଙ୍କ ଉପରେ, ବାରମ୍ବାର ଚାପ ପକେଇବାରୁ ମନ୍ତ୍ରୀ ଥାନାବାବୁଙ୍କୁ ବଦଳି କରେଇ ନିଜର ଜଣେ ଦୂର ସମ୍ପର୍କୀୟକୁ ତାଙ୍କ ସ୍ଥାନରେ ଆଣିଲେ ଏବଂ ତାଙ୍କ ସାହାଯ୍ୟରେ ଶଙ୍କରାକୁ ଜାମିନ୍‌ରେ ଖଲାସ କରାଇଲେ ।

ଦୀର୍ଘ ଛ'ମାସ ପରେ ଦେଖାଗଲା ଶଙ୍କରା ଚମାର ଓରଫ ଶଙ୍କର ବେହେରା ଜେଲ୍‌ର ଲୌହ ଫାଟକ ଅତିକ୍ରମ କରିଆସୁଛି । ନିତାନ୍ତ ନିମ୍ନ ପାହିଆର ଚାମଚା କେତେଜଣ 'ମଦନ ମୋହନ ମଙ୍ଗରାଜ ଜିନ୍ଦାବାଦ' ଓ ଶେଷରେ 'ଶଙ୍କର ଭାଇ ଜିନ୍ଦାବାଦ' ଧ୍ୱନି ଉଚ୍ଚାରଣ ପୂର୍ବକ ଶଙ୍କରାକୁ ପାଛୋଟି ନେଇ ଅପେକ୍ଷାରତ ମନ୍ତ୍ରୀଙ୍କ ଶଳା ଶ୍ରୀଯୁକ୍ତ ଚନ୍ଦ୍ରଭାନୁ ପଶାୟତଙ୍କ କାର୍‌ରେ ବସାଇଲେ ।

ଶଙ୍କରା ଜେଲ୍‌ରୁ ଫେରିବାର ସପ୍ତାହଟିଏ ଯାଇଛି କି ନାହିଁ, ମନ୍ତ୍ରୀ ମଦନ ମୋହନଙ୍କ ଗସ୍ତ ହଟେଶ୍ୱର ଡାକବଙ୍ଗଳାକୁ ସ୍ଥିର ହୋଇଥାଏ । ମନ୍ତ୍ରୀ ସେଦିନ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟନ କରିବେ । ଏହାଫଳରେ ସ୍ଥାନୀୟ ଲୋକମାନଙ୍କର ଦୀର୍ଘଦିନର ଆଶା ଆକାଂକ୍ଷା କୁଆଡ଼େ ପୂରଣ ହେବ । ତା'ପରେ ହଟେଶ୍ୱର ହାଟ ପାଖରେ ମନ୍ତ୍ରୀଙ୍କ ଶଳାଙ୍କ ଶଳାର ଏକ ହୋଟେଲ ମଧ୍ୟ ଉନ୍ମୋଚନ ହେବ । ସେଦିନ ବହୁ ଗରିବ, ନିଃସହାୟ, ଅନାଥ ଲୋକଙ୍କୁ ଋଣ ଦିଆଯିବ । ସେହି ଉଦ୍ଦେଶ୍ୟରେ ହଟେଶ୍ୱର ହାଟ ପଡ଼ିଆରେ ବହୁ ବୁଢ଼ୀ ଛେଳି, ମେଣ୍ଢା, ବାଛୁରି ଓ ବୁଢ଼ୀ ଗାଈ ସବୁ ଗୁଣ୍ଡ ହୋଇଥାନ୍ତି । ଶଙ୍କରାକୁ ଦିନକ ଆଗରୁ ଚନ୍ଦ୍ରଭାନୁ ବାବୁ ଡକେଇଥିଲେ । ତା' ପିଠିରେ ହାତ ବୁଲେଇ



Digitized by PPRACHIN, SOA

ବହୁ ଆଶ୍ୱାସନା ଦେଇ କହିଲେ, 'ତୋରି ପାଇଁ କେବଳ ସେ ଥାନାବାବୁଟାକୁ ବଦଳି କରିବାକୁ ପଡ଼ିଲା । ତୋର ଏଥର ଆଉ କିଛି ଚିନ୍ତା କରିବା କଥା ନାହିଁ । ନିର୍ବାଚନ ପାଖେଇ ଆସୁଚି । ଏଥର ଭଲ ଭାବରେ ପ୍ରସ୍ତୁତ ହେବାକୁ ହେବ । ହଟେଶ୍ୱର ହାଟ ପଡ଼ିଆରେ ଋଣ ମେଳାକୁ ଆସିବି । ତୁ କାଲି ସେଠି ରହିବୁ ।'

ଶଙ୍କରା ମନରେ ସେଦିନ ବହୁତ ଦମ୍ଭ ଆସିଥିଲା । ଯାହେଉ ମନ୍ତ୍ରୀଙ୍କର ତା' ପାଇଁ କେତେ ଦରଦ ସତେ । ଏଥର ଫାର୍ଶାଗୁଡ଼ିକ ପଢେଇବାକୁ ପଡ଼ିବ । କିନ୍ତୁ ତାକୁ ଏତିକି ଆଶ୍ଚର୍ଯ୍ୟ ଲାଗେ ଯେ, ଚାମଚା ଗୁଡ଼ାକ କିଏ କୁଆଡ଼େ ଯାଉଛନ୍ତି ତା' ପାଖ ମାଡୁନାହାନ୍ତି । ନିହାତି ଦୋସ୍ତ ଥିବା କେତେଜଣ କେବଳ ଯାହା ତା' ପାଖକୁ ବେଳେ ବେଳେ ଆସି ପହଞ୍ଚି ଯାଉଛନ୍ତି । ଶଙ୍କରା ଏସବୁ ପରିବର୍ତ୍ତନର କିଛି ଟେର୍ ପାଉନଥାଏ । ତଥାପି ତା'ର ଦମ୍ଭଥାଏ, ସେଦିନ ମନ୍ତ୍ରୀ ଆସିଲେ ସେ ଆଗ ଫୁଲମାଳ ତାଙ୍କ ପୃଥୁଳ ଗର୍ଦନରେ ଲମ୍ବେଇଦେବ । ମନ୍ତ୍ରୀ ସେଇଟିକୁ କାଢ଼ି ଶଙ୍କରା ବେକରେ ଲମ୍ବେଇଦେଇ ତାକୁ କୁଣ୍ଢେଇ ପକେଇବେ, ନଚେତ ଅତି କମ୍‌ରେ ତା' କାନ୍ଧରେ ହାତ ପକେଇ ଡାକବଙ୍ଗଳା ଭିତରକୁ ଯିବେ । ଏତିକି ହେବାପରେ ଶଳେ ଚାମଚାଦଳ, କୁଜି ନେତା, ଟାଉଟର ଗାଁ ମାମଲତକାର, ପୁଲିସ ଓ ହାକିମ ହୁକୁମା ସବୁ ଯିବେ କୁଆଡ଼େ । ଶଙ୍କରା ପାଖରେ ସବୁ ଶଳେ ମେଁ ମେଁ ହେବେ ।

ମନ୍ତ୍ରୀଙ୍କ ଆସିବା ସମୟ ହୋଇଗଲା । ଶଙ୍କରା ଦେଖିଲା, ଏକଦା ତା'ର ସହକାରୀ କାମ କରୁଥିବା ବାଙ୍କା ମଧ୍ୟ ଫୁଲହାରଟିଏ ଧରିଛି । ତା' ପାଖରେ ଦଳେ ଚାମଚା ମଧ୍ୟ ଘେରିଛନ୍ତି । ତା' ଆଖଡ଼ାର ବହୁ ଟୋକା ସେଠି ଆଡ୍‌ଡ଼ା ଜମେଇଛନ୍ତି । ସେ ସିଆଡ଼େ ଚାହିଁବାରୁ ସବୁଗୁଡ଼ାକ ମୁହଁ ଲୁଚଉଛନ୍ତି । ଶଙ୍କରା ପାଖରେ ଖୁବ୍ କମ୍ ଲୋକ । ତା'ର ନିହାତି ନିଜର ନିକଟତମ ଦୋସ୍ତକୁ ଛାଡ଼ିଦେଲେ, କିଏ କେମିତିଆ ଆବଦ୍ଧିଆ ଲୋକ ତାକୁ ଦେଖି ଆସି ତା' ପାଖରେ ଏପଟ ସେପଟ ହେଉଛନ୍ତି । ବାଧରେ ପଦେ ଅଧେ ଯାହା ବା କଥା ହେଉଛନ୍ତି । ବାଙ୍କା କିନ୍ତୁ ଓସ୍ତାଦୀ କାଇଦାରେ ଟହଲ ମାରୁଚି । ଶଙ୍କରାକୁ ପହିଲେ ଦେଖି ଜୁହାର ହେବାତ ଦୂରର କଥା, ଶଙ୍କରା ତାକୁ ଡାକିବାରୁ ହୁଁ ଟାଏ କହି ମୁହଁ ବୁଲେଇ ଚାଲିଗଲା । ଶଙ୍କରା ବାଙ୍କାର ଏସବୁ ଗତିବିଧି ଦେଖି ତା'ର ନିକଟତମ ଲୋକଙ୍କୁ ପଚାରି ବୁଝିଲା ଯେ, ତା'ର ଜେଲ୍ ଯିବା ଅବସରରେ ମନ୍ତ୍ରୀଙ୍କ ଖୋଦ୍ ଶଳା ଚନ୍ଦ୍ରଭାନୁ ବାବୁ ତାକୁ ଶଙ୍କରା ସ୍ଥାନକୁ ପଦୋନ୍ନତି ଦେଇଛନ୍ତି । ଶଙ୍କରା ତ ଗଜମୂର୍ଖ, ହେଲେ ବାଙ୍କା ହେଉଛି ମାଟ୍ରିକ୍ ଫେଲ୍ । ତା'ର ଶଙ୍କରା ସହ ସହକାରୀ ଭାବରେ ଅଭିଜ୍ଞତା ଓ ଶିକ୍ଷାଗତ ଯୋଗ୍ୟତା ଯୋଗୁ ତାକୁ ସରପଞ୍ଚ ନିର୍ବାଚନରେ ପ୍ରାର୍ଥୀ



Digitized by PPRACHIN, SOA

କରିବାକୁ ମଧ୍ୟ ଚନ୍ଦ୍ରଭାନୁ ବାବୁ ସ୍ଥିର କରିଛନ୍ତି । ତେଣୁ ବାଙ୍କାର ଏତେ ହିମତ୍ । ହେଲେ ଶଙ୍କରା କୋଉ ଛାଡ଼ିବାର ପିଲା । କୋଉ ପାଣି କେଉଁଠିକି ଯାଉଚି ଦେଖାଯାଉ ।

ମନ୍ତ୍ରୀଙ୍କ ଗାଡ଼ି ଆସୁଥିବାର ଖବର ଆସି ପହଞ୍ଚିଲା । ବାଟରେ ଲୋକେ ମନ୍ତ୍ରୀଙ୍କୁ ଯୋତା ହାର ଦେବାକୁ ଭିଡ଼ କରିଥିବାରୁ, ପୋଲିସବାଲା ଲୋକଙ୍କୁ ଠେଲାପେଲା କରି ମନ୍ତ୍ରୀଙ୍କୁ କୌଣସି ମତେ ଆଣୁଛନ୍ତି । ବିଶେଷକରି ଶଙ୍କରାକୁ କୁଆଡ଼େ ଜେଲ୍‌ରୁ ଖଲାସ କରିଥିବାରୁ ଲୋକେ ବିଶେଷ ଉତ୍‌କ୍ଷିପ୍ତ ହୋଇଛନ୍ତି ବୋଲି ଶୁଣିବାକୁ ମିଳିଲା । ଶଙ୍କରା କାନରେ କଥାଟା ପଡ଼ିବାରୁ ତା' ରକ୍ତ ଖାଲି ଟକ୍ ମକ୍ ହେବାକୁ ଲାଗିଲା । ଗୋଟେ ଲାଠିରେ ସେ ଲୋକଗୁଡ଼ାଙ୍କୁ ପିଟି ପିଟି ଛିନ୍‌ଛତ୍ର କରି ଦେଇଥାନ୍ତା । ଏ ଶଳେ ପୁଲିସ ଗୁଡ଼ା କ'ଣ କରୁଛନ୍ତି । ଲୋକଗୁଡ଼ାଙ୍କ ସାଙ୍ଗରେ ଗେଲ ହଉଛନ୍ତି । ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବାକଥା ନଥିଲେ, ସେ ଦେଖେଇ ଦେଇଥାନ୍ତା ଲୋକମାନଙ୍କୁ କେମିତି ଜୟ କରିବାକୁ ହୁଏ ।

ହଠାତ୍ ବାଙ୍କା ଓରଫ ବାଙ୍କବାବୁ ବା ବାଙ୍କ ମିଶ୍ର ଘୋଷଣା କଲେ, 'ମନ୍ତ୍ରୀ ଆସିଲେ ମୁଁ ପ୍ରଥମେ ଫୁଲହାର ଦେବି । ତା'ପରେ ଯାଇ ଯିଏ ଦେବ ।' ଶଙ୍କରା କି ଥୟ ଧରେ । ସେ ଅନୁରୂପ ଘୋଷଣା କଲା- 'ମୁଁ ସବା ଆଗ ମନ୍ତ୍ରୀଙ୍କୁ ଫୁଲହାର ଦେବି, ତା'ପରେ ଯାଇ ଯିଏ ଦେବ ।'

ବାଙ୍କା ଦଳର ଲୋକ ଏକାବେଳକରେ ଚିତ୍କାର କଲେ- ନାଁ, ବାଙ୍କବାବୁ ଫୁଲହାର ଆଗ ଦେବେ ।

ଶଙ୍କରା ଦଳର ଲୋକ ରଡ଼ି ଛାଡ଼ିଲେ- ନାଁ ଶଙ୍କର ବାବୁ ଆଗ ଦେବେ । ତା'ପରେ ଦୁଇଦଳରୁ କ୍ରମାଗତ ଚିତ୍କାର ଶୁଭିଲା-

'ବାଙ୍କବାବୁ ଆଗ ଦେବେ ।'

'ଶଙ୍କର ବାବୁ ଆଗ ଦେବେ ।'

'ବାଙ୍କବାବୁ ଅଲବତ୍ ଆଗ ଦେବେ ।' ତା'ପରେ- 'ଶଙ୍କର ବାବୁ ଅଲବତ୍ ଆଗଦେବେ ।'

ତା'ପରେ ଚାଲିଲା ଠେଲାପେଲା, ଦୋ ଅକ୍ଷରୀ ଓ ଧସ୍ତାଧସ୍ତି । ଡାକ ବଙ୍ଗଳାର ଚୌକି ଗୁଡ଼ିକ ଶୂନ୍ୟକୁ ଉଠି ଲକ୍ଷ୍ୟସ୍ଥଳକୁ ଝାମ୍ପି ପଡୁଥାନ୍ତି । କୋଉ ଚୌକି ହସ୍ତ ବିହୀନତ କିଏ ଗୋଡ଼ ବିହୀନ ହୋଇ ଭୂତଳଶାୟୀ ହୋଇପଡୁଥାନ୍ତି । ଚୌକିର ଭଙ୍ଗା ଗୋଡ଼ ହାତ ଗୁଡ଼ିକ ମଧ୍ୟ ଭୟଙ୍କର ଭାବରେ ସକ୍ରିୟ ହୋଇ ଉଠୁଥାନ୍ତି । କା'ର ପିଠିତ, କା'ର ମୁଣ୍ଡ, କା'ର ହାତ ତ କା'ର ପିଠା ପ୍ରଭୃତି ସ୍ଥାନରେ ବେଶ୍ ଜମେଇ ଦେଉଥାନ୍ତି ।



Digitized by PPRACHIN, SOA

ଉପସ୍ଥିତ ପୋଲିସ୍ କର୍ତ୍ତୃପକ୍ଷ ପରିସ୍ଥିତିକୁ ଚାହିଁ ଶାନ୍ତି ରକ୍ଷା କରିବା କାମରେ ବେଶ୍ ତତ୍ପର ହୋଇପଡ଼ିଥାନ୍ତି । ଏଇ ନାଟକର ପ୍ରଥମ ଦୃଶ୍ୟଟି ପରେ ପରେ ଘଟିଥିବା ଦ୍ୱିତୀୟ ଦୃଶ୍ୟର ବିଭତ୍ସ ପରିବେଶରୁ ରଣ ପାଇଁ ଆସିଥିବା ଭୋକିଲା ଲୋକ ଓ ସାଧାରଣ ଜନତାଙ୍କୁ ଫାଟକ ବାହାରକୁ ଘଉଡ଼ାଇଥାନ୍ତି । ଏହାଛଡ଼ା ଚତୁର ପୋଲିସ୍ ବାଲା ଦୁଇ ପକ୍ଷ ଯୋଦ୍ଧାଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିଜ ନିଜର ଇଚ୍ଛା ମୁତାବକ ସାବ୍ୟସ୍ତ କରିବାକୁ ସୁଯୋଗ ଦେଇ, ନିଜେ ନିରାପଦ ସ୍ଥାନକୁ ଅର୍ଥାତ୍ ଫାଟକ ବାହାରକୁ ଯାଇ ମନ୍ତ୍ରୀଙ୍କ ଆଗମନକୁ ଅପେକ୍ଷା କରିଥାନ୍ତି । ଅବଶ୍ୟ ସାଦା ପୋଷାକଧାରୀ କେତେଜଣ ପୋଲିସ ଅଫିସର ଉଭୟ ପକ୍ଷର ରଣ କୌଶଳ ପ୍ରଦର୍ଶନକୁ ଲକ୍ଷ୍ୟ କରୁଥାନ୍ତି ।

ଫାଟକ ପାଖରେ ମନ୍ତ୍ରୀଙ୍କ ନାମ ସହିତ ଜିନ୍ଦାବାଦ ଧ୍ୱନି ଉଚ୍ଛୁଳି ଉଠିଲା । ଉଭୟପକ୍ଷର ଯୋଦ୍ଧୃବନ୍ଦ ସ୍ୱତଃପ୍ରବୃତ୍ତ ଅଘୋଷିତ ଯୁଦ୍ଧ ବିରତି ସମ୍ପନ୍ନ ପୂର୍ବକ ମନ୍ତ୍ରୀଙ୍କ ଛାମୁରେ ଉପସ୍ଥିତ ହେଲେ । ମନ୍ତ୍ରୀ ମହୋଦୟ ଓ ସାଙ୍ଗରେ ଥିବା ତାଙ୍କର ମହାମନ୍ତ୍ରୀ ଶାଳକ ମହୋଦୟ ନିଜ ପକ୍ଷର ସାମନ୍ତମାନଙ୍କର ରକ୍ତାଭ ଚକ୍ଷୁ, ବିପର୍ଯ୍ୟସ୍ତ କେଶ, ରକ୍ତାକ୍ତ କ୍ଷତବିକ୍ଷତ ଶରୀର ଦେଖି ବିସ୍ମିତ, ବିହ୍ୱଳିତ ଓ ବିମର୍ଷ ହୋଇ ଉଠିଲେ । ଦୁଇପକ୍ଷର ଜମାନବନ୍ଦୀ ନେବାପରେ ଶଙ୍କରା ଓ ବାଙ୍କା ଏଇ ଦୁଇ ଯୋଦ୍ଧାଙ୍କୁ ନିଜ ନିଜର ଫୁଲହାର ଧରି ଆସିବାକୁ ଆହ୍ୱାନ ଦେଲେ । ଦୁଇ ବୀର ପୁଙ୍ଗବ ଲଜ୍ୟାରେ ଇଆଡ଼େ ସିଆଡ଼େ ଚାହିଁ ଦେଖିଲେ ଫୁଲହାର ଦୁଇଟି ତାଙ୍କ ଆୟତ୍ତରେ ନାହିଁ । ସେ ଦୁଇଟିଯାକ ଦଳିମକଚି ହୋଇ ନିଜର ଅସ୍ତିତ୍ୱ ହରାଇଛନ୍ତି । ଦୁହିଁଙ୍କ ମୁଖ ଅବନତ ହୋଇଗଲା । ମନ୍ତ୍ରୀ ମହୋଦୟ ଆଗେଇ ଚାଲିଲେ ରଣଦାନ କାର୍ଯ୍ୟ ସମ୍ପନ୍ନ କରିବାକୁ ।

ବିଚରା ଡହଳ ବିକଳ ହେଉଥିବା ଦରମଲା ପଶୁମାନଙ୍କୁ ମନ୍ତ୍ରୀ ମହୋଦୟ ଗୋଟିକ ପରେ ଗୋଟିଏ ଦାନ କରିବା ପରେ, ସଭା କାର୍ଯ୍ୟ ଆରମ୍ଭ ହେଲା । ଭାବୀ ସରପଞ୍ଚ ପ୍ରାର୍ଥୀ ବାଙ୍କା ଓରଫ ବାଙ୍କ ମିଶ୍ର ଓଜସ୍ୱିନୀ କଣ୍ଠରେ ସ୍ୱାଗତ ଭାଷଣ ଦେଲେ । ଶଙ୍କରା ଦଳ ଜଳ ଜଳ କରି ଚାହିଁବା ଛଡ଼ା ଅନ୍ୟ ଉପାୟ ନଥିଲା । କାରଣ ସଭା କାର୍ଯ୍ୟର ନମୁନା ଆଗରୁ ସ୍ଥିର ହୋଇଥିବା ମୁତାବକ ଆଗେଇ ଚାଲିଲା । ବାଙ୍କାର ମାଟ୍ରିକ୍ ଫେଲ୍ ପର୍ଯ୍ୟନ୍ତ ଶିକ୍ଷାଗତ ଯୋଗ୍ୟତା ଥିବାରୁ ସେ ଅବଶ୍ୟ କିଛିଟା ବକ୍ତୃତା ଦେବାର ଅଭ୍ୟାସ କରିଥିଲା କିନ୍ତୁ ଶଙ୍କରା ତ ନିତାନ୍ତ ମୂର୍ଖ । ବକ୍ତୃତା ଦେବାପାଇଁ ସେ ଆଗରୁ ବାଙ୍କାକୁ ବ୍ୟବହାର କରୁଥିଲା । ଆଜି କିନ୍ତୁ ସେ ଆଉ ତା ଆୟତ୍ତରେ ନାହିଁ । ଖୋଦ୍ ମନ୍ତ୍ରୀଙ୍କ ପାର୍ଶ୍ୱଚର ଓ ଜଣେ କୁଜିନେତା । ଶଙ୍କରା ନିଜର ଶିକ୍ଷାଗତ ଅଯୋଗ୍ୟତା ଯୋଗୁ ନିଜକୁ ଧିକ୍କାର କରିବା ଛଡ଼ା ଆଉ ବା କ'ଣ ଚାରା ଥିଲା ।



Digitized by PPRACHIN, SOA

ଏହାପରେ ମନ୍ତ୍ରୀ ମହୋଦୟ ଗ୍ରୀବା ଟେକି ସହାସ୍ୟ ବଦନରେ ଉପସ୍ଥିତ ଜନତାକୁ ଉଦ୍‌ବୋଧନ ଦେଲେ । ମଝିରେ ମଝିରେ ଚାମଚାଙ୍କ ତରଫରୁ କରତାଳି ଧ୍ୱନି କମ୍ପି ଉଠୁଥାଏ । ଉପସ୍ଥିତ ଜନତା ବାଧ୍ୟହୋଇ ଏଥିରେ ଯୋଗ ଦେଉଥାନ୍ତି, କାଳେ ମନ୍ତ୍ରୀ ମନ ଊଣା କରିବେ । ମନ୍ତ୍ରୀ ମଧ୍ୟ ଉତ୍‌ଫୁଲ୍ଲ ହୋଇ ଗର୍ଦ୍ଦନଫୁଲାଇ କହି ଚାଲିଥାନ୍ତି ଅନର୍ଗଳ । ଏଟା ଖୋଦ୍ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ । ଏଠି ଜୋରଦାର ଭାଷଣ ଦରକାର । ମନ୍ତ୍ରୀ ଜନସାଧାରଣଙ୍କୁ ବହୁ ଉପଦେଶ, ଚେତାବନୀ, ପରାମର୍ଶ ଦେବାପରେ ସେମାନଙ୍କର କର୍ତ୍ତବ୍ୟବୋଧ ସମ୍ପର୍କରେ ମଧ୍ୟ ସଂକ୍ଷିପ୍ତ ସୂଚନା ଦେଲେ । ଶେଷରେ ଦେଶର ସଂହତି, ସାର୍ବଭୌମ ଓ ଗଣତନ୍ତ୍ରକୁ ବିପନ୍ନ କରୁଥିବା ବୈଦେଶିକ ଶକ୍ତି ଓ ବିଭେଦକାରୀ ଶକ୍ତିଙ୍କ ପ୍ରତି ସଜାଗ ରହିବା ଏବଂ ଏମାନଙ୍କୁ ସହଯୋଗ କରୁଥିବା ବିରୋଧୀ ଦଳଙ୍କୁ ଦୃଢ଼ ମୁକାବିଲା କରିବାକୁ ଆହ୍ୱାନ ଦେଲେ । ମନ୍ତ୍ରୀ ଗଳଦ୍ ଘର୍ମ ହେଇ ଏତକ କହିବାପରେ ଥକ୍‌କା ମାରି ବସିପଡ଼ିଲେ । ତା'ପରେ ମନ୍ତ୍ରୀଙ୍କର ଜୟ ଜୟକାର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା । ବିଚରା ରଣ ସୂତ୍ରରେ ଦଉ ହୋଇଥିବା ଦରମଲା ଭୋକିଲା ପଶୁଗୁଡ଼ିକ ଚିତ୍କାର କରିଉଠିଲେ ।

ମନ୍ତ୍ରୀ ଚାଲିଗଲେ । ଯିବାବେଳେ ପୋଲିସ୍ ଇନ୍‌ସ୍ପେକ୍ଟର ତାଙ୍କ ସହ କ'ଣ ଚୁପ୍ ଚାପ୍ କଥାହେଲେ । ଯେତେ ବାଧ୍ୟ କଲେ ବି ମନ୍ତ୍ରୀ ଆଦୌ ରହିଲେ ନାହିଁ । ସକାଳ ପହରୁ ଡାକବଙ୍ଗଳା ପକ୍‌କା ଖୁଣ୍ଟରେ ବନ୍ଧା ହୋଇଥିବା ଜୀବ କେତୋଟି ସୂର୍ଯ୍ୟାସ୍ତ ପୂର୍ବରୁ ସ୍କନ୍ଧଚ୍ୟୁତ ହୋଇ, ମନ୍ତ୍ରୀ ଓ ଚାମଚାମାନଙ୍କ ମଣୋହି ପାଇଁ ପ୍ରସ୍ତୁତ ହୋଇଥିଲେ ବି ମନ୍ତ୍ରୀ ମହୋଦୟ ତା'ର ଆସ୍ୱାଦନ ପାଇଁ ରହିଲେ ନାହିଁ । କେହି କେହି କହିଲେ ସ୍ୱପକ୍ଷ ଲୋକଙ୍କ ଭିତରେ ଭ୍ରାତୃଯୁଦ୍ଧ ଯୋଗୁ ମନ୍ତ୍ରୀ ଅଭିମାନ କରି ଚାଲିଗଲେ । ହୁଏତ କେହି କେହି କହିଲେ, ବିରୋଧୀ ପକ୍ଷରୁ ବିପଦର ଆଶଙ୍କା ଥିବାରୁ ମନ୍ତ୍ରୀ ବହୁ ଆଗରୁ ସ୍ଥାନତ୍ୟାଗ କଲେ ।

ଚାମଚାମାନଙ୍କ ପାଟି ତହଳ ବିକଳ ହେଲାଣି । ମାଂସ ତରକାରୀର ବାସ୍ନା ମନକୁ ଗ୍ରାସି ଆସିଲାଣି । ପଙ୍ଗତ ମଧ୍ୟ ଆରମ୍ଭ ହୋଇଗଲା । ପ୍ରତ୍ୟେକ ନିଜ ନିଜର ଆସନ ଦଖଲ କରି ବସିଲେ । କିନ୍ତୁ ଶଙ୍କରା ସେଠୁ ପୃଷ୍ଠଭଙ୍ଗ ଦେଲା ନିଜର ଅନୁଚରମାନଙ୍କ ସହ ।

ଡାକବଙ୍ଗଳା ଫାଟକ ଟପିଚିକି ନାହିଁ ଥାନାବାବୁ ଶଙ୍କରା ଆଡ଼କୁ ଚାହିଁ ନିର୍ଦ୍ଦେଶ ଦେଲେ, ଗାଡ଼ିରେ ବସ ।

ଶଙ୍କରା ବିସ୍ମିତ ହେଇ ପଚାରିଲା- କାହିଁକି ?



Digitized by PPRACHIN, SOA

ଥାନାବାବୁ ଉତ୍ତରଦେଲେ - ଆରେଷ୍ଟ ।

ଶଙ୍କରା କ୍ରୁଦ୍ଧ ଗଳାରେ ଜବାବ୍ ଦେଲା - ଶଙ୍କରା କ'ଣ ତେବେ ମରିଯାଇଚି ବୋଲି ଆପଣ ଭାବିଲେ ?

ଶଙ୍କରାର ଅନୁଚରମାନେ ଚିତ୍କାର କଲେ - ନାଁ ନାଁ ଶଙ୍କରା ଭାଇକି ଆମେ ଛାଡ଼ିବୁନି ।

ଥାନାବାବୁ ବିରକ୍ତ ହେଇ କହିଲେ - ଆବେ ଭୁଷୁଡ଼ିଆ, ପଶୁଟୁ ନା ଗାଡ଼ିରେ ଦେଖିବୁ ଏଇଛା ।

ଜମାଦାର ଠେଙ୍ଗୁଲି ବାଡ଼ିରେ ଶଙ୍କରାର ଅନୁଚରମାନଙ୍କୁ ଗୋଟେ ଗୋଟେ ପାହାର ଦେଇଛନ୍ତି କି ନାଇଁ, ସେମାନେ ଛତ୍ରଭଙ୍ଗ ଦେବାକୁ ବେଶୀ ଡେରି ଲାଗିଲାନି ।

ଗାଡ଼ି ଛାଡ଼ିବା ଆଗରୁ ଥାନାବାବୁ ଶଙ୍କରା କଥାକୁ ଦୋହରେଇଲେ- ଭୁଷୁଡ଼ିଆ କହୁଚି, ଶଙ୍କରା କ'ଣ ମରିଯାଇଛି ? ଆବେ ଶଙ୍କରା ମରି ଆଉ ଗୋଟାଏ ଶଙ୍କରା ଜନ୍ମ ନେଲାଣି ଯାକୁ ଏଯାଏ ଜଣାନାହିଁ । ମାମୁଘରେ ପୁଣି କିଛିଦିନ ରହି ଆସିଲେ ସବୁ ଠିକ୍ ଠିକ୍ ଜାଣିପାରିବୁ ଯେ !

ଗାଡ଼ି ଚଳିଥିବା ଭିତରେ ଶଙ୍କରା ନିଶ୍ଚୁପ୍ ହୋଇଯାଇଥିଲା । ସେ ଦେଖିପାରୁଥିଲା, ବାଙ୍କା କିପରି ମନଖୁସିରେ ମାଉଁସ ଗିଳୁଛି । ତା'ର ଚାମଚାମାନଙ୍କ ଆନନ୍ଦ ଉଲ୍ଲାସରେ ଡାକବଙ୍ଗଳା କିପରି ଫାଟି ପଡୁଛି । ▒▒



Digitized by PPRACHIN, SOA

# ସମାନ୍ତରାଳ

କୁବେର ସିଂ ବହୁକଷ୍ଟରେ ମେଟ୍ରିକ୍ ଫେଲ୍ ପର୍ଯ୍ୟନ୍ତ କସରତ୍ କରି ପୋଥିରେ ଡୋରି ବାନ୍ଧିବାକୁ ବାଧ ହେଲେ । ଏଣିକି ଗୋଟେ କିଛି ରାହା ଧରିବାକୁ ହେବ । କାରଣ ଆଉ ମେଟ୍ରିକ୍ ପରୀକ୍ଷା ଦେବାକୁ ସମ୍ବଳ ନାହିଁ, ଧୈର୍ଯ୍ୟନାହିଁ କି ସମୟ ବି ନାହିଁ । ଦୁନିଆଯାକର ବୋଝ ଆସି ପାହାଡ଼ ପରି ଲଦିହୋଇ ପଡ଼ିଲା କୁବେର ଉପରେ ।

ବୁଢ଼ା ବାପା, ରୋଗିଣା ମା' । ଜମିବାଡ଼ି ଯାହାକିଛି ସେ ସବୁର କାମ ବଢ଼ିଯାଇଛି । ସବୁ ଆଶା ଥିଲା ମେଟ୍ରିକ୍ ପରୀକ୍ଷା ଉପରେ । ଯେଉଁ ବିଷୟ ଗୁଡ଼ିକରେ ଫେଲ୍ ନମ୍ବର ମିଳିଲା, ସେମାନେ ଗୋଟିଏ ଜାନୁଆର ହେଇ ତା' ଆଗରେ ଉଭାହେଇ ଯାଉଛନ୍ତି । କହୁଛନ୍ତି- ଆବେ କୁବେର ! ଆମକୁ ଆଉ ଆୟତ କରିବାକୁ କାହିଁ ବୃଥା ଚେଷ୍ଟା କରିବୁ । ଆଉ ପାଦେ ଆଗେଇଲେ ଆମେ ତୋତେ ଘାଏଲ୍ କରିଦେବୁ ।

ସେତେବେଳେ ଆଜି କାଲିକା ପରି କପି କରିବା ବ୍ୟବସ୍ଥା ନଥିଲା କି ଉତ୍ତର ଖାତା ନେଇ ରାତିରେ ପାଳଗଦା ମୂଳେ କି କିଆ ଗୋହିରୀରେ ଉତ୍ତର ଲେଖି ଆଣି ରାତାରାତି ଖାତା ପଇଠ କରିବାର ସୁବନ୍ଦୋବସ୍ତ ନଥିଲା କିମ୍ବା ପ୍ରଶ୍ନପତ୍ର ଲିଥୁହୋଇ ଚୋରାରେ ବିକ୍ରି ହେଉନଥିଲା ।

ସ୍କୁଲ ପାଠ ପଢ଼ିବା ଭିତରେ ମଧ ଠିକା ଓସ୍ତାଦ କିଣୁ ମାଷ୍ଟ୍ରଙ୍କ ପାଖରେ ଗାଁର ଆଖଡ଼ା ଘରେ କୁବେର କିଛି ଗାଉଣା ବାଜଣା ଶିଖିଥିଲା । ହେଲେ ଗାଁ ଟୋକାଙ୍କ ମୁରବୀମାନେ ମାଷ୍ଟ୍ରଙ୍କୁ ଦରମା, ସିଧା ଦବାରେ ଯୋଉ ଉଦାରତା ଦେଖେଇଲେ, ମାଷ୍ଟ୍ରଙ୍କ କାର୍ଯ୍ୟକାଳ ଛ' ମାସରୁ ଅଧିକ ଟପିଲାନି । ସୁତରାଂ କିଣୁ ମାଷ୍ଟ୍ରେ ସିଦ୍ଧେଶ୍ୱରର ଗାଁ ପିଲାଙ୍କ ଅନୁରୋଧରେ ସେଠିକି ଚାଲିଗଲେ କୀର୍ତ୍ତନ ଶିଖେଇବାକୁ । ମେଟ୍ରିକ୍ ପରୀକ୍ଷା



Digitized by PPRACHIN, SOA

ପାଇଁ ଇଂରାଜୀ ସାଥୀ ବହିଟି ଶୁଆପରି କଣ୍ଠସ୍ଥ କରିବାକୁ ଚେଷ୍ଟାକରି ଯାହାତ ଫଳ ମିଳିଲା, ହେଲେ ରିଆଜ ଅଭାବରୁ କିଣୁ ମାଷ୍ଟଙ୍କଠାରୁ ଯାହାକିଛି ସଂଗୀତ ଶିଖିଥିଲା, ତାହା ମଧ ବାଟ ଚାଲୁ ଚାଲୁ ବାଟ ଭୁଲି ଦୋସରା ବାଟ ଯିବାପରି ହେଲା । କିଣୁ ମାଷ୍ଟ୍ରେ ଯଦି ଏବକୁ ଥାଆନ୍ତେ, ତେବେ ଆଉ ଛ'ମାସ ବର୍ଷେ ତାଙ୍କଠୁ ତାଲିମ ପାଇଥିଲେ କେଉଁଠି ଯାତ୍ରା ପାର୍ଟିରେ ହଉ ବା ଗାଁ ଗହଳିରେ ଓସ୍ତାଦି କରି ହେଉ ଅବଶ୍ୟ କିଛିଟା ଗୁଜୁରାଣ ମେଣ୍ଟାଇଥାନ୍ତା । ତା'ସାଙ୍ଗକୁ ଜଣେ ମଧମ ଧରଣର କଳାକାର ଭାବରେ ଖାତିରିଟା ମଧ ବଢ଼ିଥାନ୍ତା ।

ସେ ସବୁ କଥା ଛାଡ଼ । ଗହେ ଲୋକରେ ଜଣେ ହେବାପାଇଁ ଯୋଉ ସୁବିଧା ସୁଯୋଗ ଦରକାର, ତା'ର ତ ସେ ସବୁ ନାହିଁ । ସେଥିପାଇଁ ମଧ କୁବେର ମନରେ ଶୋଚନା ନାହିଁ । କିନ୍ତୁ କୌଳିକ ପେଷା କଥାଟା କ'ଣ ହେବ । ପିଲାଦିନେ ବାପା ତା'ର ତନ୍ତ ଚଳାଉଥିବା କଥା ସେ ଦେଖିଆସିଛି । ସେ ବିଷୟରେ କିଛିଟା ଧାରଣା ମଧ ତା'ମନ ଭିତରେ ଲାଖି ରହିଛି । ହେଲେ ସ୍ୱାଧୀନତା ମିଳିବା କଥା ଘୋଷଣା ହେବାପରେ ତାଙ୍କ ସାଇର ତନ୍ତ ସବୁ ଗୋଟିକ ପରେ ଗୋଟିଏ ବାଦୁଡ଼ି ପରି ସଙ୍ଗାରେ ଝୁଲିବାକୁ ଲାଗିଲେ । ଅତଏବ ଏହି ପରିସ୍ଥିତିରେ କୁବେର ସିଂର ବାପା ବାସୁ ସିଂ ମଧ ତାଙ୍କର ତନ୍ତଟିକୁ ବହୁଦିନ ହେବ ସଙ୍ଗାରେ ଝୁଲେଇଦେଇ ସାରିଛନ୍ତି । ଅତଏବ କୌଳିକ ବୃତ୍ତିଟି ଆବୋରି ନେବାପାଇଁ କୁବେର କୌଣସି ପ୍ରକାର ଭାର୍ଜନ ନୁହେଁ ।

ଅଧୁନା ତିନିଗୋଟି ପେଟପାଇଁ ଅନ୍ନ ସଂସ୍ଥାନ କରିବାକୁ କୁବେରବାବୁ ଯତ୍ର ତତ୍ର ଘୂରିବାକୁ ଲାଗିଲେ । ଏହି ଘୂରାଘୂରି ଭିତରେ ଏକ ଗାନ୍ଧୀବାଦୀ ଢାଞ୍ଚାର ସ୍କୁଲରେ ତାଙ୍କୁ ଜନୈକ ହିତାକାଂକ୍ଷୀ ନେଇ ପହଞ୍ଚେଇ ଦେଲେ । ସେ ସ୍କୁଲରେ କି ପିଲା, କି ମାଷ୍ଟ୍ରେ ସମସ୍ତେ ପାଠପଢ଼ା ସମୟ ବାଦ ଯାବତୀୟ ବଗିଚା କାମ, ଚାଷକାମ, ଗୋସେବା, ଧାନଉଁଷା, ଧାନକୁଟା, ସୂତାକଟା, ଇଟାଗଢ଼ା, ଘରଛପର, ପୋଖରୀ ଖୋଳା ଆଦି ସମସ୍ତ କାମରେ ଲିଙ୍ଗ ଓ ବୟସ ବିଚାର ନିର୍ବିଶେଷରେ କାମ କରିବାର ନିୟମ ଥିଲା । ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବରଂ ଏସବୁ କାମରେ ଦକ୍ଷତା ଥିଲା ଯୋଗ୍ୟତାର ପ୍ରକୃତ ମାପକାଠି । ହେଲେ କୁବେର ବାବୁ କି ଧରଣର କାମ ପାଇଁ ଫିଟ୍ ହେବେ ? କୋଉ ବିଷୟ ପଢ଼େଇବାରେ ତାଙ୍କର ଦକ୍ଷତା ଅଛି ଯେ ପଢ଼େଇବେ, ଯଦିଓ ଶିକ୍ଷକତା ପାଇଁ ମାଟ୍ରିକ୍ ଫେଲ୍ ଯୋଗ୍ୟତା ଆଦୌ ପ୍ରତିବନ୍ଧକ ନୁହେଁ ବୋଲି ବୁଝା ପଡ଼ିଥିଲା । ତେବେ ପାଠ ପଢ଼ାଇବା ବାବଦରେ କଷ୍ଟିଆ ବିଷୟକୁ ଛାଡ଼ିଦେଲେ କିଛି ହାଲ୍କା ବିଷୟ ପଢ଼େଇବା କାମ ସେ ହୁଏତ ଚଳେଇନେବ । କିନ୍ତୁ ସେଇଟା ତ ଏଠି



Digitized by PPRACHIN, SOA

ତାଙ୍କର ଯୋଗ୍ୟତାର ମୁଖ୍ୟ ମାପକାଠି ନୁହେଁ । ଅନ୍ୟପକ୍ଷରେ ଶାରୀରିକ ଶ୍ରମରେ ଯୋଗ ଦେବାପାଇଁ କୁବେର ବାବୁଙ୍କ ପରି ଛୋଟକାଟର କଳାକାର ଓ ଶ୍ରମକାତର ଲୋକ ଯେ ନିଶ୍ଚୟ ବେପସନ୍ଦ ଏକଥା ସ୍ପଷ୍ଟ ଥିଲା । ସୁତରାଂ ପରିଚ୍ଛଳକଙ୍କ ସହ ବୁଝାମଣା ଭିତ୍ତିରେ କୁବେର ସୂତାକଟା ଏବଂ ତନ୍ତ ଚଳେଇବା କାମ ଦେଖାଶୁଣା କରିବାର ଲଘୁ ଦାୟିତ୍ୱ ବରିନେଲେ । ଏହା ଅବଶ୍ୟ ତାଙ୍କର ଐତିହ୍ୟ ଦୃଷ୍ଟିରୁ ନୁହେଁ, ଏଠି ସୂତାକଟା ଓ ଲୁଗାବୁଣା କାମର ଯେ ଏକ ମର୍ଯ୍ୟାଦାପୂର୍ଣ୍ଣ ଅବସ୍ଥା ବା ଷ୍ଟାଟସ୍ ଥିଲା ହୁଏତ ସେଇ ଦୃଷ୍ଟିରୁ ।

ସ୍ୱାଧୀନତା ପ୍ରାପ୍ତି ପରେ ସଚ୍ଚା ଗାନ୍ଧୀବାଦୀମାନେ ରଚନାତ୍ମକ କାର୍ଯ୍ୟ ମାଧ୍ୟମରେ ଗାନ୍ଧୀଜୀଙ୍କ କଳ୍ପିତ ନୂଆ ସମାଜ ଗଠନ କାମରେ ଲାଗିପଡ଼ିଲେ । ସେମାନଙ୍କ ଭିତରେ ଭୂତନାଥ ବାବୁ ଥିଲେ ଅନ୍ୟତମ । ଏଇ ଆଶ୍ରମ ସ୍କୁଲଟି ଥିଲା ଗାନ୍ଧୀବାଦୀ ଭୂତନାଥଙ୍କ ପାଇଁ ମୌଳିକ ଶିକ୍ଷାର ଏକ ପ୍ରୟୋଗ କ୍ଷେତ୍ର । ତେଣୁ ଏହାର ମର୍ଯ୍ୟାଦା ଥିଲା ଅନ୍ୟ ଅନୁଷ୍ଠାନମାନଙ୍କଠାରୁ ବହୁ ଉଚ୍ଚରେ । ମନ୍ତ୍ରୀ, ଏମ୍.ଏଲ୍.ଏ., ଶିକ୍ଷାବିତ୍ ଓ ପଦସ୍ଥ ହାକିମମାନେ ଏଇ ଧରଣ ସ୍କୁଲକୁ ବିଶେଷକରି ଏହି ଆଶ୍ରମ ସ୍କୁଲକୁ ଢେର୍ ତାରିଫ୍ କରୁଥିଲେ ମଧ୍ୟ ଅପରିହାର୍ଯ୍ୟ କାରଣ ବଶତଃ ତାଙ୍କ ପିଲାଙ୍କୁ ପବ୍ଲିକ୍ ସ୍କୁଲ ନତୁବା ସାଧାରଣ ସ୍କୁଲରେ ପଢ଼ାଇବାକୁ ବାଧ୍ୟ ହେଉଥିଲେ । ଫଳରେ ଏଇ ଆଶ୍ରମ ସ୍କୁଲରେ ଦୂର ଦୂରାନ୍ତର ଆଦିବାସୀ ହରିଜନ ପିଲା, ଭୂଦାନିଆଙ୍କ ପିଲା ଏବଂ ଅଗତ୍ୟା ଅନ୍ୟ ସ୍କୁଲମାନଙ୍କରେ ପଢ଼ାଇପାରୁନଥିବା ସାଧାରଣ ଲୋକଙ୍କ ପିଲା ପଢ଼ିବାର ଦେଖାଯାଉଥିଲା ।

ଏହି ଆଶ୍ରମ ସ୍କୁଲରେ କୁବେର ବାବୁ ମାଷ୍ଟର ପଦବୀରେ ବାହେଲ୍ ହେଲେ ସତ ହେଲେ ଦରମା କିନ୍ତୁ ଲେଦୁ ଅର୍ଥାତ୍ ଖୋରାକ ପୋଷାକ ଛଡ଼ା କପର୍ଦ୍ଦକଟିଏ ମିଳିବାର ବ୍ୟବସ୍ଥା ନାହିଁ ।

ଏହାର କାରଣ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ସେ ସମୟରେ ଗାନ୍ଧିବାଦୀ ପରିଚ୍ଛଳକ ଭୂତନାଥ ବାବୁ ଏହାକୁ ଏକ ସ୍ୱାବଲମ୍ବୀ ଶିକ୍ଷାନୁଷ୍ଠାନ ଭାବରେ ଘୋଷଣା କରି ସରକାରୀ ଅନୁଦାନ ଗ୍ରହଣ କରିବାକୁ ନାସ୍ତି କରିଦେଇଥାନ୍ତି । ତା' ନହେଲେ ମାଟ୍ରିକ ଫେଲ୍ କୁବେର ସିଂ ମାଇନର ସ୍କୁଲରେ ମାଷ୍ଟର ହୁଅନ୍ତେ କିପରି ? ସୁତରାଂ ମାଗୁନା ମାଷ୍ଟରଗିରିରୁ କି ଫଳ ଫଳିବ ବିଚରା କୁବେର ପାଇଁ ! ତେଣୁ ବୁଢ଼ା ବାପା, ମା' ଉପାସିଆ ପେଟରେ କି ଆଶୀର୍ବାଦ ଯେ ବର୍ଷଣ କରୁଥିବେ ତାଙ୍କର ଏକମାତ୍ର ପୁଅ କୁବେରକୁ ।

ଏ ମୋଫତ୍ କାମ କୁବେର ସିଂକୁ ଅଧିକଦିନ ପୋଷେଇଲାନି । ହେଲେ ଲାଭ ଏତିକି ହେଲା, ଏଠି ରହିବାରୁ ଭୂଦାନିଆଙ୍କ ସହିତ କିଛିଟା ପରିଚୟ ହେଲା ।



Digitized by PPRACHIN, SOA

ଏଇ ସୂତ୍ରରେ ଭୂଦାନର ଜଣେ ବଡ଼ପଣ୍ଡାଙ୍କ ପିଛାଧରି କୁବେର ସିଂ ଚାଲିଲେ ଖଦୀ ଗ୍ରାମୋଦ୍ୟୋଗ କାମରେ ବାହେଲ ହେବାକୁ ।

ଖଦୀ କାମରେ ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ମିଳିଲା । ଇଏ ଏକରକମ ଅର୍ଦ୍ଧସରକାରୀ ସଂସ୍ଥା । କିଛି ଦରମା ମଧ୍ୟ ମିଳିଲା । ବୁଢ଼ା ବାପା ଓ ମା'ଙ୍କ ପେଟ ଆଉ ଓପାସରେ ଆଉଟି ପାଉଟି ହବନି । ଏଥିରେ ଖାତିରି ମଧ୍ୟ କିଛି କମ୍ ନୁହଁ । ଏଠି ମାଇନର ଫେଲ୍ ଲୋକ ବି ଅଛନ୍ତି । ସୁତରାଂ ମେଟ୍ରିକ ଫେଲ ଯୋଗ୍ୟତା ସାଙ୍ଗକୁ ନିଜର ସ୍ୱାଭାବିକ ମେଳାପି ଗୁଣ ଓ ଛୋଟକାଟର କଳାକାର ହିସାବରେ ଜନପ୍ରିୟତା ଯୋଗୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଉପରିସ୍ଥ କର୍ମକର୍ତ୍ତାଙ୍କର ନିକଟତମ ହେବାରେ ତାଙ୍କୁ ବେଶୀ ଡେରି ଲାଗିଲାନି । ଫଳରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇଉଠିଲେ କୁବେର ସିଂ ।

କରାଣ୍ଡିଆ ଗାଁର ପିଉସୀ ପୁଅ ଭାଇ ଭିକାରି ଯେଉଁଦିନ ଝାଳ ନାଳ ହୋଇ ମଳିଚିଆ ହାଫ୍ ସାର୍ଟଟିଏ ପିନ୍ଧି ବ୍ରହ୍ମପୁର ସହର ସାରା ଘୂରି ଘୂରି ଦିନ ଗୋଟାଏ ସମୟରେ ଆସି କୁବେର ବସାଠି ପହଞ୍ଚିଲା, ସେ କଥା ତା'ର ଆଜି ବି ମନରୁ ଲିଭିନି । ବୈଶାଖୀ ଝାଞ୍ଜି ଖରାର ତାଓ୍ୱାରେ ଏକରକମ ସିଝିଯାଇଥାଏ ପିଲାଟା । ଆଖିରୁ ଯେମିତି ନିଆଁ ବାହାରି ପଡୁଥାଏ । ସେ ଦିନଟା ଥାଏ ରବିବାର । ଖିଆପିଆ କରିବାକୁ ସ୍ୱାଭାବିକ ଭାବରେ କିଛିଟା ବିଳମ୍ବ ହୋଇଥାଏ । ଛୋଟକାଟର ମେସ୍‌ଟାଏ । ତା'ରି ଭିତରେ ଖୁସି, ଗୀତ ଗାଇବା, ହାର୍‌ମୋନିଅମ୍, ଡୁବି ବଜେଇବା ଓ ରୋଷେଇବାସ ଆଦି ସବୁ ଚାଲିଥାଏ । ହଠାତ୍ ଭିକାରିଙ୍କୁ ଏପରି ଏ ଅବସ୍ଥାରେ ଦେଖି ହତବମ୍ଭ ହୋଇପଡ଼ିଲା କୁବେର । ଘରୁ କ'ଣ କିଛି ଖବର ଆଣିଚି ନା କ'ଣ ? ବାପାଙ୍କର କି ମା'ଙ୍କର କ'ଣ କିଛି ଘଟିଲାକି ! ଏହିପରି ଅଜଣା ଆଶଙ୍କାରେ କୁବେର ମନ ଅସ୍ଥିର ହୋଇଉଠିଲା ।

ଭିକାରିର କଥାରେ କୁବେର ପ୍ରକୃତିସ୍ଥ ହେଲା- ଭାଇ ! ମୁନ୍ଦେ ପାଣି ଦିଅ ! ଭାରି ଶୋଷ ହେଉଚି ।

ଭିକାରିର ଝୋଲାମରା ଦେହକୁ ଦେଖି କୁବେରକୁ ବୁଝିବାକୁ ଆଉ ବେଶୀ ଡେରି ଲାଗିଲାନି । ସେ କହିଲେ- ରୋଷେଇ ତ ସରିଲାଣି । ଗଣ୍ଡେ ଖାଇଦେବୁ । ଖାଲି ପାଣି ପିଇବୁ କାହିଁ ?

ଆଗେ ପାଣି ମୁନ୍ଦେ ଦିଅ, ଭିକାରି ବିକଳ ହେଇ କହିଲା । ଗ୍ଲାସେ ପାଣି ଏକା ନିଃଶ୍ୱାସକେ ଉଦରସ୍ଥ କରି ଚଟାଣ ଉପରେ ଲମ୍ବିଗଲା ଭିକାରି । ବିଚରା ଭୋକର ନିଆଁରେ ଦାଉ ଦାଉ ଜଳୁଥିବା ପେଟ ଓ ଟାଆଁସିଆ ଖରାରେ ସିଝି ଯାଇଥିବା ଦେହକୁ କେତେବା



Digitized by PPRACHIN, SOA

ସମ୍ଭାଳନ୍ତା ପିଲାଟା ।

ସମସ୍ତଙ୍କ ପାଇଁ ପତ୍ର ପଡ଼ିଲା । ପଛରେ ଗଣ୍ଡେ ଅଧେ କିଏ କେମିତି ଖାଇଥାନ୍ତା, ସେଦିନ ତା' ଆଉ ହେଲାନାହିଁ । ଏସବୁ ଭିତରେ ଘରକଥା ପଚାରିବାକୁ କୁବେର ଭୁଲିଯାଇଥିଲା । ଖିଆପିଆ ସରିବାରୁ ଭିକାରିକୁ ଘରକଥା ପଚାରିଲା । ଭିକାରି ନିରୁତ୍ତର ହେଇ ଖାଲି କାନ୍ଦିବାକୁ ଲାଗିଲା ।

ବାପା କ'ଣ ଚାଲିଗଲେ । ନାଁ ମା'ର କ'ଣ ହେଲା । କୁବେର ମନର ଦିଗ୍‌ବଳୟରେ ଗୋଟାଏ ଝଡ଼ର କମ୍ପନ ଆରମ୍ଭ ହେଇଗଲା ।

ଭିକାରି କାନ୍ଦୁଚି । ପଚାରିଲେ କିଛି କହୁନି । ହ୍ୟାପ୍ ମଣିଷଟେ ନା ଢଙ୍ଗଲୀଟେ । ମାଇକିନିଆ ଝିଅପରି ସକଉଚି କାହିଁକି !

ବିରକ୍ତ ହେଇ କୁବେର କହିଲା- ଆବେ କ'ଣ କହୁନୁ ? ବାପାଙ୍କର ନା ବୋଉର କାର କ'ଣ ହେଇଚି କିଛି ନକହି ସକେଇଲେ ମୁଁ କ'ଣ ବୁଝିବି ?

ବାପା ମାସେ ହେଲାଣି ଚାଲିଗଲେ । ଘରର ଅବସ୍ଥା କହିଲେ ନସରେ । ଏତକ କହି ଭିକାରି କଇଁ କଇଁ ହେଲା ।

'ଆବେ ମୋ ବାପା ମାସେ ହେଲା ମଲାଣି । ଶଳେ ଆଜି ଆସି ଖବର କହୁଚ । ସେଥିପାଇଁ ଧକଉଚୁ ? ତମେ ସବୁ କ'ଣ ମଣିଷ ନା ପଶୁ ? ଶଳାକୁ ଗୋଟେ ନାତ ମାରିବି, ମାଟି କାମୁଡ଼ି ପକେଇବୁ ।' କୁବେର ଗୋଖର ସାପପରି ଫଁ ଫଁ ହେବାକୁ ଲାଗିଲା ।

- ନାଇଁ ଭାଇ ତୁମ ବାପା ନୁହେଁ, ମୋ ବାପାଙ୍କ କଥା କହୁଚି ।

- ଓଃ ହୋ ! ସେ କଥା କହୁନୁ । ହଇରେ ପିଇସା ଚାଲିଗଲେ । ମୋତେ କ'ଣ ଖବର ଦେଇଥିଲେ ମୁଁ ଶୁଦ୍ଧିକି ଯାଇନଥାନ୍ତି ।

- ତୁମେ କାହିଁ ଏତେ ବାଟ ଯାଇଥାନ୍ତ ଭାଇ । ଶୁଦ୍ଧି କାମସାରି ତୁମପାଖକୁ ଆସିବି ବୋଲି ଭାବିଥିଲି । ବାଟ ଖର୍ଚ୍ଚ ପାଇଁ ଟଙ୍କା କେଇଟା ଉଧାର ମିଳିଲାନି । ବହୁ କଷ୍ଟରେ ଯୋଗାଡ଼ କରି ଆସିଛି ।

କୁବେର ଟିକେ ଆଶ୍ୱସ୍ତ ହେଲା, ଖବରଟା ତା' ବାପାଙ୍କ ବିଷୟରେ ନୁହେଁ ଜାଣି । ଦୁଃଖ ଲାଗିଲା, ବିଚରା ଏତେ କମ୍ ବୟସରୁ ପିଲାଟାର ବାପା ମରିଗଲା । ମୂଲପାତି ଲାଗି ପିଲାଙ୍କୁ ପୋଷୁଥିଲା । ଏଇଟାତ ମାଇନର ଫେଲ୍ ହେଇ ଲଫଙ୍ଗାଙ୍କ ପରି ବୁଲୁଥିଲା । ଏବେ ବୟସ ଅଠର ଉଣେଇଶରୁ କମ୍ ହବନି । ବାପ ମରିଯିବାରୁ ପିଲାର ମୁଣ୍ଡକୁ ଅକଲ ଧରିଚି ।



Digitized by PPRACHIN, SOA

କୁବେର ସିଂର ପତିଆରାରେ ଭିକାରି ଗୋଟିଏ ଖଦୀ ଦୋକାନରେ ସେଲ୍ସମ୍ୟାନ ଚାକିରିଟିଏ ପାଇଲା । ଖୁବ୍ କମ୍ ଦିନ ଭିତରେ କାମର ଇଲମ ଟିକକ ହାସଲ କରିନେଲା । ବଡ଼ ଚାଲାଖ ପିଲାଟା ତ । କାମରେ ଯେମିତି ବୁଦ୍ଧି ବୃତ୍ତିରେ ସେମିତି । ଭିକାରି ସିଂ ଏଣିକି ପାହାଚ ପରେ ପାହାଚ ଚଢ଼ିବାକୁ ଲାଗିଲା । କିଛିଦିନ ପରେ ଗୋଟିଏ ଖଦୀ ଭଣ୍ଡାରର ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିଲା । କୁବେର ଭିକାରିର ପଦୋନ୍ନତି ଦେଖି ବିଶେଷ ଗର୍ବିତ । ଯା' ହେଉ ପିଲାଟା ଖୁବ୍ ପରିଶ୍ରମୀ । ଜୀବନରେ ନିଶ୍ଚୟ ଆଗେଇବ ।

କିନ୍ତୁ କୁବେର ସିଂ ଆଉ ଏଣିକି ଆଗଉନାହାନ୍ତି କାହିଁକି ? ତିନୋଟି ବର୍ଷ ଭିତରେ ସେ ଯେଉଁ ସୁନାମ ଅର୍ଜନ କରିଥିଲେ, ସେ କୁଆଡ଼େ ଗଲା ? ଏବେ ବ୍ରହ୍ମପୁର ସହରରେ ରହିବା ତାଙ୍କ ପକ୍ଷରେ ସମସ୍ୟା ହୋଇ ପଡ଼ିଲାଣି । ଏକ ପ୍ରେମ ଜନିତ ବ୍ୟାପାରରେ ଦୁର୍ନାମର ହାୱା ଘରିଆଡ଼େ ବ୍ୟାପୁଚି । କଳାକାର କୁବେର ସହିତ ଧନୀଘରର ଝିଅ ସୁମିତ୍ରା ଏକରକମ ଫସିଯାଇଛି । ଝିଅ ପକ୍ଷର ଲୋକ ସୁବିଧା ଦେଖି କୁବେରକୁ ଉତ୍ତମ ମଧ୍ୟମ ଦେବାକୁ ପ୍ରସ୍ତୁତ ହୋଇ ରହିଛନ୍ତି । ଏକଥା ଉଚ୍ଚ କର୍ତ୍ତୃପକ୍ଷଙ୍କ କାନକୁ ବି ଗଲାଣି । ସୁମିତ୍ରା କୁବେରକୁ ଜୀବନସାଥୀ ଭାବରେ ବରିନେବାକୁ ଚାହିଁବାରୁ ପରିବାର ଭିତରେ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେଉଛି । ତେଣୁ ଏ ସମ୍ବନ୍ଧର ସେତୁଟି ଯେ ଅଚିରେ ଭୁଷୁଡ଼ି ପଡ଼ିବ, ଏଇ ଆଶଙ୍କା ଓ ତତ୍‌ଜନିତ ବିପଦର ସୂଚନା ତା'ର ସ୍ଥିତି ପାଇଁ ସଙ୍କଟ ସୃଷ୍ଟି କରିଛି । ଗୋଟାଏ ପ୍ରକାଣ୍ଡ ଝଡ଼ ଭିତରେ ତା'ର ଜୀବନ ତରୀଟି ଦୋହଲିବାରେ ଲାଗିଚି ।

ଦିନେ ସକାଳର ସୂର୍ଯ୍ୟ ଉଠିବାର ଅନେକ ଆଗରୁ କୁବେର ତା'ର ପ୍ରିୟ ବ୍ରହ୍ମପୁର ସହରଠାରୁ ବିଦାୟ ନେଇ ଚାଲିଆସିଲା । ଇସ୍ତଫା ପତ୍ର ସହ ତା'କାର୍ଯ୍ୟର ସମସ୍ତ ଦାୟିତ୍ୱ ତା' ପୂର୍ବଦିନ ତାକୁ ବୁଝେଇବାକୁ ପଡ଼ିଥିଲା । ବିଚାରୀ ସୁମିତ୍ରାର ଅଜସ୍ର ଅଭୁଲା ସ୍ମୃତି ତା' ମାନସପଟ୍ଟରେ ସବୁଜ ବନଘେରା ଥାକ ଥାକ ପାହାଡ଼ ପରି ଜୀବନ୍ତ ହୋଇ ଲାଖି ରହିଗଲା । ହେଲେ ଧନୀଘର ଝିଅ ସୁମିତ୍ରା ! ଜଣେ ଦରିଦ୍ର ଅପାଙ୍‌କ୍ତେୟ ଲୋକକୁ ଜୀବନସାଥୀ ରୂପେ ଗ୍ରହଣ କରିବା ପରିବାରର ବୁନିଆଦି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା କ'ଣ ସମ୍ଭବ ? ପ୍ରକୃତରେ ଧନୀ ହିଁ ଧନୀ । ଗରିବ ହିଁ ଗରିବ । ଏଇ ସିଦ୍ଧାନ୍ତ ତାକୁ ବ୍ରହ୍ମପୁର ସହରରୁ ଓ ନିଜର ଜୀବନ ଜୀବିକାରୁ ଠେଲିପେଲି ବାହାର କରିଦେଲା । ସୁମିତ୍ରାକୁ କ'ଣ ସେ ସତରେ ଭୁଲିପାରିବ ? ହଁ ହଁ ସେ ତାକୁ ଭୁଲିବାକୁ ଚେଷ୍ଟା କରିବ । କାରଣ ସୁମିତ୍ରା ପରି ଶିକ୍ଷିତା ଝିଅଟେ ଚାହିଁଥିଲେ ତା' ସିଦ୍ଧାନ୍ତରେ ଅବଶ୍ୟ ଅଟଳ ରହି ପାରିଥାନ୍ତା କିନ୍ତୁ ସେ ପାରିଲାନି । ସୁମିତ୍ରା ପ୍ରତି ସମବେଦନାର ବାସ୍ନାରେ ମହକି ଉଠୁଥିବା ତା'ର ମନଟା ଦୁର୍ଗନ୍ଧରେ ଭରପୂର ହୋଇଗଲା ।



Digitized by PPRACHIN, SOA

ଏ ଦୁଃଖର କାହାଣୀ ବୁଢ଼ା ବାପା ଓ ଶଯ୍ୟାଶାୟୀ ମା'କୁ କହିବାରୁ କୌଣସି ଆବଶ୍ୟକତା ନଥିଲା । ବୁଢ଼ୀ ଚାଲିଯିବା ପୂର୍ବରୁ କୁବେରର ହସ୍ତଗଣ୍ଠି ଦେଖିବାକୁ ଯେପରି ଅପେକ୍ଷାକରି ରହିଥିଲା । କୁବେର ଶତ ଅନିଚ୍ଛା ସତ୍ତ୍ୱେ ତା'ର ବାପା ସେଇ ଗାଁର ଗୋଟିଏ ଗରିବ ପରିବାରର ଝିଅ ନୟନି ସହିତ ତା'ର ବା' ଘର କରିଦେଲେ । ଚାକିରି ଛାଡ଼ିବା କଥା କୁବେର କାହାକୁ ଜଣେଇ ନଥାଏ । ପୁଣି କିଛି ଗୋଟେ କାମ ଧରିବାକୁ ଚାରିଆଡ଼େ ଘୁରୁଥାଏ । ଦିନେ ଘୂରୁ ଘୂରୁ ତା'ର ଚାକିରି ଭିତରେ କିଣା ହରକୁଲେସ୍ ସାଇକେଲ୍‌ଟି ପୁରୁଣା ଗୁଳାରେ ଗଡ଼ି ଗଡ଼ି ସେଇ ଆଶ୍ରମ ସ୍କୁଲରେ ପହଞ୍ଚିଲା । ପରିଚାଳକ ଭୂତନାଥ ବାବୁଙ୍କ ସହ ବହୁ ଆଳାପ ହେଲା । କୁବେର ଚାକିରି ଛାଡ଼ି ଦେଇଛି ବୋଲି ତା'ଠାରୁ ଶୁଣିଲେ ଓ ସମବେଦନା ଜ୍ଞାପନ କଲେ । କୁବେର ବୁଝିଲା ଯେ, ସ୍କୁଲ ଏବକୁ ସରକାରୀ ଗ୍ରାଣ୍ଟ୍ ପ୍ରତିବର୍ଷ ଆଣୁଛି । କାରଣ ସମସ୍ତ ପୁରୁଖା ଅବୈତନିକ ଶିକ୍ଷକ ସ୍କୁଲ ଛାଡ଼ିଦେଇଛନ୍ତି । ସ୍କୁଲକୁ ବଞ୍ଚେଇବା ପାଇଁ ସରକାରୀ ଗ୍ରାଣ୍ଟ୍ ନହେଲେ କେମିତି ଚଳିବ ।

ପରିଚାଳକ ଭୂତନାଥ ବାବୁ ସ୍କୁଲର ବିଭିନ୍ନ କାମ ଦାମ ଚାରିଆଡ଼େ ବୁଲି ତଦାରଖ କରୁଥିବା ସମୟରେ କୁବେରର ତାଙ୍କ ସହ ଚାଲୁ ଚାଲୁ ଆଳାପ ଚାଲିଥାଏ । ସ୍କୁଲର ସେଇ ଚାଳ, ଖପରଲି ଘର, ଆମ୍ବ ପିଜୁଳି ବଗିଚାର ଛାୟା ଶୀତଳ ପରିବେଶ, ଧାଡ଼ି ଧାଡ଼ି ଗୋଲାପ ଗଛ ସବୁ ସେମିତି ଅଛି । ହେଲେ ସେ ଦିନର ସେ କର୍ମମୁଖର ଚଳଚଞ୍ଚଳ ଜୀବନ ପ୍ରବାହ ଆଉ ନାହିଁ । ପ୍ରାଣ ସତ୍ତାଟି କେଉଁଠି ଯେପରି ହଜିଯାଇଚି । ଅଳ୍ପ କେତେଜଣ ଶିକ୍ଷକ, ପିଲା ଯାହା ଖାଲି ଆତଯାତ ହେଉଥାନ୍ତି ।

କୁବେର ସହିତ ଆଲୋଚନା ପରେ ପରିଚାଳକ ତାଙ୍କୁ ଶୁଣେଇଦେଲେ- ତୁମେ ଏଇଠି ରୁହ । ମାଷ୍ଟ୍ର ଭାବରେ କାମ କଲେବି, ତୁମ ନାଁ କାଗଜପତ୍ରରେ ରହିବନି । କାରଣ ଆମେ ଗ୍ରାଣ୍ଟ୍ ଆଣୁଥିବାରୁ ସରକାରଙ୍କ ଚାହିଦା ମୁତାବକ କେତେଜଣ ନିକମା ଲୋକଙ୍କ ଦସ୍ତଖତ କରି ରଖୁଚୁ । ଆଉ କେତେଜଣ ଖାସ୍ ଏଠି ଅଛନ୍ତି । ତୁମେ ତାଙ୍କ ସହିତ ମିଶି କାମ କରିବ । ଏବେ ଏଠି ଆଉ ସୂତାକଟା ଲୁଗାବୁଣା ନାହିଁ । ତୁମେ ତ ଆଉ କୋଉ କାମକୁ ଫିଟ୍ ନୁହଁ । ତେବେ ଯାହା ଯେମିତି ପାରିବ ପିଲାଙ୍କୁ ସ୍କୁଲ ସମୟରେ ପଢ଼େଇବ । ତା'ଛଡ଼ା ହଷ୍ଟେଲ୍ ଦାୟିତ୍ୱ ପୂରା ତୁଲେଇବ । ତମକୁ କିଛି ଦରମା ମଧ୍ୟ ଦିଆଯିବ । ତୁମପରି ଅଭିଜ୍ଞ ଶିକ୍ଷକ କିଛି ନରହିଲେ ସ୍କୁଲ କେମିତି ଚାଲିବ । ଅନ୍ୟମାନେ ତ ଅନେକ ଛାଡ଼ି ଚାଲିଗଲେଣି । ପିଲାମାନେ ତ ଗୋଟିଏ ଗୋଟିଏ ଚାଲିଯାଉଛନ୍ତି । କାଗଜ ପତ୍ରରେ ଅଧିକ ଶିକ୍ଷକ ଦେଖଉଥିବାରୁ ତୁମମାନଙ୍କୁ ସେହି ବଳକା ପଇସାରୁ ଯାହାକିଛି ଦେଇହେବ ସିନା ।



Digitized by PPRACHIN, SOA

କୁବେର ସିଂ ସଂକ୍ଷେପରେ ସବୁ ବୁଝିଗଲେ । ତାଙ୍କ ମନକୁ କଥାଟା ପାଉ ବା ନପାଉ, ହେଲେ ଅନ୍ନ ସଂସ୍ଥାନ ମିଳିଗଲା । ତା'ପରେ ଦେଖାଯିବ । ଏଣିକି ପ୍ରତି ହାଟ ପାଳିକେ ତେଲ, ଲୁଣ, ଡାଲି ଓଗେର ସଉଦା କିଣିବାକୁ ହରକୁଲେସ୍ ଗାଡ଼ିରେ ପେଡ଼ଲ ମାରି ଚାଲିଲେ ହାଟକୁ । ପାଠପଢ଼ା ପରେ ମେସ୍ କଥା ବୁଝିବା ଓ ସମୟ ମିଳିଲେ ଘଣ୍ଟେ ଦି'ଘଣ୍ଟା ମେଟ୍ରିକ୍ ବହି ଘଣ୍ଟା ଚକଟା କରିବାକୁ ମଧ୍ୟ ସେ ପଛେଇଲେ ନାହିଁ । କାରଣ ପୁରୁଣା ମି.ଇ. ସ୍କୁଲ ସାଙ୍ଗକୁ ହାଇସ୍କୁଲଟିଏ ମଧ୍ୟ ଗଢ଼ି ଉଠିଥାଏ । ଏଣିକି ପୋଖତ ବୟସରେ ସେଦିନର ଭୟଙ୍କର ବିଷୟଗୁଡ଼ାକ ଧୀରେ ଧୀରେ କୁବେର ପାଖରେ ମଥା ନୋଇଁଦେଲେ । କୁବେର ଘରୋଇ ଭାବରେ ୨ୟ ଶ୍ରେଣୀରେ ସେଇ ଦୁର୍ଭେଦ୍ୟ ଗିରି ସଙ୍କଟକୁ ଅଚିରେ ଅତିକ୍ରମ କରିଗଲା । ଏଥର ଜଣେ ଶିକ୍ଷକଙ୍କ ପଳାୟନ ପରେ ମାଷ୍ଟ୍ର ଭାବରେ କାଗଜପତ୍ରରେ ତା' ନାଁ ଦରଜ ହେଲା । ଦରମାରେ ସେଇ କାରଣରୁ କିଛିଟା ଅଭିବୃଦ୍ଧି ଘଟିଲା । କିନ୍ତୁ ତାହା ଥିଲା ସରକାରୀ ହାରଠାରୁ ଢେର୍ କମ୍ ।

ଦୁଇଟି ବର୍ଷ ଭିତରେ ବୁଢ଼ାବୁଢ଼ୀ ଆଗପଛ ହୋଇ ଚାଲିଗଲେ । ଅନ୍ୟ ପକ୍ଷରେ ଆଉ ଏକ ନୂଆ ଅତିଥି ନୁଆଣିଆ ଚାଳଘରଟିରେ ପାଦ ଦେଲା । ଦୁଃଖର ଅନ୍ଧାର ଭିତରେ ଆଶାର ବତୀଟିଏ ଜଳିଉଠିଲା । ସେ ହେଉଛି ବଡ଼ପୁଅ ସୁକାନ୍ତ । ତା'ର ବର୍ଷକ ପରେ ଝିଅଟିଏ । ପୁଣି ଦୁଇବର୍ଷ ପରେ ଆଉ ଗୋଟିଏ ପୁଅ । ବା'ଘରର ୫ ବର୍ଷ ଭିତରେ ତିନୋଟି ଶିଶୁ କୁବେରର ପିତୃତ୍ୱ ପାଖରେ ନିଜର ଅଧିକାର ଜାହିର କରି ବସିଲେ ।

ପିଲାମାନଙ୍କ ଦେହପା, ଭଲମନ୍ଦ ଖବର ବୁଝିବାକୁ ଘରକୁ ବାରବାର ଯିବାକୁ ପଡ଼ିଲା । ପରିଚାଳକ ଭୂତନାଥ ଅସନ୍ତୁଷ୍ଟ ହେଲେ । କାରଣ ଏହା ଆବାସିକ ବିଦ୍ୟାଳୟ । ଆଶ୍ରମର ଆଦର୍ଶ ଜୀବନ, କାର୍ଯ୍ୟକ୍ରମର ଧାରାବାହିକତାରେ ବାଧା ଆସିବ ଘରକୁ ଦୌଡ଼ିଲେ । ଏଠି ରବିବାର, ଛୁଟିଫୁଟି ନାନାଦି ଫେର ଚଳିବନି । ଏହା ଆଶ୍ରମର ନିୟମ ବିରୁଦ୍ଧ ।

ଆଶ୍ରମ ସ୍କୁଲଟିରେ କୁବେରଙ୍କ ପରି ଦୁର୍ବଳ ଲୋକ କଠିନ ପରିଶ୍ରମ ସାଙ୍ଗକୁ ଦରମା ନାମରେ ଯାହାକିଛି ପାଉଥାନ୍ତି, ସେଥିରେ ତାଙ୍କର ବର୍ଦ୍ଧିଷ୍ଣୁ ପରିବାର ପାଇଁ କେବଳ ଖୋରାକ ଗଣ୍ଡାକ ଦେଇ ଯେନତେନ ଚଳେଇବା ଛଡ଼ା ଆଉ ବା କ'ଣ କରାଯାଇପାରନ୍ତା । ଏଣିକି ଆଶ୍ରମ ସ୍କୁଲର ଆଦର୍ଶ ତାଙ୍କପାଇଁ ଦିନକୁ ଦିନ ଅରୁଚିକର ହେଲା । ପ୍ରାର୍ଥନା, ଗୀତାପାଠ, ସଫେଇ ଭିତରେ ନିଜ ସ୍ତ୍ରୀ ନୟନିର ମଳିନ ମୁଖ, ପୁଅ ଝିଅଙ୍କର ଗେମଣା ପେଟ ଓ ନୁଖୁରା ମୁଣ୍ଡ ତାଙ୍କ ହୃଦୟକୁ କୋରି ପକେଇଲା । ତାଙ୍କର ଆଉ ସ୍କୁଲ କାମରେ ମନ ଲାଗୁନଥାଏ । ଗାନ୍ଧିବାଦୀ ପରିଚାଳକ ଭୂତନାଥଙ୍କ ଆଦର୍ଶ ପ୍ରବଚନ ଶୁଣି ତାଙ୍କର ଆମ୍ବିଳା ହାକୁଡ଼ି ଉଠୁଥାଏ ।



Digitized by PPRACHIN, SOA

ଫି' ହାଟ ପାଳିକି ମେସ୍ ସଉଦା କରିବାକୁ ହାଟକୁ ଯାଇ ଯାଇ ସେଠାକାର ଜଣେ କଣ୍ଟ୍ରାକ୍ଟର ଲକ୍ଷ୍ମୀକାନ୍ତ ବାବୁଙ୍କ ସହ କୁବେରର ପରିଚୟ ହୁଏ । ତାଙ୍କର ଦୈନ୍ୟର କାହାଣୀ ଶୁଣି, ତାଙ୍କୁ କିଛି ଅଧିକ ବେତନରେ ସୁପରଭାଇଜର ଭାବରେ ନିଯୁକ୍ତି ଦେବାକୁ ଲକ୍ଷ୍ମୀକାନ୍ତ ପ୍ରତିଶ୍ରୁତି ଦେଲେ । ତଦନୁଯାୟୀ କୁବେରବାବୁ ଜୀବନର ଅନ୍ତରଙ୍ଗ ମୁହୂର୍ତ୍ତଗୁଡ଼ିକ ବିତେଇଥିବା ସୁଖ ଦୁଃଖର ସ୍ମୃତିରେ ବିଜଡ଼ିତ ସେଇ ପ୍ରିୟ ସ୍କୁଲର ମାଟିକୁ ଦ୍ୱିତୀୟବାର ଛାଡ଼ି ଇସ୍ତଫା ପତ୍ର ଦାଖଲ ପୂର୍ବକ ପ୍ରସ୍ଥାନ କଲେ ।

ଏଣିକି ଲକ୍ଷ୍ମୀକାନ୍ତଙ୍କ କଣ୍ଟ୍ରାକ୍ଟ କାମରେ ଆଜି ପଟ୍ଟାମୁଣ୍ଡାଇ ତ କାଲି ମାର୍ଶାଘାଇ, ତା'ପରଦିନ ଇନ୍ଦୁପୁର ତ କୋଉଦିନ ନିଷ୍ଠିନ୍ତ କୋଇଲି ଏହିପରି ଦିନ ତମାମ୍ ନିଜର ଏକମାତ୍ର ସାଥୀ ହରକୁଲେସ୍‌ଟି ଧରି ଦୌଡ଼ିବାକୁ ପଡ଼ିଲା । ପ୍ରାୟ ୬ ମାସ ପର୍ଯ୍ୟନ୍ତ କୁବେରବାବୁ ଅକ୍ଳାନ୍ତ ପରିଶ୍ରମ କଲେ ଅଧିକ କିଛି ଟଙ୍କା ଲୋଭରେ । ତା'ପରେ ଦୀର୍ଘ ମାସେକାଳ ଜରରେ ପଡ଼ିରହିଲେ । ଜର ଛାଡ଼ିବାକୁ ଲକ୍ଷ୍ମୀକାନ୍ତଙ୍କ ପାଖକୁ ଆଉ ଫେରିପାରିଲେନି । ଲକ୍ଷ୍ମୀକାନ୍ତ ଯେତେ ଖବର ଦେଲେ କୁବେର ନୀରବ ରହିଲେ । ଆଶ୍ରମ ସ୍କୁଲକୁ ଆଉ ତୃତୀୟବାର ଫେରିବାକୁ ସେ ଚାହିଁଲେ ନାହିଁ । ଚାରିଆଡ଼େ ତାଙ୍କୁ ଶୂନ୍ୟ ଦିଶିଲା । ପାଞ୍ଚପ୍ରାଣୀ କୁଟୁମ୍ବର ବୋଝ ମୁଣ୍ଡେଇ ସେ କେଉଁ ନଦୀର ଗଣ୍ଡରେ ଯେପରି ତଳକୁ ତଳକୁ ବୁଡ଼ିଯାଉଛନ୍ତି । ବିଚରା ନୟନି ଢୋକେ ଖାଇ ଦଣ୍ଡେ ଜାଇଁ ପିଲାଗୁଡ଼ାଙ୍କୁ ବଞ୍ଚେଇ ଆଣିଚି । ତା'ଆଖିରେ ଲୁହ ଦେଖିଲେ ସେ ନିଜକୁ ସମ୍ଭାଳି ପାରିବେତ ?

ଗାଁଠୁ ପ୍ରାୟ ଦଶ କି.ମି. ଦୂରରେ ନୂଆ ମାଇନର ସ୍କୁଲଟିଏ ଖୋଲିଥାଏ । ମଞ୍ଜୁରୀ ପାଇ ସାରିଥାଏ । ତୃତୀୟ ଶିକ୍ଷକ ଜଣେ ଦରକାର । ସହରଠୁ ମାତ୍ର ୩ କି.ମି. ଦୂର । ସେଠି ଚାନ୍ସ ମିଳିଲେ ଦରମା ଯାହା ମିଳୁ ସହରରେ ରହି ଟ୍ୟୁସନ୍ କରିହେବ । ସୁତରାଂ ସେଠିକି ପ୍ରତିଦିନ ସକାଳୁ ଉଠି ସାଇକେଲରେ ପେଡ଼ାଲ ମାରିଲେ କୁବେର ସିଂ । ବିଭିନ୍ନ ଲୋକଙ୍କୁ ଅନୁନୟ ବିନୟ କରି ସେକ୍ରେଟେରୀଙ୍କୁ ବିନା ଆର୍ଥିକ ପାରିତୋଷରେ ମଙ୍ଗେଇବାକୁ ତାଙ୍କୁ ଏକରକମ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାକୁ ପଡ଼ିଛି । ଯା'ହେଉ କଥାଟା ରଫା ହୋଇଯାଇଛି । ଅଧୁନା ସାମାନ୍ୟ କିଛି ବେତନ ପାଇ ରହିବାକୁ ହେବ । ସ୍କୁଲ ଗ୍ରାଣ୍ଟ ପାଇଲେ ଯାଇ ପୂରା ଦରମା ପାଇବେ । ଏଣୁ ସ୍କୁଲର ନିକଟବର୍ତ୍ତୀ ସହରକୁ ପିଲାଛୁଆ ଧରି ଆସିବାକୁ ପଡ଼ିଛି କୁବେରକୁ । ଏଠୁ ପ୍ରତିଦିନ ସ୍କୁଲକୁ ଯାଇ ମାଷ୍ଟରି କରି ଓ ସନ୍ଧ୍ୟାରେ ଟ୍ୟୁସନ୍ କରି କୌଣସି ପ୍ରକାର ଘରଖର୍ଚ୍ଚ ଓ ପିଲାଙ୍କ ପଢ଼ାଖର୍ଚ୍ଚ ସେ ଚଳେଇ ନେଉଛନ୍ତି ।



Digitized by PPRACHIN, SOA

ଯା' ଭିତରେ ଏଇ ମାଇନର ସ୍କୁଲଟିରେ ଦୀର୍ଘ ସତରଟି ବର୍ଷ ବିତିଗଲାଣି । କୁବେର ଘରୋଇ ଭାବରେ ବି.ଏ. ପାଶ୍ କରିସାରିଲେଣି । ଜଣେ ଲେଖକ ମଧ୍ୟ ବନି ଯାଇଛନ୍ତି । ତା'ଛଡ଼ା ଜଣେ ସମାଜସେବୀ ହିସାବରେ ତାଙ୍କ ନାଁର ମଧ୍ୟ କିଛିଟା ଦାମ ଅଛି ଏଠି । ତାଙ୍କର ବଡ଼ପୁଅ ସୁକାନ୍ତ ଦୁଇଥର ଆଇ.ଏ. ଫେଲ୍ ହୋଇ ୩ୟ ଥରେ ପାଶ୍ କରି ୨ବର୍ଷ ହେବ ବେକାର ହୋଇ ବସିଛି । ଝିଅ ମେଟ୍ରିକ ପାଶ କରି ସିଲେଇ ଶିଖୁଛି । ତା'ପାଇଁ ବରପାତ୍ରଟିଏ ଦରକାର । ସାନପୁଅ ମେଟ୍ରିକ୍ ପରୀକ୍ଷା ଦେବ । ଏସବୁ ସମସ୍ୟାରେ କୁବେର ଭାଙ୍ଗି ପଡ଼ିନି । ସର୍ବଦା ଯୁବକ ସୁଲଭ ହସ ହସ ମୁଖ । ଦାରିଦ୍ର୍ୟର ଚିହ୍ନ ତାଙ୍କ ମୁହଁରୁ ମୋଟେ ପଢ଼ିବା ସମ୍ଭବ ନୁହେଁ । ବେଳେ ବେଳେ ତାଙ୍କୁ ହସ ଲାଗେ, ବାପା କ'ଣ ତନ୍ତ୍ରୀ ଥିଲେ ବୋଲି ତାଙ୍କ ନାଁ କୁବେର ଦେଇଥିଲେ । ଘରର ଅଭାବ ଅସୁବିଧା କଥା ପଡ଼ିଲେ ଏବେ ସୁଦ୍ଧା ତାଙ୍କର ସାଙ୍ଗମାନ କହନ୍ତି- 'ତୁମେ ତ ଧନପତି ! ତୁମର ପୁଣି ଅଭାବ କ'ଣ ?' କୁବେରଙ୍କୁ ଏଇକଥା ପଦକ ବର୍ଛା ଭଳି ବିଦ୍ଧ କଲେ ମଧ୍ୟ ସେ ହସିବାରେ ଆଦୌ କାର୍ପଣ୍ୟ ଦେଖାଏନି ।

ସେଦିନ ଟେଲିଗ୍ରାମ୍ ଆସିଥିଲା କୋରାପୁଟର ଜୟପୁରରୁ । ଭିକାରି ଜଣେଇଛି ତୁରନ୍ତ ଯିବାକୁ, ଏତେ ଦିନ ତା'ର ମନେପଡ଼ିଲା । କାହିଁ କେବେତ ଚିଠି ଖଣ୍ଡେ ଦିଏନି । କେମିତି ଅଛି କେଜାଣି । ଭଲରେ ଥିବ ନିଶ୍ଚୟ । ହେଲେ ଟେଲିଗ୍ରାମ୍ କଲା କାହିଁକି ? କିଛି ତ କାରଣ ଜଣେଇନି । ଶହେଟି ଟଙ୍କା ଉଦ୍ଧାର କରି କୁବେର ଚାଲିଲା ଜୟପୁର ଅଭିମୁଖରେ । ଏବେ ସେ ବୋଧେ ଗଞ୍ଜାମରେ ନାହିଁ । କୋରାପୁଟରେ କାମ କରୁଛି ।

ବୈଶାଖର ସେହିପରି ଏକ ଖଇଫୁଟା ଖରାବେଳ । ଦେହ ହାତ ପୋଡ଼ି ଯାଉଛି । ଅଗ୍ନି ବର୍ଷୁଚି ଯେପରି । ଗାମୁଛାଟି ଓଦାକରି ମୁଣ୍ଡରେ ପକେଇ ସେ ଜୟପୁର ଭିତରେ ଚାଲିଛି । କାହାକୁ ପଚାରିବ ଭିକାରି ବିଷୟରେ ? ଭାବୁଛି କୌଣସି ଖଦୀ ଭଣ୍ଡାରକୁ ଗଲେ ହୁଏତ ଠିକଣାଟା ମିଳିପାରିବ । ଖଦୀ ଭଣ୍ଡାର କୋଉଠି ବୋଲି ଜଣେ ଧୋବଧାଉଳିଆ ଲୋକକୁ ପଚାରିଲା କୁବେର । ଲୋକଟି କହିଲା- 'ଏବେ ବନ୍ଦ ହୋଇଯାଇଥିବ । ପୁଣି ୪ଟା କି ୫ଟାକୁ ଖୋଲିବ । କାହାକୁ ଖୋଜୁଚ କହୁନା ।' ମୁଁ ଭିକାରି ସିଂକୁ ଖୋଜୁଚି, କୁବେର ସଂଭ୍ରମରେ କହିଲା ।

ଲୋକଟି ଅତି ହାଲ୍କା ଭାବରେ ଉତ୍ତର ଦେଲା- ମିଃ. ଭିକାରି ସିଂ ! ସେ କଥା କହୁନା । ଭିକାରି ବାବୁଙ୍କ ନାଁ କହିଲେ ଏଠି ଯେ କେହି ଲୋକ ତାଙ୍କ ଘର ଦେଖାଇଦେବ । ଏଇ ଦେଖ ଏଇ ଡାହାଣ ପଟ ରାସ୍ତାରେ ଅଳ୍ପ କିଛି ବାଟ ଗଲେ ବାଁ ପଟରେ ଯେଉଁ ବଡ଼ ଦି'ମହଲା କୋଠାଟି ପଡ଼ିବ ସେଇଟା ତାଙ୍କ ଘର । ସେଥିରେ ଲେଖା ହେଇଚି- ବାସନ୍ତୀ ଭବନ ।



Digitized by PPRACHIN, SOA

କୁବେର ଦେହରୁ ଝାଳ ଗମ୍ ଗମ୍ ବହିଗଲା । ସେ ଭାବୁଥିଲା ଇଏ କ'ଣ ସତରେ ସେଇ ଭିକାରି ସିଂ ନାଁ ଆଉ କିଏ, ଯିଏକି ଦିନେ ଏହିପରି ଏକ ସୂର୍ଯ୍ୟ ଦଗ୍ଧ ମଧ୍ୟାହ୍ନରେ ଉହଳ ବିକଳ ହେଇ ତା'ପାଖରେ ଅନ୍ନ ସଂସ୍ଥାନ ପାଇଁ ପ୍ରାର୍ଥୀ ହୋଇଥିଲା ? ଏହିପରି ଭାବି ଭାବି ଚାଲିଥିବା ସମୟରେ ତା'ର ଆଖି ଦି'ଟା ବାସନ୍ତୀ ଭବନ ଲେଖାଯାଇଥିବା ଦ୍ୱିତଳ ପ୍ରାସାଦ ଉପରେ ଅଟକିଗଲା । ଧୀରେ ଫାଟକଟି ଖୋଲି ସେ ଆଗେଇଗଲା । ଦରଜାରେ କଲିଂ ବେଲ୍ ଟିପିଲା । ଜଣେ ସୁଶ୍ରୀ ପ୍ରୌଢ଼ା ଆସି ପଚାରିଲେ, 'କାହାକୁ ଖୋଜୁଛନ୍ତି ?'

'ଭିକାରି ଅଛି ?' ଅଙ୍ଗ ଥଙ୍ଗ ଗଳାରେ କୁବେର ପଚାରିଲା ।

'ସେ ଗସ୍ତରେ ଯାଇଛନ୍ତି । ସନ୍ଧ୍ୟା ସୁଦ୍ଧା ଫେରିବେ । ଆପଣ କୋଉଠୁ ଆସିଛନ୍ତି ?'

'ଆଳିରୁ । ମୋ ନାଁ କୁବେର ସିଂ ।'

ମହିଳା ଜଣକ ପ୍ରଣାମ ଜଣେଇ ଘରକୁ ପାଛୋଟି ନେଲେ । ତା'ପରେ ଚର୍ଚ୍ଚା ଚାଲିଲା । ଉଦରର କ୍ଷୁଧାଗ୍ନିକୁ ପ୍ରଶମିତ କରିବାକୁ ସେଦିନ ବ୍ରହ୍ମପୁର ସହରରେ ମେସ୍‌ରେ ହୋଇଥିବା ରନ୍ଧାକୁ ବାଣ୍ଟି କୁଣ୍ଟି ଖାଇବା ଦରକାର ନଥିଲା । ତାଙ୍କୁ ସେଦିନ ଜୟପୁରର ଅଗ୍ନିଝରା ଉତ୍ତପ୍ତ ମଧ୍ୟାହ୍ନରେ ତୃପ୍ତିକର ଫ୍ରିଜ୍ ସରବତ ଓ ଉତ୍ତମ ଭୋଜନର ଆସ୍ୱାଦ ମିଳିଥିଲା । କେବଳ କୁବେର ଭାବି ଚାଲିଥିଲେ- ଏଇ ବାଇଶି ତେଇଶି ବର୍ଷ ଭିତରେ ଭିକାରି ଆଜି କେଉଁ ସୂତ୍ରରେ ଯେ କୁବେର ପାଲଟିଗଲା, ସେ ଏତେ ବର୍ଷ ମାଷ୍ଟ ହେଇ ସେଇ ଗଣିତର ସୂତ୍ରଟି ତ କାହିଁ ଧରିପାରିଲେ ନାହିଁ ।

ସନ୍ଧ୍ୟାକୁ ଆମ୍ବାସାଡ଼ାର କାର୍‌ଟି ଫାଟକ ଆଡ଼େଇ ଭିତରକୁ ପଶିଲା । କୁବେର ବାରନ୍ଦାରେ ପଡ଼ିଥିବା ବେତ ଚୌକିରେ ବସିଥାଏ ଧ୍ୟାନ ଗମ୍ଭୀର ଭାବରେ । ଭିକାରି କୁବେରକୁ ଦେଖି ଅବିଳମ୍ବେ ଏକ ଭକ୍ତିପୂର୍ଣ୍ଣ ପ୍ରଣିପାତ କରି ଜିଜ୍ଞାସା କଲା- 'ଭାଇ କେତେବେଳୁ ଆସିଲାଣି ? ଆଜି ମୋର ବଡ଼ ଭାଗ୍ୟ ।'

- ଏଇ ଖରା ଖରା ଆସି ପହଞ୍ଚିଛି ।

- ଆଉ ସବୁ ଭଲତ, ପିଲାମାନେ କେମିତି ଅଛନ୍ତି ? ଭାଉଜ ଭଲରେ ଅଛନ୍ତି ତ ? ମୁଁ ସବୁବେଳେ ତୁମମାନଙ୍କର ଖବର ରଖେ । ଯିଏ ଦେଖାହୁଏ ପଚାରେ ।

- ଭଲ ଆଉ କ'ଣ ? ଯାହା ଦେଖିଥିଲୁ ସେଇଆ । ପୁଅଟା ତ ଆଇ.ଏ.ପାଶ୍ କରି ବେକାର ହୋଇ ବୁଲୁଚି । ଆଜି କାଲିତ ଚାକିରି କଥା ଯାହା ! ସେ ମୋର ଗୋଟେ ବଡ଼ ଦୁଃଶ୍ଚିନ୍ତା । ମୁଁ ବା ତା' ପାଇଁ କ'ଣ କରିପାରିବି ?



Digitized by PPRACHIN, SOA

କାହିଁ ମୋ ପାଖରେ ଛାଡ଼ିଲନି । ମୁଁ ତା'ର ବ୍ୟବସ୍ଥା କରିଦେଇନଥାନ୍ତି ।

- ତୋଠୁ ଆଜିଯାଏ କିଛି ଖବର ପାଇନଥିଲି । ବେଳେ ବେଳେ ଖବର କାଗଜରେ ତୋ ନାଁ ବାହାରେ । ହେଲେ ତୋ ସହିତ ଯୋଗାଯୋଗ ସିନା ହୋଇଥିଲେ ତୋ ପାଖରେ ଛାଡ଼ିଥାନ୍ତି । ତୁ କେଉଁଠି ରହୁଚୁ, କେମିତି ଅବସ୍ଥାରେ ଅଛୁ ମୁଁ ବା କାହୁଁ ଜାଣିଲି ? କହିବୁ ଯଦି ତାକୁ ତୋ ପାଖରେ ଛାଡ଼ିଦେବି । ସେ' ତ ପର କଥା । କହିଲୁ ଦେଖି ଟେଲିଗ୍ରାମ୍ କାହିଁ କରି ଡକେଇଛୁ ?

- ଭାଇ ! ଝିଅଟି ଏବର୍ଷ ବି.ଏ. ପାଶ୍ କଲା । ଭାବୁଚି ଏଇ ବର୍ଷ ବି ତା'ର ବା'ଘର କାମ ସାରିଦେବାକୁ । ଶେଷ ତିଥି ଆଉ ମାତ୍ର ଦେଢ଼ମାସ ରହିଲା । ତମେ ନିଶ୍ଚୟ ଭଲ ପାତ୍ରଟିଏ ଯୋଗାଡ଼ କରିବ ବୋଲି ମୋର ଆଶା । ଯାହା ଖରଚ ହେବ ସେଥିପାଇଁ ଜମା ଚିନ୍ତା କରିବନି ।

- ଏସବୁ କାମରେ ତ ମୁଁ ପଶେନି । ତେବେ କହୁଚୁ ଯେତେବେଳେ, ଆମ ଗାଁ ପାଖ କୁକୁଡ଼ା ଖଣ୍ଡି ଗାଁର ରାଧୁ ପରମାଣିକ ପୁଅ ବେଙ୍କରେ ଅଫିସରଟିଏ ହେଇଚି, ସେ' ତ ବହୁତ ହାଙ୍କୁଚି । ମୁଁ ତ ଏ ମୂଲଚାଲ ଧନ୍ଦାରେ ପଶିପାରିବିନି ।

- ତମେ ସେ କଥା ଚିନ୍ତା କରିବା ଦରକାର ନାହିଁ । ସେ କଥା ମୁଁ ବୁଝିବି । ତୁମେ ଖାଲି ମୋତେ କଥା ଲଗେଇଦିଅ । ମୁଁ ଆଳିରୁ ଫେରିବା ବେଳେ ତୁମ ପୁଅକୁ ଏଇଠିକି ନେଇଆସିବି । ତା' ଦାୟିତ୍ୱ ମୋର ।

ତା'ପରଦିନ ଜୟପୁରରୁ ଆଳିକୁ ଆମ୍ବାସାଡ଼ାର କାର୍‌ରେ ଯାତ୍ରା କଲେ ଭିକାରି ତା' ସ୍ତ୍ରୀ ଓ ଭାଇ କୁବେର ।

ରାଧୁ ପାରମାଣିକ ଘରେ କୁବେର ପରିଚୟ ପର୍ବ ସାରି କଥାଟା ସୁରୁ କରିଦେଲେ । ଗୋଟାଏ ଭଲ ମାଲଦାର ପାର୍ଟି ଆସି ପହଞ୍ଚିଚି ଭାବି, ରାଧୁ ପରମାଣିକ କଥାଟା ଜମେଇ ଆରମ୍ଭ କଲେ- 'ସାର୍ (କୁବେର ବାବୁଙ୍କୁ) ନିଜେ ଆସିଛନ୍ତି ଯେତେବେଳେ, ପ୍ରସ୍ତାବ ନିଶ୍ଚୟ ଭଲ ହୋଇଯିବ । ଆପଣମାନେ ଖିଆପିଆ କରି ଆଗେ ଟିକେ ବିଶ୍ରାମ ନିଅନ୍ତୁ । ତା'ପରେ କଥା ହେବା ।'

ଏଣିକି କଥାର ସୁଅ ଆଉ ବାଧା ମାନିଲାନି । ସେ ତା' ମନକୁ ମନ ଆଗେଇ ଚାଲିଛି । ମୂକ, ବଧୀର, ନିର୍ବାକ ହୋଇ ରହିଁଥାନ୍ତି କୁବେର ସାର୍ ।

ଭିକାରି ରୋକ୍ ଠୋକ୍ ଭାବି ସମୁଦିଙ୍କି କହିଦେଲେ- 'ଆପଣଙ୍କ ପୁଅପାଇଁ ଯାହା ଯାହା ଦରକାର ଟଙ୍କା ଆକାରରେ କହିଦିଅନ୍ତୁ । ମୁଁ ନିର୍ବନ୍ଧ ଦିନ ସବୁ ଦେଇଦେବି । ଏତେ ଦୂରରୁ ଗାଡ଼ିରେ ଜିନିଷପତ୍ର ଆଣିବା କ'ଣ ଦରକାର ? ଏଇ ଝୁଅର ଫଟୋଟା



Digitized by PPRACHIN, SOA

ଦେଖନ୍ତୁ । ଆପଣ ତ ନିଜ ଆଖିରେ ଯାଇ ଦେଖିବେ । ମୁଁ ଗାଡ଼ିରେ ନେଇଯିବି । ସମୁଦୁଣୀବି ଚାଲନ୍ତୁ ।'

ରାଧୁ ପରମାଣିକର ଏଥିରେ ଆପତ୍ତି କରିବାର କ'ଣ ଥିଲା ? ୨ବର୍ଷ ଧରି ସେ ଯନ୍ତା ବସେଇଥିଲା । ସମସ୍ତଙ୍କୁ ମନାକରି ଆସିଛନ୍ତି, ତାଙ୍କର ଦାବୀ ମୁତାବକ ଟଙ୍କା ମିଳିବାର ପ୍ରତିଶ୍ରୁତି ଅଭାବରୁ । ଏଇଥର ଡୋରଟା ଲମ୍ବେଇ ଦେଇ କହିଲେ- 'ଆଜିକାଲି ସମୟକୁ ଉହିଁ ନିହାତି ଲକ୍ଷେ ଟଙ୍କା ନଦେଲେ କ'ଣ ହେବ ? ତା'ଛଡ଼ା ଝିଅକୁ ତ ଗହଣାପତ୍ର ଦେବାରେ ଆପଣ ହେଳା କରିବେନି ବୋଲି ମୋର ବିଶ୍ୱାସ ।'

ଭିକାରି କିଛି ସମୟ ଗୁମ୍‌ଖାଇ ବସିଲେ । ତା'ପରେ ଇଚ୍ଛାକୃତ ଦ୍ୱିଧାସହ ଉତ୍ତର ଦେଲେ- 'ଅବଶ୍ୟ ମତେ ଟିକେ କଷ୍ଟ କରିବାକୁ ପଡ଼ିବ । ଆପଣଙ୍କ ଘରେ ବନ୍ଧୁ ବାନ୍ଧିବି ଯେତେବେଳେ ଯାହା କଷ୍ଟ ପଡୁ ମୁଁ ସବୁ ଟଙ୍କା ନିର୍ବନ୍ଧ ଦିନ ଦେଇଦେବି । ତେବେ ମୋର ଗୋଟିଏ ସର୍ତ୍ତ ରହିବ ।'

ସର୍ତ୍ତ ଗୋଟିଏ କ'ଣ ? ଆମେ ପୁଅ ତରଫ । କି ସର୍ତ୍ତ ଯା'ଙ୍କର ରଖିବୁ । ଦେଖାଯାଉ କ'ଣ ସର୍ତ୍ତ ବାଢୁଛି ଭିକାରି ସିଂ । ପରମାଣିକ ସବୁଯାକ ଦାନ୍ତ ଦେଖେଇ କହିଲେ- 'ହିଃ ହିଃ ! କ'ଣ ସର୍ତ୍ତ କହନ୍ତୁ । ଦେଖିବା ପାରିବା ଯଦି ମାନିବାନି କାହିଁକି ?'

ଭିକାରି ଗମ୍ଭୀର ହେଇ କହିଲେ- ସମୁଦି ଆପଣ ଜାଣନ୍ତି ମୁଁ ଜଣେ ଗାନ୍ଧୀବାଦୀ ଲୋକ । ସମସ୍ତେ ଯେପରି ଜାଣିବେ ବିନା ଯୌତୁକରେ ବା'ଘର ହେଉଚି । ଏଇଟା ଗୋଟାଏ ଆଦର୍ଶ ପଦ୍ଧତିରେ ହେବ । ଆପଣ କାହିଁ ବାଜା ବାଣ କରିବେ । ମୋର କାର୍ ପଠେଇଦେବି । ଏଇଠି ଭୁବନେଶ୍ୱରରେ ବା'ଘର ହେବ । ଏଥିରେ ତ ବହୁ ମନ୍ତ୍ରୀ, ଏମ୍.ଏଲ୍.ଏ., ଭୂଦାନ କର୍ମୀ, ହାକିମ୍ ହୁକୁମା ଓ ବିଶିଷ୍ଟ ଲୋକ ଯୋଗଦେବେ । ତେବେ କାନମୁଣ୍ଡାକୁ କୁଣ୍ଡଉ କୁଣ୍ଡଉ ଥତମତ ହେଇ କହିଲେ- ଯଦି କିଛି ଭାବିବେନି ଗୋଟେ କଥା କହିବି ସମୁଦି ।

- କ'ଣ କହୁନାହାନ୍ତି ! ବନ୍ଧୁ ବାନ୍ଧିବା ଯେତେବେଳେ ସାତପୁରୁଷକୁ ପୁଣି ଗୋଟେ କିନ୍ତୁ କାହିଁ ରହିବ ? ବେଳହୁଁ ଫଇସଲା ହେବା ଚାହିଁ ।

- କେବଳ ବରଯାତ୍ରୀଙ୍କ ଯିବାଆସିବା ପାଇଁ ବସ୍‌ଟେ ବନ୍ଦୋବସ୍ତ କରିବା ଛଡ଼ା ଆଉ ମୋର କିଛି କହିବାର ନାହିଁ ।

ଏକ ତଥାସ୍ତୁ ବୋଧକ ଶବ୍ଦ ଉଚ୍ଚାରଣ କରି ଆଲୋଚନାର ପରିସମାପ୍ତି ଟାଣିଦେଲେ ଭିକାରିବାବୁ ।



Digitized by PPRACHIN, SOA

ଏଇ ନାଟକର ଏକମାତ୍ର ଦର୍ଶକ କୁବେରବାବୁ ବସି ଭାବୁଥିଲେ- ଗାନ୍ଧୀବାଦୀ ଆଶ୍ରମ ସ୍କୁଲରେ ଦୁଇଦଫାରେ ୫ଟି ବର୍ଷ ଓ ଖଦୀ ବିଭାଗରେ ୩ଟି ବର୍ଷ କାମକରି ସେ ଗାନ୍ଧୀବାଦର ଏସବୁ ଗୁପ୍ତ ରହସ୍ୟ ଭେଦ କରିବାର ସୁଯୋଗ କେବେ ପାଇନାହାନ୍ତି । ଗାନ୍ଧିଜୀଙ୍କ ସମ୍ପର୍କରେ ବହୁ ଚର୍ଚ୍ଚା, ଆଲୋଚନା, ଭାଷଣ ଶୁଣିଛନ୍ତି । ସେ ବାବଦରେ ବହୁ ବହି ମଧ୍ୟ ପଢ଼ିଛନ୍ତି । ବିଶେଷକରି ଭୂତନାଥ ବାବୁଙ୍କ ସ୍କୁଲରେ ଥିବାବେଳେ କେତେକ ମାଷ୍ଟ୍ରଙ୍କ ବା'ଘର କିପରି ବିନା ଯୌତୁକ, ବିନା ବାଜା, ବାଣ ଓ ଆତସବାଦୀ ଏବଂ ପଦଯାତ୍ରା ସହକାରେ ସମ୍ପନ୍ନ କରାଯାଇଛି ତାହା ସେ ଅଙ୍ଗେ ନିଭେଇଛନ୍ତି । ହେଲେ ଅଚ୍ୟୁତାନନ୍ଦ କି ହାଡ଼ୁଦାସଙ୍କ ପିଣ୍ଡ ବ୍ରହ୍ମାଣ୍ଡର ଗୁଢ଼ ତତ୍ତ୍ୱ ଭେଦକରିବା କଥା ଯାହା ଭକ୍ତମାନେ ବୟାନ କରନ୍ତି, ମାଇନର ଫେଲ୍ ଭିକାରି ଗାନ୍ଧୀବାଦର ଏ ଗୁଢ଼ ତତ୍ତ୍ୱ କେଉଁ ଗୁପ୍ତ ଶାସ୍ତ୍ରରୁ ବା କେଉଁ ଗୁରୁଙ୍କ ଠାରୁ ଲାଭକଲେ, ତାହା ତାଙ୍କୁ ବିସ୍ମିତ କରିଥିଲା ।

ଯା' ହେଉ ବିବାହର ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଆଦର୍ଶ ପଦ୍ଧତିରେ ଯଥାରୀତିରେ ସମ୍ପନ୍ନ ହେଇଗଲା । ବା'ଘର ପରେ କୁବେରର ବଡ଼ପୁଅ କୋରାପୁଟ ଯାଇଛି । କୁବେରର ବିଶ୍ୱାସ ଭିକାରି ତା'ପାଇଁ କିଛି ନା କିଛି କରିବ । ସେ କୋରାପୁଟ କାହିଁକି ଓଡ଼ିଶାର ଜଣେ ପ୍ରଖ୍ୟାତ ଗାନ୍ଧିବାଦୀ ନେତା । ଖଦୀ ବିଭାଗ, ସର୍ବୋଦୟ ସବୁଥିରେ ଗୁଡ଼ାଏ ଦାୟିତ୍ୱ । ଏପରିକି ମନ୍ତ୍ରୀ, ଏମ୍.ଏଲ୍.ଏ. ବା ଉଚ୍ଚ ହାକିମଙ୍କୁ କହି ମଧ୍ୟ ସରକାରୀ କାମରେ ଭର୍ତ୍ତି କରିଦେଇପାରେ । ଏ କାମଟା ତା'ପାଇଁ ଭିକ୍ଷୁକକୁ ଦଶ ପଇସିଟିଏ ଦେବାସହ ସମାନ । ଆଜିକୁ ବାଇଶି ତେଇଶି ବର୍ଷ ତଳେ ମାଇନର ଫେଲ୍ ଭିକାରି ଅନ୍ନ ସଂସ୍ଥାନ ବ୍ୟବସ୍ଥା କରିଥିବା କୁବେର ପ୍ରତି ସେ କଦାଚ ଅକୃତଜ୍ଞ ହେବନି ।

ଯା' ଭିତରେ କିନ୍ତୁ ୬ମାସ ବିତିଗଲାଣି । ଭିକାରି ଘରେ ବସି ବସି ସୁକାନ୍ତ ବିରକ୍ତ । ପ୍ରଥମେ ପ୍ରଥମେ ବୋଲଟା ହାକଟା କରିବା ବା ବଜାର ସଉଦା କରିବାକୁ ତାକୁ ଭାରି ଖୁସି ଲାଗୁଥିଲା । ଏବେ କିନ୍ତୁ ତୁଚ୍ଛାଟାରେ ଏସବୁକୁ କାମ କରିବାକୁ କଷ୍ଟବୋଧ ହେଉଛି । ସେ ଲେଖିଚି- ଭିକାରି ଦା'ଙ୍କ ଘରେ ରହିବାକୁ ଆଉ ଭଲ ଲାଗୁନି । କୋରାପୁଟ ଜିଲ୍ଲାରେ ସେ ଏବେ ଖଦୀ ଓ ସର୍ବୋଦୟ କାମର ହର୍ତ୍ତାକର୍ତ୍ତା । ବହୁକାମ ତାଙ୍କ ହାତରେ । ଏତେଦିନ ଭିତରେ କାମ ଖଣ୍ଡେ ଯୋଗାଡ଼ କରିପାରିଲେନି । ମୁଁ ଦୁଇଟା ଟ୍ୟୁସନ୍ ଯୋଗାଡ଼ କରିଛି । ଭାବୁଚି, ଏଠୁ ଚାଲିଯିବି । ଗୋଟିଏ ମେସ୍ ଠିକ୍ କରିଛି । ସେଠି ରହି ଟ୍ୟୁସନ୍ କରିବି ।

ସୁକାନ୍ତ ଭିକାରି ଘର ଛାଡ଼ିବା ପରେ କୁବେର ଖୁବ୍ ଅନୁନୟ ବିନୟ ସହକାରେ ଚିଠିଟିଏ ପଠେଇଥିଲା ଭିକାରି ପାଖକୁ, ସୁକାନ୍ତ ପାଇଁ କିଛି ଗୋଟେ ବନ୍ଦୋବସ୍ତ କରିବାକୁ ।



Digitized by PPRACHIN, SOA

ବର୍ଷଟିଏ ଯା' ଭିତରେ ଗଡ଼ିଗଲାଣି । ଉତ୍ତରଟିଏ ମଧ୍ୟ ମିଳିଲାନାହିଁ । ପୁଣି ଖଣ୍ଡେ ଚିଠି ଦେଇଛି ସୁକାନ୍ତକୁ ବି, ଲେଖିଚି ଭିକାରି ପ୍ରତି ଅଭିମାନ ନକରି ବରାବର ଭେଟିବାକୁ । କାରଣ କାମଟା ତ ତାଙ୍କର, ଭିକାରିର ନୁହେଁ ।

ସୁକାନ୍ତ ଏବେ ଉତ୍ତର ଲେଖିଚି- ଭିକାରି ଦାଦାଙ୍କର ମେଟ୍ରିକ ଫେଲ୍ ହୋଇଥିବା ଜୋଇଁର ଭାଇ ପାଇଁ ଚାକିରିଟେ ଦେଇସାରିଛନ୍ତି । ମାଟ୍ରିକ୍ ପାଶ୍ କରିଥିବା ଶଳାର ପୁଅକୁ ଭଲ ଚାକିରିଟେ ଦେଇଛନ୍ତି । ବି.ଏ. ପାଶ୍ କରିଥିବା ସଡୁଙ୍କ ପୁଅକୁ ମଧ୍ୟ ଚାକିରିଟେ କରେଇ ଦେଇଛନ୍ତି । ବହୁ ନିଜର ଲୋକତ ବରାବର କାମ ପାଉଛନ୍ତି ତାଙ୍କ ହାତରେ । ଅନ୍ୟ ଲୋକଙ୍କଠୁଁ ସେ ଲାଞ୍ଚ ନେଉଛନ୍ତି । ମୁଁ ତାଙ୍କ ଘରକୁ ଚାଲି ଚାଲି ଥକିଲିଣି । ସେ ମୋତେ ଧୈର୍ଯ୍ୟ ଧରିବାକୁ କହିଚାଲିଛନ୍ତି । ଧୈର୍ଯ୍ୟ ଧରିବାର ଆଉ କୌଣସି କାରଣ ମଧ୍ୟ ମୁଁ ଦେଖିପାରୁନି । ଏଠି ଟ୍ୟୁସନ୍ ବଜାର ଭାରି ମାନ୍ଦା । କେତେଦିନ ଓପାସ ଭୋକରେ ପଡ଼ିରହିବି । ମୋ ପାଖକୁ ବାଟଖର୍ଚ୍ଚ ପଠେଇଲେ, ମୁଁ ଏଠୁ ଘରକୁ ଫେରିଯିବି ।

ପୁଅଠୁ ଚିଠିଟି ପାଇବା ପରେ କୁବେର ଥରେ ଖୋଲା ଆକାଶକୁ ଚାହିଁଲା । ମନ ଭିତରୁ ଦୁଃଶ୍ଚିନ୍ତା, ଉଦ୍‌ବେଗକୁ ଦୂରେଇ ଦେବାକୁ ଚେଷ୍ଟାକରି ସେ ଯେପରି ପାରୁନାହିଁ । ତାକୁ ମନେହେଲା, ଭିକାରିର ପିଛାଧରି ସେ କେବଳ କୁହୁଡ଼ିରେ ପହଁରୁଥିଲା । ଭିକାରି ପ୍ରତି ତୀବ୍ର ଘୃଣାରେ ତା' ଅନ୍ତର ଭରିଉଠିଲା । ଦ୍ୱିତୀୟ ଦଫାରେ ମେଟ୍ରିକ୍ ପରୀକ୍ଷା ଦେବାବେଳେ ଜ୍ୟାମିତିର କେତେଗୁଡ଼ିଏ ସଂଜ୍ଞା ତା'ର ମନ ଭିତରେ ଲାଖି ରହିଥିଲା । ସେଥିରୁ ଗୋଟିଏ ତା' ଆଖି ଆଗରେ ସିନେମା ପରଦାର ସ୍ଲାଇଡ୍ ପରି ଝଲସି ଉଠିଲା- ଦୁଇଟି ସମାନ୍ତରାଳ ସରଳରେଖା କେବେ ଗୋଟିଏ ବିନ୍ଦୁରେ ମିଳିତ ହୋଇପାରନ୍ତି ନାହିଁ ।

ଆଜି ମଧ୍ୟ କାହିଁକି କେଜାଣି ସୁମିତ୍ରା କଥା ତା'ର ମନେପଡ଼ିଗଲା । ଏଇ ଭିକାରି ଓ ସୁମିତ୍ରାମାନେ ଗୋଟିଏ ସରଳରେଖାର ଗୋଟେ ଗୋଟେ ବିନ୍ଦୁ ପରି ତାକୁ ମନେହେଲା ଏବଂ ଅଗଣିତ କୁବେରମାନେ ଯେପରି ଆଉ ଏକ ସରଳରେଖାରେ ଧାଡ଼ିବାନ୍ଧି ଚାଲିଛନ୍ତି । ଦୁଇଟି ଯାକର ଗତିପଥ ଭିନ୍ନ ଭିନ୍ନ । କୁବେର ପୁଣିଥରେ ଆକାଶକୁ ଚାହିଁଲା । ଏଥର ଖାଲି ତା' ପୁଅ ସୁକାନ୍ତର ମୁହଁଟା ତାକୁ ଚାରିଆଡ଼େ ଦେଖାଗଲା । ପିଲାଟାକୁ ଆଉ ସେଠି ଦହଗଞ୍ଜ କରି ଲାଭ କ'ଣ ? କାଲି କିଛି ଟଙ୍କା ଉଧାର କରି ବାଟଖର୍ଚ୍ଚ ବାବଦରେ ସୁକାନ୍ତ ପାଖକୁ ପଠେଇବାକୁ ପଡ଼ିବ, ପିଲାଟା ବରଂ ଏଠିକି ଆସି ଟ୍ୟୁସନ୍ ଫ୍ୟୁସନ ଯାହା ଗୋଟେ କରୁ ।

ଏତେଦିନ ପରେ କୁବେର ସିଂର ଆଖି ଆଗରୁ କୁହୁଡ଼ିର ଏକ ଘନ ଆସ୍ତରଣ ଧୀରେ ଧୀରେ ଅପସରିଗଲା । ପ୍ରେମ, ସ୍ନେହ, ପ୍ରୀତି ଓ ବନ୍ଧୁତ୍ୱର ସଂଜ୍ଞା ଭିକାରି ଓ ସୁମିତ୍ରାମାନଙ୍କ ପାଇଁ ଯେ ସମ୍ପୂର୍ଣ୍ଣ ଭିନ୍ନ, ଏକଥା ସେ ବହୁତ ବିଳମ୍ବରେ ହେଉପଛେ ଉପଲବ୍ଧି କରିଥିବାରୁ ମନଟା ଭାରି ହାଲୁକା ଲାଗିଲା । ❖❖



Digitized by PPRACHIN, SOA

# ଲୁହ

ନିଜ କାମରେ ସବୁବେଳେ ବ୍ୟସ୍ତ ଅରିନ୍ଦମ । ସ୍ତ୍ରୀଙ୍କ ଫର୍ମାସି, ବୁଢ଼ୀ ମା'ଙ୍କ ହେପାଜତ, ନିଜର ଚାକିରି କଥା ଓ ଗୋଟେ ଛୋଟ ବ୍ୟବସାୟର ହାଲ ହରକତ ବୁଝୁ ବୁଝୁ ବେଳ ସରିଯାଏ । ଅବଶ୍ୟ ବ୍ୟବସାୟର କାରବାର ବନ୍ଦ ହେବାପରେ, ହିସାବପତ୍ର ନିଜେ ତନଖି କରେ ଅରିନ୍ଦମ ।

ଗୋଟେ ସିପିଙ୍ଗ୍ କମ୍ପାନୀରେ କାମ କରେ ଅରିନ୍ଦମ । ସକାଳ ନ'ଟାରୁ ଅପରାହ୍ନ ୪ଟା ଯାଏ । ମଧ୍ୟାହ୍ନରେ ଦିନେ ଦିନେ ଖାଇବାକୁ ଆସେ ତ ଦିନେ ଦିନେ ଆସେନି । ଜାହାଜ ଲାଗିଥିଲେ ମଧ୍ୟାହ୍ନରେ ଆସିବା ଆଦୌ ସମ୍ଭବ ନୁହେଁ । ଦରକାର ପଡ଼ିଲେ ରାତିରେ ବି କାମ ଉପରେ ରହିବାକୁ ହୁଏ ଖାଡ଼ା ଖାଡ଼ା । ସେଥିପାଇଁ ଅବଶ୍ୟ ଅଧିକା ପଇସା ମିଳେ ତାକୁ ।

ସାଙ୍ଗ ସାଥି କେଉଁଠି କେମିତି ବଜାର ହାଟରେ ଦେଖାହେଲେ ହାଏ ବାଏ, କେମିତି ଅଛୁ, ଏଇ ରବିବାର ତୋ ଘରଆଡ଼େ ଯିବି ଇତ୍ୟାଦି କହି ଖସି ଆସିବାକୁ ହୋଇଥାଏ ତାକୁ । ଚ଼' ଖାଇବାକୁ ନିମନ୍ତ୍ରଣ କଲେ 'ଏଠି ଭଲ ଚ଼' ନାହିଁ ଓମ୍‌ଫେଡ୍ ଦୋକାନ ଯାଏ ଯିବାକୁ ହେବ, ନାଇଁ ଥାଉ ଆଉକେବେ, କହି ଅରିନ୍ଦମ ହୁଗୁଳିଯାଏ ବନ୍ଧୁତ୍ୱର ନିଗଡ଼ରୁ । ମୋବାଇଲ୍‌ରେ କେହି ନିଜର ଲୋକଙ୍କଠୁ କଲ୍ ଆସିଲେ, 'ହଁ ମାମି କହ ! କେମିତି ଅଛୁ ! ତୋ ପୁଅ କେମିତି ଅଛି । କେବେ ଆସୁଛୁ ପାରାଦୀପ ଆଡ଼େ ।' ପୁଣି ଉତ୍ତରରେ 'ନାଇଁଲୋ ମା' ମୁଁ ଏବେ ଯାଇପାରୁନି, ଯିବି, ଏଇ ଅଳ୍ପ ଦିନ ଭିତରେ ଯିବି । ଏବେ ବଜାରରେ ଅଛି ପରେ କଥାହେବି' କହି ସମୟର ଜାଲରୁ ଚମ୍ପଟ୍ ମାରେ ଅରିନ୍ଦମ ।



Digitized by PPRACHIN, SOA

ପୁଣି କେହି ଘନିଷ୍ଠ ବନ୍ଧୁ ଦେଖାହେଲେ ହାତ ହଲେଇଦିଏ । କହେ- ଦେଖାହେବ ଦେଖାହେବ, କେବେ ବସିବା, ଟିକେ ବ୍ୟସ୍ତ ଅଛି, କଥାହବା ।

କିନ୍ତୁ ଝିଅର ବରାଦ ଥିଲେ ମୋବାଇଲରେ ବଜାରରୁ କହିବ- ଆଲୋ ମା' ତୁ କହିଥିବା ଡ୍ରେସ୍‌ଟା କୋଉଠି ମିଳୁନି । 'ଅନନ୍ୟା'ରେ ଦେଖୁଛି । ଯଦି ସେଠି ନ ମିଳେ କାଲି ତୋତେ ବଜାର ନେଇଆସିବି, ତୁ ଦେଖି ନେବୁ । ସତକୁ ସତ ଆସନ୍ତାକାଲି ସକାଳୁ ଦୋକାନ ଖୋଲିଲେ ସେ ଝିଅକୁ ଧରି ଅନନ୍ୟା କାହିଁକି ବଜାର ସାରା ଦରାଣ୍ଡି ଆସିବ ଝିଅର ମନମୁଖୀ ପୋଷାକ କୋଉଠି ଅଛି ଖୋଜିବାରେ ।

ସେଦିନ ପାରାଦୀପର ମୁଖ୍ୟ ବଜାର ବଡ଼ପଡ଼ିଆ ମାଛ ଗଦି ଆଡ଼େ ଆମେ ସାଙ୍ଗ ହୋଇ ଯାଇଥିଲୁ । ଦି'ଜଣ ବନ୍ଧୁ ଚା' ଦୋକାନରେ ବସିଥିଲେ । ବାଧ ହୋଇ ଅରିନ୍ଦମ ତାଙ୍କ ସହିତ ଚା' ପିଇଲା ଓ ମୋତେ ତାଙ୍କ ସହିତ ପରିଚିତ କରେଇଦେଲା । ସେମାନେ ମଧ୍ୟ ମୋତେ ଚା'ରେ ଆପ୍ୟାୟିତ କଲେ । ସେଇ ସମୟତକ ଚା' ପିଇ ଆମେ ଉଠିଲୁ ମାଛ ହାଟ ଆଡ଼େ । ହାଟରେ ଭଲ ତାଜା ମାଛ ନଥିବାରୁ ଅରିନ୍ଦମ କହିଲା, ଚାଲିଯିବା ଅଠରବାଙ୍କୀ ମାଛଗଦିକୁ । ଅଠରବାଙ୍କୀ ମାଛଗଦି ବଡ଼ପଡ଼ିଆ ମାଛହାଟଠୁ ଅନ୍ୟୁନ ୩କି.ମି. । ସେଠି ପ୍ରତ୍ୟେକ ଗଦି ତଲାସିଲା ଅରିନ୍ଦମ, କୋଉଠି ଭଲ ଇଲିଶି ମିଳିବ । ଜଣେ ମାଲିକ କହିଲେ, ଆଉ ଅଧଘଣ୍ଟେ ଅପେକ୍ଷା କରିବାକୁ । ତାଙ୍କ ମାଛଡଙ୍ଗା ୯ଟା ସୁଦ୍ଧା ଆସି ପହଞ୍ଚିବ । ସତକୁ ସତ ସେଇଆ ହେଲା । ଆମେ ଇଲିଶି ମାଛ ଧରି ସାଢ଼େ ନଅଟାରେ ଫେରିଲୁ । ଅରିନ୍ଦମ ଇଲିଶି ନେଲା ସ୍ତ୍ରୀ ସୁନନ୍ଦା ପାଇଁ ଏବଂ ଗୋଟେ ଖଅଙ୍ଗା ଧରିଲା ବୁଢ଼ିମା' ପାଇଁ, କାରଣ ଖଅଙ୍ଗା ତାଙ୍କର ପ୍ରିୟ ମାଛ । ସେଦିନ କାମକୁ ବାଧହୋଇ ପାଖା ପାଖି ଘଣ୍ଟାଏ ଡେରିରେ ଗଲା ଅରିନ୍ଦମ । ଧନ୍ୟ କହିବ ମାଛ ଖାଇବା ନିଶାକୁ ତା'ର !

ଅରିନ୍ଦମର ସ୍ତ୍ରୀ ସୁନନ୍ଦା ବାଲେଶ୍ୱରର ଝିଅ । ସୁବର୍ଣ୍ଣରେଖା କୂଳରେ ଘର । ଭାରି ମାଛ ପ୍ରିୟ । ଇଲିଶି ମାଛ ପାଇଁ ବିଲେଇ ପରିକା ରନ୍ଧୁଣୀ । ବଙ୍ଗାଳୀଙ୍କ ପରି କଞ୍ଚା ଇଲିଶି ବେଶ୍ ରୁଚିକର ରାନ୍ଧେ ବୋଲି ଅରିନ୍ଦମ ତାରିଫ୍ କରେ । ବ୍ୟସ୍ତ ଜୀବନ ଭିତରେ ଝିଅ, ସ୍ତ୍ରୀ ଓ ମା'ଙ୍କୁ ଖୁସି ରଖିବାକୁ ଚେଷ୍ଟା କରେ ଅରିନ୍ଦମ । ପରିବାର ଖୁସି ରହିଲେ ତ ସେ ଶାନ୍ତିରେ ରହିପାରିବ, ଏହା ହିଁ ତା'ର ଭାବନା ।

ଆଉଦିନେ ଆମେ ଇଲିଶି ଆଣି ଫେରୁଛୁ । ଅଠରବାଙ୍କୀରୁ ବଡ଼ପଡ଼ିଆ ବଜାର ପାଖ ଦେଇ ଆସୁଛୁ । ଡାକ୍ତରଖାନା ଫାଟକ ପାଖରେ ବିବ୍ରତ ପରି ଲାଗୁଥିବା ଅରିନ୍ଦମର ସହପାଠୀ ଅଚିନ୍ତ୍ୟ ଠିଆ ହୋଇଥାଏ । ଅରିନ୍ଦମ ହାତ ହଲେଇ ଜିଜ୍ଞାସା କଲା, କେମିତି



Digitized by PPRACHIN, SOA

ଅଛୁ ? ଦେଖାହେବ (ମୋତେ ଲକ୍ଷ୍ୟକରି) ଭାଇ ସାଙ୍ଗରେ ଅଛନ୍ତି, ଆସୁଚି । ଏତକ କହି ମଟରସାଇକେଲ ବେଗ ବଢ଼େଇଦେଲା ଅରିନ୍ଦମ । ମୁଁ ଉତ୍ସୁକ ହେଇ ପଛକୁ ଚାହିଁ ଦେଖିଲା ବେଳକୁ ଅଚିନ୍ତ୍ୟ ଆମ ଆଡ଼କୁ ହାତ ବଢ଼େଇ ଆମକୁ ଅଟକିଯିବାକୁ ଇଙ୍ଗିତ କରୁଥିବା ଅବସ୍ଥାରୁ ଓହରି ଆସୁଚି, ହାତକୁ ଫେରେଇନେଇ । ଏଇ ଦୃଶ୍ୟଟା ମୋତେ କାହିଁ ବିବ୍ରତ କରି ପକଉଥାଏ ସେ ସମୟରେ । ଅରିନ୍ଦମକୁ ସେ କଥା କହିଲି, ଉତ୍ତରରେ ସେ କହିଲା- ଆପଣଙ୍କୁ ଆପଣଙ୍କ ଘରେ ଛାଡ଼ି ସୁନନ୍ଦାକୁ ମାଛ ଦେଇ ଅଗାଧୁଆ ସେମିତି କାମକୁ ଯିବି । ସେଇଠି କ'ଣ ଟିକେ ଖାଇଦେବି । ହଁ ଭାଇ, ଆପଣ ଜାଣିରଖନ୍ତୁ ଅଚିନ୍ତ୍ୟଟା ଭାରି ଭଲ ପିଲା । ପିଲାଦିନର ସାଙ୍ଗ । ତା' ସ୍ତ୍ରୀ ତାଠୁ ଆହୁରି ଭଲ । ଭାରି ସ୍ନେହୀ । ଭାରି ଖୁସି ମିଜାଜର । ମୁଁ ଅନେକଦିନ ହେବ ଯାଇନି ତା' ଘରଆଡ଼େ । ସେ ବି ଆସିନି ମୋ ଆଡ଼େ । ଏଠି ଡାକ୍ତରଖାନା ପାଖରେ କାହିଁକି ଠିଆ ହେଇଚି କେଜାଣି ।

ମୁଁ କହିଲି- ତୁମେ ଟିକେ ସେଠି ଅଟକି ଗଲନି ।

ଅରିନ୍ଦମ କହିଲା- କେମିତି ଅଟକିଥାନ୍ତି । କାମକୁ ଯିବା ଡେରି ହୋଇଯିବ । ସେତେବେଳେ କୋଉଠିକି ଚାହିଁ ହବନା । ସେଦିନ ଅରିନ୍ଦମର କର୍ତ୍ତବ୍ୟବୋଧ ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଗଲି, ଖୁସି ବି ହେଲି, ଯଦିଓ ପ୍ରଥମ ଦିନ ତା' ସହିତ ଅଠରବାଙ୍କୀ ମାଛପାଇଁ ଯାଇ ଜାଣିଥିଲି କି ସେଦିନ ସେ ମାଛ ନିଶାରେ ଗୋଟେ ଘଣ୍ଟା ଡେରିରେ କାମକୁ ଯାଇଥିଲା ।

ଅରିନ୍ଦମ ସେଦିନ ବସାଘରୁ କାମକୁ ଯିବା ବାଟରେ ପୁଣି ଡାକ୍ତରଖାନା ଗେଟ୍ ପାଖରେ ଅଚିନ୍ତ୍ୟ ଠିଆ ହେଇଥିବାର ଦେଖିଲା । ଅରିନ୍ଦମ ତାକୁ ଦେଖି ପଚାରିଲା- ଏଇଠି ଏତେ ସମୟ କ'ଣ ଠିଆହେଇଛୁ ?

ଅଚିନ୍ତ୍ୟ ଯେମିତି କାହାକୁ ଅପେକ୍ଷା କରିଥିଲା ଆକୁଳହୋଇ ଏବଂ ଅରିନ୍ଦମ ପ୍ରଶ୍ନର ଉତ୍ତର ଦେଲା ଅତ୍ୟନ୍ତ ନିସ୍ପୃହ ଭାବରେ- ଅନିମା ଡାକ୍ତରଖାନାରେ ଭର୍ତ୍ତି ହୋଇଛି ।

ଅରିନ୍ଦମ - କାହିଁକି ?

ଅଚିନ୍ତ୍ୟ - ପିଲା ହେବାର ଅଛି ?

ଅରିନ୍ଦମ - ହଁ ! ବେଶ୍ ଖୁସି ଖବର । ମୁଁ କାମରୁ ଫେରି ଆସିବି । ବାଇକ୍ ଷ୍ଟାର୍ଟ ବନ୍ଦ ନକରି, ଏତକ କହି ଆଗେଇ ଚାଲିଲା ଅରିନ୍ଦମ ପୋର୍ଟ ଭିତରକୁ ।

ସାଢ଼େ ଚାରିଟା ବେଳକୁ ସେଇ ଡାକ୍ତରଖାନା ଫାଟକ ପାଖରେ ଅଚିନ୍ତ୍ୟ ଠିଆହେଇଥିଲା ନିର୍ବାକ ହୋଇ, ବାତ୍ୟାରେ ତାଳପତ୍ର ଛିନ୍ନଛତ୍ର ହୋଇଥିବା ଗଛଟେ ପରି । ତା' ପାଖରେ ବାଇକ୍ ଷ୍ଟାର୍ଟ ବନ୍ଦ କରି ରହିଗଲା ଅରିନ୍ଦମ ।



Digitized by PPRACHIN, SOA

ପଚାରିଲା - କ'ଣ ଅସୁବିଧା ହେଇଚିକିରେ ଅଚିନ୍ତ୍ୟ ? ଏମିତି ବୋକାଟେ ପରି କ'ଣ ଠିଆହେଇଛୁ ? ଆରେ ଅନିମାର ପିଲା ହବାର ଅଛି ପରା । କ'ଣ ଅସୁବିଧା ହେଇଚି କି ? ଚାଲ୍ ଯିବା ତା' ପାଖକୁ ।

- ନାଁ ଯିବା ଦରକାର ନାହିଁ, ଅଚିନ୍ତ୍ୟ ପଦକରେ ଉତ୍ତର ଦେଲା ।

- କ'ଣ ହୋଇଚି କହୁନୁ କାହିଁକି ? ମୋ ଉପରେ ରାଗିଚୁ ନା କ'ଣ । ଅରିନ୍ଦମ ସମ୍ବେଦନାରେ ସିକ୍ତ ହୋଇ ପଚାରିଲା ।

- ପିଲାଟା ଜନ୍ମହେଇ ପାରିଲାନି । ଅନିମା ଜନ୍ମ କରିପାରିଲାନି । ଅଭିମାନରେ ସେ ଆମକୁ ଛାଡ଼ି ଚାଲିଗଲା ।

- ଏତେ ଭଲ ଡାକ୍ତର ଥାଉ ଥାଉ କ'ଣ ଅସୁବିଧା ହେଲା ପୁଣି ? ଅରିନ୍ଦମ ପଚ୍ଚାରିଲା ।

- କେବଳ ଦରକାର ଥିଲା ୨-୩ ବୋତଲ ରକ୍ତ ସିଜରିନ ପାଇଁ । ଏବି ଗ୍ରୁପ୍ ରକ୍ତ ଏତେ ସହସା ମିଳିଲାନି ।

- ଏଠି ଏମିତି ଠିଆ ହେଇଚୁ କାହିଁ ? ସେଠି ଡାକ୍ତରଖାନାରେ... ?

ହଁ ବୋଉ, ସାନଭଉଣୀ ସେଠି ଅଛନ୍ତି । ମୁଁ ଅପେକ୍ଷା କରିଛି ଆମ କମ୍ପାନୀ ଗାଡ଼ିକୁ । ଗାଡ଼ି ଆସିଲେ, ଆମେ ତାକୁ ପୋଷ୍ଟମର୍ଟମ କରେଇ ଗାଁକୁ ନେବୁ ସଂସ୍କାର ପାଇଁ ।

ଅରିନ୍ଦମ ଫାଟି ପଡ଼ିଲା କୋହରେ । ନିଜର ଏବି ଗ୍ରୁପ ରକ୍ତ ଥାଇ ସେ କୋଉ କାମରେ ଆସିପାରିଲା ପ୍ରିୟ ବନ୍ଧୁ ଅଚିନ୍ତ୍ୟର । ଆଖିରୁ ଲୁହ ପୋଛୁ ପୋଛୁ ମୋବାଇଲ୍ ବାଜିଉଠିଲା, ସ୍ତ୍ରୀ ସୁନନ୍ଦା ଫୋନ କରିଛନ୍ତି, କ'ଣ ଫର୍ମାସି କରିବେ ବୋଧେ । ମୋବାଇଲ ଅଫ୍ କରିଦେଲା । ପୁଣି ରିଂ ହେଲା । ସାଇଲେନସ କରିଦେଲା ।

ଅରିନ୍ଦମ ଭାବୁଥିଲା, ଅନିମାର ଅକାଳ ମୃତ୍ୟୁ ପାଇଁ ସେ କ'ଣ ଦାୟୀ ନୁହେଁ ? ତା'ର ଏପରି ବନ୍ଧୁଦ୍ରୋହର କ'ଣ କ୍ଷମା ଅଛି ?

ଅରିନ୍ଦମ ଅଚିନ୍ତ୍ୟ ମୁହଁକୁ ଚାହିଁ ରହିଥିଲା ଅପରାଧୀଟେ ପରି । ଅଚିନ୍ତ୍ୟ ମୁହଁରେ କିନ୍ତୁ ଭାଷା ନଥିଲା । ସେ କେବଳ ଗାଡ଼ିକୁ ହିଁ ଅପେକ୍ଷା କରିଥିଲା । ଗାଡ଼ି ଆସିଲେ ପୋଷ୍ଟମର୍ଟମ କରି ଗାଁକୁ କିପରି ଯିବ, ତାକୁ ସେଇ ଚିନ୍ତା ହିଁ ଆଛନ୍ନ କରିଥିଲା । ଅଥଚ ଅରିନ୍ଦମର ଆଖିକୁ ଲୁହ ଧାର ବହି ଆସୁଥିଲା ଅମାନିଆ ହୋଇ । ଛାତି ତା'ର ଫାଟି ପଡୁଥିଲା । ❖❖



Digitized by PPRACHIN, SOA

# ମଧ୍ୟବିତ୍ତ

ବନ୍ଧୁ ମଦନମୋହନ ସହିତ ଜୀବନରେ ଆଉ ସାକ୍ଷାତ ହେବାର ସୁଯୋଗ ଯେ ମିଳିବ ଏ ଆଶା ମୋର ନଥିଲା । ଦିନେ ହଠାତ୍ କଟକର ଏକ ଗଳିରେ ମୁଁ ତାକୁ ଆବିଷ୍କାର କରିବସିଲି । ମୋତେ ଦେଖୁ ଦେଖୁ ସେ ସାଇକେଲରୁ ଓହ୍ଲାଇ ରାସ୍ତାଟାରେ ଏକରକମ କୁଣ୍ଢାଇ ପକେଇଲା । ମୁଁ ସେଥର ଗୋଟାଏ ଜରୁରୀ କାମରେ କଟକ ଯାଇଥାଏ । ସେଦିନ ଘରକୁ ଫେରିବା କଥା । ଯେତେ ମନାକଲେ ବି ସେଦିନ ସେ ମୋତେ ତା' ବସାଘରକୁ ଟାଣି ନେଇଥିଲା । ମୋତେ ବାଧ୍ୟହୋଇ ସେଦିନ ତା'ଘରେ ରହିବାକୁ ପଡ଼ିଥିଲା । ପ୍ରଥମ ପରିଚୟରେ ବନ୍ଧୁପତ୍ନୀ ଲଳିତା ଖୁବ୍ ଆପଣାର ହୋଇଗଲା । ମଦନମୋହନ ଓ ଲଳିତାଙ୍କର ଯୋଡ଼ି ଦୁଇଟି ମୋତେ ବେଶ୍ ଭଲ ଲାଗିଥିଲା ।

ମଦନମୋହନ ମୋର କଲେଜ ଜୀବନର ଅନ୍ତରଙ୍ଗ ସାଥୀ । ସେତେ ଭଲ ପଢୁନଥିଲେ ବି, ତା'ର ମଧୁର ବ୍ୟବହାରରେ ସେ ସମସ୍ତଙ୍କୁ କିଣି ନେଇପାରୁଥିଲା । ମୋ ସହିତ ତା'ର ସମ୍ପର୍କ ସବୁଠୁ ଆପଣାର ଥିଲା । କଲେଜ ଛାଡ଼ିବା ପରେ ସେ କିରାଣୀ ଚାକିରି କଲା । ମୋ ସହିତ କିଛିଦିନ ଚିଠିପତ୍ର ଆଦାନ ପ୍ରଦାନ କରୁଥିଲା । ଘଟଣାଚକ୍ରରେ ଆମ ଦୁହିଁଙ୍କ ଭିତରେ ଯୋଗାଯୋଗ ଛିନ୍ନ ହୋଇଯାଇଥିଲା । ଏକାନ୍ତ ମୁହୂର୍ତ୍ତରେ ମୁଁ ତାକୁ ଯେତେ ଖୋଜିଲେ ବି ତା'ର ସଙ୍ଗଲାଭ କରିବାକୁ ସୁଯୋଗ ଆଉ ଯେ ମିଳିବ ଏ ଆଶା ରଖିନଥିଲି । ସେଦିନ କଟକରେ ମଦନ ସହିତ ମୋର ସାକ୍ଷାତ ପୁରୁଣା ଦିନର ସ୍ମୃତିର ପାଖୁଡ଼ା ଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଯୋଡ଼ିବାରେ ଲାଗିଲା । ତା'ପରଠୁ ମୁଁ ଯେବେ କଟକ ଯାଏ, ରହିବାର ଥିଲେ ତା'ରି ବସାରେ ରହେ । ଏଇ କଟକ ରହଣି ଭିତରେ ମଦନ ସହିତ ସମ୍ପର୍କ ଜମେ । ଦୁହେଁ କାଠଯୋଡ଼ି କୂଳକୁ ହେଉ



Digitized by PPRACHIN, SOA

ତ କିଲ୍ଲା ମଇଦାନକୁ ହେଉ ବୁଲିଯାଉ । କାଠଯୋଡ଼ି ବାଲିରେ ବସି ଗପୁ । କଲେଜ ଜୀବନର ସେଇ ଦିନ ଗୁଡ଼ାକର ମହମହ ବାସ୍ନାରେ ଦୁଇବନ୍ଧୁ ଆମୋଦିତ ହେଉ । କଲେଜ ପାଖ ବରଗଛ ମୂଳରେ ପକ୍କା ଚାନ୍ଦିନୀ ଉପରେ ଘଣ୍ଟା ଘଣ୍ଟା ବସି ଗପିବା, କଲେଜ ସାମ୍ନା ଆମ୍ବତୋଟା ପଛପଟର ବୁଦି ବୁଦିକିଆ ଜଙ୍ଗଲରେ ବୁଲିବା, ଗପମାରିବା ଏସବୁ ସ୍ମୃତିର ପେଟିକୁ ଖୋଲିଦେଉ । ସେଇ କେତୋଟି ମୁହୂର୍ତ୍ତରେ ଆମେ ଆମର ସେଇ ପୁରୁଣା କଲେଜର ପରିବେଶକୁ ଯେପରି ଫେରିଯାଉ, ଦୁଇଟି କିଶୋର ଛାତ୍ର ହୋଇ । ସେଇ ସମୟର ଅଧ୍ୟାପକ କିଏ ଅଛନ୍ତି, ସାଙ୍ଗମାନେ କିଏ ଓକିଲ, ମାଜିଷ୍ଟ୍ରେଟ୍, ଅଧ୍ୟାପକ, ମାଷ୍ଟ୍ର, କିରାଣୀ ହୋଇଛନ୍ତି ଓ କାହା କାହା ସହିତ ଆମର ଦେଖା ସାକ୍ଷାତ ହେଉଛି ଏବଂ ଆଜିକାଲି କିଏ କେମିତି ବ୍ୟବହାର କରୁଛନ୍ତି, ସେ କଥା ସବୁ ଆମ ଆଲୋଚନାରୁ ବାଦ୍‌ଯାଏନି ।

ଏଇ ଗତ ସପ୍ତାହରେ ସ୍ତ୍ରୀ ଅନୁକୁ ନେଇ କଟକ ବଡ଼ ଡାକ୍ତରଖାନାକୁ ଯାଇଥିଲି । ସେଦିନ ରାତିରେ ମଦନମୋହନଙ୍କ ବସାରେ ରହିଲୁ । ବନ୍ଧୁପତ୍ନୀ ଲଳିତାଙ୍କ ଆତିଥ୍ୟ ଅନୁକୁ ସେଦିନ ବେଶ୍ ଆମୋଦିତ କରିଥିଲା । ତା'ଛଡ଼ା ବନ୍ଧୁ ମଦନର ବ୍ୟବହାର ଦେଖି ଅନୁ ସେଦିନ ସ୍ୱୀକାର କରିଥିଲା ଆମ ଦୁହିଁଙ୍କର ବନ୍ଧୁତ୍ୱ କେତେ ଗଭୀର ।

ବନ୍ଧୁ ମଦନ ମୋହନଙ୍କର ସନ୍ତାନ ସନ୍ତତି କହିଲେ ଗୋଟିଏ ମାତ୍ର ପୁଅ ପାଞ୍ଚବର୍ଷର । ସୀମିତ ରୋଜଗାରରେ ସଂସାରଟି ତାଙ୍କର ଯେନତେନ ଚଳିଯାଏ । ବନ୍ଧୁପତ୍ନୀ ଲଳିତା ଯଦିଓ ଟିକିଏ ସୌଖୀନ ପ୍ରବଣା, ଆଧୁନିକ ରୁଚିସମ୍ପନ୍ନା, ମୁହଁରେ କିନ୍ତୁ ଗ୍ଲାନିର ଛାପ ମୁଁ ମୋର ଚାରିଥରର ରହଣି ଭିତରେ କେବେ ଦେଖିନି । ସବୁବେଳେ ହସ ହସ । ବେଗଗାମୀ ଝରଣାଟି ପରି ସର୍ବଦା ଛଳଛଳ । ଭାରି ଖୋଲା ମନର । ଅମାୟିକ ସ୍ୱଭାବର ପିଲା । ମଦନ ନଥିଲା ବେଳେ ଜମା ବୋର୍ କରିଦେବନି, କୁଆଡୁ କିଛି ନା କିଛି ଗପ ଜମେଇଦେବ ।

ସେଦିନ ସନ୍ଧ୍ୟା ହୋଇଗଲାଣି । ମଦନ ବସାକୁ ଫେରିନଥାଏ । ବୋଧହୁଏ ବଜାର କରି ଫେରିବ । ଲଳିତା ଓ ମୁଁ ଗପସପ ହେଉଥାଉ । କିଛି ସମୟ ପରେ ମଦନ ଆସି ପହଞ୍ଚିଗଲା । ମୁହଁ ତା'ର ଭାରାକ୍ରାନ୍ତ ହୋଇଥାଏ । ମୋତେ ଦେଖି ଟିକେ ହସିଦେଲା । ଲଳିତାକୁ ଚାହିଁ ପଚାରିଲା କ'ଣ ଚା' ଜଳଖିଆ ଦେଇଚ ନା ବସି ଗପୁଚ ।

ଏତକ କହି ଭିତରକୁ ଚାଲିଗଲା ଏବଂ ଲଳିତା ତା' ପଛେ ପଛେ ଚାଲିଲା ।

କିଛି ସମୟ ପରେ ମଦନ ଫ୍ରେସ୍ ହୋଇ ଆସି ମୋ ପାଖରେ ବସିପଡ଼ିଲା ଓ ଲଳିତାକୁ ବରାଦ ଦେଲା ଦି'କପ୍ ଚା' ପାଇଁ ।



Digitized by PPRACHIN, SOA

ମୁଁ ତା'ର ବିଷଣ୍ଣ ମୁହଁ ଦେଖି ପଚାରିଲା – ଆଜି ତୋର କ'ଣ ହେଇଚିକିରେ ?

ସେମିତି କିଛି ନୁହେଁ ଯେ, ତଥାପି କହୁଛି ଶୁଣ । ସେଇମ... ଆମ ତଳ ବ୍ୟାଚ ରମେଶ ପାଣି ବୋଲି ଯୋଉ ପିଲାଟା ପଢୁଥିଲା, ଆରେ ବାବୁ ସେ ଆମ କଲେକ୍ଟୋରେଟକୁ ଅଫିସରଟେ ହେଇ ଆସିଛି । ଏଇ ଦୁଇଦିନ ତଳେ ପ୍ରଥମେ ମୋର ଚୌଧୁରୀ ବଜାରରେ ଦେଖାହୋଇଥିଲା । ମୋତେ ଦେଖି ଯୋଡ଼ହସ୍ତରେ ନମସ୍କାରଟେ ମାରି ପଚାରିଲା – ମଦନ ଭାଇ ! କ'ଣ ଚିହ୍ନି ପାରୁନାହାନ୍ତି । ମୁଁ କିଛିକ୍ଷଣ ତା' ମୁହଁକୁ ଚାହିଁ କହିଲି – ଆରେ ରମେଶଟି । ଏଠି କୁଆଡ଼େ । ସେ କହିଲା– ମୁଁ ସମ୍ବଲପୁରରୁ କଟକ କଲେକ୍ଟୋରେଟ୍‌କୁ ବଦଳି ହୋଇଆସିଛି । କାଲି ଜଏନ୍ କରିବି । ଆପଣ ଏଠି କ'ଣ କରୁଛନ୍ତି ?

ତା'କଥା ଶୁଣି ମୋର ହାଲିଆ ଶୁଖିଲା । ରମେଶ ପାଣି । ଏଠି ମୋର ଅଫିସରେ ଅଫିସର ହେବ । ମୁଁ ସେଇଠି ତା'ପାଖରେ କାମ କରିବି । ହଉ ହେଲା । ମନକୁ ସାନ୍ତ୍ୱନା ଦେଲି । ମୋ ମୁହଁକୁ ଚାହିଁଥିବାର ଦେଖି କହିଲି – କାଲିତ କଲେକ୍ଟୋରେଟ୍‌ରେ ଦେଖାହେବ । ଏତକ କହି ଏକାଦମ୍‌କେ ସାଇକେଲ୍ ଚଢ଼ି ଛୁ ।

ମୁଁ ପଚାରିଲି – ତା'ପରେ କ'ଣ ହେଲା ?

ମଦନ ଆଉ ଢୋକେ ଚା' ମୁହଁରେ ଦେଇ କହିଲା – କ'ଣ ଆଉ ହୋଇଥାନ୍ତା । ଦି'ଦିନ ପରେ ଗୋଟାଏ ଜରୁରୀ ଫାଇଲ ନେଇ ତା'ପାଖକୁ ଗଲି । ଫାଇଲ୍ ଟେବୁଲ୍ ଉପରେ ଥୋଇ ଠିଆହେଲି । ବସିବାକୁ ମଧ୍ୟ ସିଟ୍‌ଟାଏ ଅଫର୍ କଲାନି କି ମୁହଁ ଟେକି ଚାହିଁଲାନି ।

ମୁଁ କିଛି କହିବା ପୂର୍ବରୁ ଲଳିତା ଆଗତୁରା କହି ପକେଇଲା – ସେ ଅଫିସର । ତୁମେ ତାଙ୍କର ଅଧସ୍ତନ କିରାଣୀ । ସେ ତୁମକୁ ଆଦର ଅଭ୍ୟର୍ଥନା କରିଥାନ୍ତେ ନା କ'ଣ । କୋଉଦିନ ତୁମେ କଲେଜରେ ତାଙ୍କ ଉପର କ୍ଲାସ୍‌ରେ ପଢୁଥିଲ । ଆଜି ତ ସେ ତୁମ ଅଫିସର । ତୁମ ସି.ସି.ଆର୍. ତାଙ୍କ ହାତରେ । ଚାକିରି ତାଙ୍କ ହାତରେ । ଛୋଟ ଚାକିରି କରି ଅଧିକ ଆଶା କରିବ କାହିଁକି ?

ମଦନ ଦୁଃଖ ଓ ଗ୍ଲାନିରେ ଭାଙ୍ଗିପଡ଼ି କହିଲା– ହଁ ସତକଥା । ତେବେ ଦୁଇଦିନର ବ୍ୟବଧାନରେ ଏତେ ଫରକ । ରାସ୍ତାରେ ପ୍ରଥମ ଦେଖାରେ କେତେ ଆପଣାର ଭାବ, ସମ୍ମାନ ଅଥଚ ଅଫିସ ଭିତରେ ଏତେ ଅବଜ୍ଞା । ହେଲା ସେ' ତ ଅଫିସର, ମୁଁ ଅଧସ୍ତନ କିରାଣୀ । ବସିବାକୁ କହି ଭଲରେ ଦି'ପଦ କଥା ହୋଇଥିଲେ କ'ଣ ହୋଇନଥାନ୍ତା ।



Digitized by PPRACHIN, SOA

ଲଳିତା ତା'ର ଉତ୍ତର ଦେବାକୁ ମଧ୍ୟ ପଛେଇ ନଥିଲା – ଆଜିକାଲି ନିଜର ପଦବୀ, ମର୍ଯ୍ୟାଦାକୁ କିଏ କାହିଁ ଅନ୍ୟ ପାଖରେ ନ୍ୟୁନ କରିବ ? କ'ଣ ଦର୍କାର । ତୁମେ ନିଜେ ଯାହା ନୁହଁ ଅନ୍ୟଠୁ ତାହା ଆଶା କରୁଛ କାହିଁକି ?

ଲଳିତାର ଏ ପ୍ରକାର ଉତ୍ତରରେ ଆମେ ଦୁହେଁ ହତବାକ୍ ହୋଇଯାଇଥିଲୁ । ମଦନର ମାନସିକ ଅବସ୍ଥାକୁ ଲକ୍ଷ୍ୟକରି ମୁଁ କହିଲି- ଏସବୁରେ ଦୁଃଖ କରିବାର କିଛି ନାହିଁ । ରମେଶ ଉଚ୍ଚ ଶ୍ରେଣୀକୁ ଉନ୍ନିତ ହୋଇଯାଇଛି, ତୁମେ ତ ନିମ୍ନବର୍ଗରେ ରହିଛ । ସେ ତା' ଶ୍ରେଣୀର ଚେତନାକୁ ଆପଣାର କରିନେଇଛି । ତେଣୁ ତା'ର ବ୍ୟବହାରରେ ନିମ୍ନବର୍ଗ ପ୍ରତି ଅବଜ୍ଞା ରହିବା ସ୍ୱାଭାବିକ । ଏଥିରେ ଦୁଃଖ କରିବାର କିଛି ନାହିଁ ।

ଏତିକିରେ ମୁଁ ସେଦିନର ସେଇ ଅସ୍ୱସ୍ତିକର ଆଲୋଚନାର ପରିସମାପ୍ତି ଟାଣିଦେଲି । ହେଲେ ଲଳିତା ପ୍ରତି ମୋ ମନରେ ସୃଷ୍ଟି ହୋଇଥିବା ଉଚ୍ଚଧାରଣା କିଛିଟା ଦୋହଲିବାକୁ ଲାଗିଲା । ଲଳିତାର ସ୍ନିଗ୍ଧ ମଧୁର ବ୍ୟବହାରର ଢାଙ୍କୁଣି ଭିତରେ ମଧ୍ୟବିତ୍ତ ସ୍ୱଭାବ ସୁଲଭ ଅହମିକା ଲୁଚି ରହିଥିବାର ମନେହେଲା । ମୋ ସ୍ତ୍ରୀ ନୀରସ ଗମ୍ଭୀର ବ୍ୟବହାର ତୁଳନାରେ ମୁଁ ଲଳିତାକୁ ଉଚ୍ଚ ଆସନ ଦେଇଥିଲି । ମୋର ଧାରଣା ହୋଇଥିଲା, ଏଇ ଦମ୍ପତି ଦୁଇଟି ଆଜିର ଏ ଅଶାନ୍ତ ଜଟିଳ ଦୁନିଆରେ ସବୁଠୁ ବେଶୀ ସୁଖୀ ।

ପରଦିନ ନିର୍ଦ୍ଧାରିତ ସମୟ ଆଗରୁ ମଦନ ଅଫିସ୍ ଚାଲିଗଲା । ଲଳିତାକୁ ତାଗିଦ କରି ଦେଇଗଲା ମୋତେ ଖୁଆଇ ବିଦାକରିବ ବୋଲି । ମୋର ଡାକ୍ତରଙ୍କ ପାଖରେ କିଛିଟା ପରାମର୍ଶ କରିବାର ଥାଏ । ମୁଁ ମଧ୍ୟ ସଅଳ ସଅଳ ବାହାରିଲି । ଲଳିତା ଅନୁନୟ କରି କହିଲା, କାମ ସାରି ଆସି ଖାଇକରି ଯିବାକୁ । ଯା ହେଉ ଶୀଘ୍ର କାମସାରି ମୁଁ ଫେରିଆସିଲି । ଲଳିତା ଖାଇବାକୁ ଦେଇ ପାଖରେ ପଙ୍ଖାଟିଏ ଧରି ବସିଲା । ଭାରି ଗରମ ହେଉଛି କହି ବିଞ୍ଚିବାକୁ ଲାଗିଲା । ତା'ପରେ ମୋତେ ଅଙ୍ଗ ଥଙ୍ଗ ହେଇ କହିଲା- ଗୋଟେ କଥା ପଚାରିବି କହିବ ?

କହିଲି – କ'ଣ କହୁନା ?

– ଆଚ୍ଛା କହିଲ, ଅନୁର ଚରିତ୍ର କେମିତିକା ?

ହଠାତ୍ ଏଭଳି ଏକ ଅବାନ୍ତର ପ୍ରଶ୍ନ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି- ଏ ପ୍ରଶ୍ନ କାହିଁକି ?

– କିଛି ନାହିଁ ଯେ, ପଚାରୁଥିଲିନା ।

ମୁଁ ବାଧହୋଇ ଉତ୍ତର ଦେଲି – କାହିଁ ଭଲ ତ ।

ଲଳିତା ସେମିତି ସ୍ୱାଭାବିକ ଭାବରେ କହିଚାଲିଥାଏ – ନାଁ, କେବେ ଭଲ ନୁହେଁ । ଆଜିକାଲି କୋଉ ଝିଅର ଚରିତ୍ର ଭଲ ଅଛି । ମୋର ଚରିତ୍ର ବି ଭଲନୁହଁ । ମୁଁ ତ କଲେଜ ପଢ଼ିଲା ବେଳେ ଫସି ଯାଇଥିଲି ।



Digitized by PPRACHIN, SOA

ମୁଁ ଆଉ ସମ୍ଭାଳି ନପାରି କହିଲି - ତୁମେ କେମିତି ଜାଣିଲ ଅନୁର ଚରିତ୍ର ଖରାପ ବୋଲି । ତୁମର ଚରିତ୍ର ଭଲ ବୋଲି ତ ମୋର ଧାରଣା ଥିଲା । ତୁମେ କହିବାରୁ ଜାଣୁଛି ଖରାପ ବୋଲି । ହେଲେ ସେ ମଇଳାକୁ ଆଉ ଘାଣ୍ଟୁଛ କାହିଁକି ? ତାକୁ ଘୋଡ଼େଇ ପକେଇବା ସିନା ଉଚିତ୍ ।

ପୁଣି ସେ କହି ଚାଲିଲା - ମୁଁ ଜାଣିଛି ଅନୁର ଚରିତ୍ର ଭଲ ନୁହେଁ । ଝିଅମାନଙ୍କୁ ଚିହ୍ନିବା ବଡ଼ କଷ୍ଟ ।

ମୁଁ କହିଲି - ମୁଁ ତ ସେଇଆ ଭାବୁଛି । ତୁମକୁ ତ ମୁଁ ଖୁବ୍ ଉଚ୍ଚ ଆସନ ଦେଇଥିଲି ଆଜି ତ ଅଲଗା ରୂପରେ ଦେଖୁଛି ।

ତା'ପରେ ସେ କହିଲା - କାହିଁ ଅନୁ କଥା କହୁନା !

ମୁଁ କହିଲି - ଅନୁ କଥା କହିବା ଦରକାର ନାହିଁ । ମୁଁ ତାକୁ ଭଲଭାବରେ ଜାଣିଛି । ସେ ତୁମ ଜାଣିବାରେ ଯା ହେଉନା କାହିଁକି, ମୋ ଜାଣିବାରେ ତା'ର ଚରିତ୍ର ଭଲ । ସେ ବାବଦରେ ତୁମେ ମୁଣ୍ଡ ଖେଳେଇବା ବି ଅନୁଚିତ ।

ତା'ପରେ ସେ କଥାର ମୋଡ଼ ବଦଳେଇ କହିଲା- ଆଚ୍ଛା କହିଲ ତୁମ ଚରିତ୍ର କ'ଣ ଠିକ୍ ଅଛି ।

ମୁଁ ଉତ୍ତର ଦେଲି - କାହିଁ, ମୋ ଚରିତ୍ରରେ କିଛି ବ୍ୟତିକ୍ରମ ଦେଖିଲ କି ?

ଲଳିତା କହିଲା - ମୁଁ ଜାଣେ ପୁଅପିଲାର ଚରିତ୍ର ସୁଯୋଗ ନ ପାଇଲେ ଭଲଥାଏ । ସୁଯୋଗ ପାଇଲେ ସମସ୍ତେ ଖରାପ ।

ଏଭଳି ବାଜେ ଯୁକ୍ତିରେ ମୁଁ ବିରକ୍ତ ହୋଇସାରିଥାଏ । ସେତେବେଳକୁ ମୋର ଖିଆ ସରିଥାଏ । ଦ୍ୱିତୀୟବାର ଦେବାକୁ ଲଳିତା ଭୁଲିଯାଇଥାଏ । ମୁଁ ଉଠିପଡ଼ିବାରୁ ସେ ଲଜ୍ଜିତ ହୋଇ ମୋ ହାତକୁ ଧରି ବସେଇ ଦେଇ କହିଲା- ବସ ! ମୁଁ ପଛରେ ଦେବାକୁ ଭୁଲିଯାଇଛି । ମୁଁ ଅପେକ୍ଷା ନକରି ହାତ ଧୋଇବାକୁ ଚାଲିଗଲି । ମୁହଁ ପୋଛି ଯିବାକୁ ବାହାରିଲି । ମୁଁ ବାହାରିବା ଦେଖି ଲଳିତା ସ୍ନେହ ଗଦ୍‌ଗଦ୍ ହେଇ କହିଲା- ରାଗିଲ ବୋଧେ । କହୁ କହୁ ଅନେକ କଥା କହିଦେଲି । ମଦନବାବୁଙ୍କୁ କହିବନି ।

ମୁଁ ଚୁପ୍ ରହିଥାଏ । ଲଳିତା ସାଥିରେ ଅଧିକ କଥାହେବା ଆଉ ଯେପରି ନିରାପଦ ନୁହଁ ।

ସେ ସେତିକିରେ ତୃପ୍ତ ନଥିଲା । ପୁଣି କହିଚାଲିଲା - ଗୋଟିଏ କଥା ତୁମକୁ କହିବି, ମୋ ରାଣ, ତୁମେ ତୁମ ସାଙ୍ଗକୁ କହିବନି । ମୁଁ କହିଲି- ମୁଁ ନକହିବି କେମିତି । ମୁଁ ତ ତା'ପାଖରେ କିଛି ଲୁଚାଇ ପାରିବି ନାହିଁ ।



Digitized by PPRACHIN, SOA

ତା'ପରେ ସେ କହିଲା- ମୋର ଅନୁରୋଧ ତୁମେ ତାଙ୍କୁ କହିବ ନାହିଁ । ମୋର ପାଞ୍ଚଶହ ଟଙ୍କା ଦରକାର । ମୋ ଭାଇଙ୍କର ପୁଅଟିଏ ହେଇଛି । ତା'ର ଏକୋଇଶାକୁ ମୁଁ ଯିବି । ମୁଦିଟିଏ ଦେବାକୁ ପଡ଼ିବ । ପାଞ୍ଚଶହ ଟଙ୍କା ନଦେଲେ ହେବନି ।

ମୁଁ କହିଲି- ତୁମେ ମଦନକୁ କହୁନ ।

- ସେ ଦେବେନାହିଁ ।

- ମୁଁ କେମିତି ଦେବି ବୋଲି ଭାବୁଛ । ମୁଁ ମଦନକୁ ନଜଣେଇ ତୁମକୁ କେମିତି ଦେବି ।

- ତାଙ୍କୁ ଜଣେଇଲେ ମୁଁ ଆତ୍ମହତ୍ୟା କରିଦେବି ।

- ଓଃ ! ଏଭଳି କଥା କାହିଁକି ଉଚ୍ଚାରଣ କରୁଛ ?

- ସତ କହୁଛି ତୁମେ ତାଙ୍କୁ ଏକଥା ଜଣେଇଲେ, ମୁଁ ଆତ୍ମହତ୍ୟା କରିବି । ତୁମକୁ ଏ ପଇସା ମୁଁ ସୁବିଧା ହେଲେ ଫେରେଇବି, ନଚେତ୍ ନାହିଁ । ତୁମେ ତା' ବଦଳରେ ମୋଠୁ ଯାହା ଚାହିଁବ ନେଇପାର ।

- ସେପରି କଥା ମୁହଁରେ ଧରୁଛ କେମିତି ? ମୁଁ ଟିକିଏ ଗମ୍ଭୀର ହୋଇ କହିଲି ।

ଲଳିତା ମୋ କଥା ଶୁଣିବା ଅବସ୍ଥାରେ ନଥିଲା । ସେ ବିକଳ ହୋଇ ମୋତେ ପାଞ୍ଚଶ ଟଙ୍କା ପାଇଁ ଅନୁରୋଧ କଲା ।

ମୁଁ ଏଭଳି ପରିସ୍ଥିତିରେ କ'ଣ କରିବି କିଛି ବୁଦ୍ଧି ବାଟ ପାଇଲି ନାହିଁ । ମୁଁ ଯେପରି ମୋର ସଂବିତ୍ ହରାଇ ବସୁଛି । ମୋର ପବିତ୍ର ବନ୍ଧୁତ୍ୱକୁ ବନ୍ଧୁପତ୍ନୀ ଆଜି ନିଲାମ କରୁଛି । ମୁଁ କ'ଣ ସତରେ ଆଜି ହାରିଯିବି ।

'ଆଚ୍ଛା ହେଉ ତୁମ କଥା ମୋର ମନେରହିଲା । ମୋ ପାଖରେ ଏବେ ଟଙ୍କା ନାହିଁ । ଡେରି ହେଲାଣି ମୁଁ ଯାଉଚି ।' ଏତିକି କହି ତଡ଼ିତ୍ ବେଗରେ ମୁଁ ସେଠାରୁ ପ୍ରସ୍ଥାନ କଲି । ଫେରିବାବେଳେ ମୋ କାନରେ କହୁଥିଲା- 'ମୋ କଥା ମନେ ରଖିଥିବ ।'

ବସ୍ ଧରିବା ପରେ ମୁଁ ଯେପରି ମୋର ସଂବିତ୍ ଫେରିପାଇଲି । ରୁମାଲ ବାହାର କରି ଭଲ ଭାବରେ ମୁହଁ ପୋଛିଦେଲି ପରସ୍ତେ । ସେଇ ମଦନ କଥାଟା ଖାଲି ମୋର ମନେପଡ଼ିଲା । ଆଉ ହୁଏତ ତା' ସହିତ ସାକ୍ଷାତ୍ ହେବନି । ଯଦି ହେବ କଟକ ସହରର କୌଣସି ଗଳିରେ, ଛକରେ ବା ଜନଗହଳିରେ । କିନ୍ତୁ ତା' ବସାରେ ନୁହେଁ କି କାଠଯୋଡ଼ି ବାଲିରେ ନୁହେଁ ।



Digitized by PPRACHIN, SOA

ବିଚରା ମଦନ ! ତୋ କଲେଜ ଜୀବନର ଜୁନିଅର ରମେଶ ଆଜି ଅଫିସର ହୋଇ ତୋ ପାଖରେ ଭାଉ ଦେଖେଇଲା ବୋଲି ତୁ ଦୁଃଖରେ ଭାଙ୍ଗି ପଡ଼ିଲୁ । ହେଲେ ତୋ ଘରେ ତ ଭୟଙ୍କର ସରୀସୃପଟେ ଅଛି । ତୁ ଯେତେବେଳେ ତା' କଥା ଜାଣିବୁ, ତୋ ଦୁଃଖର ହିସାବ ରଖିବ କିଏ ? ତୁ ଅଫିସରେ ବାଘଟେ ଦେଖି ଡରୁଛି କିଆଁ ? ତୋ ଅଫିସ, ତୋ ଘର ସବୁଠିତ ସେଇ ମଧ୍ୟବିତ୍ତ ମାନସିକତାର ପୂତିଗନ୍ଧମୟ ଅନ୍ଧକାର । ତୁ ତାରି ମଝିରେ ଯାହାଖାଲି ଉବୁଟୁବୁ ହେଉଛୁ । ଏଥିରୁ ନିସ୍ତାର ପାଇବା ପାଇଁ ରାସ୍ତା ଖୋଜିଲେ ସିନା ମିଳିବ !■■



Digitized by PPRACHIN, SOA

# ସତ୍ୟର ବ୍ୟବଚ୍ଛେଦ

ସତ୍ୟକୁ ବ୍ୟବଚ୍ଛେଦ ସ୍ଥଳୀକୁ ନିଆଗଲା । ସାଥିରେ ସିପେଇ ଓ ଘେରି ରହିଥିବା ବହୁ ଆପଣାର ଲୋକ । ବାଧ ପିଲାଟି ପରି ସତ୍ୟ ସହଜ ଭାବରେ ଚାଲିଥାଏ ସେମାନଙ୍କ ସାଥିରେ । ବ୍ୟବଚ୍ଛେଦ ମଞ୍ଚରେ ସତ୍ୟକୁ ଠିଆ କରାଗଲା । ଅଗଣିତ ଲୋକ ରୁଣ୍ଡ ହୋଇଥାନ୍ତି ସେଇଠି । ସମସ୍ତେ ଉତ୍ସୁକ, ଅଥଚ ଆଉ ସମ୍ବେଦନଶୀଳ ।

ଆଃ ! ସତ୍ୟର ଶେଷରେ ବ୍ୟବଚ୍ଛେଦ ହେବ ! କି ଭୟଙ୍କର ସେ ଦୃଶ୍ୟ ! କି ହୃଦୟ ବିଦାରକ ! ନାଃ ! ନାଃ ! ସତ୍ୟର ନିଶ୍ଚୟ ବ୍ୟବଚ୍ଛେଦ ହେବ । ଅଲବତ ହେବ । ନହେବ କାହିଁକି ? ସତ୍ୟ କୋଉଠୁ ଆସିଲା କି ! ପାଠ ଶାଠ ପଢ଼ିଚି ବୋଲି କ'ଣ ହେଇଗଲାକି ସିଏ ! ଏତେ ବିଜ୍ଞ ପିଲାଟା, ଶେଷରେ ପୁଣି ଏଇଆ କଲା । ବାପ, ଅଜା, ସାତପୁରୁଷର ନାଁ ତଳକୁ କରିଦେଲା ! ଗାଁର ନାଁ ବି ବଦନାମ୍ କଲା ! ତା'ର ସମ୍ପୂର୍ଣ୍ଣ ବ୍ୟବଚ୍ଛେଦ ହେବା ତ ନିଶ୍ଚୟ ଜରୁରୀ ।

ଏ ଥିଲା ସତ୍ୟର ସାଇ ପଡ଼ିଶା, ସାଥି ସହୋଦର ଗାଁ ଲୋକଙ୍କ ପ୍ରତିକ୍ରିୟା, ତା' ସମ୍ପର୍କରେ ।

ତେବେ ବ୍ୟବଚ୍ଛେଦ କାମ ଆରମ୍ଭ ହେଉ । ତାକୁ ପ୍ରଥମେ ଉଲଗ୍ନ କରାଯାଉ । ଯେତେ ଦେଶଜ ଦୋଅକ୍ଷରୀ, ତିନି ଅକ୍ଷରୀ, ଚାରି ଅକ୍ଷରୀ ଓ ପାଞ୍ଚ ଅକ୍ଷରୀ ଶବ୍ଦ ମାନ ଥିଲା, ସେସବୁ ବାଛି ବାଛି ନିର୍ବିଘ୍ନରେ ପ୍ରୟୋଗ କରାଗଲା । ତାକୁ ସମ୍ପୂର୍ଣ୍ଣ ଉଲଗ୍ନ କରିଦିଆଗଲା ସର୍ବ ସମକ୍ଷରେ ।

ସତ୍ୟ କିନ୍ତୁ ନିଶ୍ଚୁପ ଥିଲା । ଖୁବ୍ ସ୍ୱାଭାବିକ ଓ ଉଜ୍ଜ୍ୱଳ ଦିଶୁଥିଲା ତା' ମୁହଁ ।

ସତ୍ୟକୁ ଜୀଅନ୍ତା କାଟି ଖଣ୍ଡ ଖଣ୍ଡ କରାଗଲା । ଜଣେ ପୁରୁଖା ଲୋକ ଗୋଟେ ତାଲିକା ଧରିଥାନ୍ତି । ସତ୍ୟର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ କାଟି ଛିନ୍ ଭିନ୍ କଲାବେଳେ



Digitized by PPRACHIN, SOA

ଯାହା ଯାହା ବିଲକ୍ଷଣ ଦେଖାଯିବା କଥା ସେ ସବୁ ଅଛିକି ନାହିଁ, ତାହା ଗୋଟି ଗୋଟି କରି ଲେନ୍ସ ପକେଇ ଦେଖାଯାଉଥାଏ ଏବଂ ତାଲିକାରେ ଥିବା ସୂଚନାରେ ହଁ ବା ନାଁ ଲେଖାଯାଉଥାଏ । ସେଗୁଡ଼ିକ ବୋଧହୁଏ ଏହିପରି ଉଲ୍ଲେଖ ଥାଏ ।

ଲୋକଟି ବିଧର୍ମୀ ହେଇଚି କି - ନା

ଗୋମାଂସ ଖାଇଚି କି - ନା

ନାରୀ ଧର୍ଷଣ କରିଛି କି - ନା

ଯୌତୁକ ନିର୍ଯ୍ୟାତନା ଦେଇଚି କି - ନା

ଚୋରି କରିଚି କି - ନା

ଡକାୟତି କରିଚି କି - ନା

ରାହାଜାନି କରିଚି କି - ନା

ଠକେଇ ଧପାବାଜି କରିଚି କି - ନା

ଲାଞ୍ଚ ନିଷତ୍ ନେଇଚି କି - ନା

ଗଞ୍ଜେଇ କି ଅଫିମ ଚାଷ କରିଚି କି - ନା

ଘେରା କାରବାରେ ଲିପ୍ତ କି - ନା

ଟିକସ ଫାଙ୍କି ଦେଇଚି କି - ନା

ହତ୍ୟାକାଣ୍ଡରେ ଲିପ୍ତ କି - ନା

ସାଥିରେ ଥିବା ସିପେଇ ଜଣକ ଚିତ୍କାର କରି କହିଲା - ହଁ, ହଁ !

ବ୍ୟବଚ୍ଛେଦ କରୁଥିବା ଲୋକମାନେ ପ୍ରତିବାଦ କରି କହିଲେ- ନରହତ୍ୟା କରିଥିବାର କୌଣସି ଜୈବିକ ପ୍ରତିକ୍ରିୟା ଲୋକଟିର ମସ୍ତିଷ୍କ ବା ଶରୀରର କୌଣସି ସ୍ଥାନରେ ନାହିଁ । ହଁ ବୋଲି ସିପେଇ ବାବୁ କହୁଚ କିପରି ?

ସିପେଇ ଜଣକ କହିଲା - ପୁଲିସ୍ ଏ ସବୁର ସାକ୍ଷୀ ଅଛି ।

କିଛି ଲୋକ ଚିଲେଇକରି କହିଲେ - ଆଉ ଆଉ ଭୟଙ୍କର ଅପରାଧରେ ସତ୍ୟ ବି ଜଡ଼ିତ ଅଛି । ତା' ଦେହରେ ସେ ସବୁର କି ଚିହ୍ନ ବର୍ଣ୍ଣ ଥାଉ ବା ନଥାଉ ।

କିଛି ଲୋକ - କ'ଣ ସେ ସବୁ ଅପରାଧ ?

ଆଉକିଛି ଲୋକ - ବନ୍ଧୁ ବିରାଦ, ଭଉଣୀ ଭିଣୋଇମାନଙ୍କ ପରିବାରର ବିବାହ, ବ୍ରତ, ଘର ପ୍ରତିଷ୍ଠା, ପାଲା, ମେଳା, ଶୁଦ୍ଧିକ୍ରିୟା ଆଦି ଉତ୍ସବାନୁଷ୍ଠାନ ଆଦିରେ ବିଗତ ୧୦ବର୍ଷ ହେଲା ସତ୍ୟ ଆଦୌ ଅଂଶଗ୍ରହଣ କରୁନାହିଁ ।

କିଛି ଜ୍ଞାତି କୁଟୁମ୍ବ - ବାପା, ମା'ଙ୍କ ଦେହପା ଭଲମନ୍ଦ ଖବର ବହୁଦିନ ଧରି ବୁଝିନାହିଁ । ମା'ଙ୍କ ମୃତ୍ୟୁ ସମୟରେ ବି ଆସି ଉପସ୍ଥିତ ହେଇପାରିନାହିଁ ।



Digitized by PPRACHIN, SOA

ସିପେଇ - ସେ' ଆଇନ ଅମାନ୍ୟ, ଦେଶଦ୍ରୋହ, ହତ୍ୟାକାଣ୍ଡ ଆଦିରେ କିଛିଦିନ ଧରି ଲିପ୍ତ ରହିଚି । ଯା ପାଇଁ କଠୋର ଦଣ୍ଡ ହିଁ ତ ଶାସ୍ତି...

ସତ୍ୟର ଜଣେ ସହପାଠୀ - ସେଁ ! ସତ୍ୟ ଏସବୁ କ'ଣ କରୁଚି ! ସତ୍ୟ ଗପ, କବିତା ଲେଖେ ବୋଲି ଆମେ ଜାଣିଚୁ । ସମାଜ ସେବା ମଧ୍ୟ କରେ, ସେଥିପାଇଁ ସେ ପରିବାର, ବନ୍ଧୁବାନ୍ଧବଙ୍କ ପାଇ ସମୟ ବାଣ୍ଟିପାରେନି, ହେଲେ ଦେଶଦ୍ରୋହ, ମର୍ଡ଼ର... । ନା କେଭେ ନୁହେଁ ।

ସିପେଇ - ଦଳେ ହିଂସ୍ର ଲୋକଙ୍କ ସାଙ୍ଗରେ ସେ ମିଶିଚି । ସରଳ, ନିରୀହ ଲୋକଗୁଡ଼ାଙ୍କୁ ମତେଇ ତତେଇ ହିଂସାକାଣ୍ଡ ଭିଆଉଚି । ଏମାନେ ଖାଲି ମର୍ଡ଼ର... ମର୍ଡ଼ର... । ଆମ ପାଖରେ ଯଥେଷ୍ଟ ପ୍ରମାଣ ଅଛି । ବହୁ କଷ୍ଟେ ଅନୁନୟ ବିନୟ କରି ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ନେଇ ଜେଲ୍‌ରୁ ଆସିଚି । ମା'ର ଶୁଦ୍ଧିକ୍ରିୟା ସାରି ପୁଣି ଜେଲ୍‌କୁ ଚାଲିଯିବ ମୋ ସାଥିରେ ।

ସତ୍ୟର ସହପାଠୀ - ଓଃ ! ସତ୍ୟ ତା'ହେଲେ ସେଇମାନଙ୍କ ସାଥିରେ ଅଛି, ଯୋଉମାନେ ଲୁଚି ଲୁଚି ହିଂସାତ୍ମକ ଲଢ଼େଇରେ...

ଅନ୍ୟଲୋକମାନେ - ସତ୍ୟ ତା'ହେଲେ ତ ଖୁନୀ... ଅପରାଧୀ...

ହିଁ ସତ୍ୟର ବ୍ୟବଛେଦ ଶେଷ ହେଇଯାଇଥାଏ । ଜ୍ଞାତି କୁଟୁମ୍ବମାନେ ଏଥର କହିଉଠିଲେ - ଏବେ ବୁଢ଼ୀର ଶବ ଉଠିବ, ସତ୍ୟ ତା' କାନ୍ଧରେ ମା'ର ଶବକୁ ନେବ । ତାକୁ ଏଣିକି ଛାଡ଼ିଦିଅ ।

ବ୍ୟବଛେଦ ସ୍ଥଳୀରୁ ଲୋକମାନେ ଧୀରେ ଧୀରେ ଅପସରିଗଲେ । ସତ୍ୟର ଅଙ୍ଗ ପ୍ରତ୍ୟଙ୍ଗ ଆସ୍ତେ ଆସ୍ତେ ଯୋଡ଼ି ହେଇଗଲା । ତଥାପି ତାଠୁ ଧାର ଧାର ରକ୍ତ ବୋହୁଥିଲା । ସେ ନିର୍ଲିପ୍ତ ଭାବରେ ସିଧାହୋଇ ଠିଆହେଲା, ସିପେଇଟି ତା' ସାଙ୍ଗରେ ଚାଲିଲା ମା'ର ଶବ ଆଡ଼କୁ ।

ଏକାଦଶାହ ପରଦିନ ସତ୍ୟ ସବୁ ଜ୍ଞାତି କୁଟୁମ୍ବଙ୍କଠାରୁ ବିଦାୟ ନେଲା, ସାଥିରେ ସେଇ ସିପେଇ । ଦୁଃଖ ଓ ସମବେଦନାରେ ଭଉଣୀ ଭିଣୋଇ ଜ୍ଞାତି ପରିଜନ କହୁଥାନ୍ତି - ସତ୍ୟ ଶେଷରେ ଏଇଆ କଲା ! ସେଇ ହିଂସ୍ର ଲୋକଗୁଡ଼ାଙ୍କ ସାଙ୍ଗରେ ମିଶିଲା । ରକ୍ତପାତ କଲା, ଜେଲ୍ ଗଲା !

ସତ୍ୟର ବ୍ୟବଛେଦ ସରିନଥାଏ । ପ୍ରତ୍ୟେକ ପଦପାତରେ, ପ୍ରତ୍ୟେକ ଛକ ଜାଗାରେ, ପ୍ରତ୍ୟେକ ମୋଡ଼ରେ ଯେପରି ତା'ର ବ୍ୟବଛେଦ ଚାଲିଥାଏ । ସତ୍ୟ ରକ୍ତାକ୍ତ ହେଇ ଗତି କରୁଥାଏ ସମୟ ସାଥିରେ । ବୋଧହୁଏ ସତ୍ୟମାନଙ୍କର କାଳ କାଳ ଏମିତି ବ୍ୟବଛେଦ ଚାଲିଥାଏ ।



Digitized by PPRACHIN, SOA

ସତ୍ୟର ବିଦାୟ ବେଳକୁ ଫେର୍ ଲୋକମାନେ ରୁଣ୍ଡ ହେଇଯାଇଥାନ୍ତି ତା'ପାଖରେ । ସମସ୍ତେ ଏଥର ନିରବ । ସମ୍ବେଦନାରେ ଆକୁଳ, ଅସ୍ଥିର । ସତ୍ୟକୁ ଝିନ୍ ଭିନ୍ କରି ବ୍ୟବଛେଦ କରିଥିବାରୁ ବିବଶ, ବ୍ୟଥିତ । ଯା' ହେଲେ ବି ସେ' ତ ସେମାନଙ୍କର ସେଇ ପ୍ରିୟ ସତ୍ୟ ।

ସତ୍ୟ ସମସ୍ତଙ୍କୁ ପ୍ରଣିପାତ ଜଣେଇ ଚାଲିଲା ନିର୍ଲିପ୍ତ ଭାବରେ । ଦେହ ସାରା ରକ୍ତ ଜର ଜର । ଅଥଚ ଗୋଟାଏ ନିରୀହ ନିଷ୍ପାପ ଶିଶୁ ପରି ତା' ମୁହଁ ଅଦ୍ଭୁତ ଭାବରେ କମନୀୟ । ଆଖି ଦୁଇଟି ପଦ୍ମଫୁଲ ପରି ଛଳ ଛଳ ଢଳ ଢଳ । ସତ୍ୟର ପ୍ରତ୍ୟେକ ପଦପାତରେ ତା'ର ସେଇ ଜନ୍ମମାଟିର ଥିଲା କିଛିଟା ଶିହରଣ ।

ସମବେତ ଲୋକ ଏଥର ଚାହୁଁଥିଲେ ସତ୍ୟ ଟିକିଏ ପଛକୁ ଫେରି ଚାହାନ୍ତା କି ! ଟିକେ ସେଇଠି ରହିଯାଆନ୍ତା କି ! ଆମେ ତା' ସହିତ ଦି'ପଦ କଥା ହୁଅନ୍ତେ ! ତା' ହୃଦୟର ଫାଟକ ଖୋଲି ଟିକେ ଭିତରକୁ ପଶନ୍ତେ ! ଆଃ ! ଏଇତ ସତ୍ୟ ଚାଲିଯାଉଚି ।

ସେମାନଙ୍କ ଭିତରୁ କେହି ଜଣେ ପଚାରିଲା, ତମେ ସବୁ ଏମିତି ଚାହିଁବ କ'ଣ ? ଗୋଟେ ଜୀଅନ୍ତା ମଣିଷକୁ ବ୍ୟବଛେଦ କରିବା ପୂର୍ବରୁ ତା' ଠୁ ତା'ର ବୟାନ ଟିକେ ନେଲନାହିଁ । ଆସାମୀଠୁ କୌଣସି ବୟାନ ନନେଇ କ'ଣ କୋଉ ବିଚାରପତି ଦଣ୍ଡ ବିଧାନ କରିଥାଏ ?

ସତ୍ୟ କାହିଁକି କି ଧରଣର ହିଂସାତ୍ମକ କାଣ୍ଡରେ ଲିପ୍ତ ଅଛି, କୋଉ ଲକ୍ଷ୍ୟରେ ସେ ଏ ସବୁ କରୁଚି, ସେ ପ୍ରକୃତରେ କିଛି ଖୁନ୍ ଖରାପ କରିଚି କି ନାଇଁ ସେ ବିଷୟରେ ପଦେ ବି ତାକୁ ପଚାରିଲ ନାହିଁ । ଠିକ୍ ହେଉ କି ଭୁଲ ହେଉ କିଛି ତ ସେ କହିଥାନ୍ତା ! ସେତକ ସୁଯୋଗ ବି ତାକୁ ଦେଲନାହିଁ । ଏଇଟା କୋଉ ନ୍ୟାୟ ଯେ ! ଶେଷରେ ତା'ଠି ଅପରାଧୀ, ଦାଗୀର ମୋହର ମାରିଦେଲ !

ଲୋକଗୁଡ଼ା ଚକିତ ହେଇ ଚାହିଁ ରହିଥାନ୍ତି । ତା' ଭିତରେ ଥାଆନ୍ତି ତା' ପରିବାର, ବନ୍ଧୁ ବାନ୍ଧବ, ପ୍ରିୟ ପରିଜନ ସମସ୍ତେ । କାହା ପାଟିରୁ କିଛି କଥା ବାହାରୁନଥାଏ । ସତ୍ୟର ହାତକଡ଼ିରେ ଲାଗିଥିବା ଶିକୁଳିଟା ଧରି ସିପେଇଟି ଚାଲିଥାଏ । ସତ୍ୟ ତା ପଛେ ପଛେ ଯାଉଥାଏ । ଏ ଅଭାବନୀୟ ଦୃଶ୍ୟ କ୍ରମଶଃ ଅସହ୍ୟବୋଧ ହେଉଥାଏ ଲୋକଗୁଡ଼ାଙ୍କୁ । ସତ୍ୟ କ୍ରମଶଃ ଦୃଷ୍ଟିପଥରୁ ଅପସରି ଯାଉଥାଏ ।

ଲୋକଗୁଡ଼ାକ ଏକା ସ୍ୱରରେ ହଠାତ୍ ଚିତ୍କାର କରି ଉଠିଲେ ସତ୍ୟ ! ସତ୍ୟ !! ସତ୍ୟ !!!

ସତ୍ୟ ଆଉ ପଛକୁ ଦୃଷ୍ଟି ଫେରେଇ ନଥିଲା । ସେ ଆଗକୁ ଆଗକୁ ଚାଲୁଥିଲା ।



Digitized by PPRACHIN, SOA

# କେଆର ଲେସ୍

ସକାଳୁ ସକାଳୁ ମୁହଁ ନଧୋଇ, ଦାନ୍ତ ନଘଷି, ମୁଣ୍ଡ ନକୁଣ୍ଡାଇ ପ୍ୟାଣ୍ଟ୍ ସାର୍ଟ ପିନ୍ଧି ବାହାରି ପଡ଼ିଲେ ତୋଫାନ ଦାସ । ପତ୍ନୀ ମାଧୁରୀ ଏତେ ସକାଳୁ ଏଭଳି ଢଙ୍ଗରେ ବାବୁଙ୍କର ବାହାରକୁ ଯିବାର ଆଦବ କାଏଦା ଦେଖି ଧରିନେଲେ ଆଜି ହେଉଛି ରବିବାର । ଅବଶ୍ୟ ସବୁ ରବିବାର ନୁହେଁ । ଦିନେ ଦିନେ ରବିବାରରେ ଏମିତି ବାହାରିବାକୁ କୁହାଯାଏ 'କେଆର୍‌ଲେସ୍' ଫେସନ । କୁଆଡ଼େ ଯିବେ ଠିକ୍ ନଥାଏ, କେତେବେଳେ ଫେରିବେ ତା' ମଧ୍ୟ ଠିକ୍ ନଥାଏ । ଫେରୁ ଫେରୁ ହୁଏତ ଦିନ ବାରଟା, ଗୋଟାଏ, ଦି'ଟା, ଚାରିଟା, ସନ୍ଧ୍ୟା ବା ରାତି ଅଧ ହେଇଯାଇପାରେ ।

ହେଲେ ସେଦିନ ସେପରି କିଛି ଆଶଙ୍କା ନଥିଲା । କାରଣ ତୋଫାନ ବାବୁ ଯିବାପୂର୍ବରୁ କହିଥିଲେ, ମାଧୁରୀ ! ମୁଁ ଯାଉଛି, ଠିକ୍ ୧୦ଟା ବେଳକୁ ମାଂସ ଆଣି ପହଞ୍ଚିବି । ତୁମେ ସବୁ ଠିକ୍ ଠାକ୍ କରିଥିବ ।

ଅପେକ୍ଷା କରି କରି ଦିନ ୧୨ଟା ବେଳକୁ ମାଧୁରୀ ଇତସ୍ତତଃ ହୋଇପଡ଼ିଲେ । କାରଣ ପୁଅ ପାପୁନ୍ ତ ପୁଣି ଖାଇବ । ମାଂସ, ମାଂସ ବୋଲି ଚିଲାଉଛି । ମାଂସ ଆସିବ ବୋଲି ତାକୁ ସେ କହି ଦେଇଛନ୍ତି । ପିଲାଟା ମାଛ, ମାଂସ ଖାଇବାରେ ଓସ୍ତାଦ । ନହେଲେ ଶରୀରଟା ଏମିତି ହୋଇଥାନ୍ତା କିମିତି । ମାଧୁରୀ, ପାପୁନ୍‌ର ପୂରିଲା ପୂରିଲା ଦେହକୁ ଚାହିଁଲେ ସବୁ ଦୁଃଖ ଭୁଲିଯାନ୍ତି । ତା'ନହେଲେ ତୋଫାନ ପରି ଏକ ଧୂମକେତୁ ସହ ଆଧୁନିକତମ ସହର ଭୁବନେଶ୍ୱରରେ ଚଳି ଆସିଥିବା ଝିଅଟାଏ ଚଳନ୍ତା କିପରି ?

ସମୟ ଯେତେବେଳେ ଗଡ଼ିଯାଉଥାଏ, ମାଧୁରୀର ମନ ସେତେ ଚଞ୍ଚଳ ବିବ୍ରତ ହୋଇ ଉଠୁଥାଏ । ଗୋଟାଏ, ଦି'ଟା, ତିନିଟା, ଚାରିଟା ବାଜି ଯିବାରୁ ମାଧୁରୀଙ୍କ ଧୈର୍ଯ୍ୟର



Digitized by PPRACHIN, SOA

ବନ୍ଧଟି ଟଳମଳ ହୋଇଯାଇଥାଏ । ହୁଏତ ହଠାତ୍ ଭାଙ୍ଗିଯିବ, ବଢ଼ିପାଣି ମାଡ଼ି ଆସିବ, ସଂସାରଟା ଉଜୁଡ଼ିଯିବ । କାରଣ କେୟାରଲେସ୍ ଢଙ୍ଗର ଅର୍ଥ ମାଧୁରୀ ପରି ଆଧୁନିକା ଝିଅକୁ ବେଶ୍ ଜଣାଥାଏ । ଏ ବେଶରେ ବାହାରିବା ଅର୍ଥ ଲଫଙ୍ଗା ସାଙ୍ଗମାନଙ୍କ ସାଥିରେ ଯାଇ ଫୁଟ୍‌ପାଥରେ ଚା'ପିଇବା, ତା'ପରେ ମେରାଇନ୍ ଡ୍ରାଇଭ୍ ଆଡ଼େ ବୁଲିଯିବା ବା କେଉଁଠି ଗୁଲି ମାରିବା ଏବଂ ସବା ଶେଷ କଥାଟି ହେଉଛି, ଏକ ରୋମାଞ୍ଚକର ଅନୁଭୂତି ଭିତରେ ଆତ୍ମବିସ୍ମୃତି ହେବା ଅର୍ଥାତ୍ ବାର୍‌ରେ ନାନ୍, ଚିକେନ୍ ଖାଇ ବିଦେଶୀ ପାନୀୟରୁ ପେଟେ ପିଇ ବେହୋସ ହେବା । ସୁତରାଂ ଏ ଦୁର୍ଭାଗ୍ୟ ଆଜି ଯେ ଘଟି ନଥିବ, ସେ କଥା କିଏ କହିବ ?

ମାଧୁରୀଙ୍କର ଦିଅର ହିସାବ ଅର୍ଥାତ୍ ତୋଫାନକୁ ବଡ଼ଭାଇର ଖାତିର୍ ଦେଖାଇ ଆବଶ୍ୟକ ସ୍ଥଳେ ଭଲମନ୍ଦ ଖବର ବୁଝିବାକୁ ଆଗେଇ ଆସୁଥିବା ଧୂର୍ଜଟୀ ଓ ଭୈରବ, ଏ ଦି'ଜଣଙ୍କୁ ସେ ଡକେଇଲେ । ସେମାନଙ୍କୁ ଏହି ପ୍ରକାର ନିର୍ଦ୍ଦେଶ ଦେଲେ – ତୁମେ ଦୁହେଁ ଭାଇଙ୍କ ସନ୍ଧାନ ନେବାକୁ ଦୁଇଟି ଭିନ୍ନ ଦିଗରେ ଗତି କରିବ, ଜଣେ ମଟରସାଇକେଲ ନେଇଯାଅ, ସବୁ ରାସ୍ତା, ମେରାଇନ୍ ଡ୍ରାଇଭ୍‌ସ, ବ୍ରେକ୍ ୱାଟର ଆଦି ସବୁଠି ବୁଲି ଦେଖିଆସିବ । ଭୈରବ ତୁମେ ଏ କାର୍ଯ୍ୟଟି କରି ଶୀଘ୍ର ଆସି ଜଣାଇବ । (ଧୂର୍ଜଟୀକୁ ଚାହିଁ) ଧୂର୍ଜଟୀ ତୁମେ ସରକାରୀ ଡାକ୍ତରଖାନା, କମ୍ପାନୀ ଡାକ୍ତରଖାନା ମେଲ୍‌ୱାର୍ଡ୍‌ର ସବୁ କେବିନ୍ ବେଡ୍ ଓ ଯେତେ ବାର୍ ଅଛି ସବୁଠି ଖୋଜି ଆସି ମୋତେ ଖବର ଜଣାଅ ।

ଆଜ୍ଞା ପାଇ ଅନୁଗତ ଦେବର ଦ୍ୱୟ ଦୁଇଟି ଭିନ୍ନ ଭିନ୍ନ ଦିଗକୁ ଗତିକଲେ । ମାଧୁରୀ କିଞ୍ଚିତ୍ ଆଶ୍ୱସ୍ତ ହେଲେ । ଭାବିଲେ, ଯଦିଓ ଏକ୍‌ସିଡେଣ୍ଟ୍ ହୋଇଥାଏ ବା ଓଭରଡ୍ରିଙ୍କ୍ କରି ଶୋଇ ଯାଇଥିବେ, ତେବେ ବାର୍‌ରେ ଥିବେ । ବୁଲାବୁଲି କରୁଥିବେ ତ ମେରାଇନ୍ ଡ୍ରାଇଭ୍‌ରୁ ଧରା ହେବେ ।

ମାଧୁରୀ ଗାଧୋଇ ନାହାନ୍ତି, ଖାଇ ନାହାନ୍ତି, ପାପୁନ୍ କାନ୍ଦିବାରୁ ତାକୁ ଯାହା ଦିଓଟି ଖୁଆଇଦେଇ ଶୁଆଇ ଦେଇଛନ୍ତି । ମନେ ମନେ ଭାବୁଥାନ୍ତି ଆଜି ଆସିଯାଆନ୍ତୁ ସବୁ ଫଇସଲା ହୋଇଯିବ । ତାଙ୍କର ଦିନକୁ ମୋର ଦିନେ ।

ସନ୍ଧ୍ୟା ହେଲାଣି ମନଟା ଡହଳ ବିକଳ ହେଲାଣି, ଦାଉ ସାଧିବେ କ'ଣ ? ଲୋକଟା ଏକା ଜୀବନରେ ଥିବ କି । ସବୁ ଠାକୁରଙ୍କୁ ଡାକିବାକୁ ଲାଗିଲେ ମାଧୁରୀ । ଠାକୁରଙ୍କୁ ଡାକିବା ଏଇ ହୁଏତ ତାଙ୍କର ପ୍ରଥମ ।

ପ୍ରଥମେ ଭୈରବ ତା'ପରେ ଧୂର୍ଜଟି ଆସି ପହଞ୍ଚିଗଲେ । କୌଣସିଠାରୁ କିଛି



Digitized by PPRACHIN, SOA

ଖବର ମିଳିଲା ନାହିଁ । ବଡ଼ ଆଶ୍ଚର୍ଯ୍ୟ ! ଓଃ କି ବିପଦ ! ବିପଦର କଳାମେଘ ଚତୁର୍ଦ୍ଦିଗରୁ ଦିଗ୍‌ବଳୟ ସାରା ଓହଳି ପଡୁଥାଏ । ମାଧୁରୀଙ୍କର ଧୈର୍ଯ୍ୟର ବନ୍ଧଟିରେ ଫାଙ୍କ ଦେଖାଗଲାଣି । ଭାଙ୍ଗିଯିବ ବୋଲି ଟଳମଳ ହେଲାଣି ।

ରାତି ଏଗାରଟା ତିରିଶି । ଆଉ ଅଧଘଣ୍ଟାକ ପରେ ସୋମବାର ହୋଇଯିବ । ସୋମବାର ହେବା ପୂର୍ବରୁ କେୟାରଲେସ୍ ଫେସନର ଅବସାନ ଘଟିବ । ଚାହୁଁ ଚାହୁଁ କାର୍‌ଟି ଆସି ଧଡ଼କିନା ଫାଟକ ପାଖରେ ଅଟକିଗଲା । କାର୍‌ରେ ବୁହାହୋଇ ଆସିଚି ତୋଫାନ ବାବୁଙ୍କ ଶରୀର । ମାଧୁରୀ ଭାବିଲେ ହୁଏତ ଡେଡ୍‌ବଡ଼ି । ମାଧୁରୀଙ୍କର ଛାତି ଜୋର୍ ଧପ୍ ଧପ୍ ହେବାକୁ ଲାଗିଲା । ସେ ଝରକା ଫାଙ୍କରେ ଦେଖିଲେ ଡ୍ରିମ୍‌ଲ୍ୟାଣ୍ଡ ବାର୍‌ର ମାଲିକ ଉଦ୍ଧାମ ସିଂ କାର୍‌ଟିରୁ ତୋଫାନ ବାବୁଙ୍କୁ ଧରି ଧରି ଆଣୁଛନ୍ତି । ତାଙ୍କୁ ବାରଣ୍ଡାରେ ଥିବା ଚୌକିରେ ବସାଇଦେଇ ମାଧୁରୀଙ୍କୁ ଚାହିଁ କହିଲେ- ବେଟି ଘାବରା ମତ୍ କରୋ ! ବେଟା ଠିକ୍ ହେ... ଏତକ କହି କାର୍‌ରେ ବସି ଚାଲିଗଲେ ।

ଉଦ୍ଧାମ ସିଂ ତୋଫାନଙ୍କୁ ଧରି ଆସୁଥିବା ସମୟରେ ମାଧୁରୀ ଲକ୍ଷ୍ୟ କରିଛନ୍ତି ତାଙ୍କ ବାନିଅନ୍‌ର କିଛି ଅଂଶ ଲାଲ୍ ହୋଇଯାଇଛି । ବିଦେଶୀ ମଦରୁ କିଛି ଅଂଶ ଢାଳି ହୋଇଛି ନିଶ୍ଚୟ । ମଦ୍ୟପାନ କରି କିଛି ସମୟ ବାବୁ ବେହୋସ ହୋଇଥିବାର ବେଶ୍ ଜଣାପଡୁଛି । ବୋଧହୁଏ ସଂଜ୍ଞା ଫେରିବାରୁ, ତାଙ୍କୁ ଏଠାକୁ ବୁହାହୋଇ ଅଣା ହୋଇଛି । ତେଣୁ ସେ ଆଉ କବାଟ ଫିଟାଇଲେ ନାହିଁ । ତୋଫାନ୍ କବାଟରେ ଧକ୍‌କା ମାରି କହିଲେ ଜଲ୍‌ଦି କବାଟ ଖୋଲ୍ ।

ମାଧୁରୀ ପ୍ରତ୍ୟୁତ୍ତରରେ କହିଲେ - ନାଁ ଖୋଲିବି ନାହିଁ ।

ତୋଫାନ - ତା'ହେଲେ କବାଟ ଭାଙ୍ଗି ଦେଉଚି ଦେଖ ।

ମାଧୁରୀ - ଭାଙ୍ଗିବାକୁ ଚେଷ୍ଟା କଲେ ବି ପାରିବ ନାହିଁ । ଯଦି ଭାଙ୍ଗିକରି ଭିତରକୁ ଆସିପାରିବ ତ ବାରିପଟ କବାଟ ଖୋଲି ପଡ଼ିଶା ଲୋକଙ୍କୁ ଡାକି ଉଠେଇବି ଓ ପୋଲିସ୍‌ରେ ଖବର ଦେବି ।

ଏତକ କହିବା ଭିତରେ ମାଧୁରୀ କବାଟକୁ ଭିତରପଟୁ ଜୋର୍‌ରେ ଠେଲି ଧରିଲେ । ତୋଫାନ ଧକ୍‌କା ମାରୁଥାନ୍ତି । କିଛି ସମୟ ଧକ୍‌କା ମାରି ଥକ୍‌କି ଯାଇ ବସିପଡ଼ିଲେ । ତା'ପରେ ଚାଲିଲା କାକୁତି ମିନତି, ବହୁ ଅନୁନୟ, ବିନୟ । କିନ୍ତୁ ମାଧୁରୀ ସେଥିରେ ତରଳିବା ମହିଳା ନୁହନ୍ତି । ବରଂ ଧିକ୍‌କାର କରି କହିଲେ- ତୁମେ ଆଜି ସକାଳ ପହରୁ କେଆରଲେସ୍ ଫେସନ ସାଜି ଯାଇ ଟାଙ୍କେ ଦାରୁ ପିଇ ବେହୋସ ହୋଇପଡ଼ିଥିଲ । ତା' ନହେଲେ ଉଦ୍ଧାମ ସିଂ କାହିଁକି ତୁମକୁ ଗାଡ଼ିରେ ବୋହିଆଣି



Digitized by PPRACHIN, SOA

ଆସନ୍ତା । ତୁମକୁ ଆଜି ଘରେ ପୁରାଇ ଦେବିନି । ସକାଳ ହେଲେ ସାଇଲୋକ ତୁମକୁ ସେଇଠି ଦେଖିବେ ଓ ମୁଁ ସମସ୍ତଙ୍କୁ ତୁମର ଗୁଣଗ୍ରାମ କହିଦେବି ।

ଝରକା ପାଖକୁ ଯାଇ ମାଧୁରୀଙ୍କୁ ଚାହିଁ ତୋଫାନ୍ ବାବୁ କାକୁସ୍ଥ ହୋଇ କହିଲେ- ସତ କହୁଚି ମୁଁ ଜମା ଦାରୁ ପିଇନି । ଆମେ କେଇଜଣ ବିଅର ପିଉଥିଲୁ । ଗୋଟାଏ ଏକ୍‌ସିଡେଣ୍ଟ୍ ହେଲା ଯେ, ଟ୍ରକ୍‌ଟାଏ ଗୋଟିଏ ସ୍ତ୍ରୀଲୋକ ଓ ତା'ର ଝିଅ ଉପରେ ମାଡ଼ିଗଲା । ସଟ୍ ଡେଥ୍ । ମୁଁ ତ ନର୍ଭସ ହୋଇପଡ଼ିଲି । ତା'ପରେ ମୋର ଫୁଡ୍ ପଜନିଂ ହୋଇଗଲା ।

ମାଧୁରୀ - ହୁଁ ! ତା'ପରେ କ'ଣ ହେଲା ?

ତୋଫାନ୍ - ରାସ୍ତାରେ ତ ଏକ୍‌ସିଡେଣ୍ଟ୍ ହେଲା, ତୁମେ ତ ବାର୍‌ରେ ବିଅର ପିଉଥିଲ, ଏତେ ଦୂରରୁ କିମିତି ଦେଖି ବେହୋସ ହୋଇଗଲ ?

ତୋଫାନ - ନାଁ ଆମେ ସମୟେ ସମୟେ ବାହାରେ ବସି ମଧ ବିଅର ପିଉ ।

ମାଧୁରୀ - ଡାକ୍ତରଖାନାରେ ଭର୍ତ୍ତି ହେଲ ବୋଲି କହୁଚ ଯେ, ଡାକ୍ତରଖାନାରେ ସବୁ କେବିନ୍ ଓ ବେଡ୍‌ରେ ତୁମକୁ ଖୋଜା ହେଇଛି, କାହିଁ ତୁମେ ତ ସେଠି ନଥିଲ ?

ତୋଫାନ - 'ନା, ନା, ମୋ ପାଟିରେ ପଶିଗଲା । ମୁଁ ଡାକ୍ତରଖାନା ଯାଇନି, ଉଦ୍ଦାମ ସିଂ ଘର ଭିତରେ ଶୋଇଥିଲି ।' ଏତକ କହୁ କହୁ ତୋଫାନ୍ ଭକ୍ ଭକ୍ କରି ବାନ୍ତିକରି ପକେଇଲେ । ଲାଲ୍ ରଙ୍ଗର ପାନୀୟ ଓ ମାଂସର ଟୁକୁରା ସବୁ ବିଛି ହୋଇପଡ଼ିଲା । ତୋଫାନ ଅତ୍ୟନ୍ତ ବିକଳରେ ଅନୁନୟ କଲେ- 'ଓଃ ତୁମକୁ ନେହୁରା ହେଉଛି ପରା, ଟିକେ କବାଟ ଖୋଲ ।'

ମାଧୁରୀ - ଏତ ବିଅର ପିଇଥିବାର ଜଣାପଡୁନି । ଚିକ୍‌ନିରୁ ପେଟେ ଖାଇଚ ଓ ବିଦେଶୀ ଦାରୁରୁ ଟାଙ୍କେ ପିଇଚ ।

ତୋଫାନ - ନା, ମୁଁ ଦି'ଟା ନାନ୍ ଓ ମୋଟେ ଦି'ଚାରି ପିସ୍ ଚିକ୍‌ନି ଖାଇଚି । ଆଜିଠୁ ସଫା କହୁଚି, ଆଉଦିନେ ଦାରୁ ପିଇବିନି, ଟିକେ କବାଟ ଖୋଲ ଭଲା । କିଏ କୁଆଡ଼େ ଉଠିବେ ଯଦି ଇଜ୍ଜତ ଚାଲିଯିବ ।

ମାଧୁରୀ - ତୁମର ପୁଣି ଇଜ୍ଜତ ବୋଲି ଗୋଟାଏ କିଛି ଅଛି ଯେ ଚାଲିଯିବ ? ତୁମେ ସେଇଠି ଥାଅ, ମୋଟେ ଖୋଲିବିନି କହୁଚି । ସକାଳ ହେଲେ ସମସ୍ତଙ୍କୁ ଡାକି ସବୁକଥା ଜଣାଇଦେବି ।

ତୋଫାନ୍ କଇଁ କଇଁ ହୋଇ କାନ୍ଦିଉଠିଲେ । ପୁଣି ଭକ୍ ଭକ୍ ବାନ୍ତି । ଛାତିକୁ ଚାପିଧରି ପୁଣି ଅନୁନୟ କରି କହିଲେ- ତୁମକୁ ମୋ ରାଣ ଟିକେ କବାଟ ଖୋଲ । ପାପୁନ୍‌ଙ୍କୁ ଛୁଇଁ ହଲପ କରି କହିବି ଆଉଦିନେ ଦାରୁ ପିଇବିନି ।



Digitized by PPRACHIN, SOA

ମାଧୁରୀ – ତୁମପରି ଲୋଫର ମଦୁଆଙ୍କ ପାଖରେ ହଲପର କ'ଣ କିଛି ମାନେ ଥାଇପାରେ ? ତୁମର କେଆରଲେସ୍ ଫେସନ, ଦାରୁ ପିଇବା ଆଜି ସବୁ ଛଡ଼େଇଦେବି । ସକାଳୁ ସକାଳୁ ଯାଇଚ ମାଂସ ଆଣି ଦେବ କହି ଯେ ଆସୁଛ କାର୍‌ରେ ବୁହାହୋଇ ରାତି ସାଢ଼େ ଏଗାରଟାରେ । ତୁମପରି ଲଫଙ୍ଗାଙ୍କର ଏ ଘରେ ସ୍ଥାନ ନାହିଁ । ଦରବୁଢ଼ାଟେ ହେଲଣି ମିଛ କହିଚାଲିଚ । ବରାବର ମୋତେ ଭୂଡେଇ ଚାଲିଚ । ଆଜି ଆଉ ନୁହେଁ, ବାସ୍ ସେଇଠି ପଡ଼ିଥାଅ ।

ତୋଫାନ୍ – ମୁଁ ସତ୍ୟକରି, ତ୍ରିବାର ସତ୍ୟ କରୁଚି, ଈଶ୍ୱରଙ୍କ ନାମରେ ଶପଥ କରୁଚି, ପାପୁନ୍ ରାଣ ଖାଉଚି ମୋତେ ଏଇଥରକେ କ୍ଷମାକର । କବାଟ ଖୋଲିଦିଅ କହୁଚି, ଟିକେ କବାଟ ଖୋଲିଦିଅ ।

ରାତି ଗୋଟାଏ ଟପିଗଲାଣି । ତୋଫାନ୍ କାନ୍ଥକୁ ଆଉଜି ଠିଆ ହୋଇଛନ୍ତି । ଗୋଟିଏ କଥାକୁ ବାରମ୍ବାର ଦୋହରାଉଛନ୍ତି । ମୋତେ କ୍ଷମାକର ମାଧୁରୀ ! ଏଇଥରକ କ୍ଷମା ଦିଅ !

ମାଧୁରୀଙ୍କ ମନରୁ ରାଗ ଉତ୍ତେଜନା ଶିଥିଳ ହୋଇ ଆସିଲାଣି, ବିଚରା ଲୋକଟାକୁ ହନ୍ତସନ୍ତ କରି କି ଲାଭ । ବହୁବାର ହଲପ କରି ନିଜ ରାଣ ଖାଇଛନ୍ତି । ଠାକୁରଙ୍କ ରାଣ ଖାଇଛନ୍ତି, ହେଲେ ଏକମାତ୍ର ପୁଅ ପାପୁନ୍ ରାଣ କେବେ ଖାଇନାହାନ୍ତି । ପାପୁନ୍‌କୁ ସେ ପ୍ରାଣଭରି ଭଲ ପାଆନ୍ତି । ଏଇଥରକ ହୁଏତ ତାଙ୍କର ପରିବର୍ତ୍ତନ ଆସିବ । ସେ ନିଶ୍ଚୟ ବଦଳିଯିବେ ।

ସାମ୍ନା ଘରର କବାଟ ଖୋଲିବାର ଶବ୍ଦ ଶୁଭିଲା । ବୋଧହୁଏ ବିଶ୍ୱନାଥ ବାବୁ ଉଠିବେଣି । ମାଧୁରୀ ଧଡ଼କିନା କବାଟ ଖୋଲିଦେଲେ । ତୋଫାନକୁ ଘର ଭିତରକୁ ଟାଣିନେଇ କବାଟ ବନ୍ଦ କରିଦେଲେ । ଝର୍କାରେ ଦେଖିଲେ ବିଶ୍ୱନାଥ ବାବୁଙ୍କ ବାପା ଉଠି ଖଙ୍କାର କାଢୁଛନ୍ତି । ବୁଢ଼ା ବୋଧହୁଏ ସନ୍ଧ୍ୟାରେ ଗାଁରୁ ଆସିଛନ୍ତି ।

ତୋଫାନ ଏସବୁ ମଧ ଲକ୍ଷ୍ୟ କରିଛନ୍ତି ଓ ମାଧୁରୀ ତାଙ୍କୁ କିପରି ଘୋଡ଼ାଇବାକୁ ଚେଷ୍ଟା କରିଚନ୍ତି, ତାହା ମଧ ଅନୁଭବ କରିପାରିଛନ୍ତି । ଘର ଭିତରେ ପଶୁ ପଶୁ ତୋଫାନ ମାଧୁରୀଙ୍କୁ ଗୋଟାପଟେ ଶକ୍ତ କରି ଜାବୁଡ଼ି ଧରିଲେ । ମାଧୁରୀ ବିଚରା ହତବାକ୍ ହୋଇଗଲେ । ଏଃ, ବାବା ଏ କ'ଣ ? ତାଙ୍କୁ ମାରି ପକେଇବେ ନା କ'ଣ । ନା ନା ସେ ପରା ଆଉ କେୟାରଲେସ୍ ନାହାନ୍ତି । ଏହା କ'ଣ ତା'ହେଲେ ତୋଫାନ ବାବୁଙ୍କର ସମର୍ପିତ ମନର ବ୍ୟାକୁଳତା !



Digitized by PPRACHIN, SOA

ତୋଫାନ ମାଧୁରୀଙ୍କୁ ଧରି ଭୋ ଭୋ ହୋଇ କାନ୍ଦୁଛନ୍ତି । ମାଧୁରୀ ନିର୍ବାକ ନିସ୍ପନ୍ଦ ହୋଇ ଠିଆ ହୋଇଛନ୍ତି । କିଛି ସମୟ ପରେ କ୍ରନ୍ଦନ କ୍ରମଶଃ କ୍ଷୀଣ ହୋଇଆସିଲା । ବାହୁଦ୍ୱୟ ଶିଥିଳ ହୋଇଆସିଲା । ମାଧୁରୀ ତତ୍‌କ୍ଷଣାତ୍ ହାତ ଛାଟି ଦେଇ ସେଠୁ ଚାଲିଗଲେ । ଶୋଇଥିବା ପାପୁନ୍ ପାଖରେ ତୁନି ହୋଇ ବସିପଡ଼ିଲେ ।

ମାଧୁରୀ ବସି ରହିଛନ୍ତି ପାପୁନ୍ ପାଖରେ । ତାଙ୍କ ଅଭିମାନର ଯେପରି ଶେଷ ନାହିଁ । କ୍ରୋଧରେ ଯେପରି ଅନ୍ତ ନାହିଁ । ତାଙ୍କ ଆଖି ଆଗରେ ଯେପରି ଖାଲି ନିଆଁ ଝଲସୁଚି ନିଆଁ ।

ଦାଣ୍ଡଘରେ ତୋଫାନ ବସି କ'ଣ ଭାବୁଛନ୍ତି । ଶୋଇବା ଘରେ ମାଧୁରୀ ଗୁମ୍ ମାରି ବସି ରହିଛନ୍ତି । କିଛି ସମୟ ନୀରବତା ଭିତରେ କଟିଗଲା । ତୋଫାନ ସେଠୁ ଉଠିଯାଇ ପାପୁନ୍ ପାଖରେ ପହଞ୍ଚିଗଲେ । ପାପୁନ୍ ଉଠିଲାଣି । ବାପାଙ୍କୁ ଦେଖି କୋଳରେ ଲୋଟିଲା । ଗୁଲୁ ଗୁଲୁ କରି ଓଠରେ ହାତମାରି କହିଲା- ବାପା ତୁମେ କୁଆଡ଼େ ଯାଇଥିଲ, ମୋ ପାଇଁ କ'ନ ଆନିଚ ?

ତୋଫାନ ଆଖିରୁ ଲୁହ ବହି ଯାଉଥିଲା । ବାଷ୍ପରୁଦ୍ଧ କଣ୍ଠରେ କହିଲେ- ଆଜି ତୋପାଇଁ କିଛି ଆଣିନି । ତୁ ଜମା ଅଝଟ ହ'ନା, ଏଥର ତୋ ପାଇଁ ସବୁ ଆଣିଦେବି ।

ତୋଫାନ ଗଳର ଗଳର ହେଉଥିବା ପାପୁନ୍‌କୁ କୋଳରେ ଜାକିଧରି ଆସ୍ତେ ମୁହଁ ଟେକି ମାଧୁରୀ ଆଡ଼କୁ ଚାହିଁଲେ । ମାଧୁରୀ ଆଖିରୁ ଲୁହ ଧାର ଝରି ପଡୁଥିଲା । ତୋଫାନ ତାଙ୍କ ଆଡ଼େ ମୁହଁ ଫେରେଇବାର ଦେଖି ସେ ମୁହଁ ବୁଲେଇ ଦେଇ ଆଖିରୁ ଲୁହ ପୋଛିବାକୁ ଲାଗିଲେ । ପାପୁନ୍‌କୁ ଥାପୁଡ଼େଇ ଶୁଆଇ ଦେଲେ· ତୋଫାନ୍ ।

ତୋଫାନ ଆଉ ମାଧୁରୀ । ଦୁଇଜଣ ଯାକ ବେଶ୍ ନୀରବ, ଚୁପ୍‌ଚାପ୍ । ନୀରବତାର ଯନ୍ତ୍ରଣା ଦୁଇଜଣଙ୍କୁ ଠେଲି ଦେଉଛି ବହୁତ ପଛକୁ । ଠିକ୍ ପାଞ୍ଚବର୍ଷ ତଳକୁ, ଯେଉଁ ସମୟରେ କି ଦୁଇଜଣଙ୍କର ପ୍ରଥମ ସାକ୍ଷାତ ହୋଇଥିଲା । ସେ ଦିନଟି ଥିଲା ଦୁଇଜଣଙ୍କର ଜୀବନରେ କେଡ଼େ ମହନୀୟ, ପବିତ୍ର ଆଉ ସ୍ମରଣୀୟ । ସେ ଦିନର ପ୍ରତ୍ୟେକଟି ମୁହୂର୍ତ୍ତ ଥିଲା ଆବେଗପୂର୍ଣ୍ଣ ଓ ଆଲୋକିତ । ଅସୁମାରି ଆଶା ଓ ଅପର୍ଯ୍ୟାପ୍ତ ସମ୍ଭାବନାରେ ମାଧୁରୀଙ୍କ ହୃଦୟକୁ ଆଲୋଡ଼ିତ କରି ସୀମନ୍ତରେ ସିନ୍ଦୂର ରେଖା ଆଙ୍କି ଦେଇଥିଲେ ତୋଫାନ । ମାଧୁରୀ ସଲଜ ଦୃଷ୍ଟିରେ କେବଳ ତଳକୁ ଚାହିଁ ରହିଥିଲେ । ମାଧୁରୀଙ୍କ କମ୍ପିତ ଓଷ୍ଠ ଧାର ହାତ ପାପୁଲିରେ ତୋଳିଧରି ତୋଫାନ ବହୁ ପ୍ରତିଶ୍ରୁତିରେ ପୋତି ପକେଇଥିଲେ ମାଧୁରୀଙ୍କ ଆଶାୟୀ ମନକୁ । ସେ ସବୁ ଆଜି ଗୋଟିକ ପରେ ଗୋଟିଏ ମାଧୁରୀଙ୍କର ମାନସପଟରେ ଭାସିଯାଉଛି । ଓଠ ତାଙ୍କର ଶୂନ୍ୟତାରେ ଥରିଉଠୁଛି ।



Digitized by PPRACHIN, SOA

ବିବାହ ଦିନର ସେ ସ୍ମୃତିଭିଜା ମୁହୂର୍ତ୍ତ ଗୁଡ଼ିକ ତୋଫାନଙ୍କର ମନକୁ ଆଜି ଓଦା କରିଦେଇଛି । ତୋଫାନ ଆଜି ଲାଜରେ ଜଡ଼ସଡ଼ ହୋଇପଡୁଛନ୍ତି । ସେଦିନର ସେହି ମହ ମହ ପ୍ରତିକ୍ଷିତ ମୁହୂର୍ତ୍ତରେ ରାତି ଦୁଇଟାରେ ଭାଉଜ ମାଧୁରୀଙ୍କୁ ତାଙ୍କ ନିର୍ଜନ କୋଠରୀରେ ଛାଡ଼ିଦେଇ ଯାଇଥିଲେ । ଠିକ୍ ଆଜିପରି ମାଧୁରୀ ସେଦିନ ତଳକୁ ମୁହଁ ପୋତି ବସିଥିଲେ । ବହୁ ଆଶାରେ ସଜଳ ଆଖି ଦୁଇଟି ଢଳଢଳ ଓ ଅନୁରାଗରେ ଓଷ୍ଠଧାର ରକ୍ତିମ ଦିଶୁଥିଲା । ଆଜି କିନ୍ତୁ ରାଗ ଓ ଅଭିମାନରେ ଓଷ୍ଠଧାର ରକ୍ତିମ ଓ ଆଖି ଦୁଇଟି ଛଳ ଛଳ ।

ତୋଫାନ ଉଠି ଠିଆହେଲେ । ଧୀରେ ଧୀରେ ମାଧୁରୀଙ୍କ ସାମ୍ନାକୁ ଗଲେ । ମାଧୁରୀଙ୍କ ଓଷ୍ଠାଧାରକୁ ହାତରେ ଟେକି ଧରିଲେ । ତାଙ୍କ ହାତରେ ଆଉ ଦି'ଟୋପା ଉଷ୍ମ ଲୋତକ ବିନ୍ଦୁ ନିଗିଡ଼ି ପଡ଼ିଲା । ତୋଫାନ ମାଧୁରୀଙ୍କ କାନିରେ ତାଙ୍କର ଆଖିରୁ ଲୁହଧାର ପୋଛି ପକେଇଲେ । ସେଦିନ ଅବଶ୍ୟ ମାଧୁରୀଙ୍କ ପାଖରେ ତୋଫାନଙ୍କର କିଛି ପ୍ରତିଶ୍ରୁତି ନଥିଲା କି ମାଧୁରୀଙ୍କ ମନର ଦିଗ୍‌ବଳୟ ଲକ୍ଷ ଆଶାର ଉଦୟରାଗରେ ରଞ୍ଜିତ ହୋଇନଥିଲା ଅଥଚ ସେଇ ନୀରବ ଶୂନ୍ୟ ମୁହୂର୍ତ୍ତ ଗୁଡ଼ିକ ଗଭୀର ଭାବରେ ଅର୍ଥପୂର୍ଣ୍ଣ ଓ ଜୀବନ୍ତ ହୋଇ ଉଠୁଥିଲା । ❖❖



Digitized by PPRACHIN, SOA

# ଅନ୍ୟ ଏକ ଦିଗନ୍ତ

ବିଶାଳ ଭାରତବର୍ଷର ମହାନ ସମ୍ରାଟ ଅଶୋକ ଯେଉଁଠି ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରିତ ହୋଇଥିବା କିମ୍ବଦନ୍ତୀ କହେ- ସେଇ ଐତିହାସିକ ପବିତ୍ର ପୀଠ ଧଉଳିଗିରି । ଗୋଟେ ନିଶ୍ଚୁପ, ନିରଭିମାନ ଟାଙ୍ଗର ପାହାଡ଼ ଯେଉଁଠି ଜାପାନୀମାନେ ଶାନ୍ତିସ୍ତୁପଟିଏ ନିର୍ମାଣ କରିଛନ୍ତି । ଅହିଂସା, ଶାନ୍ତି ମୈତ୍ରୀର ଏକ ନିର୍ବାକ ବାର୍ତ୍ତାବହ ରୂପେ ଯିଏ ଅତୀତ ଇତିହାସର ସେଇ ବିସ୍ମୃତ ଅଧ୍ୟାୟକୁ ନୀରବରେ ଖୋଲି ଧରିଛି । ଯେଉଁଠି ମଧ୍ୟ ହିନ୍ଦୁ ମନ୍ଦିରଟିଏ ଗଢ଼ିଉଠିଛି ଓ ହିନ୍ଦୁ ଧର୍ମର ପ୍ରତୀକ ରୂପେ ଏକ ବୃହତ୍ ଶିବଲିଙ୍ଗ ପୂଜାର୍ଚ୍ଚନା ଲାଭ କରୁଛି । ଉଭୟ ବୌଦ୍ଧ ଓ ହିନ୍ଦୁ ଧର୍ମର ଦୁଇଟି ପ୍ରତୀକ । କୋଳାହଳମୟ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଏଇ ଐତିହାସିକ ସ୍ଥାନଟି ଏବେ ବି ବହୁ ସମୟରେ ନିର୍ଜନ, ନିକାଞ୍ଚନ । କେତେବେଳେ ଅବା କାଁ ଭାଁ କୌଣସି ଟୁରିଷ୍ଟଙ୍କ ଆଗମନରେ ସ୍ଥାନଟିର ନୀରବତା ଭଙ୍ଗ ହୁଏ ।

ଓଡ଼ିଶା ଇତିହାସର ପ୍ରାଚୀନ ଯୁଗ ଉପରେ ଗବେଷଣାରତ ଅଧ୍ୟାପକ ଅନୁପମ ଗବେଷଣା କାର୍ଯ୍ୟରେ କିଛିଦିନ ଧରି ଭୁବନେଶ୍ୱରରେ ବନ୍ଧୁ ସୁରେଶଙ୍କ ଘରେ ଅବସ୍ଥାନ କରୁଥାନ୍ତି । ସେଦିନ ସକାଳୁ ସକାଳୁ ଧଉଳିଗିରି ପରିଦର୍ଶନ କରିବାକୁ ବନ୍ଧୁ ସୁରେଶଙ୍କ ମଟରସାଇକେଲ୍ ପାହାଡ଼ର ଅନତି ଉଚ୍ଚରେ ରଖାଯାଇଥାଏ । ପାହାଡ଼ ଉପରେ ପାଦଦେଇ କିଛିବାଟ ଆଗେଇ ଯିବାପରେ ଗୋଟାଏ କରୁଣ ଚିତ୍କାରର ଅସ୍ପଷ୍ଟ ସ୍ୱର ଭାସିଆସିଲା । ବନ୍ଧୁଦ୍ୱୟ କ୍ଷିପ୍ର ଗତିରେ ଆଗେଇଗଲେ ସେଇ ସ୍ୱରର ଉତ୍ପତ୍ତି ସ୍ଥଳକୁ ।

ଅତୀତର ରକ୍ତରଞ୍ଜିତ ସ୍ମୃତିର ମୌନ ଦ୍ରଷ୍ଟା ଧଉଳିର ଛାତି ଉପରେ ଉଭା ଶାନ୍ତିସ୍ତୂପର ପଶ୍ଚାତ୍‌ଭାଗକୁ ଧାଇଁଗଲେ ଦୁଇବନ୍ଧୁ । କିଛି ଦୂରରେ ଅସହାୟ ତରୁଣୀଟି



Digitized by PPRACHIN, SOA

ଉପରେ ଯୁବକ ଜଣକ କୁଦି ପଡ଼ିଥାନ୍ତି ଜାନ୍ତବ ଉଲ୍ଲାସରେ । ଆଉ ତିନିଜଣ ଯୁବକ ଏଇ ନାରକୀୟ ଦୃଶ୍ୟକୁ ଉପଭୋଗ କରୁଥାନ୍ତି ପରମ ତୃପ୍ତିରେ । ବନ୍ଧୁଦ୍ୱୟ ସେ ଆଡ଼କୁ ମାଡ଼ିଯିବାର ଦେଖି ଦୁର୍ବୃତ୍ତମାନେ ସେ ସ୍ଥାନ ଛାଡ଼ି ଦୌଡ଼ିବାକୁ ଆରମ୍ଭ କଲେ । ଅନୁପମ ଓ ସୁରେଶ ତାଙ୍କର ପିଛାକଲେ । ସେମାନେ ନିର୍ଦ୍ଧାରିତ ସ୍ଥାନରେ ଥିବା ମଟରସାଇକେଲ୍ ଦୁଇଟିରେ ଷ୍ଟାର୍ଟ ଦେବା ପୂର୍ବରୁ ବନ୍ଧୁଦ୍ୱୟ ସେମାନଙ୍କ ଭିତରୁ ଜଣେ ଦି'ଜଣକୁ କାବୁ କରିବାକୁ ଅଗ୍ରସର ହେବା ପୂର୍ବରୁ ଦୁଇଟି ଫାର୍ଶା ଦୁଇଜଣଙ୍କ ମୁଣ୍ଡକୁ ଲକ୍ଷ୍ୟକରି ନିକ୍ଷେପିତ ହୋଇଥିଲା । ସୁରେଶଙ୍କ ପ୍ରତି ନିକ୍ଷେପିତ ଅସ୍ତ୍ରଟି ଲକ୍ଷ୍ୟଚ୍ୟୁତ ହୋଇଯାଇଥିଲା । ଅନ୍ୟ ଫାର୍ଶାଟି ଅନୁପମଙ୍କ ମୁଣ୍ଡକୁ ଚୋଟ ମାରିବା ପୂର୍ବରୁ ସେ ତାକୁ ହାତରେ ଧରି ପକେଇଥିଲେ । ହାତ ପାପୁଲି ଫାର୍ଶା ଚୋଟରେ କଟିଯାଇ ଧାର ଧାର ରକ୍ତ ବୋହିବାକୁ ଲାଗିଲା । ସୁରେଶ ପକେଟରୁ ରୁମାଲଟି କାଢ଼ି ଅନୁପମଙ୍କ ପାପୁଲିରେ ଭିଡ଼ିକରି ବାନ୍ଧିଦେଲେ । ଦୁର୍ବୃତ୍ତମାନେ କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ।

ଧର୍ଷିତା ତରୁଣୀଟି ନିକଟକୁ ଫେରିଆସିଲେ ବନ୍ଧୁଦ୍ୱୟ । ସଂଜ୍ଞାହୀନା ତରୁଣୀଟିର କ୍ଷତ ବିକ୍ଷତ ଅନାବୃତ ଶରୀରକୁ ତା'ର ଶାଢ଼ୀରେ ଢାଙ୍କିଦେଲେ ଅନୁପମ । ସୁରେଶକୁ ସେଠି ଜଗି ରହିବାକୁ କହି ପାଣି ମୁନ୍ଦେ ଆଣିବାକୁ ଚାଲିଗଲେ ଅନୁପମ । କିଛି ସମୟ ପରେ ପାଣି ମୁନ୍ଦେ ଧରି ଆସି ତରୁଣୀଟିର ମୁଣ୍ଡରେ ଧୀରେ ଧୀରେ ଛିଞ୍ଚିଲେ ଓ ତା'ର ପାଟି ଖୋଲି ଟୋପେ ଟୋପେ ପାଣିଦେଲେ । ତରୁଣୀଟିର ସଂବିତ୍ ଫେରିବାରୁ ସେ ଆଖି ଖୋଲି ଦେଖିଲା, ଆଉ ଦି'ଜଣ ଯୁବକ ତା'ପାଖରେ ବସିଛନ୍ତି । ତରୁଣୀଟି ଅସ୍ପଷ୍ଟ ସ୍ୱରରେ ଚିତ୍କାର କଲା, ତୁମେ ଫେର୍ କାହିଁ ଅଛ ? ମୋର ଆଉ କ'ଣ ଅଛି ?

ସୁରେଶ ଉତ୍ତର ଦେଲା- ନାଁ ଭଉଣୀ, ଆମେ ତୁମର ଚିତ୍କାର ଶୁଣି ଏଠିକି ଚାଲିଆସିଲୁ । ପଶୁଗୁଡ଼ା ଆମକୁ ଦେଖି ଖସି ଚାଲିଯାଉଥିଲେ । ଆମେ ତାଙ୍କର ପିଛା କରୁଥିଲୁ । ତାଙ୍କ ଫାର୍ଶା ଚୋଟରେ ମୋର ଏ ବନ୍ଧୁ ଜଣକ ଆହତ ହୋଇଛନ୍ତି । ତୁମ ମୁଣ୍ଡରେ ପାଣି ଛିଞ୍ଚି ତୁମର ସଂଜ୍ଞା ଫେରେଇ ଆଣିବାକୁ ଆମେ ଏଠି ଚେଷ୍ଟା କରୁଥିଲୁ । ଆମକୁ ଭୁଲ୍ ବୁଝନା ଭଉଣୀ । ଆମେ ସେମାନଙ୍କ ପରି ପଶୁ ନୋହୁଁ ।

ତରୁଣୀଟି ପୁଣି ଅସ୍ପଷ୍ଟ ସ୍ୱରରେ ଚିତ୍କାର କରିଉଠିଲା- ଓଃ । କାହିଁକି ତେବେ ମୋତେ ବଞ୍ଚେଇଲେ । ସେଇ ଚାରିଟା ରାକ୍ଷସତ ମୋତେ ଝୁଣି ଦେଇଗଲେ । ଆପଣ ଦି'ଜଣ ମିଶିଯାଇଥିଲେ ମୋ ଜୀବନଟା ବରଂ ଶେଷ ହୋଇଯାଇଥାନ୍ତା । ଏ ଅଲୋଡ଼ା ଜୀବନରେ ଆଉ ମୂଲ୍ୟ କ'ଣ ?



Digitized by PPRACHIN, SOA

ସୁରେଶ ଅନେକ ସାନ୍ତ୍ୱନା ଦେଇଥିଲେ ତରୁଣୀକୁ । ସେ କିନ୍ତୁ ବଡ଼ ଅବୋଧ ଥିଲା । ଅବୋଧ ପିଲାଟା ପରି କାନ୍ଦି କାନ୍ଦି କହୁଥିଲା, ମୁଁ ତ ସମାଜରେ ଆଉ ମୁହଁ ଦେଖାଇ ପାରିବିନି । ଏ ଅବସ୍ଥାରେ ଆଉ ଘରକୁ ଯିବି କେମିତି ? ସୁରେଶ ପ୍ରବୋଧନା ଦେଲେ- ତୁମର ମନର ଅବସ୍ଥା ଆମେ ବୁଝୁଛୁ । ତୁମେ ଧୈର୍ଯ୍ୟଧର । ଆମକୁ ବିଶ୍ୱାସ କର । ଆମେ ଅବଶ୍ୟ ତୁମର ପ୍ରୟୋଜନରେ ଆସିବୁ । ଆଚ୍ଛା ଭଉଣୀ, ପରିଚୟ ଟିକେ ଆମକୁ ଦିଅ ।

ମୁଁ ବାଣିବିହାରରେ ପଢୁଛି । ମୋ ନାଁ ଶୁଭ୍ରା । ଜଣେ ସାଙ୍ଗ ଘରକୁ ଯାଉଥିଲି । ବସ୍ ଧରିବା ପାଇଁ ପୌର କାର୍ଯ୍ୟାଳୟ ସାମ୍ନା ଷ୍ଟପେଜ୍‌ରେ ଅପେକ୍ଷା କରିଥିଲି । ସେଇଠି ଅଳ୍ପ ଦୂରରେ ଆମ ଘର । ଏଇ ବଦ୍‌ମାସଗୁଡ଼ା ଛୁରୀ ଦେଖାଇ ମଟରସାଇକେଲ୍‌ରେ ହଠାତ୍ ମୋତେ ଉଠାଇ ଆଣିଲେ । ଯେତେ ପାଟିକଲେ ବି ରାସ୍ତାରେ ଯାଉଥିବା ଲୋକଙ୍କ ଭିତରୁ କେହି ମୋତେ ସାହାଯ୍ୟ କରିପାରିଲେ ନାହିଁ ।

ପ୍ରାଚୀନ ଉତ୍କଳ ଇତିହାସର ଗବେଷକ ଅନୁପମ ଭାବି ଚାଲିଥିଲେ- ପୌର କାର୍ଯ୍ୟାଳୟ ସାମ୍ନା ଛକରେ ଯେଉଁ ବୃହତ୍‌କାୟ ପଥର ନିର୍ମିତ ଘୋଡ଼ାଟି ପ୍ରାଚୀନ ଉତ୍କଳର ମହାନ୍ କଳାସ୍ଥାପତ୍ୟର ପ୍ରତୀକ ଭାବରେ ବିଦ୍ୟମାନ ଏବଂ ଯେଉଁଠି ଓଡ଼ିଶାର ବହୁ ସଂଗ୍ରାମୀ ସହିଦଙ୍କର ନାମଫଳକ ଲାଗିଛି, ସେଇଭଳି ଏକ ମହତ୍ତ୍ୱପୂର୍ଣ୍ଣ ଜନାକୀର୍ଣ୍ଣ ସ୍ଥାନରୁ ଜଣେ ଅସହାୟା ଛାତ୍ରୀକୁ ଅପହରଣ କରି ଆଣି ଏଇ ଐତିହାସିକ ପବିତ୍ର ପୀଠର ଶାନ୍ତିସ୍ତୂପ ପାର୍ଶ୍ୱରେ ଧର୍ଷଣ କରିବା ଓଡ଼ିଆ ଯୁବକମାନଙ୍କର କେଉଁ ସଂସ୍କୃତିବୋଧର ପରିଚୟ । ଏଇ କ'ଣ ଅତୀତର ସେଇ ଶୌର୍ଯ୍ୟଶାଳୀ, ଐତିହ୍ୟ ସମ୍ପନ୍ନ ଓଡ଼ିଆ ଜାତିର ପୌରୁଷ । ଇତିହାସର ଗବେଷକ ଅଧ୍ୟାପକ ଅନୁପମ କିଛିକ୍ଷଣ ଗଭୀର ଭାବାବେଗରେ ନିମଗ୍ନ ହୋଇପଡ଼ିଲେ । ତାଙ୍କର କ୍ଷତାକ୍ତ ପାପୁଲିରେ ବନ୍ଧା ହୋଇଥିବା ରୁମାଲଟି ଭିଜି ସେଥିରୁ ବୁନ୍ଦା ବୁନ୍ଦା ରକ୍ତ ଶୁଭ୍ରାର କପାଳରେ ଝରି ପଡୁଥିଲା ଏବଂ ତା'ର କପାଳକୁ ଭିଜେଇ ଦେଇଥିଲା ।

ତରୁଣୀ ଶୁଭ୍ରା ଉଠିବାକୁ ଉଦ୍ୟମ କରିବାରୁ ଅନୁପମ ତାକୁ ଉଠେଇ ଧରିଲେ । କପାଳରୁ ତା'ର ଲାଲ୍ ଲାଲ୍ ରକ୍ତ ବୁନ୍ଦା ଝରିପଡ଼ିଲା । ପଣତକାନିରେ ପୋଛୁ ପୋଛୁ ଶୁଭ୍ରା ଚିତ୍କାର କଲା- ଯେଁ ରକ୍ତ !

ସୁରେଶ ଉତ୍ତର ଦେଲେ - ହଁ ବନ୍ଧୁ ଅନୁପମ ହାତରେ ଲାଗିଥିବା ଫାର୍ଶା ଚୋଟରୁ ରକ୍ତଗୁଡ଼ା ଝରିଛି ।



Digitized by PPRACHIN, SOA

ଓଃ, କାହିଁକି ଯେ ଆପଣମାନେ ମୋ ପାଇଁ ଜୀବନକୁ ବିପନ୍ନ କଲେ ? ମୁଁ ତ ଆଉ ବଞ୍ଚିବାକୁ ଚାହେଁନି । ଆପଣମାନେ ଏଇଠି ଛାଡ଼ି ଚାଲିଯାଆନ୍ତୁ । ଶୁଭ୍ରା ପୁଣି କାନ୍ଦି ଉଠିଲା ।

ସୁରେଶ ବେଶ ଗମ୍ଭୀର ହୋଇ କହିଲେ- ନାଁ ଆମେ ତୁମକୁ ଏଠି ଏକୁଟିଆ ଛାଡ଼ି ଯାଇପାରିବୁନି । ତୁମକୁ ଆମେ ସାଙ୍ଗରେ ନେଇଯିବୁ । ତୁମେ ଯେ ବଞ୍ଚିଯାଇଛ, ସେଇଟା ତୁମର ସୌଭାଗ୍ୟ । ବଞ୍ଚିବାଟା ମଣିଷ ପାଇଁ ନିତାନ୍ତ ପ୍ରୟୋଜନ । ତୁମର ତ ସୁଦୀର୍ଘ ଭବିଷ୍ୟତ ରହିଛି । ଏଇ ଘଟଣାକୁ ଗୋଟେ ଦୁର୍ଘଟଣା ଭାବି ଭୁଲିଯିବାକୁ ବରଂ ଚେଷ୍ଟା କରିବ । କାରଣ ଆମେ ଏବେ ଯେଉଁ ସମାଜରେ ବାସ କରୁଛେ, ଏ' ତ ଆଉ ମଣିଷର ସମାଜ ହୋଇନାହିଁ । ଏଠି ପଶୁତ୍ୱ ରାଜୁତି କରୁଛି । ଏ ସମାଜ ନବଦଳିଲେ, ଏହିପରି ଘଟଣା ତ ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବ । ଏଇ ଅନୁପମ ପରି ଶହ ଶହ ଯୁବକ ଯୁବତୀ ଯେତେବେଳେ ସମାଜ କାମ କରିବାକୁ ବାହାରି ଆସିବେ, ସେତେବେଳେ ହୁଏତ ଆମେ କିଛି ଆଶା କରିପାରିବା ।

ଶୁଭ୍ରା ଆଖିରୁ ଅମାନିଆ ଲୁହର ଝରଣା ଛୁଟି ଚାଲିଲା । ତା' ଆଖିରୁ ଲୁହତ ଝରୁନଥିଲା, ଝରୁଥିଲା ଧାର ଧାର ରକ୍ତ ।

ବନ୍ଧୁଦ୍ୱୟ ଶୁଭ୍ରାକୁ ସମସ୍ତ ପ୍ରକାର ପ୍ରବୋଧନା ଦେଇ ତାକୁ ନେଇ ତା' ଘରେ ଛାଡ଼ିଦେଇ ଆସିଥିଲେ ।

ଆଇନା ସାମ୍ନାରେ ଶୁଭ୍ରା ନିଜକୁ ଦେଖି ଚମକି ଉଠିଥିଲା । ସେ ଆଜି ଯେମିତି ଭୈରବୀ ପାଲଟିଯାଇଛି । ପାଞ୍ଚାଳୀ ପରି ତା'ର କେଶଗୁଚ୍ଛ ଆଜି ବିପର୍ଯ୍ୟସ୍ତ । ଦୁଃଶାସନର ରକ୍ତରେ ପ୍ରକ୍ଷାଳିତ ହେବାପାଇଁ ଯେପରି ସହସ୍ରବାର ଶପଥବଦ୍ଧ । ସୁନ୍ଥାରେ ସିନ୍ଦୁର ଧାରଟିଏ ପରି ଅନୁପମ ହାତର ରକ୍ତବୁନ୍ଦା ଲାଲ୍ ଟହ ଟହ ଦିଶୁଛି । ଅନୁପମ ଯେପରି ତା' ସାମ୍ନାରେ ଗାଣ୍ଡିବ ଧରି ଲାଲ୍ ଶପଥ ନେଉଛନ୍ତି । ହାୟ ଅନୁପମ ! ଏ ଦେଶର ପୋକଖିଆ, ଜରାଗ୍ରସ୍ତ ଇତିହାସର ଜଣେ ଅନାମଧେୟ ଗବେଷକ । ଦୁଃଶାସନର ଦୁର୍ଭେଦ୍ୟ ଦୁର୍ଗକୁ ତୁମେ କ'ଣ ସତରେ ଧ୍ୱଂସ କରିପାରିବ ? କାହିଁକି ତେବେ ଏ ଅଲୋଡ଼ା ତରୁଣୀଟି ପାଇଁ ପଶୁଗୁଡ଼ାକ ସାଙ୍ଗରେ ରକ୍ତକ୍ଷୟୀ ସଂଗ୍ରାମ କରୁଥିଲ ?

ଏଇ କେଇଦିନ ଭିତରେ ସୁରେଶବାବୁଙ୍କ ପରିବାର ସହିତ ଶୁଭ୍ରାଙ୍କ ପରିବାରର ସମ୍ପର୍କ କ୍ରମଶଃ ଘନିଷ୍ଠ ହୋଇଉଠିଛି । ଶୁଭ୍ରାର ବାପା, ମା' ସୁରେଶଙ୍କ ଉପରେ ନିଜର ପୁଅପରି ସମସ୍ତ ଆଦର, ସ୍ନେହ ଅଜାଡ଼ି ଦେଇଛନ୍ତି । ବନ୍ଧୁତ୍ୱର ନିଗଡ଼ରେ ଦୁଇଟି ପରିବାର ଭିତରେ ଅଭେଦ ସମ୍ପର୍କ ଗଢ଼ିଉଠିଛି । ସୁରେଶ ଓ ତାଙ୍କ ପତ୍ନୀ ଶୁଭ୍ରାଙ୍କ ଘରକୁ ମଝିରେ



Digitized by PPRACHIN, SOA

ମଝିରେ ଆସୁଛନ୍ତି ଭାବ ବିନିମୟ ପାଇଁ ଓ ଶୁଭ୍ରାର ନୈତିକ ବଳ ଫେରେଇ ଆଣିବା ପାଇଁ । ଶୁଭ୍ରା ଯେପରି ତାଙ୍କର ଅତି ଆଦରର ଅଲିଅଳୀ ଭଉଣୀଟିଏ ।

ସେଦିନ ଖବରକାଗଜ ଉପରେ ଆଖି ଦି'ଟା ଘୂରେଇଲା ବେଳେ ଏକ ଅନ୍ତରଙ୍ଗ ମୁହଁର ଫଟୋ ଉପରେ ଶୁଭ୍ରାର ଆଖି ଦି'ଟା ଲାଖିଗଲା । ସେ ଫଟୋ ଆଉ କାହାର ନଥିଲା, ସେ ଥିଲା ଅନୁପମର । ଅନୁପମ ଇତିହାସରେ ଡକ୍ଟରେଟ୍ ପାଇଛି । କେଉଁ ଅଜଣା ପୁଲକରେ ଶୁଭ୍ରାର ଅନ୍ତରାମ୍ା ଆହ୍ଲାଦିତ ହୋଇଗଲା । ଖବର କାଗଜଟା ଧରି ସେ ସୁରେଶ ଭାଇନାଙ୍କ ଘରଆଡ଼େ ସନ୍ଧ୍ୟାରେ ଯାଇ ପହଞ୍ଚିଲା ।

ଶୁଭ୍ରା ତା'ର ଆଖି ଦି'ଟାକୁ ବିଶ୍ୱାସ କରିପାରିଲାନି । ସେ ଯେ ସତରେ କ'ଣ ଦେଖୁଚି । ତା' ଆଖି ସାମ୍ନାରେ ଅନୁପମ । ସୁରେଶ ଭାଇନାଙ୍କ ପାଖରେ ଏକାମ୍ ହୋଇ ବସିଛନ୍ତି । ମୁହଁରେ ହସର ଆଭା ଉକୁଟି ଉଠୁଛି । ମୁହୂର୍ତ୍ତଟିଏ ଥକ୍‌କା ମାରି ଠିଆ ହୋଇଗଲା ଶୁଭ୍ରା । ତା'ର ଶିଥିଳ ହାତର କବ୍‌ଜାରୁ ଖବର କାଗଜଟା ଖସିପଡ଼ିଲା । ସୁରେଶ ଖବରକାଗଜଟା ଗୋଟେଇନେଇ ଦେଖିଲେ, ସେଇ ଗୋଟିଏ ଛବି, ଗୋଟିଏ ମଣିଷ, ଯିଏକି ତା' ପାଖରେ ବସିଚି, ଶୁଭ୍ରା ଆଡ଼କୁ ଚାହିଁ ହସର ଧାରଟିଏ ଲହରେଇ ଦେଇଛି । ସୁରେଶ ଶୁଭ୍ରା ଆଡ଼େ ଚାହିଁଲେ । ଦେଖିଲେ ଶୁଭ୍ରା ଅନୁପମ ଆଡ଼େ ମୁଗ୍‌ଧ ନୟନରେ ଚାହିଁଛି ।

ସୁରେଶ ଖବରକାଗଜଟି ଅନୁପମ ଆଡ଼େ ବଢ଼େଇ ଦେଇଛନ୍ତି ।

ଶୁଭ୍ରା ହଠାତ୍ ଅପ୍ରତିଭ ହୋଇପଡ଼ିଲା । ନିଜକୁ ପ୍ରକୃତିସ୍ଥ କରେଇନେଇ କହିଲା - ମିଠା କାହିଁ ଅନୁପମ ବାବୁ ।

ଅନୁପମ ଖାଲି ହସୁଥିଲେ । ହାତ ପାପୁଲିରେ ଅଙ୍କିତ ସେଇ କଟା ଦାଗଟା ଟ୍ୟୁବ୍ ଲାଇଟ୍‌ରେ ଝଲସି ଉଠୁଥିଲା ।

ଶୁଭ୍ରାକୁ ବସିବାକୁ କହି ସୁରେଶ ଆରମ୍ଭ କଲେ- ଅନୁପମ ଚାକିରି ଛାଡ଼ି ଚାଲିଆସିଛି ।

କାହିଁକି ? ଶୁଭ୍ରା ପଚାରିଲା ।

- କହୁଚି ଦେଶ କାମ କରିବ ।

- କି ଧରଣର ଦେଶ କାମ ? ରାଜନୀତି, ସର୍ବୋଦୟ, ସମାଜସେବା ।

- ମୁଁ ତ ଜାଣିଚି ସେ କି ଧରଣର ଦେଶକାମ କରିବାକୁ ଚାହେଁ । ମୋର ତ ତା'ଠି ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭରସା ଅଛି । ହେଲେ ତୁ ତାକୁ ସେ ବିଷୟରେ ପଚାରି ବୁଝ ।



Digitized by PPRACHIN, SOA

- ଦେଶକାମ କରିବା ତ ଭଲ କଥା । ଯଦି ମନକୁ ପାଆନ୍ତା, ଆମେ କାହିଁ ନକରନ୍ତୁ ।

- ଭଲ କଥା । ମୁଁ ତ ଚାହେଁ, ତୁ ଅନୁପମ ସାଙ୍ଗରେ ମିଶି କାମ କଲେ ଅନେକ ଲୋକଙ୍କୁ ଆକୃଷ୍ଟ କରିପାରନ୍ତ ।

- ହେଲେ କାମଟା କି ଧରଣର ନଜାଣି ଏତେ ଆଗରୁ ଭବିଷ୍ୟତ ବାଣୀ କଲେ କ'ଣ ହେବ !

ଶୁଭ୍ରାର କଣ୍ଠରେ ସ୍ୱାଭାବିକତା ରହିଥିଲା । ସେଇ ଅଶୁଭ ଦିନର ଗ୍ଲାନିକର ଅଘଟଣର କୌଣସି ଚିହ୍ନ ବର୍ଣ୍ଣ ତା' ମୁହଁରୁ ବାରି ହେଉନଥିଲା । ଶୁଭ୍ରାର ଏଇ ସ୍ୱଭାବ ସୁଲଭ ବ୍ୟବହାର ଅନୁପମକୁ ଖୁବ୍ ଭଲ ଲାଗିଥିଲା ସେଦିନ ।

ଅନୁପମ ଆରମ୍ଭ କଲେ ଶୁଭ୍ରାକୁ ଲକ୍ଷ୍ୟକରି- ତୁମେ କି ଧରଣର ଦେଶକାମ କଲେ ସେଥିରେ ଯୋଗଦେବ ?

- ଆପଣଙ୍କ କଥାତ କହିଲେନି ? ଶୁଭ୍ରା ପ୍ରଶ୍ନ କଲା ।

- ମୁଁ ତ କହିବି । ହେଲେ ମୋ କଥା ଯଦି ମନକୁ ନପାଏ ତେବେ ଜାଣି ଲାଭ କ'ଣ ? ବରଂ ତୁମେ କିଭଳି କାମ କରିବାକୁ ଚାହିଁ କହିଲେ ଖୁସିହେବି ।

- ମୁଁ ଚାହେଁ ଏପରି ଏକ ସମାଜ ଗଢ଼ିଉଠୁ ଯେଉଁଠି କି ପୁରୁଷ ପରି ନାରୀର ସ୍ୱାଧୀନତା ରହିଥିବ । ନାରୀର ସୁରକ୍ଷା ପାଇଁ ତ ବ୍ୟବସ୍ଥା ଥିବ । ତା'ଛଡ଼ା ସମାଜରେ ସବୁ ମଣିଷଙ୍କର ସମାନ ଦାବି, ସମାନ ଅଧିକାର ରହିଥିବ । ସ୍ୱାଧୀନତା, ଗଣତନ୍ତ୍ର ଓ ସମାଜବାଦ ନାଁରେ ଧୋକାବାଜି ନଥିବ । ଏଇଭଳି ଏକ ସମାଜ ପାଇଁ କାମ କରିବାକୁ ମୋର ଇଚ୍ଛା ।

- ତୁମ କଳ୍ପନା ଠାରୁ ଆହୁରି ଏକ ଉନ୍ନତ ସମାଜ ବ୍ୟବସ୍ଥା ପାଇଁ ସଂଗ୍ରାମ ଦରକାର, ସେଇଭଳି କାମରେ ମୁଁ ବାହାରିଛି । ତୁମର ଯଦି ଆଗ୍ରହ ଅଛି ଆମ ସାଙ୍ଗରେ ସାମିଲ ହୋଇପାର ।

ଗାଡ଼ି ଆସି ଫାଟକ ପାଖରେ ହର୍ଣ୍ଣ ଦେଲା । ଅନୁପମ ଉଠି ଠିଆହେଲେ । ଶୁଭ୍ରାକୁ ଚାହିଁ କହିଲେ- ଏବେ ବାହାରିପଡ଼ ।

ଶୁଭ୍ରା ଓ ସୁରେଶ ଏକାବେଳକେ ବିସ୍ମୟରେ କହିଉଠିଲେ- କୋଉଠିକି ?

- ଦେଶ କାମ କରିବାକୁ ! ଅନୁପମ ହସି ହସି ଉତ୍ତର ଦେଲେ ।

- କ'ଣ ସାଙ୍ଗେ ସାଙ୍ଗେ ? ସୁରେଶ ବିସ୍ମୟଭରା କଣ୍ଠରେ ପଚାରିଲେ ।



Digitized by PPRACHIN, SOA

ଶୁଭ୍ରା ସ୍ତବ୍ଧ ଚକିତ ହୋଇ ରହିଁ ରହିଚି ।

ଦେଶକାମ କରିବାକୁ କ'ଣ ମାସକ ଆଗରୁ କି ବର୍ଷକ ଆଗରୁ ବିଜ୍ଞାପନ ଦେବାକୁ ପଡ଼ିବ ନା ଢେଙ୍ଗୁରା ବଜେଇ ଜଣେଇବ । ପଥ ଖୋଜୁଥିବା ପଥିକ ପଥ ପାଇଲା ତ ଆଗେଇବାକୁ ହେବ । ଅପେକ୍ଷା କରିବ କାହିଁକି ? କ'ଣ ପାଇଁ ? ଅନୁପମ ଏତିକି କହି ଆଗେଇ ଚାଲିଲେ । ଶୁଭ୍ରା ଆଜ୍ଞାଧିନା ଛାତ୍ରୀଟେ ପରି ଚାଲିଲା ତାଙ୍କ ପଛରେ ।

ଫାଟକ ପାଖରେ ଅପେକ୍ଷା କରିଥିବା ଜିପ୍‌ରେ ବସିବାକୁ ଶୁଭ୍ରାକୁ ଇଙ୍ଗିତ କଲେ ଅନୁପମ । ସୁରେଶ ସେମାନଙ୍କୁ ବିଦାୟ ଜଣେଇ ଫାଟକ ବନ୍ଦ କଲେ ।

ଲନ୍‌ରେ ପଡ଼ିଥିବା ଚୌକିରେ ସୁରେଶ ନିଶ୍ଚୁପ ହୋଇ ବସିପଡ଼ିଲେ । ସେ ଭାବୁଥିଲେ ଅନୁପମ କଥା, ତା'ର ଭବିଷ୍ୟତ କଥା ଓ ଶୁଭ୍ରା ପରି ଝିଅଟିର ଦୁଃସାହସ କଥା ଏବଂ ସେଦିନର ସେଇ ଅଶୁଭ ସକାଳର ଦୁର୍ଘଟଣାର କଥା । କେତେ ସହଜରେ ଝିଅଟା ଡେଇଁପଡ଼ିଲା ସୁଅ ମୁହଁକୁ । ଦିକି ଦିକି ହୋଇ ଜଳୁଥିବା ଦୀପ ଶିଖାଟିକୁ ଅନୁପମ ଟିକେ ତେଜି ଦେଇଥିବାରୁ ସେ ଯେମିତି ଜଳିଉଠିଲା । ହୁତୁ ହୁତୁ ହୋଇ । ଯାହାହେଉ ସେମାନେ ଯେ ଅନ୍ୟ ଏକ ଦିଗନ୍ତର ସନ୍ଧାନରେ ଦୁର୍ବାର ଯାତ୍ରା ଆରମ୍ଭ କରିଛନ୍ତି, ତାହା ସୁରେଶଙ୍କ ପାଇଁ ଗର୍ବର ବିଷୟ ।

ଗୋଟିଏ ଜଙ୍ଗଲୀ ରାସ୍ତାରେ ଅନେକବାଟ ଯିବାପରେ ନିବୁଜ ଜିପ୍‌ଟା ଜଙ୍ଗଲ ଭିତରକୁ ମୁହାଁଇଲା । କଣ୍ଟା ଝଟା ରାସ୍ତା । ହେଲେ ଜିପ୍‌ଟା ଯିବାପାଇଁ ପଥ ମଧ୍ୟ କିଛିଟା ସୁଗମ ଥିଲା । କିଛିବାଟ ଯିବାପରେ ଜିପ୍‌ଟା ଫେରିଆସିଲା । ଅନୁପମ ସହିତ ଜଣେ ବନ୍ଧୁକଧାରୀ ବ୍ୟକ୍ତି ସେଇଠି ଓହ୍ଲେଇ ରହିଲେ । ଶୁଭ୍ରାକୁ ମଧ୍ୟ ସେଇଠି ତାଙ୍କ ସାଙ୍ଗରେ ଓହ୍ଲେଇବାକୁ ପଡ଼ିଲା । ଗଭୀର ସମୁଦ୍ର ଭିତରେ ଭଙ୍ଗା ନୌକାଟି ଅକସ୍ମାତ ବୁଡ଼ିଯିବାପରି ଜଙ୍ଗଲି ଅନ୍ଧାର ଭିତରେ ତିନୋଟି ମଣିଷ ହଠାତ୍ ବୁଡ଼ିଗଲେ । କେବଳ ଟର୍ଚ୍ଚ ଆଲୁଅ ହିଁ ସେମାନଙ୍କୁ ଯାହା ଖାଲି ଆଗକୁ ଆଗକୁ ବାଟ କଢ଼ଉଥାଏ । କେତେ ଜାଗାରେ ଶୁଭ୍ରାର ଗୋଡ଼ ଦି'ଟା ଛନ୍ଦିହୋଇ ପଡ଼ିଚି ତ କେଉଁଠି ଖେଞ୍ଚଟେ ବାଜି ଗୋଡ଼ ଖଣ୍ଡିଆ ହୋଇଯାଇଛି । ଶୁଭ୍ରା ପାଇଁ ସେମାନେ ବାଧହୋଇ ଧୀରେ ଧୀରେ ଚାଲିଛନ୍ତି ।

ରାତିତ ଅନେକ ହେଲାଣି । ପାହାଡ଼ିଆ ରାସ୍ତାରେ ଚାଲି ଚାଲି ଶୁଭ୍ରା ହାଲିଆ ହୋଇପଡ଼ିଲାଣି । ଭାବୁଚି, ଏଇଠି କିଛି ସମୟ ବସି ପଡ଼ନ୍ତା ଓ ବସୁ ବସୁ ଶୋଇଯାଆନ୍ତା । କିନ୍ତୁ ତା' ଭାବନାର ଲହଡ଼ି ତା' ଠି ଧକ୍କା ଖାଇ ଫେରିଯାଉଛି । ଭାସିଯାଉଥିବା ନୌକାଟି ନିଜ ଇଚ୍ଛାରେ ଅଟକିଯିବ କିପରି ?



Digitized by PPRACHIN, SOA

ଗୋଟିଏ ଘଣ୍ଟା ଚାଲିବାପରେ ସେମାନେ ଗୋଟେ ପାହାଡ଼ର ଖୋଲ ପାଖରେ ପହଞ୍ଚିଲେ । ସାମ୍ନାରେ ଗୋଟାଏ ପ୍ରଶସ୍ତ ଖୋଲା ଜାଗାରେ କାଠଗଡ଼ର ଧୂନି ଜଳୁଚି । ଚାରିପାଖରେ ଲୋକଗୁଡ଼ା ବସି କ'ଣ ଖାଉଛନ୍ତି । ଯାକୁ ସବୁ ଦେଖି ଶୁଭ୍ରା ରକ୍ତ ପାଣି ଫାଟିବାକୁ ଆରମ୍ଭ କଲା । ଭୟରେ ତା କଲିଜା ଥରିବାକୁ ଲାଗିଲା । ଏଗୁଡ଼ାକ ଚୋର କିମ୍ୱା ତସ୍କର ହେବେକି କ'ଣ । ଅନୁପମ କ'ଣ ତେବେ ଏଇମାନଙ୍କ ଦଳରେ ମିଶିଚି । ଏମାନେ ତାକୁ ଧର୍ଷଣ କରିବେନି ତ । ଏମାନେ କ'ଣ ତେବେ ରବିନ ହୁଡ୍ ପରି ଡକାୟତ ? ଧନୀ ଲୋକଙ୍କଠୁ ଟଙ୍କା ନେଇ ଗରିବଙ୍କୁ ବାଣ୍ଟୁଛନ୍ତି ? ଏଇଆକୁ କ'ଣ ତେବେ ଅନୁପମଙ୍କ ଭାଷାରେ ଦେଶକାମ କହନ୍ତି ? ଶୁଭ୍ରା ସାମ୍ନାରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନବାଚୀ ଆସି ଉଭା ହୋଇଯାଉଚି । ତା' ମନ ଆକାଶରେ ଯେପରି ଧୂଳି ଝଡ଼ଟିଏ ଆରମ୍ଭ ହୋଇଯାଇଚି ।

ସେମାନେ ନିଆଁର ଧୂନି ପାଖରେ ପହଞ୍ଚି ଯାଇଥିଲେ । ଅନୁପମ ସାଙ୍ଗରେ ଥିବା ବନ୍ଧୁକଧାରୀ ବ୍ୟକ୍ତି ଓ ଅନୁପମ ରେଡ୍‌ସାଲୁଟ୍ କଲେ ଜଣେ ଅଧା ମୁଛବାଲା ଡେଙ୍ଗା ଲୋକକୁ । ଶୁଭ୍ରାକୁ ପରିଚୟ କରେଇଦେଲେ ତାଙ୍କ ସହିତ । ହସ ହସ ମୁହଁରେ ସେ ଶୁଭ୍ରାକୁ ପାଛୋଟି ନେଲେ । ଆଉଜଣେ ଉଠିଆସିଲା ଲୋକଗୁଡ଼ାଙ୍କ ମେଳରୁ । ଶୁଭ୍ରାକୁ ଭିଡ଼ିନେଲା ସେ । ସେ ମଧ୍ୟ ସମବୟସୀ ତରୁଣୀ । ତାକୁ ଲାଗିଲା ସେ ଯେମିତି ତା'ର ବହୁଦିନର ଚିହ୍ନା ଚିହ୍ନା । ଅନ୍ତରଙ୍ଗ ଓ ଆପଣାର ।

ଅନୁପମ ଓ ଶୁଭ୍ରା ଏ ଦୁହିଙ୍କି, ଝିଅଟି କନ୍ଦମୂଳ ସିଝା ଓ କିଛି ରୁଟି ଖାଇବାକୁ ଦେଲା । ଶୁଭ୍ରାକୁ ଭାରି ଭୋକ ହେଉଥିଲା । ସେ ପରମ ତୃପ୍ତିରେ ସେତକ ଶେଷ କରିଦେଲା । ଭାରି ଇଚ୍ଛା ହେଉଥିଲା, ଦେହଟାକୁ ଲୋଟେଇ ଦେବାକୁ ସେଇ ଖୋଲା ଆକାଶ ଛାତତଳେ । ଅବଶ ଓ ଭାରି ଭାରି ଲାଗୁଥିଲା ଦେହଟା ।

କିଛି ସମୟ ପରେ ଅଧା ମୁଛବାଲା ଜଣକ ନିର୍ଦ୍ଦେଶ ଦେଲେ ନିଜ ନିଜ ଜାଗାରେ ବସିବାକୁ । ଶ୍ରେଣୀ ଗୃହରେ ଚୁପ୍ ଚୁପ୍ ବସିଥିବା ଛାତ୍ରଙ୍କ ପରି ସମସ୍ତେ ନିଶ୍ଚୁପ ହୋଇଗଲେ ତତ୍‌କ୍ଷଣାତ୍ ଓ ଚାହିଁ ରହିଲେ ସେଇ ଜ୍ୟୋତିଷ୍ମାନ ପୁରୁଷଙ୍କୁ । ଶୁଭ୍ରା ଭାବିବାକୁ ଲାଗିଲା ନାଁ ଏମାନେ ଦସ୍ୟୁ ନୁହନ୍ତି । ଏମାନେ ନିଶ୍ଚୟ ଅଲଗା ମଣିଷ । ନହେଲେ ରୁଟି ଆଉ କନ୍ଦମୂଳ ସିଝା ଖାଉଥାନ୍ତେ କାହିଁକି ? ଶୀତର ଦାଉରୁ ରକ୍ଷା ପାଇବା ପାଇଁ ଶୀତ ପୋଷାକ ନପିନ୍ଧି ନିଆଁ ପୋଉଁଥାନ୍ତେ କାହିଁକି ?

ସେଇ ବ୍ୟକ୍ତି ଜଣକ ତାଙ୍କର ବକ୍ତବ୍ୟ ଆରମ୍ଭ କରିଦେଲେ । ତାଙ୍କ ବକ୍ତବ୍ୟରୁ ଜଣାପଡ଼ିଲା ଯେ ସେଇଦିନ ସେ କ୍ୟାମ୍ପ୍‌କୁ ଅଧିକାଂଶ ଯୁବକ ଆସିଛନ୍ତି । ସେମାନଙ୍କର



Digitized by PPRACHIN, SOA

ସଂଖ୍ୟା ଆପାତତଃ ତିରିଶ ଭଳି ହେବ । ସେମାନେ ସେଠାରେ ପ୍ରଥମ ଅବସ୍ଥାରେ ଏକ ମାସ କ୍ଲାସ୍ କରିବେ । ତା'ପରେ ସେମାନଙ୍କୁ ବିଭିନ୍ନ ସ୍ଥାନକୁ ପଠାଯିବ ସଂଗଠନ କରିବାକୁ । ବଣ, ପାହାଡ଼ ଭିତରେ ଲୁଚି ରହିଥିବା ଗାଁ ଗଣ୍ଡାର କୃଷକ, କୃଷି ଶ୍ରମିକମାନଙ୍କୁ ସାହୁକାର ଜମିଦାରର ଶୋଷଣ ବିରୁଦ୍ଧରେ ଏକଯୁଟ ହେବାକୁ ଏବଂ ଖଣି, ଖାଦାନ, କାରଖାନାର ଶ୍ରମିକମାନଙ୍କୁ ମାଲିକର ଶୋଷଣ, ଜୁଲମ ବିରୁଦ୍ଧରେ ଏକାଠି ହୋଇ ଲଢ଼ିବାକୁ । ସେମାନଙ୍କୁ ସମୟେ ସମୟେ କୋଉଠି ନା କୋଉଠି ମିଳିତ ହେବାକୁ ହେବ । ସେମାନଙ୍କର ସାଙ୍ଗଠନିକ ସମସ୍ୟା ଓ ଆଦର୍ଶଗତ ପ୍ରଶ୍ନ ସମ୍ପର୍କରେ ଆଲୋଚନା ଓ ମୀମାଂସା ହେବ ।

ମୁଚ୍ଛଧାରୀ ନେତା ଜଣଙ୍କ ସେଇ ଗଭୀର ରାତ୍ରିରେ ତାଙ୍କ ବକ୍ତବ୍ୟ ଖୁବ୍ ସଂକ୍ଷେପରେ ସାରିଥିଲେ । ଶୁଭ୍ରା ଯେଉଁଭଳି ଏକ ନୂତନ ସମାଜର ପରିକଳ୍ପନା କରିଥିଲା, ସତରେ ଅନୁପମ ଭାଷାରେ ତା' ଠୁ ଏକ ଉନ୍ନତ ସମାଜର ଚିତ୍ର ମିଳିଥିଲା ସେଇ ମହାନ ବ୍ୟକ୍ତିଙ୍କ ଭାଷଣରୁ । ତାଙ୍କର ବଜ୍ର ଗମ୍ଭୀର କଣ୍ଠରେ ଖାଲି ତ ଦୃଢ଼ତା ନଥିଲା, ଥିଲା ଗୋଟେ ପ୍ରକାର ସମ୍ମୋହନ । ଜଣକୁ ପାଗଳ କରିବା ପାଇଁ ତାଙ୍କର ଗୋଟିଏ ବକ୍ତୃତା ଯଥେଷ୍ଟ ଥିଲା । ସେଇ ବକ୍ତୃତା ଶୁଣିବା ଉତ୍ତାରୁ ତା' ଦେହର ସମସ୍ତ କ୍ଲାନ୍ତି, ଭାରି ଭାରି ବୋଧ ଲାଘବ ହୋଇଯାଇଥିଲା । ତା' ଦେହଟା ଫୁଲପରି ହାଲ୍‌କା ଓ ସତେଜ ହୋଇଯାଇଥିଲା । ପାହାଡ଼ିଆ ଜଙ୍ଗଲୀ ରାସ୍ତାରେ ଗଭୀର ଅନ୍ଧକାର ଭିତରେ ସୁଡ଼ଙ୍ଗ ଅତିକ୍ରମ କଲାପରି, ଚାଲି ଚାଲି ଲହୁ ଲୁହାଣ ହେବା, ନିର୍ଜନ ପାହାଡ଼ର ପରିତ୍ୟକ୍ତ ଇଲାକାରେ ଶୀତୁଆ ରାତ୍ରିର ବିଳମ୍ବ ପ୍ରହରରେ ନିଆଁଜାଳି ଉତ୍ତାପ ପିଇବା ଏବଂ ରୁଟି, କନ୍ଦମୂଳ ସିଝା ଖାଇ ଗରମା ଗରମ ଭାଷଣ ଶୁଣିବାର ଅପୂର୍ବ ରୋମାଞ୍ଚ ତା'ର କ୍ଲାନ୍ତ ଅବଶ ଦେହକୁ ଶୀହରିତ କରିଦେଉଥିଲା । ଅତୀତର ସେଇ ଅଶୁଭ ସକାଳର କଳଙ୍କିତ ମୁହୂର୍ତ୍ତର ସମସ୍ତ ଗ୍ଲାନି ଓ କୁହୁଡ଼ି ତା' ମନ ଆକାଶରୁ ଧୀରେ ଧୀରେ ଅପସରି ଯାଉଥିଲା ।



Digitized by PPRACHIN, SOA

# ଦଙ୍ଗା

ଦଙ୍ଗା ଲାଗିଗଲାରେ, ଲାଗିଗଲା ।

ଚାଲ ! ପଳେଇଚାଲ !

ଚାଲ ! ଚାଲ ! ଚାଲ !!

ନିଆଁହୁଳା ଧରି ଦଳେ ଲୋକ ଦୌଡୁଥାନ୍ତି । ନିଆଁ ଚରିଯାଉଥାଏ ଏ ଘରୁ ସେଘର । ସାହିରୁ ସାହିକି । ନିଆଁ ଜିଭରେ ପାକୁଳି କରିଦେଉଥାଏ ଉପାସନା ପୀଠ । ଧର୍ମଗ୍ରନ୍ଥ । ଗାଈଗୋରୁ ଛେଳି ମେଣ୍ଢା ଆଦି ଇତର ଜୀବ ।

ଖଣ୍ଡା ତରୱାଲ୍‌ମାନେ ଝଣ୍ ଝଣ୍ ହେଇ ବାହାରି ଆସୁଥାନ୍ତି ଫାଟକ ଡେଇଁ । ସେମାନେ ରାସ୍ତାରେ ଘୂରି ବୁଲୁଥାନ୍ତି ବେପରୁଆ ହେଇ । କାହା ପେଟରେ ତ କାହା ଛାତିରେ ଭୁଷି ହେଇଯାଉଥାନ୍ତି ଲହୁ ଲୁହାଣ ହେଇ । ଛୋଟ ଛୋଟ ଝରଣାହେଇ ରକ୍ତସବୁ ଝରିଯାଉଥାଏ । ମାଟି ତ ଶୋଷି ନେଇଯାଉଥାଏ ସେ ସବୁ । ପିଚୁରାସ୍ତା ଝଲସି ଉଠୁଥାଏ ରକ୍ତ ରଙ୍ଗରେ । ରକ୍ତର ହୋରିଖେଳ ମଜା ଲାଗୁଥାଏ ଖେଳୁଆଡ଼ମାନଙ୍କୁ ।

କ' ଗୋଷ୍ଠୀର ଲୋକମାନେ ସରଳ ନିରୀହ ଅଥଚ ଦୁର୍ଦ୍ଧର୍ଷ । ଖ' ଗୋଷ୍ଠୀର ଲୋକମାନେ ଚାଲାଖ । କ' ମାନଙ୍କର ଖ'ଙ୍କ ପ୍ରତି ବିଦ୍ୱେଷ ବହୁଦିନର । ଭିତରେ ଭିତରେ କୁହୁଳୁଥିବା ନିଆଁ । ଖ'ମାନେ ତାକୁ ଖେଞ୍ଚି ଦେଲେ ଜୋର୍‌ରେ । ଏଥରକ ସମ୍ଭାଳ । ନିଆଁ ଜଳିଉଠିଲା ହୁତୁହୁତୁ ହେଇ । କା'ର ବହପ ଅଛି ତାକୁ ନିଭେଇବ । କ' ଗୋଷ୍ଠୀର ଲୋକ ଘେରି ଆସିଲେ ଚଉଦିଗରୁ । ବଣ ଜଙ୍ଗଲ ଗାଁରୁ ଗାଁ ସବୁଆଡ଼େ ନିଆଁ ଜଳିଗଲା । ମଣିଷ ଭିତରେ ସାଇତା ହୋଇ ରହିଥିବା ମଣିଷ ପଣିଆର ସମ୍ଭାବନା ସବୁ ଜଳି ଛାରଖାର ହେଇଗଲା ।



Digitized by PPRACHIN, SOA

ଖ' ଗୋଷ୍ଠୀର ମୁରବୀମାନେ ବହୁ ଚତୁର । ସେମାନେ ଖସିଗଲେ ଚତୁରତା ସହକାରେ । ତାଙ୍କ ଗୋଷ୍ଠୀର ଗରିବ ନିରୀହ ତିରିଲାମାନେ ହିନସ୍ତା ହେଲେ । ପିଲାଛୁଆମାନେ ଅନାଥ ହେଲେ । ବୁଢ଼ା ବୁଢ଼ୀମାନେ ବେସାହାରା ହେଲେ । ମଣିଷମାନେ ନିଜ ଜାଣତରେ ହେଉ କେହିବା ଅଜାଣତରେ ହେଉ ପଶୁଠୁ ଆହୁରି ପାଶବିକ ହେଇଗଲେ, ଏକଥା ବିଶ୍ୱାସ କରିହେଲାନାହିଁ ।

ଖାକୀ ପୋଷାକବାଲା ବା କ'ଣ କରିବେ ? ଠେଙ୍ଗା ଓ ବନ୍ଧୁକରେ ସେମାନେ ବା କି ସମାଧାନ କରିବେ ? ଏମିତି କ'ଣ କୋଉଠି ହେଲାଣି ? ତଥାପି ସେମାନେ ଗାଁ ଗାଁ ପଶିଲେ । ଦୌଡ଼ା ଦୌଡ଼ି କଲେ । ପିଟା ମରା କଲେ । ସେମାନେ ତ ହୁକୁମର ଦାସ । ହୁକୁମ ମିଳିଲେ ବା ଯାହା କରିବେ । ମଣିଷ ମାରିବାକୁ ତାଙ୍କୁ ମନା ଥିଲା । ଅଥଚ କର୍ଫ୍ୟୁ ସଦାବେଳେ ବଳବତ୍ତର ଥିଲା । କର୍ଫ୍ୟୁ ଲାଗୁ ହେଇଥିବାବେଳେ ଦାବୀ ହେଲା କର୍ଫ୍ୟୁ ଉଠୁ । ବନ୍ଧୁକ ଓ ଲାଠିଆମାନେ ପଇଁତରା ଦେଲେ ତ ଦାବୀ ହେଲା ତାଙ୍କୁ ନିକାଲି ଦିଆଯାଉ । ଅଥଚ କର୍ଫ୍ୟୁ କୋହଳ ହେଲେ ଘର ଜଳିଯାଏ, ହତିଆର ଚାଲେ, ଗୁଳି ଛାତିକୁ ବିଦ୍ଧ କରେ । ଯାହା କଲେ ବି ପ୍ରଶାସନ ଦୋଷୀ ହେଇଯାଏ । ପ୍ରଶାସନକୁ ଦାୟୀ କଲେ ଖବରକାଗଜର କାଟ୍‌ତି ବଢ଼େ । ଗଣତନ୍ତ୍ର ସଫଳ ହୋଇଥାଏ ବୋଲି ପ୍ରମାଣିତ କରିବା ପାଇଁ ସହଜ ହୁଏ । ସମ୍ପୃକ୍ତ ଗୋଷ୍ଠୀର ନେତାଙ୍କ ଖାତିର ବଢ଼େ । ବାଃ ବହୁତ ବଢ଼ିଆ !

ଖ' ଗୋଷ୍ଠୀର ଲୋକ ରିଲିଫ୍ କ୍ୟାମ୍ପରେ ରାତି ବିତାନ୍ତି । ରିଲିଫ୍ ରନ୍ଧା ଖାଦ୍ୟ ଖାଇ ଦିନ ବିତାନ୍ତି । ଖରା ବର୍ଷାରେ ହିନସ୍ତା ହୁଅନ୍ତି । ବୁଢ଼ା ବୁଢ଼ୀ ପିଲାଛୁଆମାନେ ବେମାରରେ ପଡ଼ନ୍ତି । ଡାକ୍ତରୀ ଦଳ ଅବଶ୍ୟ ସେମାନଙ୍କର ମାଗଣାରେ ହେପାଜତ୍ କରିଥାନ୍ତି । ସେମାନେ ଆଉ ଗାଁକୁ ଫେରିଯିବାକୁ ଚାହାନ୍ତନି ଭୟରେ, ଆଶଙ୍କାରେ । ଗାଁରେ ତ ଘରଦ୍ୱାର ନାହିଁ । ଭୟର ଭୂତ ତ ଡିଆଁମାରୁଛି ସାହିରୁ ସାହି, ଗୋହିରିରୁ ଗୋହିରି । ଆଉ ଯୋଉମାନେ ଗାଁରେ ରହିଯାଇଛନ୍ତି ଜୀବନ ବିକଳରେ, ଖାକୀବାଲାଙ୍କ ହେପାଜତରେ, ସେମାନଙ୍କର ପେଟରେ ତ ନିଆଁ ଜଳୁଛି । ସେମାନେ ବି ଚାହୁଁଛନ୍ତି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ପାଇଁ, ମୁଠେ ଦାନା ପାଇଁ, ଟିକେ ଭରସା ପାଇଁ । କାରଣ ଗାଁରେ ସେମାନଙ୍କ ପାଇଁ କାମଧନ୍ଦା ନାହିଁ ।

ଯୋଉମାନେ ରିଲିଫ୍ କ୍ୟାମ୍ପ ଆଡ଼େ ବାଟ ପାଇଲେନି କିମ୍ବା ସେମାନଙ୍କର ଚଲାରାସ୍ତାକୁ ବନ୍ଦ କରି ଦିଆଯାଇଥିଲା, ସେମାନେ ଜଙ୍ଗଲରେ ବାଘ ଭାଲୁଙ୍କ ସହ ମିତ ବସିଲେ । ସରୀସୃପଙ୍କ ସହିତ ରତି କଲେ । ଦଳ ଦଳ ସ୍ତ୍ରୀ ପିଲା ବୁଢ଼ା ବୁଢ଼ୀ କେତେକାଳ



Digitized by PPRACHIN, SOA

ବନବାସ କଲେ ତା'ର କେହି ହିସାବ ରଖିଲେ ନାହିଁ ।

ଏସବୁ ଭିତରେ ବି କ୍ରମଶଃ ରିଲିଫ୍ କ୍ୟାମ୍ପମାନଙ୍କରେ ଜୀବନ ଅଙ୍କୁରି ଉଠିଲା । ଆଶାର କଢ଼ି ବି ଫୁଟିବାକୁ ଲାଗିଲା । ଯେତେ ହେଲେ ମଣିଷତ ! କୁଙ୍କୁରି କାଙ୍କୁରି ଯାଇଥିବା ପିଲାମାନଙ୍କ ଓଠରେ ଚେନାଏ ଚେନାଏ ହସ ଲହଡ଼ି ମାରିଲା, ବାଦଲ ଭିତରୁ ଜହ୍ନଟେ ଉଙ୍କି ମାରିଲା ପରି, ଅଥଚ କର୍ଫ୍ୟୁ କୋହଳ ହେଲାବେଳକୁ ପୁଣି ଧୂଆଁର ଗନ୍ଧ ବି ଚହଟିଲା, ନିଆଁର ଧାସ ବି ଦିଶିଲା । ନିଆଁ ଜିଭ ଲହରେଇଲା ।

ଏଥର ସରକାରୀ ବନ୍ଧୁକରୁ ଗୁଳି ଛୁଟିଲା । କ' ଗୋଷ୍ଠୀର କିଛି ଘାଏଲା ହେଲେ, କିଛି ବି ବିରଗତି ପ୍ରାପ୍ତ ହେଲେ । କ' ଖ' ଉଭୟ ଗୋଷ୍ଠୀର ମୃତାହତଙ୍କ ସଂଖ୍ୟା ବଢ଼ିଲା । ଖାକୀବାଲାଙ୍କ ଧୈର୍ଯ୍ୟଚ୍ୟୁତି ହେବାରୁ ସେମାନେ ସ୍ଥଳ ବିଶେଷରେ ନିଜର ରୂପ ଦେଖେଇଲେ । କୌଣସି ଗୋଟିଏ ଘଟଣାରେ ଘାଏଲା ହେଇଥିବା କ' ଗୋଷ୍ଠୀର କିଛି ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ସେଥିରୁ ଜଣେ ଲୋକର ଅବସ୍ଥା କିନ୍ତୁ ସଙ୍କଟାପନ୍ନ ଥିଲା ।

ଧରନ୍ତୁ ତା'ର ନାଁ ପର୍ଶୁରାମ ମାଝୀ । ତା'ର ରକ୍ତ ଦରକାର ପଡ଼ିଲା ପ୍ରଚୁର । ପ୍ରଶାସନର ମୁଣ୍ଡ ବ୍ୟଥା ହେଲା । ପାଖ ଆଖ ରିଲିଫ୍ କ୍ୟାମ୍ପରେ ପରୀକ୍ଷା ନିରୀକ୍ଷା କରାଗଲା । ନିବେଦନ କରାଗଲା । କେତେଜଣ ଯୁବକଙ୍କର ରକ୍ତ ମିଳିଗଲା ସେ ଲୋକର ରକ୍ତ ସହିତ । ତାଙ୍କ ଭିତରୁ ପ୍ରଥମ ଲୋକ ଜଣକ ଦି'ବୋତଲ ରକ୍ତ ଦେବାକୁ ତୟାର । ଧରନ୍ତୁ ତା' ନାଁ ତର୍ପଣ ନାଏକ ।

ରକ୍ତଦାନ କାମଟି ସୁରୁଖୁରୁରେ ଶେଷହେଲା । କ' ଗୋଷ୍ଠୀର ପର୍ଶୁରାମଙ୍କର ସଫଳ ଅସ୍ତ୍ରୋପଚାର ହେଲା । ତା' ଗୋଷ୍ଠୀର ଲୋକମାନେ ଏହି କାର୍ଯ୍ୟକ୍ରମରେ ଧାଁ ଧପଡ଼ କରୁଥିଲେ । ଅଥଚ ସେମାନଙ୍କ ଭିତରୁ କାହାର ରକ୍ତର ମେଳ ନଥିଲା । ସେମାନଙ୍କର ବିକଳ ଅବସ୍ଥା ଲକ୍ଷ୍ୟ କରିହେଉଥିଲା ବେଶ୍ ।

ପର୍ଶୁରାମ ଜାଣିପାରିଲେ ନାହିଁ କିଏ ତାଙ୍କପାଇଁ ରକ୍ତଦାନ କଲେ, ତାଙ୍କର ଜୀବନ ରକ୍ଷା କଲେ । ସୁସ୍ଥ ହେବାପରେ ସେ ଖୋଜିଲେ ସେମାନଙ୍କୁ । ସେମାନେ ଖ' ଗୋଷ୍ଠୀର ରିଲିଫ୍ କ୍ୟାମ୍ପରେ ରହୁଥିବାର ଖବର ପାଇଲେ ପର୍ଶୁରାମ ।

ପର୍ଶୁରାମ ସୁସ୍ଥ ହେବା ସହିତ ତାଙ୍କର ଉଷୁମ ରକ୍ତ ମଧ୍ୟ ଥଣ୍ଡା ହେଇଯାଉଥିଲା ଧୀରେ ଧୀରେ । ସେ ନିର୍ମାୟା ହେଇଯାଉଥିଲେ ଏବଂ ନିଜକୁ ବି ଖୋଜୁଥିଲେ ବାରମ୍ବାର । ଡାକ୍ତରଖାନାରୁ ବିଦାୟ ନେବାପରେ ରିଲିଫ୍ କ୍ୟାମ୍ପରେ ତାଙ୍କର ରକ୍ତଦାନକାରୀଙ୍କୁ ଭେଟିବାକୁ ଚହିଁଲେ ସେ । ତାଙ୍କ ଗୋଷ୍ଠୀର ଲୋକମାନେ ଏହି କାମରୁ ନିବୃତ ହେବାପାଇଁ



Digitized by PPRACHIN, SOA

ତାଙ୍କୁ ପ୍ରବର୍ତ୍ତାଇବାକୁ ଉଦ୍ୟମ ଜାରି ରଖିଥିଲେ ଆଇନ ଶୃଙ୍ଖଳାର ଦ୍ୱାହିଦେଇ । ପ୍ରଶାସନ ଅବଶ୍ୟ ତାଙ୍କୁ ଅନୁମତି ଦେଲାନାହିଁ ପରିସ୍ଥିତିକୁ ଆକଳନ କରି ।

ପର୍ଶୁରାମଙ୍କର କ'ଣ ହେଲା କେଜାଣି ସେ ତୁହାକୁ ତୁହା କାନ୍ଦିବାକୁ ଲାଗିଲେ ।

ପର୍ଶୁରାମ ନିରୁଦ୍ଦିଷ୍ଟ ହୋଇଗଲେ ତା'ପରେ ।

ସେ ଦିନେ ନିଜକୁ ଆବିଷ୍କାର କଲେ, ନିକାଞ୍ଚନରେ ଥିବା ଗୋଟେ ବରଗଛ ମୂଳରେ । ତାହା ଅନ୍ୟଗୋଟେ ବୋଧିଦ୍ରୁମ ଥିଲା କି ନାହିଁ ଜଣାନାହିଁ । ସେ ଦେଖିଲେ, ତାଙ୍କର ଲୋମଶ ହାତ ଗୋଡ଼ ଓ ନଖ ଦାନ୍ତ ସବୁ ଉଭେଇ ଯାଇଛି । ସେ ମଣିଷରେ ପରିଣତ ହେଇଯାଇଛନ୍ତି । ସେ ଆହୁରି ଭୋ ଭୋ ହେଇ କାନ୍ଦିଲେ । କାନ୍ଦିବାକୁ ଏତିକି ସୁବିଧା ସୁଯୋଗ ଥିଲା ତାଙ୍କପାଇଁ ଯେ ସେ ସେଠି ଏକ୍‌ଲା ଥିଲେ । ଚାରିପଟରେ ଗଛଲତା, ପଶୁପକ୍ଷୀ ତାଙ୍କ କାନ୍ଦ ଶୁଣି ଯେପରି ଥତମତ ହେଇଯାଉଥିଲେ । ସମବେଦନାରେ ଆର୍ଦ୍ର ହେଇଯାଉଥିଲେ ।

ପର୍ଶୁରାମ ଉଠି ଠିଆହେଲେ । ଭାବିଲେ ସେ ତାଙ୍କର ସେଇ ପ୍ରିୟ ଛୋଟ ସହରକୁ ଚାଲିଯାଆନ୍ତେ, ଯେଉଁଠି ଉଭୟ ସମ୍ପ୍ରଦାୟ ମିଳିମିଶି ବର୍ଷ ବର୍ଷ ଧରି ରହିଆସିଛନ୍ତି । ସେଇଠି ମୁଖ୍ୟ ଛକଟିରେ ସେ ଠିଆ ହେଇଯାଆନ୍ତେ ବାହୁ ପ୍ରସାରି । ଗୋଟିଏ ହାତ ବଢ଼େଇ ଦିଅନ୍ତେ ତାଙ୍କର ଆପଣାର କ' ଗୋଷ୍ଠୀର ବସତି ଆଡ଼କୁ ଏବଂ ଚିତ୍କାର କରି ସେହି ଗୋଷ୍ଠୀଙ୍କୁ କହନ୍ତେ ପାରୁଛ ଯଦି ମୋର ଏଇ ହାତଟିକୁ ହାଣିଦିଅ । ଆର ଗୋଷ୍ଠୀକୁ ସେଇଆ ବି କହନ୍ତେ ଏବଂ ଏତକ କହିସାରି ଦୁଇହାତ ପାପୁଲିକୁ ଯୋଡ଼ି ବିନତି କରନ୍ତେ, ମୋର ହାତ ଦି'ଟା ବିନିମୟରେ ତୁମମାନଙ୍କ ହାତରେ ଥିବା ଅସ୍ତ୍ର-ଶସ୍ତ୍ର ଫିଙ୍ଗିଦିଅ । ନିଆଁ ବରିଆ ନିଭେଇ ଦିଅ ଏବଂ ପରସ୍ପର ସହିତ ·ହାତ ମିଳେଇ ଦିଅ । ଛାତିକି ଛାତିରେ ମିଳେଇଦିଅ । ଆଉ ପଛକୁ ଫେରି ଚାହଁନି । ଆଗକୁ ଆଗକୁ ଚାଲ କାନ୍ଧରେ କାନ୍ଧ ମିଳେଇ । ମୁଁ ଏଇଠି ଏମିତି ଠିଆହେଇଥିବି ଦେଖିବାକୁ ତୁମର ସମ୍ମିଳିତ ମହାଯାତ୍ରା, ଅନନ୍ତ ଭବିଷ୍ୟତକୁ ।

ନାଃ ! ଏପରି କରିବା ଆଦୌ ସମ୍ଭବ ନୁହଁ । କାରଣ ଉଭୟ ଦିଗରୁ ଗୁଳି ଆସି ତାଙ୍କର ବକ୍ଷ ଭେଦ କରିବ ଏବଂ ସେ ସେଇଠି ଟଳିପଡ଼ିବ । ଅବଶ୍ୟ ସହିଦ ହୋଇଯିବେ ମାନବିକତାର ମୁକ୍ତିପାଇଁ । କିନ୍ତୁ କିଛି ଫଳ ହେବନି । ବର୍ଦ୍ଧିଷ୍ଣୁ ବିଷ ବୃକ୍ଷଟିକୁ ସେ ଉତ୍‌ଖାତ କରିପାରିବେ ନାହିଁ । ଏକଥା ଭାବି ସେ ପୁଣି ବସିପଡ଼ିଲେ ସେଇ ଗଛମୂଳେ ।

ପର୍ଶୁରାମ ଭାବୁଥିଲେ ସେ କେମିତି ଫସିଗଲେ ଧର୍ମ ଓ ଦେଶ ପ୍ରେମର ଅନ୍ଧଗଳିରେ । ସେଇ ମିଛ ଆଦର୍ଶ ସମାଜର ପରୀକ୍ଷାଗାରରେ ଭୁଲ୍ ବୋଲି ପ୍ରମାଣିତ



Digitized by PPRACHIN, SOA

ହୋଇଛି ଥରକୁ ଥର । ଏଥର ସେ ହିଁ ହେଇଛନ୍ତି ସେଇ ଆଦର୍ଶର ଅନ୍ୟତମ ହତିଆର । ସେ ତ ଆଜି ନିଜର ମୁଖା ଖୋଲିଦେବେ ଏବଂ ତାଙ୍କ ସହିତ ଥିବା ଅନ୍ୟମାନଙ୍କର ମୁଖା ଖୋଲିଦେବେ ଅନ୍ତତଃ ମଣିଷ ସମାଜ ସପକ୍ଷରେ । ଏଇ ଚରମ ସିଦ୍ଧାନ୍ତ ନେଇ ନିଜକୁ ଯଥାସାଧ ସମ୍ଭାଳି ନେଲେ ପର୍ଶୁରାମ ।

ପର୍ଶୁରାମ ପୁଣି ଉଠିପଡ଼ିଲେ ଏବଂ ଅନତିଦୂରରେ ଲମ୍ବିଥିବା ନାଲି ରାସ୍ତାରେ ଆଗକୁ ଚାଲିଲେ । ସେ ଜାଣନ୍ତି ନାହିଁ ଏଇ ରାସ୍ତା କୁଆଡ଼କୁ ଯାଇଛି । ଅଥଚ ସେ ଚାଲିଲେ ଆଗକୁ ଆଗକୁ ।

ପଛରୁ ଗୋଟେ ପୋଲିସ୍ ଗାଡ଼ି ଆସୁଥିବାର ମନେହେଲା । ସେ ସେଇଠି ଠିଆହେଲେ । ଖାକୀ ପୋଷାକ ଓ ବନ୍ଧୁକ ଜଣେଇ ଦେଉଥିଲା ଗାଡ଼ିଟିର ଗାମ୍ଭୀର୍ଯ୍ୟ ସମ୍ପର୍କରେ । ପର୍ଶୁରାମ ହାତ ଦେଖେଇଲେ । ଗାଡ଼ି ଅଟକିଗଲା ।

ମୋତେ ଥାନାକୁ ନେଇଚାଲନ୍ତୁ, ପର୍ଶୁରାମ ଆକୁତି କଲେ ।

'କାହିଁକି', ପୋଲିସ୍ ବାବୁ ଜଣେ ପଚାରିଲେ ।

'ମୋର ସୁରକ୍ଷା ଦରକାର', ପର୍ଶୁରାମ କହିଲେ ।

'ଯା'କୁ ରିଲିଫ୍ କ୍ୟାମ୍ପରେ ଛାଡ଼ିଦେବା', ପୁଲିସ୍‌ବାବୁ ରାୟଦେବା ଭଙ୍ଗୀରେ ନିର୍ଦ୍ଦେଶ ଦେଲେ ।

ପର୍ଶୁରାମଙ୍କୁ ଗାଡ଼ିରେ ଭର୍ତ୍ତି କରାଗଲା ।

ପୋଲିସ୍ ଗାଡ଼ି ଥାନାରେ ପହଞ୍ଚିଲା ।

ଥାନା ହତାରେ ମାଇପେ ମିଣିପେ ପିଲା କବିଲା ରୁଣ୍ଡ ହେଇଥିଲେ । କିଏ କାନ୍ଦୁଥିଲା, କାହା ଆଖିରୁ ଲୁହ ଗଡୁଥିଲା, କିଏ ମୁଣ୍ଡରେ ହାତ ଦେଇଥିଲା ତ କିଏ ସ୍ଥାଣୁ ପାଲଟି ଯାଇଥିଲା । ପିଲାଗୁଡ଼ାଙ୍କ ଆଖି, ମୁହଁରେ ଭୟର ପ୍ରଲେପ ନେସିହେଇ ଯାଇଥିଲା ।

ଆଃ ! କି ବିଗଳିତ ଏଇ ଦୃଶ୍ୟ ! ପର୍ଶୁରାମ ବିଚଳିତ ହେଇଯାଉଥିଲେ । ସେ ଦେଖିପାରୁଥିଲେ, ନିଜ ଭିତରୁ ନିର୍ବାସିତ ହେଇଥିବା ସେଇ ବଣ୍ୟ ପଶୁଟେ କିପରି ବିଭତ୍ସ କାର୍ଯ୍ୟ ସବୁ ଘଟେଇ ଚାଲିଥିଲା କିଛି ଦିନ ତଳେ ।

ପର୍ଶୁରାମ ବିବଶ ହେଇଗଲେ ।

ପୁଲିସ୍ ବାବୁ ନିର୍ଦ୍ଦେଶ ଦେଲେ - ଏ ସମସ୍ତ ଲୋକଙ୍କୁ ଲରିରେ ବସେଇଦିଅ । ରିଲିଫ୍ କ୍ୟାମ୍ପକୁ ନେଇଯାଅ ।

ସେଇ ନିର୍ଦ୍ଦେଶରେ ପର୍ଶୁରାମଙ୍କୁ ନେଇଯିବାର ଇଙ୍ଗିତ ବି ଥିଲା ।



Digitized by PPRACHIN, SOA

ପୁଲିସ୍ ବାବୁ ଜଣଙ୍କ ଚୌକିରେ ଯାଇ ବସିଲେ ଟିକିଏ ଆଶ୍ୱସ୍ତ ହେବାର ଭଙ୍ଗୀରେ ।

ପର୍ଶୁରାମ ରିଲିଫ୍ କ୍ୟାମ୍ପ୍‌କୁ ସ୍ଥାନାନ୍ତରିତ ହେବାକଥା ଶୁଣି ଆଶଙ୍କିତ ହେଇଯାଇଥିଲେ । ସେ ପୁଲିସ୍ ବାବୁଙ୍କ ପାଖକୁ ଧାଇଁଯାଇ ହାତ ଦି'ଟା ତାଙ୍କ ଆଡ଼କୁ ବଢ଼େଇଦେଇ କହିଲେ- ମୁଁ ଆଜ୍ଞା ଜଣେ ଦଙ୍ଗାକାରୀ । ମୋତେ ହାତକଡ଼ା ପିନ୍ଧାନ୍ତୁ । ମୁଁ ଏଇ ହାତରେ ଖୁନ୍ କରିଛି । ଧର୍ଷଣ କରିଛି । ଲୁଟ୍ କରିଛି । ଗୃହଦାହ କରିଛି । ମୁଁ ଭୟଙ୍କର ଅପରାଧୀ ସାର୍ ! ରିଲିଫ୍ କ୍ୟାମ୍ପ୍‌କୁ ମୋତେ କାହିଁ ନେବେ ?

ପୁଲିସ୍ ମହଲ ତୋବା ହେଇଗଲେ ।

ଓଃ ! କ'ଣ କହୁଚି ଏ ଲୋକଟା ? ଏ ତ ଦଙ୍ଗା ମାମଲାରେ ପ୍ରଥମ ସ୍ୱୀକାରୋକ୍ତି, କି ଅଦ୍ଭୁତ !

ହାତକଡ଼ା ପିନ୍ଧେଇ ପୋଲିସ୍ ହାଜତରେ ଭର୍ତ୍ତି କରାଗଲା ପର୍ଶୁରାମଙ୍କୁ । ତାଙ୍କଠୁ ସମସ୍ତ ବୟାନ ଲିପିବଦ୍ଧ କରାଗଲା ।

ଆଃ ! କି ଲୋମହର୍ଷଣକାରୀ ଥିଲା ପର୍ଶୁରାମଙ୍କ ବୟାନ । ଉପସ୍ଥିତ ସମସ୍ତ ପୋଲିସ୍ କର୍ମଚାରୀ ସ୍ତମ୍ଭୀଭୂତ ହେଇଯାଇଥିଲେ ତାଙ୍କ ବୟାନରେ । ପ୍ରଶ୍ନ, ଉପପ୍ରଶ୍ନ ସମସ୍ତର ଉତ୍ତର ପର୍ଶୁରାମ ନିର୍ଭୟରେ ଦେଇଚାଲିଥିଲେ । ନିଃସଙ୍କୋଚରେ ଦେଇଚାଲିଥିଲେ ଗୋଟିକ ପରେ ଗୋଟିଏ । ସେ ସମସ୍ତ କଥା କିପରି ଯେ ଲିପିବଦ୍ଧ କରାଯାଇପାରିବ, ତାହା ଥିଲା ପୋଲିସ୍ ବାବୁଙ୍କର ଘୋର୍ ଚିନ୍ତାର ବିଷୟ ।

ଶେଷରେ ପର୍ଶୁରାମ କହିଥିଲେ- ଫାଶି ଦଣ୍ଡ ଛଡ଼ା ଆଉ ଯାହା କିଛି ଦଣ୍ଡ ଦେଲେ, ତାହା ନ୍ୟୁନ ହେବ ମୋ ପାପର ପ୍ରାୟଶ୍ଚିତ ପାଇଁ ସାର୍ ।

ପର୍ଶୁରାମଙ୍କ ସବୁ ବୟାନ ଲିପିବଦ୍ଧ ହେଇଚାଲିଥିଲା ଥାନାରେ ।

ଗୋଟେ ଅସ୍ୱାଭାବିକ ଗମ୍ଭୀରତା ଗ୍ରାସ କରିଥିଲା ଥାନାର ପରିବେଶକୁ ।

ଏଥର ପର୍ଶୁରାମ ସହଜ ହେଇଯାଉଥିଲେ । ❖❖



Digitized by PPRACHIN, SOA

# କଳାମେଘ

ବିମଳ ଦାସ ମାଷ୍ଟର ଚାକିରି ଛାଡ଼ି ଜଣେ ସହକାରୀ ଭାବେ କେନ୍ଦ୍ର ସରକାରଙ୍କର ଗୋଟିଏ ଦପ୍ତରରେ ଯେତେବେଳେ ମୁକରିର ହେଲେ ଏତେବଡ଼ ଦପ୍ତର ମଧ୍ୟରୁ ମାତ୍ର ଦୁଇଜଣ ସହକର୍ମୀଙ୍କ ବନ୍ଧୁତ୍ୱର ହାତ ତାଙ୍କ ପାଖକୁ ଲମ୍ବି ଆସିଥିଲା । ସେମାନେ ହେଲେ ନରେଶ ଓ ଶଶାଙ୍କ । ଏଇଟା ସବୁଠାରେ ହିଁ ଗୋଟିଏ ସ୍ୱାଭାବିକ ଘଟଣା ହୋଇଥାଏ । ଏକା ମନର ଲୋକଗୁଡ଼ିକ ସହଜରେ ପରସ୍ପରର ନିକଟତର ହୋଇଯାଆନ୍ତି । ଖୋଲା ମିଜାଜର ଲୋକମାନଙ୍କ ଭିତରେ ଖୁବ୍ ଶୀଘ୍ର ଆନ୍ତରିକତା ଜମିଉଠେ ।

ଚାକିରି କ୍ଷେତ୍ରରେ ନରେଶ ଓ ଶଶାଙ୍କ ବିମଳଠାରୁ କେତୋଟି ବର୍ଷ ବରିଷ୍ଠ ଥିଲେ ହେଁ, ବୟସ ଓ ଶିକ୍ଷା ଦୃଷ୍ଟିରୁ ବିମଳ ସେମାନଙ୍କଠାରୁ ଆଗରେ ଥିଲେ । ତାହା ଛଡ଼ା ବିମଳ ପଛରେ ଶିକ୍ଷକତାର ପାଞ୍ଚବର୍ଷର ବହୁମୂଲ୍ୟ ଅଭିଜ୍ଞତା ରହିଥିଲା । ଯଦିଓ ବିମଳ ସାଙ୍ଗରେ ଚାକିରିରେ ପ୍ରବେଶ କରିଥିବା ବହୁ ସହକର୍ମୀ ଉଚ୍ଚଶିକ୍ଷିତ ଥିଲେ ଓ ଅନେକ କିଛି କିଛି ବର୍ଷ ଶିକ୍ଷକତା କରିଥିଲେ । ସେମାନଙ୍କଠାରୁ ବିମଳ ଦାସ ବାରିହୋଇ ପଡୁଥିଲେ । ଚଳିଚଳନ, ପୋଷାକ ପରିଚ୍ଛଦ, ବ୍ୟବହାର ସବୁଥିରେ ବିମଳ ଭିତରେ ଗୋଟେ ଶିକ୍ଷକ ସୁଲଭ ବ୍ୟକ୍ତିତ୍ୱ ଫୁଟି ଉଠୁଥିଲା । ବିମଳର ସରଳ, ଶାନ୍ତ ଓ ନମନୀୟ ବ୍ୟକ୍ତିତ୍ୱ ଶଶାଙ୍କ ଓ ନରେଶ ଏ ଦୁହିଁଙ୍କୁ ବିଶେଷ ଆକୃଷ୍ଟ କରିଥିଲା । ଦପ୍ତରର ଅନ୍ୟ ସହକର୍ମୀମାନେ ବଡ଼ବାବୁଙ୍କୁ ତୈଳମର୍ଦ୍ଦନ ପୂର୍ବକ କୌଣସି ଗୁରୁତ୍ୱପୂର୍ଣ୍ଣ କିମ୍ବା ଅର୍ଥକାରୀ ସିଟ୍‌ଟିଏ ପାଇବାକୁ ବ୍ୟାକୁଳ ପ୍ରଚେଷ୍ଟାରେ ସର୍ବଦା ଲିପ୍ତ ଥିଲାବେଳେ ଯେଉଁ ସର୍ବନିମ୍ନ ସହକାରୀମାନେ ଏଥିରୁ ନିବୃତ୍ତ ଥିଲେ ଏବଂ ବିଭିନ୍ନ ସମୟରେ ବଡ଼ବାବୁଙ୍କ ହାମବଡ଼ା ବ୍ୟବହାର ଓ ଯାବତୀୟ ଫନ୍ଦି, ଫିକର ଏବଂ ଦୁର୍ନୀତିର ସମାଲୋଚନା କରୁଥିଲେ,



Digitized by PPRACHIN, SOA

ସେମାନଙ୍କ ଭିତରେ ଥିବା ନରେଶ ଓ ଶଶାଙ୍କ ସହିତ ବିମଳ ମଧ ଯୋଗଦେଉଥିଲେ । ଫଳରେ ଏ ତିନି ଜଣଙ୍କ ଭିତରେ ଆତ୍ମୀୟତାର ବଟବୃକ୍ଷଟି ବଢ଼ି ବଢ଼ି ଚାଲିଥିଲା ।

ତିନିବନ୍ଧୁଙ୍କ ମଧ୍ୟରେ କେବଳ ଶଶାଙ୍କ ହିଁ ବୈବାହିକ ଜୀବନର ସ୍ୱାଦ ଚାଖିସାରିଥିଲେ ଏବଂ ଦୁଇଟି କନ୍ୟାର ଜନକ ହୋଇସାରିଥିଲେ । ତେଣୁ ଶଶାଙ୍କର ନିମନ୍ତ୍ରଣ କ୍ରମେ ବିମଳ ହିଁ ସମୟେ ସମୟେ ତାଙ୍କ ପରିବାରର ଆତିଥ୍ୟ ଲାଭ କରିବାର ସୁଯୋଗ ପାଉଥିଲେ । ଶଶାଙ୍କ ପରି ତାଙ୍କ ସହଧର୍ମିଣୀଙ୍କ ବ୍ୟବହାର ବେଶ୍ ଅମାୟିକ ଓ ଉଦାର ଥିଲା । ଗୋଟିଏ ଦୁଇଟି ବର୍ଷ ଭିତରେ ଶଶାଙ୍କ ପରିବାରର ପ୍ରତ୍ୟେକଟି ସଭ୍ୟ ସହିତ ବିମଳ ଘନିଷ୍ଠ ହୋଇଯାଇଥିଲେ । ଯଦିଓ ଶଶାଙ୍କର ସାନଭାଇ ଭାନୁ ବିମଳର ବ୍ୟକ୍ତିତ୍ୱ ପାଖରେ ବେଶୀ ପରିମାଣରେ ବଶମ୍ୱଦ ହୋଇପଡ଼ିଥିଲା ।

ଭାନୁ ମାଟ୍ରିକ ପାଶ ପରେ ଶଶାଙ୍କ ପାଖରେ ରହି କଲେଜରେ ଅଧ୍ୟୟନ କରୁଥିଲା । ବିମଳ ଓ ଶଶାଙ୍କ ଭିତରେ ଚାଲୁଥିବା ବୌଦ୍ଧିକ ଆଲୋଚନା ଭାନୁ ପାଇଁ ବିଶେଷ ଉତ୍ସାହପ୍ରଦ ଥିଲା । ଅବଶ୍ୟ ଶିକ୍ଷା ଓ ବୌଦ୍ଧିକତା ଦୃଷ୍ଟିରୁ ବିମଳ ଓ ଶଶାଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ଥିଲା । ତା'ଛଡ଼ା ବିମଳର ଆଦର୍ଶ ବ୍ୟକ୍ତିତ୍ୱକୁ ମଧ ଭାନୁ ଭାରି ସମ୍ମାନ କରୁଥିଲା । ତେଣୁ ଭାନୁ ହିଁ ବିମଳର ଅଧିକ ଅନ୍ତରଙ୍ଗ ହୋଇପଡ଼ିଲା ।

କୌଣସି ଏକ ଜରୁରୀ ଖବର ପାଇ ବିମଳ ଦିନେ ଗାଁକୁ ଛୁଟିନେଇ ଗଲେ ଏବଂ ତିନି ଚାରିଦିନ ପରେ ନିମନ୍ତ୍ରଣପତ୍ର ଧରି ଆସିଲେ । ବିମଳର ବା'ଘର ଖୁବ୍ ନିରାଡ଼ମ୍ବର ଓ ଯୌତୁକ ବିହୀନ ଥିଲା, ଯଦିଓ ତାଙ୍କ ଦପ୍ତରର କୌଣସି ସହକର୍ମୀ ବନ୍ଧୁ ଏଥିରେ ଯୋଗ ଦେଇପାରିନଥିଲେ । ଏପରିକି ନରେଶ ଓ ଶଶାଙ୍କ ମଧ । ଏହି ଘଟଣାରେ ବେଶ କିଛିଦିନ ବିମଳ ସର୍ବତ୍ର ଚର୍ଚ୍ଚାର ବିନ୍ଦୁ ହୋଇପଡ଼ିଲେ । କେବଳ ଗୋଟିଏ ଦୃଷ୍ଟାନ୍ତ ହେବା ଛଡ଼ା ଏହାର ସମାଜ ଉପରେ ଅଧିକ କିଛି ପ୍ରଭାବ ନଥିଲା । ଅବଶ୍ୟ ବିମଳ ଏକଥା ଭଲ ଭାବରେ ଜାଣିଥିଲେ ଯେ କୌଣସି ସାମାଜିକ, ସାଂସ୍କୃତିକ ଆନ୍ଦୋଳନ ବିନା ସମାଜର ପରିବର୍ତ୍ତନ କେବେ ସମ୍ଭବ ନୁହେଁ ।

କିଛିଦିନ ପରେ ବିମଳ ନବବିବାହିତ ପରି ଗାୟତ୍ରୀଙ୍କୁ ଧରି ନିଜର ପ୍ରିୟ କର୍ମଭୂମିରେ ପଦାର୍ପଣ କଲେ । ଅନ୍ୟ ବନ୍ଧୁମାନଙ୍କ ଅପେକ୍ଷା ଶଶାଙ୍କ ପରିବାର ସହିତ ସମ୍ପର୍କ କ୍ରମଶଃ ବଢ଼ିଚାଲିଲା । ଶଶାଙ୍କର ଭାଇ ଭାନୁର ବି.ଏ. ପରୀକ୍ଷା ଆଉ ମାସେ ଥାଏ । ସମୟେ ସମୟେ ବିମଳ ପାଖକୁ କିଛିଟା ବୁଝାବୁଝି କରିବାକୁ ଆସୁଥାଏ । ତା'ରି ଭିତରେ ବହୁ ସାମାଜିକ ସମସ୍ୟା ଉପରେ ଆଲୋଚନା ମଧ ହୁଏ । ଭାନୁର ଏଥିରେ ଆଗ୍ରହ, ଅନିସନ୍ଧିତ୍ସା ଓ ଅନୁରାଗ ବିମଳକୁ ବେଶ୍ ଉତ୍ସାହିତ କରିଥାଏ । ବିମଳର



Digitized by PPRACHIN, SOA

ବିଶ୍ୱାସ, ଭାନୁଠାରେ ହୁଏତ କିଛିଟା ସମ୍ଭାବନା ରହିଛି । ପାଠପଢ଼ାରେ କିଛିଟା କୃତିତ୍ୱ ନଥିଲେ ହେଁ ତା' ଭିତରେ ଥିବା ମନୁଷ୍ୟତ୍ୱର ବିକାଶ ହେଲେ ନିଶ୍ଚିତ ଭାବରେ କିଛି ପ୍ରତିଶ୍ରୁତି ବହନ କରିପାରିବ ।

ଭାନୁ ବି.ଏ. ପାଶ୍ କଲାପରେ ପୁରୀରୁ ଫେରିଥାଏ । ସାଥିରେ ଆଣିଥାଏ କିଛି ଅଭଡ଼ା ଓ ମହାପ୍ରସାଦ । ବିମଳ ଦପ୍ତରକୁ ଯାଇଥାଏ । ଅଭଡ଼ା ପୁଡ଼ିଆଟି ଟେବୁଲ ଉପରେ ଥୋଇଦେଇ ଭାନୁ ମହାପ୍ରସାଦକୁ ଟେକିଦେଲେ ଗାୟତ୍ରୀ ହାତରେ । ଗାୟତ୍ରୀ ଅନ୍ୟମନସ୍କ ଭାବରେ ମହାପ୍ରସାଦ ସେତିକ ହାତରେ ଧରୁ ଧରୁ ହଠାତ୍ ଅଟକି ଗଲେ ପ୍ରକୃତିସ୍ଥ ହେଇ । ଭାନୁ ଓଠରେ ହସର ଏକ ଅକୃତ୍ରିମ ରେଖା ଖେଳିଗଲା । ବିନୀତ ଭାବରେ ଅନୁନୟ କଲା ମହାପ୍ରସାଦକୁ ଗ୍ରହଣ କରିବାକୁ । ଗାୟତ୍ରୀଙ୍କ ମୁହଁ ଲଜ୍ଜ୍ୟାରେ ଝାଉଁଳିଗଲା । ମନ ଭିତରେ ଏକ ଅଜଣା ଆଶଙ୍କା, ଭୟ, ସନ୍ଦେହ ଏବଂ ଅହେତୁକ ଆନନ୍ଦର କେଉଁ ମିଶ୍ରିତ ରାଗ ଯେପରି ଝଙ୍କୃତ ହୋଇଗଲା । ସମସ୍ତ ଉତ୍କଣ୍ଠା ଓ ଉଦ୍‌ବେଳନକୁ ପ୍ରଶମିତ କରି ଭାନୁ କହିଲା- 'ଆମ ଦୁଇ ଭାଇଙ୍କର ତ ଭଉଣୀ ନାହିଁ । ତମେ ଆଜିଠାରୁ ମୋର ଭଉଣୀ ହେଲ ।'

ବିମଳ ଦପ୍ତରରୁ ଫେରିବା ପରେ ଗାୟତ୍ରୀ ଅପରାଧିନୀଟି ପରି ପାଖରେ ଠିଆହେଲେ । ବିମଳ ଯେତେ ପଚରିଲେ ବି ତାଙ୍କ ମୁହଁରେ କୌଣସି ଭାଷା ନଥିଲା । କିଛିକ୍ଷଣ ନୀରବତା ପରେ ସେ ଟେବୁଲ ଉପରେ ଥିବା ଅଭଡ଼ା ଓ ମହାପ୍ରସାଦ ଆଡ଼କୁ ଇଙ୍ଗିତ କଲେ ଏବଂ ସମସ୍ତ ବୃତାନ୍ତ ବ୍ୟକ୍ତକରି ଶଙ୍କିତ ଭାବରେ ବିମଳ ମୁହଁକୁ ଚାହିଁ ରହିଲେ । ବିମଳ ତାଙ୍କୁ ପ୍ରବୋଧନା ଦେଇ କହିଲେ- 'ଆମ ଭିତରେ ଥିବା ସମ୍ପର୍କ ମଝିରେ ମହାପ୍ରସାଦର କିଛି ଆବଶ୍ୟକତା ନଥିଲା । ମୁଁ ତ ଭାନୁକୁ ସାନ ଭାଇପରି ଦେଖୁଛି । ପୁରୀ ମହାପ୍ରସାଦ ସେ କାହିଁ ଦେଲା ? ତା'ଛଡ଼ା ତୁମେ ତ ତା'ଠାରୁ ବୟସରେ ସାନ । ଏବେ ସେ ତୁମର ବଡ଼ଭାଇ ଏବଂ ସେଇ ସୂତ୍ରରେ ମୋର ମଧ୍ୟ ବଡ଼ଶଳା ହିସାବ ଲାଗିବ । ଏହା କେମିତି ସମ୍ଭବ ?'

ଗାୟତ୍ରୀଙ୍କ ମୁହଁରେ ଅକଥନୀୟ ନୀରବତା । ବିମଳ ପୁଣି ଭରସା ଦେଇ କହିଲେ, 'ଛାଡ଼ ଯା'ତ ହେବାର ହେଲାଣି । ତୁମେ ତାକୁ ଭାଇ ଭାବରେ ଗ୍ରହଣକର । ମୁଁ ତାକୁ ଯେମିତି ସାନଭାଇ ଚକ୍ଷୁରେ ଦେଖି ଆସୁଥିଲି, ସେଇଭଳି ଦେଖିବି ।' ପ୍ରକୃତ ପକ୍ଷରେ ଘଟଣା ଗୁଡ଼ିକ ସେଇଭଳି ଭାବରେ ମଧ୍ୟ ଗଡ଼ି ଚାଲିଲା । ଭାନୁ ବିମଳ ଘରକୁ ଆସିଲେ, ବିମଳକୁ ପୂର୍ବପରି ପ୍ରଣାମ ଜଣାଏ ତ ଗାୟତ୍ରୀ ଭାନୁକୁ ପ୍ରଣାମ କରନ୍ତି । ସାମାଜିକ ଚଳଣୀର ଏକ ବିରୋଧାଭାସରେ ସେମାନଙ୍କର ସମ୍ପର୍କ ବେଶ୍ ଅମଳିନ



Digitized by PPRACHIN, SOA

ରହିଥାଏ ।

ଚାକିରି ପାଇଁ ଚେଷ୍ଟା କରି ବିଫଳ ହେବାପରେ ଭାନୁ ଗୋଟିଏ ଛୋଟକାଟର ବ୍ୟବସାୟ ଆରମ୍ଭ କଲା । ଦିନକୁ ଦିନ ଏପରି ହେଲା ଯେ ଜୀବନର ସବୁ ଭଲ ଦିଗ ଗୁଡ଼ିକ ପ୍ରତି କ୍ରମଶଃ ବିତସ୍ପୃହ ହୋଇପଡ଼ିଲା । କିପରି ଅଧିକ ବ୍ୟବସାୟ କରିବ, ଅଧିକ ଅର୍ଥ ଉପାର୍ଜନ କରିବ ଏବଂ ଖୁବ୍ ଶୀଘ୍ର ଧନୀ ହୋଇଯିବ, ଏଇ ଚିନ୍ତା ତାକୁ ଘାରିବାକୁ ଲାଗିଲା । ହେଲେ ପ୍ରତିବର୍ଷ ପ୍ରଥମାଷ୍ଟମୀରେ ଗାୟତ୍ରୀଙ୍କର ଏକମାତ୍ର କନ୍ୟା ଜାହ୍ନବୀ ପାଇଁ ପୋଷାକ ଓ ଖେଳନା ଆଣିବାକୁ ଭୁଲୁ ନଥିଲା ।

ବିମଳ ପାଇଁ ସେଇ ଦିନଟି ସବୁଠୁ ବେଦନାଦାୟକ ଥିଲା, ଯେଉଁଦିନ ସେ ଶୁଣିଲା, ଶଶାଙ୍କ ବାପାଙ୍କ ପରାମର୍ଶ କ୍ରମେ ତା'ପାଇଁ ଗୋଟେ ବୋହୂ ନିର୍ବାଚନ କରିଛନ୍ତି । ଯାହାକୁ ସେ ଆଦୌ ଦେଖି ବି ନାହିଁ । ଝିଅଟିର ଶିକ୍ଷାଗତ ଯୋଗ୍ୟତା ଯଦିଓ ପ୍ରାଥମିକ ସ୍ତରରୁ ଆଗକୁ ଯାଇଛି, ତା'ର ଚାଲିଚଳନ, ବ୍ୟବହାର ବିଷୟରେ କୌଣସି ଖବର ନପାଇ କେବଳ ମୁହଁ ଦେଖି ଓ କିଛିଟା ଯୌତୁକର ପ୍ରଲୋଭନକୁ ଆଖି ଆଗରେ ରଖି ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଏଥିରେ ଭାନୁର ମତାମତ ନ ନିଆଯାଇନଥିଲା, ତା'ର ମଧ୍ୟ ପ୍ରତିବାଦ ନଥିଲା ।

ଭାନୁ ଆସି ବିମଳ ପାଖରେ ଦୁଃଖପ୍ରକାଶ କରିଥିଲା ଯେ ତା'ର ଏ ବା'ଘରରେ ସମ୍ମତି ନାହିଁ । ହେଲେ ପ୍ରତିବାଦ କରିବାକୁ ତା'ର ସାହସ ନଥିଲା । ତା'ର ବା'ଘରରେ ଯୋଗଦେବାକୁ ବିମଳ ଓ ଗାୟତ୍ରୀକୁ ବାର ବାର ଅନୁରୋଧ କରିଥିଲେ ହେଁ, ସେମାନେ ସେଥିରେ ଯୋଗ ଦେଇନଥିଲେ ।

ବିମଳର ଶଶାଙ୍କ ପରିବାରଠାରୁ ସମ୍ପର୍କ କ୍ରମଶଃ ଶିଥିଳ ହୋଇଗଲା । ବ୍ୟବସାୟରେ କ୍ଷତି ହେବାରୁ ଭାନୁ ସେଠାରୁ ଛାଡ଼ି ଚାଲିଗଲା ଏବଂ ଅନ୍ୟତ୍ର ବ୍ୟବସାୟ କଲା । ସମୟ ସୁବିଧା ଦେଖି ସେ ବିମଳର ଘରକୁ ଆସୁଥିଲା ଏବଂ ପିଲାମାନଙ୍କ ପାଇଁ କେତେବେଳେ ଫଳ ତ କେତେବେଳେ କିଛି ମିଠା ଚିଜ ଆଣି ଆସୁଥିଲା ।

ଦିନେ ଭାନୁ ଆସି ରାତି ୧୧ଟା ବେଳେ ଫାଟକ ପାଖରେ ଜୋର୍‌ରେ ଡାକିଲା । ବିମଳ ଶୋଇବାକୁ ଯାଉଥିଲେ । ଫାଟକ ଖୋଲି ଭିତରକୁ ଆସିବାକୁ ଡାକିଲେ । କିନ୍ତୁ ସେ ଆସିଲା ନାହିଁ ଏବଂ ରାସ୍ତା ଉପରକୁ ଯିବାକୁ ଅନୁରୋଧ କଲା । ତା'ର ପାଟିରୁ ମଦର ଗନ୍ଧ ତୀବ୍ର ଭାବରେ ଫୁଟି ଉଠୁଥିଲା । ଶଙ୍କିତ ହୋଇ ଅଥଚ ସାହସ ସଞ୍ଚୟ କରି ବିମଳ ତା' ସହିତ ରାସ୍ତା ଉପରକୁ ଗଲେ । ବିନୀତ ହୋଇ ଭାନୁ କହିଲା- 'ମାଲ୍ ଖାଇଚି ଭିତରକୁ ଗଲିନି । ଆମ ବସାରେ ତ ଭାଇ ଭାଉଜ ନାହାନ୍ତି । ମାନସିକ ଦୁଃଶ୍ଚିନ୍ତା



Digitized by PPRACHIN, SOA

ଥିବାରୁ ଟିକେ ମାଲ୍ ଖାଇଦେଲି । କିଛି ଭାବିବେନି । ବଡ଼ ଅସୁବିଧାରେ ଅଛି । ମୋର ଜରୁରୀ ୫ ହଜାର ଟଙ୍କା ଦରକାର । ଆପଣ ମୋତେ ଦୟାକରି ଦିଅନ୍ତୁ । ମୁଁ ମାସକ ଭିତରେ ଦେଇଦେବି ।'

କୌଣସି ପ୍ରକାର ସେଦିନ ଭାନୁ କବଳରୁ ମୁକୁଳି ଆସିଥିଲେ ବିମଳ । ଭାନୁର ଏ ଗତିବିଧିକି ଗାୟତ୍ରୀ ମଧ୍ୟ ଲକ୍ଷ୍ୟ କରିଥିଲେ ଓ ବିମଳକୁ କହିଥିଲେ, ଭାନୁ ମଦଖାଇ ବୋଧେ ଆସିଥିଲା । ବିମଳ କଥାଟା ଗାୟତ୍ରୀ ପାଖରେ ଆଉ ଲୁଚାଇ ପାରିନଥିଲେ । ଭାନୁଠୁ କିପରି ସମ୍ପର୍କ ଛିନ୍ନ କରିବେ, ଏହା ହିଁ ଥିଲା ଉଭୟଙ୍କ ପାଖରେ ଏକମାତ୍ର ପ୍ରଶ୍ନ ।

ଆଉ ଥରେ ଭାନୁ ଆସି ରାତି ୧୧ଟାରେ ପହଞ୍ଚିଲା । ବିମଳ ପଚାରିଲେ, ଏତେ ରାତିରେ କୁଆଡ଼େ ? ସେ ବେଶ୍ ସ୍ୱାଭାବିକ ଥିଲା ସେଦିନ । କହିଲା, ଭାଇଙ୍କ ଫ୍ଲାଟ୍‌ର ସିଡ଼ି ଘର ବନ୍ଦ ଥିଲା । ଅନେକ ଡାକିଲି, କେହି ଶୁଣିଲେନି । ତେଣୁ ଏଇଠିକି ଚାଲିଆସିଲି ।' ସେଦିନ ମଧ୍ୟ ସେ ବ୍ୟାଗରେ ପିଲାଙ୍କ ପାଇଁ ଗୁଡ଼ାଏ ଫଳ ଆଣିଥିଲା । ତା'ର ପ୍ୟାଣ୍ଟ୍, ସାର୍ଟ କିନ୍ତୁ ବେଶ୍ ମଇଳା ହୋଇଯାଇଥିଲା ଓ ସେ ଖୁବ୍ କ୍ଲାନ୍ତ, ହାଲିଆ ହୋଇପଡ଼ିଥିବାର ଜଣାପଡୁଥିଲା ।

ଗାୟତ୍ରୀ ଭାନୁର ଏଭଳି ଆଗମନରେ ଖୁବ୍ ବିରକ୍ତି ପ୍ରକାଶ କରିଥିଲା । ନିରୁପାୟ ହୋଇ ସେଦିନ ରାତିରେ ସେମାନେ ତାକୁ ଆତିଥ୍ୟ ଦେଇଥିଲେ । ଭାନୁ, ତା'ର ପ୍ୟାଣ୍ଟ୍, ସାର୍ଟ ସବୁ ସର୍ଫରେ ଭିଜେଇ ଧୂଆଧୋଇ ହୋଇ ସ୍ୱଭାବ ସୁଲଭ ହସ ହସ ମୁହଁରେ ଆଳାପ ଆରମ୍ଭ କଲା । ସେ ଗୋଟାଏ ବଡ଼ କାମର ଠିକା ପାଇଛି । ସେଥିରେ କିଛି ଟଙ୍କା ବିନିଯୋଗ କରିବାକୁ ପ୍ରସ୍ତାବ ଦେଲା ଏବଂ ଲାଭରୁ ଆନୁପାତିକ ଅଂଶ ମିଳିବାର ପ୍ରଲୋଭନ ଦେଖେଇଲା । ତାକୁ ସେ ବାବଦରେ ନାସ୍ତିବାଣୀ ଶୁଣେଇ କୌଣସି ପ୍ରକାର ପରଦିନ ସକାଳୁ ବିଦାୟ ଦେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ଛଡ଼ା ଅନ୍ୟ ଉପାୟ ନଥିଲା ଗାୟତ୍ରୀ ଓ ବିମଳର । ପରଦିନ ୧୦ଟାରେ ବିମଳ ସ୍ୱାଭାବିକ ରୀତିରେ ଦପ୍ତର ଗଲେ । ସେତେବେଳକୁ ଭାନୁର ପ୍ୟାଣ୍ଟ୍ ସାର୍ଟ ଶୁଖିନଥିଲା । ତେଣୁ ବିଦାୟ ନେବାର ବ୍ୟସ୍ତତା ନଥିଲା ତା'ଠାରେ ।

ସାଢ଼େ ଗୋଟାଏ ବେଳକୁ ବିମଳ ଦପ୍ତରରୁ ଫେରିଲେ । ଭାନୁ ଓ ବିମଳ ଏକତ୍ର ଭୋଜନ କଲେ । ଭାନୁ ବିଶ୍ରାମ ନେବାର ଉପକ୍ରମ କଲା । ତା'ଠୁ ବିଦାୟ ନେବାର କିଛି ସୂଚନା ମିଳିଲାନି । ଗାୟତ୍ରୀ ବହୁତ ଉଦ୍‌ବେଗ ପ୍ରକାଶ କଲା । ଭାନୁର ଏପରି ଅନାବଶ୍ୟକ ଉପସ୍ଥିତିରେ ତା'ର ପରିବାରଠାରୁ ଏବଂ ଶେଷରେ ଭାନୁଠାରୁ ସମ୍ପୂର୍ଣ୍ଣ ଭାବରେ ସମ୍ପର୍କ ଛିନ୍ନ କରିବାକୁ ଚାହୁଁଥିବାରୁ ସମ୍ପର୍କ ରକ୍ଷା କରିବା ପାଇଁ ସେମାନଙ୍କୁ ଆଉ



Digitized by PPRACHIN, SOA

ଅଧିକ ସୁଯୋଗ ଦେବା ଏମାନଙ୍କର ଇଛା ବିରୁଦ୍ଧ ଥିଲା । ଯା ହେଉ ବିମଳ ଗାୟତ୍ରୀଙ୍କୁ ବୁଝେଇଦେଲେ, ବ୍ୟସ୍ତ ହେବାର କିଛି କାରଣ ନାହିଁ, ଭାନୁ ହୁଏତ କିଛି ସମୟ ବିଶ୍ରାମ ନେଇ ଚାଲିଯିବ । ତାକୁ ଆମେ ତଡ଼ିକରି ବିଦାକରିବା କେମିତି ?

ବିମଳ ଦପ୍ତରରୁ ଯିବାପରେ ଗାୟତ୍ରୀ ବେଡ୍‌ରୁମ୍‌ରେ ବିଶ୍ରାମ ନେଲେ । ଝିଅ ଜାହ୍ନବୀ ଓ ପୁଅ ବିନୁ ଶୋଇଥିବା ଖଟ ଉପରେ । କବାଟଟାକୁ ଆଉଜେଇ ଦେଇଥିଲେ । ଦାଣ୍ଡଘରେ ଭାନୁ ଶୋଇଛି । ଶୋଇଥାଉ । ନିଦ ଭାଙ୍ଗିଲେ ଉଠି ଆପେ ଚାଲିଯିବ ।

ଗାୟତ୍ରୀଙ୍କର ଆଖି ଦି'ଟା ମୁଦିହୋଇ ଆସିଛି । ତନ୍ଦ୍ରାର ମଧୁର ପ୍ରଲେପ ଆଖିରେ ବୋଳି ହୋଇଯାଇଛି । ହଠାତ୍ ଗାୟତ୍ରୀ ଉପରେ ଗୋଟାଏ ଅହେତୁକ ସ୍ପର୍ଶର ତାଡ଼ନାରେ ତନ୍ଦ୍ରା ଭାଙ୍ଗିଗଲା । ଉଠି ପଡ଼ିଲାରୁ ଦେଖିଲେ, ସେହି ଭାନୁ ଜାନୁଆରଟେ ହୋଇ ତାଙ୍କୁ ଲୋଲୁପ ଦୃଷ୍ଟିରେ ଚାହିଁଚି ଓ ତାଙ୍କର ହାତ ଦି'ଟାକୁ କବ୍‌ଜା କରି ଧରି ନେଇଛି । ମନେହେଲା ସତେ ଯେପରି ସମଗ୍ର ଫ୍ଲାଟ୍‌ଟା ଆକାଶରେ ଉପରକୁ ଉପରକୁ ଉଠିଯାଉଚି ଏବଂ ଖଣ୍ଡ ଖଣ୍ଡ ହୋଇ ଭୂମି ଉପରେ ଖସିପଡୁଚି । ଏ ସବୁଜ ଧରିତ୍ରୀର ସମସ୍ତ ଗଛରୁ ପତ୍ର ସବୁ ଝରିପଡୁଛି ଏବଂ ପବନ ନିସ୍ତବ୍ଧ ହୋଇଯାଇଚି । ତୀବ୍ର ଘୃଣା ଓ କ୍ରୋଧରେ ଗାୟତ୍ରୀଙ୍କ ମୁହଁ ବିବର୍ଣ୍ଣ ହୋଇଉଠିଲା । କିନ୍ତୁ ଜାନୁଆରଟା ଯେ ତାଙ୍କୁ କୌଶଳରେ କାବୁ କରିନେଇଛି । ତା' କବଳରୁ ମୁକ୍ତି ପାଇବା ପାଇଁ ମଧ୍ୟ ଅନୁରୂପ କୌଶଳ ଦରକାର ।

ମୁହଁରେ ହସର ଗୋଟିଏ କୃତ୍ରିମ ରେଖା ଟାଣିଆଣି ଗାୟତ୍ରୀ ନିବେଦନ କଲେ- 'ଟିକେ ଛାଡ଼ିଦିଅ, ଜୋର୍ ପରିସ୍ରା ଲାଗୁଚି, ମୁଁ ପାଇଖାନାରୁ ଆସେ ।' ଜହ୍ଲାଦର ଶକ୍ତ ହାତ ଶୀତଳ ହେବା ଆଗରୁ ଗାୟତ୍ରୀ ବିଜୁଳି ବେଗରେ ସେଠୁ ଆସି ପାଇଖାନାକୁ ଚାଲିଗଲେ । ତା'ର ମନରେ ଅନ୍ତତଃ ପ୍ରତ୍ୟୟ ସୃଷ୍ଟି ହେଲା ଯେ, ଗାୟତ୍ରୀ ନିଶ୍ଚୟ ପାଇଖାନାରୁ ତା' ପାଖକୁ ଫେରିଆସିବେ । ଖସି ପଳେଇବାର ପ୍ରବୃତ୍ତି ଥିଲେ, ସେ' ତ ଦାଣ୍ଡଘରକୁ ଖସି ଚାଲିଯାଇଥାନ୍ତେ ଓ ସେଠୁ କବାଟ ଖୋଲି ବାହାରକୁ ଯାଇପାରିଥାନ୍ତେ । ଏଇ ବିଶ୍ୱାସ ଓ ଭରସାରେ ଅପେକ୍ଷା କରିଥିବା ସମୟରେ, ଗାୟତ୍ରୀ ହଠାତ୍ ପାଇଖାନାରୁ ବାହାରି ଦାଣ୍ଡଘରକୁ ଚାଲିଗଲେ । ଦେଖିଲେ ଜହ୍ଲାଦଟା କବାଟ ଭିତରୁଆ ବନ୍ଦ କରିଦେଇଛି । ଭାନୁ ତାଙ୍କର ଅନୁଧାବନ କରିବା ପୂର୍ବରୁ ସେ ସଙ୍ଗେ ସଙ୍ଗେ କବାଟ ଖୋଲି ବାହାରକୁ ଚାଲିଗଲେ । ବାହାରେ ବାଲ୍‌କୋନୀରେ ଠିଆହୋଇ ରାସ୍ତାରେ ଖେଳୁଥିବା ପଡ଼ିଶାଘରର ପିଲା ରାଜୁକୁ ଡାକିଲେ । ତାକୁ କହିଲେ- ରାଜୁ ଗଲୁ ଜ୍ଜାନୁ ଆଉ ବିନୁକୁ ଟିକେ ଡାକିବୁ ଖେଳିବାକୁ । ମୁଁ ଡାକିଲେ ଉଠୁନାହାନ୍ତି । ଖେଳିବା ନାଁ କରି ଡାକିଲେ, ତୋ ଡାକରେ ସେମାନେ ଉଠିବେ ।



Digitized by PPRACHIN, SOA

ରାଜୁ ବେଡ୍‌ରୁମ୍‌ରେ ଯାଇ ଜାନୁ ଓ ବିନୁଙ୍କୁ ଡାକିବାରେ ଲାଗିଲା । ଇହ୍ଲାଦଟା ଦାଣ୍ଡଘରେ ଆସି ଖଣ୍ଡେ ଦୂରେ ରହି ହାତ ଯୋଡ଼ି ଗାୟତ୍ରୀଙ୍କୁ ନିବେଦନ କଲା ବିନୀତ ମୁଦ୍ରାରେ, 'ଟିକେ ଶୁଣ । ମତେ କ୍ଷମାକର ।'

ଗାୟତ୍ରୀ ବାଲ୍‌କୋନୀରେ ଠିଆହୋଇ ଭାନୁ ଉପରକୁ ଥୁ ଥୁ କରି ଛେପ ପକେଇଲେ ଏବଂ ନିର୍ଦ୍ଦେଶ ଦେଲେ, ତୁରନ୍ତ ଘରୁ ବାହାରି ଯିବାକୁ । ତା'ର ସମସ୍ତ ଅନୁନୟ, ବିନୟ ବ୍ୟର୍ଥ ହୋଇଗଲା । ପିଲାମାନେ ଉଠିବା ଆଗରୁ ସେ ସେଠୁ ଚୋରପରି ଖସିଯାଇଥିଲା ।

ଗାୟତ୍ରୀଙ୍କ ଦେହ ଗୋଟାପଣେ ଥରୁଥାଏ । ତାଙ୍କ ଭୂମିତଳର ମାଟି ଯେପରି ଖସି ଖସି ଚାଲିଯାଉଥାଏ । ଗାୟତ୍ରୀ ବାଲ୍‌କୋନୀରେ ପକ୍‌କା କାନ୍ଥ ଉପରେ ଥମ୍‌କରି ବସିପଡ଼ିଲେ । ସେ ବିଶ୍ୱାସ କରିପାରୁନଥିଲେ କେଇଟି ମୁହୂର୍ତ୍ତ ଭିତରେ କ'ଣ ଯେ ସତରେ ଘଟିଗଲା । ସେ ଭାବି ପାରୁନଥିଲେ ମଣିଷ କିପରି ଏତେ ସହଜରେ ଜାନୁଆର ପାଲଟିଯାଏ । ଭଦ୍ର ପୋଷାକ ପିନ୍ଧି ଆତଯାତ ହେଉଥିବା ମଣିଷ ଗୁଡ଼ାକ ପ୍ରତି ତାଙ୍କ ମନରେ ଘୃଣା ସଞ୍ଚରିଗଲା । ଅତୀତର ଦିନଗୁଡ଼ାକ ତାଙ୍କ ସ୍ମୃତିର ପରଦା ଉପରେ ଗୋଟିକ ପରେ ଗୋଟିଏ ଝଲସି ଉଠିଲା ।

ଏଇ ଭାନୁ । କେତେ ବିନୀତ ଭାବରେ ବିମଳଙ୍କଠାରୁ ଉପଦେଶ, ପରାମର୍ଶ ଗ୍ରହଣ କରୁଥିଲା । କଲେଜରେ ପଢୁଥିବାବେଳେ ଅନୁଗତ ଛାତ୍ରଟି ପରି ଆସୁଥିଲା ପାଠ ବୁଝିବା ପାଇଁ । ସେଇ ସମୟରୁ ସେ ଏକପ୍ରକାର ବିମଳଙ୍କର ଜଣେ ଶିଷ୍ୟ ହୋଇଯାଇଥିଲା । ବିବାହ ପରେ ପରେ ଯେତେବେଳେ ତାଙ୍କ ଦେହରେ ଯୌବନର ଉତ୍ତାଳ ଜୁଆର ଭରି ରହିଥିଲା, ସେତ ଦିନେ ମୁହଁ ଟେକି ତାଙ୍କୁ ଚାହିଁନି । ଆଜି ଦୁଇଟି ସନ୍ତାନର ଜନନୀ ହେବାପରେ ଏବଂ ଭାନୁ ମଧ୍ୟ ସଂସାର କରି ଦୁଇଟି ସନ୍ତାନର ପିତା ହେବାପରେ ଏପରି ଜାନୁଆର ପାଲଟିଲା କିପରି ? ଭାଇଟା ତ ଗଞ୍ଜୋଡ଼ ହୋଇ ନାଁ କମଉଚି । ଶେଷକୁ ଭଦ୍ରତା, ବିନମ୍ରତାର ପୋଷାକ ପିନ୍ଧି ଭାନୁ ମଧ୍ୟ କେତେ ତଳକୁ ଚାଲିଗଲା । ସଂସର୍ଗ ଦୋଷରୁ ମଣିଷର କେତେ ଅଧପତନ ହୁଏ ସତେ !

ବିମଳ ଦପ୍ତରରୁ ଫେରିବା ପରେ ତାଙ୍କୁ ଦେଖି ଗାୟତ୍ରୀଙ୍କର ଆଖି ଛଳ ଛଳ ହୋଇଗଲା । କ'ଣ ହୋଇଛି ପଚାରିବାରୁ ଅମାନିଆ ଲୁହଧାର ବାଧା ବନ୍ଧନ ନମାନି ଧାର ଧାର ହୋଇ ବହିଗଲା । ଗାୟତ୍ରୀଙ୍କଠାରୁ ସମସ୍ତ ଘଟଣା ଶୁଣି ବିମଳ ସ୍ତବ୍ଧ ଚକିତ ହୋଇପଡ଼ିଲେ । ବିମଳଙ୍କ ଛାତିରେ ଅମାପ ଧୈର୍ଯ୍ୟ । କୌଣସି ଦୁର୍ଘଟଣାରେ ଭାଙ୍ଗିପଡ଼ିବାର ଲୋକ ନୁହନ୍ତି ସେ, ବରଂ ଗାୟତ୍ରୀଙ୍କୁ ଉତ୍ସାହିତ କରି କହିଲେ, 'ସେ ଜାନୁଆରଟାକୁ



Digitized by PPRACHIN, SOA

ଖୁନ୍ ନକରି ଛାଡ଼ିଲ କାହିଁକି ? ଗାୟତ୍ରୀ କାନ୍ଦ କାନ୍ଦ ହୋଇ କହିଲେ- ଖାଲି ଲୋକଲଜ୍ଜା ଭୟରେ ମୁଁ କୌଶଳ କରି ତା'ଠାରୁ ଖସିଯିବାକୁ ଚେଷ୍ଟା କଲି । କିଛି ଦୁର୍ଘଟଣା ଘଟିଥିଲେ କଥାଟା ଘରିଆଡ଼େ ରାଷ୍ଟ୍ର ହୋଇଯାଇଥାନ୍ତା ।

- ବେଶ୍ ଭଲ ହୋଇଥାନ୍ତା । ଭାନୁର ସ୍ୱରୂପଟା ପଦାରେ ପଡ଼ିଯାଇଥାନ୍ତା । ଏଭଳି କାମ କରିବାକୁ ଆଉ ହୁଏତ କେହି ସାହସ କରିନଥାନ୍ତେ ।

ଗାୟତ୍ରୀ ନୀରବରେ ଖାଲି ଅଶ୍ରୁ ବୁହାଇ ଚାଲିଥାନ୍ତି । ସେ ଭାବୁଥାନ୍ତି ହଁ ସତରେ ସେ କାହିଁକି ପଛେଇ ଗଲେ ।

ସବୁ ବର୍ଷ ଭଳି ସେ ବର୍ଷ ପ୍ରଥମାଷ୍ଟମୀକୁ ଜାହ୍ନବୀର ମାମୁ ତାକୁ ନୂଆ ଫ୍ରକ୍, ପ୍ୟାଣ୍ଟ୍ ପିନ୍ଧେଇ ଦେଇଗଲେ । ଜାହ୍ନବୀର ମନ ସେତିକିରେ ସନ୍ତୁଷ୍ଟ ନଥାଏ । ତା'ର ଧାରଣା ଭାନୁ ମାମୁ ମଧ୍ୟ ନୂଆ ଜାମା ଆଣି ଆସିବେ । ଏତେ କଥା ଘଟିଯିବାର କୌଣସି ସୁରାକ ଅବଶ୍ୟ ପିଲା ଦି'ଟା ପାଇନଥିଲେ । ସେମାନଙ୍କୁ ବା କ'ଣ କହି ଏସବୁ ବୁଝେଇ ହେବ । ତେବେ ଏତିକି କହିଥିଲେ ଗାୟତ୍ରୀ ଯେ, ତୋ'ର ନିଜ ମାମୁ ତ ଆସି ପୋଗୁହାଁ କରିଗଲେ । ଆଉ କ'ଣ ଦରକାର । ତୋର କ'ଣ ଜାମା ଯୋତାର ଅଭାବ ଅଛି ?' ଜାନୁ କିନ୍ତୁ ସେତିକିରେ ସନ୍ତୁଷ୍ଟ ନଥିଲା ।

ଦପ୍ତରକୁ ଯିବା ପୂର୍ବରୁ ଗାୟତ୍ରୀ ବିମଳଙ୍କୁ ପଚାରିଲେ- ଆଜି ଯଦି ସେ ଜାନୁଆରଟା ଜାହ୍ନବୀ ପାଇଁ ଜାମା, ପ୍ୟାଣ୍ଟ୍ ଆଣି ଆସେ, କ'ଣ କରିବା ? ମୁଁ ତା' ମୁହଁକୁ ସିଧା ଫୋପାଡ଼ି ଦେବି ।

ବିମଳ ଭଦ୍ର ଗମ୍ଭୀର ସ୍ୱରରେ କହିଗଲେ- ସେତିକି ତା'ପାଇଁ ମଧ୍ୟ ଯଥେଷ୍ଟ ହେବନାହିଁ ।

ବିମଳ ସନ୍ଧ୍ୟାରେ ଦପ୍ତରରୁ ଫେରି ଶୁଣିଲେ ଭାନୁ ଆଜି ଆସିନାହିଁ । କେମିତି ବା ଆସନ୍ତା । କେଉଁ ମୁହଁରେ ସେ ଆସିବ । ଯା ହେଲେ ସେମାନେ ତାଠୁ ହୁଏତ ନିସ୍ତାର ପାଇଗଲେ, ଏଇକଥା ଆଲୋଚନା ଚାଲିଛି ଗାୟତ୍ରୀ ଓ ବିମଳଙ୍କ ମଧ୍ୟରେ । ଏହି ସମୟରେ ଫାଟକ ଖୋଲା ହେବାର ଶବ୍ଦ ଶୁଭିଲା । କିଏ ହୁଏତ ଆସିଛନ୍ତି । ବିମଳ ଦେଖିଲେ ଭାନୁ ଆସୁଛି । ହାତରେ ଗୋଟେ ପ୍ୟାକେଟ୍‌ରେ ନୂଆ ଜାମା, ପ୍ୟାଣ୍ଟ୍ ଆଉ ଗୋଟିଏ ବ୍ୟାଗ୍‌ରେ କିଛି ଫଳ ଓ ମିଠେଇ ।

ବିମଳ ହାତକୁ ସେତକ ଜିନିଷ ବଢ଼େଇ ଦେବାକୁ ଉଦ୍ୟମ କରୁଥିବା ବେଳେ ଗାୟତ୍ରୀ ତା'ହାତରୁ ସେସବୁ ଜିନିଷ ଧରି ରାସ୍ତା ଉପରକୁ ଫିଙ୍ଗିଦେଲେ ଏବଂ ତା' ଗାଲରେ ଦୁଇଟା ଶକ୍ତ ଚାପୁଡ଼ା କଷିଦେଲେ । ସେ କିଛି କହିବା ପୂର୍ବରୁ ତାକୁ ଠେଲି



Digitized by PPRACHIN, SOA

ଠେଲି ନେଇ ଫାଟକ ବାହାରେ ଛାଡ଼ିଦେଇ ଫାଟକ ବନ୍ଦ କରିଦେଲେ ।

ଭାନୁ ତଳକୁ ମୁହଁ ପୋତି କ୍ଷିପ୍ର ବେଗରେ ଖସିଗଲା ଚୋର ଭଳି । ତା' ମୁହଁରେ ଭାଷା ନଥିଲା । ଖାଲି ଥିଲା ପଳାୟନ କରିବାର ବ୍ୟଗ୍ରତା । ବିମଳ ଓ ଗାୟତ୍ରୀ ବାଲ୍‌କୋନୀରେ ପଡ଼ିଥିବା ଦୁଇଟି ଚେୟାରରେ ବସିପଡ଼ି ଖୋଲା ଆକାଶକୁ ଚାହିଁଲେ ଉଦାତ୍ତ ଭାବରେ । ଆକାଶରେ ଅଷ୍ଟମୀର ଜହ୍ନ ଖଣ୍ଡେ କଳା ବାଦଲ ଭିତରୁ ବାହାରି ଆସୁଥିଲା । ମେଘଟା ଆସ୍ତେ ଆସ୍ତେ ଛିଡ଼ି ଛିଡ଼ି ଦୂର ଦିଗ୍‌ବଳୟରେ ହଜି ଯାଉଥିଲା ।



Digitized by PPRACHIN, SOA

# ଭିନ୍ନ ଏକ ଯୀଶୁ

ଗୋଟେ ଶୀତୁଆ ଶିଶିରଭିଜା ସକାଳରେ ଜଣେ ଜଣେ କର୍ମଚାରୀ ମାଙ୍କଡ଼ ଟୋପି ପିନ୍ଧି ପ୍ଲାଣ୍ଟ୍‌ରୁ ଫେରୁଥିବାର ଦୃଶ୍ୟ ଛଡ଼ା ବେଶୀକିଛି ଉଲ୍ଲେଖନୀୟ ନଥିଲା ଡିସେମ୍ବର ମାସରେ । ମୋପରି କାଁ ଭାଁ କେହି ପ୍ରାତଃ ଭ୍ରମଣରେ ଯାଉଥିବାର ଦୃଶ୍ୟ ନିତାନ୍ତ ବିରଳ ଥିଲା ସେ ସମୟରେ । ଏବେକାର କଥା ଭିନ୍ନ । ଅବଶ୍ୟ ଏବେ ମହିଳାମାନେ ବି ପ୍ରାତଃ ଭ୍ରମଣରେ ଯିବାର ଦୃଶ୍ୟ ଗୋଟାଏ ମଧୁର ସକାଳକୁ ଢେର ଆକର୍ଷଣୀୟ କରିଥାଏ ।

ବନ୍ଦର ସହରର ବସତି ଭିତରେ ବୁଲୁବୁଲୁ ଗୋଟେ ଅଭାବନୀୟ ଦୃଶ୍ୟ ସେଦିନ ମୋ ନଜରକୁ ଆସିଲା । ଘର ସାମ୍ନା ବଗିଚାରେ ଆମ ଅଫିସ୍‌ର ବାଉରୀବନ୍ଧୁ ମହାନ୍ତି ଧଳା ଜାମା କୁର୍ତ୍ତା ପିନ୍ଧି ନିବିଷ୍ଟ ଚିତ୍ତରେ ଏକ ଲୟରେ ଠିଆହେଇଥାନ୍ତି । ଇଟାରେ ତିଆରି ଏକ କ୍ରୁଶ ଫଳକ ପାଖରେ । ପ୍ରଣାମ କରି ହାତ ପାପୁଲି ଛାତିରେ ଲଗାଉଥାନ୍ତି ତ ଆଖିରୁ ଧାର ଧାର ଲୁହ ବହିଯାଉଥାଏ । ଏଇ ଦୃଶ୍ୟ କାହିଁକି କେଜାଣି ମୋ ବକ୍ଷ ଭେଦ କଲା ଓ ମୁଁ ବାଉରୀବନ୍ଧୁଙ୍କ ବଗିଚାର ବାଡ଼ ପାଖରେ ନିର୍ବାକ ହେଇ ଠିଆ ହେଇଗଲି । କିଛି ସମୟ ପରେ ବାଉରୀବନ୍ଧୁ ପ୍ରକୃତିସ୍ଥ ହେଇ ମୋ ଆଡ଼େ ଚାହିଁଲେ ଓ ଅଭିବାଦନ ଜଣେଇଲେ ।

ମୁଁ ପଚାରିଲି, ବାଉରୀବନ୍ଧୁ ଏତେ ସକାଳୁ ସକାଳୁ ଏଇ କ୍ରୁଶ ଫଳକ ପାଖରେ କ'ଣ ପ୍ରାର୍ଥନା କରୁଥିଲେ ନାଁ କ'ଣ ! ତୁମେ କ'ଣ ଖ୍ରୀଷ୍ଟିଆନ ହେଇଯାଇଚ ଯା'ଭିତରେ । ନାଁ ଆଗରୁ ହେଇଥିଲ ? ବାଉରୀବନ୍ଧୁଙ୍କ ପତ୍ନୀ ଘରର ଦ୍ୱାରବନ୍ଧ ପାଖରେ ଠିଆହେଇ ଆମର କଥୋପକଥନ ଶୁଣି ସ୍ମିତ ହସୁଥିବାର ଦୃଶ୍ୟ ପରିବେଶକୁ ଅବଶ୍ୟ ଲୋଭନୀୟ କରିଥିଲା ।

ବାଉରୀବନ୍ଧୁ କହିଲେ, ଇଏତ ଗୋଟେ ଲମ୍ବା କାହାଣୀ । କ'ଣ ଆପଣଙ୍କୁ କହିବି !



Digitized by PPRACHIN, SOA

ଆପଣ ତ ସକାଳୁ ସକାଳୁ ବୁଲି ବାହାରିଛନ୍ତି । ଫେରି ଆସନ୍ତୁ । ଏଇଠି ଆମ ଘରେ ଚା'ପିଇବେ । ସବୁକଥା ଆପଣଙ୍କୁ ଶୁଣେଇବି ।

ଏତିକି କହି ବାଉରୀବନ୍ଧୁ ଆଖିରୁ ଲୁହ ପୋଛିଲେ । ବାଉରୀବନ୍ଧୁଙ୍କୁ ଅଧିକ ଭାବପ୍ରବଣ ହେବାକୁ ନଦେଇ କହିଲି, ଆଚ୍ଛା ! ମୁଁ ନିଶ୍ଚୟ ଆସିବି ଅଧଘଣ୍ଟାଏ ଭିତରେ । ତୁମ ଘରେ ଚା' ପିଇବି ।

ମୁଖ୍ୟ ରାସ୍ତାକୁ ବାହାରିଯିବାବେଳେ ରାଧାଶ୍ୟାମ ବାବୁ ଦେଖାହେଲେ । ବନ୍ଦରର ପୁରୁଣା କର୍ମଚାରୀ । ଗୋଟେ ଦପ୍ତରରେ ବଡ଼ବାବୁ ଅଛନ୍ତି । ବିଚରା ରୋଗୀ ଲୋକ । ବହୁମୂତ୍ରରେ ପୀଡ଼ିତ । ସକାଳୁ ସକାଳୁ ବୁଲିଲାବେଳେ, ମୋର କେବେ କେବେ ଦେଖାହୁଅନ୍ତି ତ ଆମେ ସାଙ୍ଗହୋଇ ବୁଲିଥାଉ । ବତୀଘର, ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଉ । ବିଭିନ୍ନ ଦପ୍ତରର ହାଲ୍‌ଚାଲ୍, ବିଭାଗୀୟ ମୁଖ୍ୟଙ୍କ ଦୁର୍ନୀତି ଆଦିଠୁ ଆରମ୍ଭ କରି ଦେଶର ରାଜନୀତି ବିଷୟରେ ଚର୍ଚ୍ଚା ହୁଏ । ସେଦିନ ଆଲୋଚନାରେ ସେ ହିଁ ମୁଖ୍ୟ ଅଂଶଗ୍ରହଣ କରୁଥାନ୍ତି । ମୁଁ ଖାଲି ହଁ ହାଁ ମାରୁଥାଏ । ମୋର ଅନ୍ୟମନସ୍କତା ଦେଖି ରାଧାଶ୍ୟାମ ବାବୁ ପଚାରିଲେ, ଆପଣଙ୍କର ଆଜି କ'ଣ ମନ ଭଲ ନାହିଁକି ? ମନରେ କାହିଁ ଆଗ୍ରହ ଦେଖୁନି !

'ନାଇଁ ସେମିତି କିଛି ନାହିଁ' ଏତକ କହି ପ୍ରସଙ୍ଗ ବଦଳେଇଦେଲି । କହିଲି, ଦେଖନ୍ତୁ ନା ! ନୋଳିଆ ସ୍ତ୍ରୀଲୋକମାନେ ଗୋଟେ କିଲୋମିଟର ଦୂରରୁ ପାଣିପାଇଁ ଆସି କେମିତି ପାଣି ପଏଣ୍ଟ୍ ପାଖରେ ଧାଡ଼ି ଲଗେଇଛନ୍ତି ! ଭାରି ଦୁଃଖ ଲାଗେ ଏମାନଙ୍କ କଥା ଭାବିବାବେଳକୁ ! ନାଁ ଏଠାକାର ମ୍ୟୁନିସିପାଲିଟି ନା ବନ୍ଦର କର୍ତ୍ତୃପକ୍ଷ କାହାର ବା ଦାୟବଦ୍ଧତା ଅଛି ଏମାନଙ୍କ ପାଇଁ ! ରାଧାଶ୍ୟାମ ବାବୁଙ୍କର ଏକଥାରେ କମ୍ ଆଗ୍ରହ ଥିବାର ଦେଖି ପୁଣି ପ୍ରସଙ୍ଗ ବଦଳେଇବାକୁ ପଡ଼ିଲା । ହେଲେ ଏସବୁ ଚର୍ଚ୍ଚା ଭିତରେ ମୋର ବାଉରୀବନ୍ଧୁଙ୍କ ଉପରେ ଭାବନାର ବିନ୍ଦୁ ହିଁ ନିବଦ୍ଧ ଥାଏ ।

ଆମେ ଫେରିପଡ଼ିଲୁ ଅଧଘଣ୍ଟାଏ ଭିତରେ । ରାଧାଶ୍ୟାମ ବାବୁଙ୍କଠାରୁ ମୁଖ୍ୟ ରାସ୍ତାରୁ ମୁଁ ବିଦାୟ ନେଇ ମୋର ଗନ୍ତବ୍ୟ ପଥରେ ଆସି ପହଁଞ୍ଚିଲି ବାଉରୀବନ୍ଧୁଙ୍କ ଘରେ । ମୋତେ ଯେପରି ସେ ଅତ୍ୟନ୍ତ ଆଗ୍ରହ ସହକାରେ ଅପେକ୍ଷା କରିଥିଲେ । ଦୁଇଟି ଚୌକି ଆଣି ତାଙ୍କ ଘର ଆଗ ବଗିଚାରେ ପକେଇଲେ । ପତ୍ନୀଙ୍କୁ ନିର୍ଦ୍ଦେଶ ଦେଲେ ଚା'ପାଇଁ ।

କହିଚାଲିଲେ, ମୋର ବଡ଼ପୁଅ କୁନାଳ ଓ ଝିଅ ସଂଘମିତ୍ରା ଉଭୟେ ନବମରେ ପଢ଼ନ୍ତି । ଏଇ ଏବେ ଟ୍ୟୁସନ ବାହାରିଛନ୍ତି ଆପଣ ଦେଖିବେ । ସତକୁ ସତ ଦି'ଜଣଯାକ ଟ୍ୟୁସନ ଗଲେ ଆମ ପାଖଦେଇ । ମୋତେ ପ୍ରଣାମ କରି ଚାଲିଯାଉଥିବାବେଳେ ମୁଁ ତାଙ୍କୁ ଆଶୀର୍ବାଦ ମୁଦ୍ରାରେ କଲ୍ୟାଣ କଲି । ଦେଖିନେଲି ଡଉଲଡାଉଲ ଦି'ଟି ପିଲା । ଦି'ଜଣଯାକ ଦେଖିବାକୁ ଏକାପରି । ଯମଜ ଭାଇଭଉଣୀ ଯେପରି !



Digitized by PPRACHIN, SOA

ସତକୁ ସତ ବାଉରୀବନ୍ଧୁ କହିଲେ, ଏ ଦି'ଜଣ ଯାଁଳା ଭାଇ ଭଉଣୀ । ଅବଶ୍ୟ ଏପରି କ୍ୱଚିତ୍ ଘଟିଥାଏ ।

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି- ସତେନା ! ଦୁଇଜଣଙ୍କ ଚେହେରା ତ ସେଇଆ କହୁଚି । କିନ୍ତୁ ଏପରି ନଜିର ବହୁତ କମ୍ ଥାଏ ।

ବାଉରୀବନ୍ଧୁ କହିଚାଲିଲେ, ଏ ପିଲା ଦି'ଟା ଜନ୍ମହେବା ପରେ ମୋପାଖରେ କେହି ନଥାନ୍ତି । ସ୍ତ୍ରୀ ଏକ୍ଲା । ଏମାନଙ୍କ କଥା ବୁଝିବା କେତେ କଷ୍ଟସାଧ କୁହନ୍ତୁନା !

କାହିଁକି ? ସାହାଯ୍ୟ କରିବାକୁ ତୁମ ଘରେ କ'ଣ ତୁମର ମା' କି ଭଉଣୀ କେହି ନଥିଲେ ? ମୁଁ ପଚାରିଲି ।

ବାଉରୀବନ୍ଧୁ ଦୁଃଖରେ ଆହୁରି ଟିକେ ଆର୍ଦ୍ର ହେଇପଡ଼ିଲେ ଓ କହିଲେ, କ'ଣ କହିବି ଆଜ୍ଞା ! କେହି ସହଯୋଗ କଲେନି । ସହଜେ ତ ବୋଉ ମୋର ମୋ ସ୍ତ୍ରୀକୁ କାହିଁ ଭଲପାଏନି । ସେତ ଟିକେ ପାଖ ମାଡ଼ିଲାନି, ଦି' ଦି'ଟା ଭଉଣୀ କାହାକୁ ବି ଏଠିକି ଛାଡ଼ିଲାନି ପିଲା ଦି'ଟାଙ୍କୁ ଦେଖାଶୁଣା କରିବାକୁ । ମୋତେ ତ କିଛିଦିନ ଛୁଟିନେଇ ରହିବାକୁ ପଡ଼ିଲା । କେତେଦିନ ଆଉ ରହିଥାନ୍ତି ଯେ ! ଶେଷରେ ପ୍ରକୃତି ମୋପ୍ରତି ଦୟା ଦେଖେଇଲା । ଯୋଗକୁ ଗୋଟେ ପ୍ରଳୟଙ୍କାରୀ ବାତ୍ୟାରେ ହିଁ ମୋ ଭାଗ୍ୟର ପରିବର୍ତ୍ତନ ଘଟିଲା । ଆପଣ ବିଶ୍ୱାସ କରନ୍ତୁ ବା ନକରନ୍ତୁ କଥାଟା ସତ !

ତେବେ କୁହ କ'ଣ ସେ କଥା, ମୁଁ ପଚାରିଲି ।

ଯା'ଭିତରେ ବାଉରୀବନ୍ଧୁଙ୍କ ସୁଶ୍ରୀ ପତ୍ନୀ ସହାସ୍ୟ ମୁଖରେ ଦୁଇକପ୍ ଚା'ଧରି ଆସି ପହଁଞ୍ଚିଲେ । ଆମେ ଚା' ପିଇବା ଭିରେ ପୁଣି କଥାରେ ମଜ୍ଜିଗଲୁ । ବାଉରୀବନ୍ଧୁ କହିଚାଲିଲେ- ରାତିର ଶେଷ ପ୍ରହରରେ ସେଇ ପ୍ରଳୟଙ୍କରୀ ବାତ୍ୟା ଥମିଗଲା । ସକାଳୁ ଭୋରୁ ଉଠି ବଗିଚାର ଗଛବୃଛଙ୍କ ଅବସ୍ଥା ଦେଖିବାକୁ ଗଲାବେଳେ ଦେଖିଲି ଝରକା କାନ୍ଥରେ ଚୂଳିଆ ଚଢ଼େଇଟେ କୁଂକୁଂରି କାକୁଂରି ହେଉଛି । ସ୍ତ୍ରୀ ଚଢ଼େଇଟିକୁ ଏପରି ଅସହାୟ ଅବସ୍ଥାରେ ଦେଖି ଆଗ ହାତରେ ଟୋକିନେଲା ଓ କାନିରେ ଭଲଭାବରେ ପୋଛି ଘରକୁ ନେଇଗଲା । କାନିକୁ ମୁଟୁଳାକରି ନିଆଁରେ ଦେଖେଇ ତା'ଦେହକୁ ସେକିଦେଲା । କିଛି ସମୟପରେ ଟିକେ ତାଜା ହେବାରୁ ଉଷୁମ କ୍ଷୀର ଟିକେ ଟିକେ ପିଇବାକୁ ଦେଲା ।

ଚଢ଼େଇଟି ପ୍ରତି ଆମର ମମତା ଧୀରେ ଧୀରେ ବଢ଼ିବାକୁ ଲାଗିଲା । ତାକୁ ଖୁଦ ମଲୁଖ, ଖସା, ଫଳର ଦାନା ଆଦି ସଂଗ୍ରହକରି ଖାଇବାକୁ ଦେଲୁ । କ୍ରମଶଃ ଚଢ଼େଇଟିର ସ୍ୱାସ୍ଥ୍ୟ ବଦଳିବାକୁ ଲାଗିଲା ଏବଂ ସେ ବେଶ୍ ପୋଷା ମନିଗଲା । ପ୍ରଥମ ପ୍ରଥମେ ତା'ର ଗୋଟେ ଗୋଡ଼ରେ ବାଣୀ ରସିଟିଏ ବାନ୍ଧି ରଖୁଥିଲୁ । ବିଲେଇ ଦେଖିଲେ ସେ ଉଡ଼ି ଉଡ଼ି



Digitized by PPRACHIN, SOA

ଝରକାରେ ଯାଇ ବସେ । ବିଲେଇଟେ ଚାଲିଗଲେ ପିଲାଙ୍କ ପାଖକୁ ଚାଲିଆସେ । ସେତେବେଳେ ଯାଆଁଳା ପିଲା ଦି'ଟା ଖେଳୁଥାନ୍ତି ତ ଚଢ଼େଇଟା ତାଙ୍କ ସାଙ୍ଗରେ ଖେଳେ । ମୋ ସ୍ତ୍ରୀ ଯେତେବେଳେ ରୋଷେଇ କାମରେ ବ୍ୟସ୍ତଥାଏ କି ଗାଧୁଆଘରକୁ ଯାଇଥାଏ ଚଢ଼େଇଟା ପିଲା ଦି'ଟାକୁ ଜଗିଥାଏ । ପିଲା ଦି'ଟା ଯେତେବେଳେ କାନ୍ଦି ଉଠନ୍ତି ଚଢ଼େଇ ତାଙ୍କଠୁ ଫୁଟେ ଦି'ଫୁଟ ଉଚ୍ଚତାରେ ଝରକା ବାଟେ ଚିଁ ଚିଁ ହୁଏ । ତା' ନିଜ ଭାଷାରେ କଥାହୁଏ- ତାଙ୍କ ସାଙ୍ଗରେ । ପିଲା ଦି'ଟା ଥମହେଇଯାଆନ୍ତି ଓ ହାତଗୋଡ଼ ହଲେଇ ଖେଳୁଥାନ୍ତିତ ଆଖି ଦି'ଟା ଚଢ଼େଇ ଆଡ଼େ ରହିଥାଏ । ଚଢ଼େଇଟି ଯୁଆଡ଼େ ଉଡୁଥାଏ ଏ ଦି'ଜଣଙ୍କ ଆଖି ସିଆଡ଼କୁ ଘୂରିଯାଇଥାଏ । ମୋ ସ୍ତ୍ରୀ ଗାଧୁଆଘରୁ ଆସିକି କୌଣସି କାମସାରି ଆସି ସେ ଦୃଶ୍ୟ ଉପଭୋଗ କରନ୍ତି । ଗଦ୍‌ଗଦ୍ ହେଇଯାଆନ୍ତି । ଭାବବିହ୍ୱଳ ହେଇ କହନ୍ତି- ଆହାଃ... ହାଃ... ହାଃ... ମୋ ବଡ଼ପୁଅଟା ତୁ କେଜାଣି ! ନହେଲେ ଏ ବେସାହାରା ପିଲା ଦି'ଟାକୁ ତୁ ଏତେ ଗେଲ କରୁଥାନ୍ତୁ ! ମୁଁ କେମିତି ତୋ ଋଣ ଶୁଝିବି କେଜାଣି !

ମୋ ସ୍ତ୍ରୀ ଅନୀମା ସେଇ ଚଢ଼େଇଟିର ନାଁ ଦେଇଥାନ୍ତି ତୋଫାନ୍ । ଗୋଟେ ତୋଫାନ୍‌ରେ ସେ ଆହତ ହେଇ ଆମଘରେ ଆଶ୍ରୟ ନେଇଥିଲା ବୋଲି ।

ମୁଁ ଅଫିସ୍‌ରୁ ଫେରିବାବେଳେ ମୋତେ ଦେଖି ତୋଫାନ୍ ଖୁସିରେ ଡେଣା ମେଲେଇ କୋଠରିଟି ସାରା ଘୂରିବୁଲେ । ମୁଁ ଖୁସିରେ ଫାଟିପଡ଼େ । ମୁଁ ପଚାରେ ମୋ ସ୍ତ୍ରୀ କି, ତୋଫାନ୍ କ'ଣ ଖାଇବ ନା ନାହିଁ !

ଅନିମା ଗେହ୍ଲାଇହେଇ କହନ୍ତି, ସେ ତ ମୋ ବଡ଼ ପୁଅ । ତାକୁ ଖାଇବାକୁ ଦେବିନି ତ କାହାକୁ ଦେବି ! ତୋଫାନକୁ ଆଗ, ପିଲା ଦି'ଟାକୁ ପଛ ।

ତୋଫାନକୁ ମୁଁ କୋଳରେ ବସାଏ । ଆଉଁସି ଦିଏ । ଗେଲ କରେ । ଆଖିରୁ ଲୁହ ଗଡ଼ିଆସେ । ଭାବେ, ଏ ଦୁନିଆରେ କିଏ କାହାର ହେ ! ନିଜର ମା' ଭଉଣୀ ଭାଇ ଏମାନେ ତ ନିଜର ହେଇପାରୁନାହାନ୍ତି ! କିଏ କାହିଁ ହେବ । ହେଲେ ଏ ବିଶ୍ୱ ପ୍ରକୃତି ମଣିଷ ପାଇଁ କ'ଣ ନରଖିଚି ! ଝଡ଼ବାତ୍ୟାରେ ମୋ ଘରେ ଦେବଦୂତ ପରି ଏମିତି ଚଢ଼େଇଟେ ଆସି ପହଞ୍ଚିଲା ଯେ ମୋର ପରାଧୀନ ଚାକିରି ଜୀବନ ସାଙ୍ଗକୁ ମୋ ସ୍ତ୍ରୀଙ୍କର ଏକଲାପଣ ଓ ଅସହାୟତାରେ ସାହା ଭରସା ସିନା ହେଲା ! ଚଢ଼େଇଟାର ତ ଟିକି ଜୀବନ । ମୁଁ କ'ଣ ତା'ପାଇଁ ଅବା କରିପାରିବି !

ଅଫିସରୁ ଆସିବାବେଳେ ବେଳେବେଳେ ବଜାରରୁ ପାଚିଲା ପିଜୁଳି, ସେଓ, କଦଳୀ ଯାହାକିଛି ଫଳ ମିଳେ ବାଉରୀବନ୍ଧୁ ନେଇଆସନ୍ତି ଚଢ଼େଇଟେ ପାଇଁ । ଘରେ ତ ଯାହାଥାଏ ଅନିମା ଦିଅନ୍ତି ଯତ୍ନରେ । ଆଜିକାଲି ଭାତ ଦି'ଟା ବାଢ଼ିଦେଲେ, ଆନନ୍ଦରେ



Digitized by PPRACHIN, SOA

ଖାଇଦେଉଚି ତୋଫାନ ।

ଅଫିସ୍ ସରିବା ପରେବି ଛୁଟି ଦିନରେ ବାଉରୀବନ୍ଧୁ ଓ ଅନିମା ଦି'ଜଣଯାକ ଏକାଠି ବସି ପିଲାଙ୍କ ସାଥିରେ ତୋଫାନର ଖେଳକୁଦ ଉପଭୋଗ କରନ୍ତି । ସବୁଠୁ ବେଶୀ ଖୁସି ହୁଅନ୍ତି ଅନିମା । ବେଳେବେଳେ ଆଖିରୁ ଲୁହ ପୋଛୁଥିବାର ଦେଖି ବିଭୋର ହେଇଯାନ୍ତି ବାଉରୀବନ୍ଧୁ । ଭାବନ୍ତି, ଏମିତି କେତେଦିନ ଯିବ ! ପିଲା ଦି'ଟାକୁ ୩ବର୍ଷ ହେବାପର୍ଯ୍ୟନ୍ତ ତୋଫାନ୍ ଏଠି ଭଲରେ ରହନ୍ତା କି !

୩ବର୍ଷ ହେଲେ ଅନିମା ପିଲା ଦି'ଟାଙ୍କୁ ନେଇ ଘର ପାଖରେ ଥିବା କେଜି ସ୍କୁଲରେ ଛାଡ଼ିଦିଅନ୍ତେ ଏବଂ ସ୍କୁଲ ଛୁଟିହେଲେ ନେଇ ଆସନ୍ତେ ! ସେତେବେଳକୁ ପିଲାମାନେ ତ ମା'କ୍ଷୀର ଛାଡ଼ିସାରିଥିବେ । କିଛିଟା ଆତ୍ମନିର୍ଭରଶୀଳ ହୋଇସାରିଥିବେ ! ଆଉ ତୋଫାନ୍ ତ ପୋଷା ମୃନିଯାଇଚି । ଯିବ ଅବା କୁଆଡ଼େ । ଯେତେଦିନ ରହିପାରିବ, ପରିବାରର ଜଣେ ହେଇ ରହିବ । ଏମିତି ବିରାମହୀନ ଭାବରେ କହିଚାଲିଥାନ୍ତି ବାଉରୀବନ୍ଧୁ । କଥା ଭିତରେ ଅନିମା ଆଉ ଦି'କପ୍ ଚା' ଆଣି ପହଞ୍ଚିଲେ ।

ମୁଁ ପଚାରିଲି, ଚଢ଼େଇଟି ଦେଖିବାକୁ କେମିତି ? କୁଆଡ଼େ ଗଲା ? ଏବେ ତ କୋଉଠି ଦିଶୁନି ତା'ର ରୂପଭେକ !

ଚଢ଼େଇଟି ଦେଖିବାକୁ ଭାରି ଛନଛନିଆ । ମୁଣ୍ଡରେ ଗୋଟିଏ ଚୂଳ । ଓଠ ପାଖରେ ଦି'ଧାର ନାଲିଗାର । ପେଟତଳ ଧଳା । ରଙ୍ଗ ଇଷତ୍‌କଳା । ବଣି ଚଢ଼େଇ ଆକାରର । ଅଥଚ ଟିକିଏ ପତଳା ଚେହେରା । ଭାରି କନକନିଆ । କନକନ ହେଲାବେଳେ ପୁଚ୍ଛଟା ଅନବରତ ଟେକୁଥାଏ । ସେଇଭଳି ଅନ୍ୟ ଚଢ଼େଇ ଆସି ସବୁଦିନେ ଆମ ବାଡ଼ରେ ବସନ୍ତି ପତ୍ର ଖୁମ୍ପନ୍ତି । ତାକୁ ଚୂଳିଆ ବଣି ବୋଲି ଲୋକେ ତ କହନ୍ତି । ବାଉରୀବନ୍ଧୁ କହିଚାଲିଥିଲେ ।

ଦିନେ ଦିନେ ସୁନ୍ଦର କଣ୍ଠରେ ଗୀତଗାଏ ତୋଫାନ । ସକାଳୁ ସକାଳୁ ତା'ସାଙ୍ଗର ଚଢ଼େଇମାନେ ବି ଏହିପରି ଗାଇଥାନ୍ତି । ଭାରି ମିଠା । ସେଥିରେ ଗୋଟିଏ ଆବେଗ ଥିବାର ମନେହୁଏ । ବୋଧେ ସେମାନେ କହୁଥାନ୍ତି, ଶୀଘ୍ର ଉଠିପଡ଼ । ପଞ୍ଜୁରୀରେ ଥିବା ତୋଫାନ ମଧ୍ୟ ଗୀତ ଗାଇ ଉଠେଇଦିଏ ସମସ୍ତଙ୍କୁ ସକାଳୁ ସକାଳୁ । ତୋଫାନ୍ ଯେମିତି ଥିଲା ଆମ ଘରର ମୁରବୀ ! ଅତି ଆପଣାର ! ସବୁଠୁ ନିଜର । ସକାଳ ହେଲେ ତୋଫାନକୁ ପଞ୍ଜୁରିରୁ ବାହାର କରିଦିଆଯାଏ । ବିଲେଇ ଭୟରେ ହିଁ ତାକୁ ରାତିରେ ପଞ୍ଜୁରୀରେ ରଖାଯାଇଥାଏ ।

ମୁଁ କହିଲି- ବାଉରୀବନ୍ଧୁ ! ଶୁଣିବାକୁ ଭଲଲାଗୁନି ତୁମ କଥା । ଶୀଘ୍ର ସାର । କାମସାରି ଅଫିସ ଯିବାକୁ ପଡ଼ିବ ନା ନାହିଁ ।



Digitized by PPRACHIN, SOA

ବାଉରୀବନ୍ଧୁ ଏଥରକ ବାଷ୍ପାକୁଳ ହେଇଉଠିଲେ । ପତ୍ନୀ ଅନିମା ଆସି ଦ୍ୱାରପାଖରେ ଠିଆହେଲେଣି । ମନଦେଇ ଶୁଣୁଥାନ୍ତି ଆମର ଆଳାପ । ବାଉରୀବନ୍ଧୁ କହିଚାଲିଲେ-

- ପିଲା ଦି'ଟାଙ୍କୁ ୬ମାସ ହେଇଥାଏ, ପେଟଉଥାନ୍ତି । ତୋଫାନ ତାଙ୍କ ସାଙ୍ଗରେ ଖେଳିଲେ, ତା'ଆଡ଼କୁ ହାତ ବଢ଼ଉଥାନ୍ତି । ତୋଫାନ୍ ଚକ୍କର କାଟୁଥାଏ । ବହୁତ ମଜା ଲାଗେ ଏ ଅପୂର୍ବ ଦୃଶ୍ୟ ଦେଖିବାକୁ ।

ଡିସେମ୍ବର ୨୫, ଖ୍ରୀଷ୍ଟମାସ ଦିନର କଥା । ଆଖପାଖରେ ଜଣେ ଦି'ଜଣ ଖ୍ରୀଷ୍ଟିଆନ ପରିବାର ରହୁଥାନ୍ତି । ଦାନିଏଲ୍ ବାବୁଙ୍କ ଛୋଟ ପୁଅ ପପୁନ୍ । ବୟସ ୮-୯ ବର୍ଷ ହେବ । ସକାଳୁ ସକାଳୁ ଗାଧୁଆସାରି ମା'ପଠେଇଥିବା କିଛି ଖାଦ୍ୟ ଉପହାର ଆଣିଥାଏ ଆମ ଘରକୁ । ଘରେ ଅନିମାକୁ ସେତକ ବଢ଼େଇ ଦେଇ ଯିବାବେଳେ ମେଲାଘର ଝରକା କାନ୍ଥରେ ଥିବା ପଞ୍ଜୁରୀଟି ଖୋଲିଲା ପପୁନ୍ । ତୋଫାନ୍‌ର ବେକକୁ ଧରିଲା । ସେ ଛାଟି ଛୁଟି ହେବାରୁ ତା'ବେକକୁ ଜୋର୍‌ରେ ଚିପିଦେଲା । ତତ୍‌କ୍ଷଣାତ୍ ଶେଷ ନିଃଶ୍ୱାସ ତ୍ୟାଗକଲା ବିଚରା ତୋଫାନ୍ । ଅନିମା ଚିଁ ଚିଁ ଶବ୍ଦ ଶୁଣି ଆସିବାବେଳକୁ ସବୁ ସରିଯାଇଥାଏ ।

- ପପୁନ୍ ଦୌଡ଼ି ପଳେଇଲା । ଅନିମା ପାଟିକଲା ବେଳକୁ ସେ ଆଉ ପାଖରେ ନଥିଲା । ଆଖିରୁ ତା'ର ଲୁହର ଶ୍ରାବଣ ଛୁଟୁଥିଲା । ମୁଁ ପାଟିଶୁଣି ବଗିଚାରୁ ଆସି ଦେଖେତ, ଏଭଳି ବିବସ୍ତ୍ର କାଣ୍ଡ ଘଟିଯାଇଛି । ବୁଦ୍ଧି ହଜିଯାଇଥିଲା ମୋର ସେଦିନ ।

- ଏଇଠି ଏଇ କ୍ରୁଶ ଫଳକ ତଳେ ଛୋଟ କଫିନ୍‌ଟିରେ ସମାଧି ଦେଇଛି ତୋଫାନ୍‌କୁ । ଆଜି ତା'ର ୧୪ ବର୍ଷୀୟ ଶ୍ରାଦ୍ଧ । ଏଇଠି ତା' ସମାଧି ପାଖରେ ତା'ର ସ୍ମୃତିରେ ଦି'ଟୋପା ଲୁହ ଗଡ଼େଇବାକୁ ମୁଁ ଭୁଲିନାହିଁ । ଭୁଲିନାହିଁ ଅନିମାବି ।

ବାଉରୀବନ୍ଧୁ କଇଁ କଇଁ ହେଇ କାନ୍ଦୁଥିଲେ- ଅନିମା ବି କାନିରେ ନିଜର ଲୁହ ପୋଛୁଥିଲେ । ମୋର ଆଖି ଭିଜିଯାଇଥିଲା ଲୁହରେ । ମୁଁ ରୁମାଲରେ ଲୁହ ପୋଛି ଫାଟକ ଖୋଲିଲି ଫେରିବାକୁ । କାହା ପାଟିରେ ଭାଷା ନଥିଲା ।

ଅଥଚ ପୃଥିବୀ ସ୍ଥିର ନଥିଲା । ସ୍ଥିର ନଥିଲା ଗ୍ରହ ନକ୍ଷତ୍ରଙ୍କ ଗତି । ସମୁଦ୍ରର ବାରିଭଂଗ । ଆକାଶର ରଙ୍ଗ । ପକ୍ଷୀଙ୍କର କ୍ଷୀଣ କୋଳାହଳ । ଗୋଟେ ସତେଜ ସକାଳର ଔଜ୍ଜ୍ୱଲ୍ୟ ଫିକା ପଡ଼ିଆସୁଥିଲେ ବି ସବୁକିଛି ଚଳଚଞ୍ଚଳ ଥିଲା ।

ତଥାପି ବାଉରୀବନ୍ଧୁ ତାଙ୍କ ଆଖିରୁ ଲୁହ ପୋଛୁଥିଲେ ରୁମାଲ୍‌ରେ । ତାଙ୍କ ଛାତିରେ ସ୍ମୃତିର ସେଇ ଗଭୀର କ୍ଷତ ସେମିତି ସତେଜ ଥିଲା । ■■



Digitized by PPRACHIN, SOA

# ବଧୂ ଓ ସନ୍ନ୍ୟାସୀ

ସ୍ନେହଶୀଳାକୁ ପାଇବା ପରେ ପ୍ରକାଶଙ୍କ ଘର ପୂରି ଉଠିଥିଲା । ବାପା,ମା' ସମସ୍ତେ ବୋହୂର ସ୍ୱାଚ୍ଛନ୍ଦ୍ୟ ପାଇଁ ଯେପରି ବ୍ୟସ୍ତ ହେଇପଡୁଥିଲେ ! ପ୍ରକାଶ ପିଛା ଲାଗିଥିଲେ, ବୋହୂକୁ ଶୀଘ୍ର ପାରାଦୀପ ନେଇଯିବାକୁ । ପାରାଦୀପ ପ୍ରକାଶଙ୍କ କର୍ମଭୂମି । ଇଂଜିନିୟର ଭାବରେ ତାଙ୍କର ସୁନାମ ଅଛି ପାରାଦୀପରେ । ସମୁଦ୍ରକୂଳ, ଝାଉଁବଣ, ସୁଲୁସୁଲୁ ପବନ, ସ୍ମୃତି ଉଦ୍ୟାନରେ ନାନା ଜାତି ଫୁଲଙ୍କ ଖୁସ୍‌ବୁ । ରଂଗ ବେରଂଗ ସାମୁଦ୍ରିକ ଜୀବଙ୍କ ସଂଗ୍ରହାଳୟ ଓ ସମୁଦ୍ରରେ ଲଙ୍ଗର ପକେଇଥିବା ଜାହାଜଙ୍କର ରାତ୍ରୀକାଳୀନ ଆଲୋକ ସଜ୍ଜା ଏମିତି କେତେ କ'ଣ ଦେଖିବାର ଅଛି । ନେହୁରୁ ବଙ୍ଗଳାରେ ରାତ୍ରୀଯାପନ କରି ସମୁଦ୍ର ପବନର ଆଉଁଶାକୁ ନିଜର କରିବାର ଅପୂର୍ବ ମାଦକତା ନବ ଦମ୍ପତିଙ୍କ ପାଇଁ କମ୍ ଶିହରଣ ନୁହେଁ । ଏକଥା ସ୍ନେହାଶୀଳାଙ୍କ ଶ୍ୱଶୁର ହୃଷିକେଷ ବାବୁ ଓ ଶାଶୁ ଅନିତା ଦେବୀ ବେଶ୍ ଭଲଭାବରେ ଜାଣନ୍ତି ।

ହୃଷିକେଶଙ୍କର ପାରାଦୀପରେ ଦୀର୍ଘ ୩୫ବର୍ଷ ଚାକିରି ଭିତରେ ଉଭୟ ସ୍ୱାମୀ ସ୍ତ୍ରୀ ପାରାଦୀପକୁ ପ୍ରାଣଭରି ଭଲପାଇଛନ୍ତି । ଭଲପାଇଛନ୍ତି ତା'ର ସାମୁଦ୍ରିକ ପରିବେଶ ଓ ନଈ ମୁହାଣକୁ । ବେଳେ ବେଳେ ଛୁଟିଦିନ ମାନଙ୍କରେ ହୃଷିକେଶ ଓ ଅନିତା ମହାନଦୀ ମୁହାଣ ଆଡେ ସମୟ କଟେଇବାକୁ ଯାଇଥାନ୍ତି । ପଥର ବନ୍ଧ ଉପରେ ବସି ସମୁଦ୍ରର ଢେଉମାନଙ୍କ ସହ ଗପସପ ହେଇଥାନ୍ତି । ହୃଷିକେଶ ଟିକେ ଭାବପ୍ରବଣ , ଯଦିଓ କବି ନୁହନ୍ତି । ଅନିତା ବି ଅନୁରୂପ ଭାବରେ ପ୍ରକୃତି ମନସ୍କ । ତାଙ୍କର ଇଚ୍ଛା ସ୍ନେହଶୀଳାକୁ ପ୍ରକାଶ ଶୀଘ୍ର ସାଙ୍ଗରେ ନେଉଯାଉ । ପାରାଦୀପରେ ତା ବସାଘରେ ରୁହନ୍ତୁ ଓ ବୁଲାବୁଲି କରି ମନଖୁସି କରନ୍ତୁ । ପ୍ରକାଶ କିନ୍ତୁ ଚାହାନ୍ତି ସ୍ନେହଶୀଳା ବାପା ମା'ଙ୍କ ପାଖରେ କିଛିଦିନ ରହୁ । ସେମାନଙ୍କ ସହିତ ମିଶୁ । ଗାଁର ପରିବେଶ ସହିତ ନିଜକୁ ଖାପ ଖୁଆଉ । ତା'ପରେ ବରଂ ପାରଦୀପ ଯିବ ।



Digitized by PPRACHIN, SOA

ସ୍ନେହଶୀଳା ଶାଶୁ ଶ୍ୱଶୁରଙ୍କ ସହିତ ଝିଅପରି ମିଶିଯାଏ। ଶ୍ୱଶୁରଙ୍କ ପାଖରେ ବସି କୁନିଝିଅଟେ ପରି ଗପସପ ହୁଏ। ପାନ ଭାଙ୍ଗିଦିଏ। ଶାଶୁର କୋଳରେ ଝିଅପରି ଲୋଟିପଡେ। ଗେହ୍ଲେଇ ହୁଏ। ନଣନ୍ଦ ବନିକୁ କହେ, ବନି ଈର୍ଷା କରିବନି, ମୁଁ ମା'ଙ୍କ ସ୍ନେହକୁ ଭାଗ କରୁଛି ବୋଲି। ବନିତା ଆହୁରି ଗେହ୍ଲେଇ ହେଇ ଭାଉଜର ନାକ ଚିପିଦେଇ କହେ, ଭାଉଜ ତମେ ଆଉ ହବନି! ଦି'ଜଣ ଯାକ ଲୋଟିଯାଆନ୍ତି ମା'ଙ୍କ କୋଳରେ।

ମା' ଖୁସିରେ କହନ୍ତି, ପାଗଳି ଦି'ଟା କୋଉଠିକାର, ଦି'ଜଣ ଯାକ ତ ମୋ ଝୁଅ! ଗେହ୍ଲା ଝୁଅ!

ଶେଷରେ ମା'ଅନିତାଙ୍କ ବାଧ୍ୟରେ ପ୍ରକାଶ ସ୍ନେହଶୀଳକୁ ନେଇ ପାରାଦୀପ ଆସିଲେ। ଗୋଟେ ବଙ୍ଗଳା ପରିକା ସି'ଟାଇପ୍ ଘର। କେତେ ପ୍ରଶସ୍ତ। ଆଗରେ ଲନ୍‌ଟିଏ ଅଛି। ଫୁଲଗଛ ଗୁଡିକ ଯତ୍ନରେ ବଢ଼େଇଛନ୍ତି ପ୍ରକାଶ। ବେଶ୍ ଭଲ ଲାଗିଲା ପ୍ରଥମେ ସ୍ନେହଶୀଳାକୁ।

ପ୍ରକାଶ ସକାଳ ଆଠଟାରୁ ପ୍ରସ୍ତୁତ ହୁଅନ୍ତି କାମକୁ ଯିବାକୁ। ସିଭିଲ୍ ଇଂଜିନିୟର। କାମ ଉପରକୁ ଯିବେ। ସେଠୁ ୧୧ଟା କି ୧୨ଟା ସୁଦ୍ଧା ଅଫିସ୍ ଯିବେ। ଅଫିସ୍‌ରୁ ୧ଟା ବେଳକୁ ବସାକୁ ଆସିବେ। ଖାଇପିଇ ସାରି ସାମାନ୍ୟ ଗଡପଡ ହେଇ ପୁଣି ୩ଟା ବେଳକୁ କାମ ଉପରକୁ ଯିବେ ଓ ୪ଟା ବେଳକୁ ଅଫିସ୍। ଅଫିସ୍‌ରୁ ଫେରୁ ଫେରୁ ସାଢ଼େ ପାଞ୍ଚଟାରୁ କମ୍ ନୁହେଁ।

ରାତିରେ କ୍ଲବ୍‌କୁ ଯିବାକୁ ଡାକନ୍ତି ପ୍ରକାଶ। ସ୍ନେହଶୀଳା ପସନ୍ଦ କରେ ନାହିଁ କ୍ଲବ ଯିବାକୁ। ପ୍ରକାଶ କାମରୁ ଫେରିବା ପୂର୍ବରୁ ତାଙ୍କୁ ସନ୍ତୁଷ୍ଟ କରିବାପାଇଁ ନୂଆ ନୂଆ ଜଳଖିଆ ପ୍ରସ୍ତୁତ କରି ଖୁଆଇବାକୁ ଏବଂ କ୍ଲବରୁ ଫେରିବା ପରେ ଆଉ କିଛି ନୂଆ ଜିନିଷ ଖୁଆଇ ଖୁସି କରିବାକୁ ସେ ଭଲପାଏ। ରାତିରେ ଆସି ସାରିବା ପରେ ଟି.ଭି.ଦେଖିବା ଓ ଗପସପ ହେବାପାଇଁ ଯେତିକି ସମୟ ମିଳେ ତାହାହିଁ ବେଶ୍ ଅନ୍ତରଙ୍ଗ ବୋଲି ମନେକରେ ସ୍ନେହଶୀଳା।

ଏତେ ଆନ୍ତରିକତା, ଶ୍ରଦ୍ଧା ଓ ସେବାର ପ୍ରତିଦାନରେ ପ୍ରକାଶ ସ୍ନେହଶୀଳାକୁ ପ୍ରଚୁର ସୁଖ ଦେବାକୁ ଚାହେଁ। ପ୍ରତ୍ୟେକ ଗହନ ରାତିରେ। ନିବିଡ ମୁହୂର୍ତ୍ତରେ। ତା'ର ପ୍ରଗାଢ଼ ବାହୁ ବନ୍ଧନରେ। କୋଣାର୍କରେ ଖୋଦ୍ଧିତ ମୈଥୁନ ମୁଦ୍ରା ତା ମନକୁ ଆଚ୍ଛାଦିତ କରେ ତ ସେ ଗଳଦଘର୍ମ ହେଇ ଚେଷ୍ଟାକରେ କିପରି ତା'ର ଅତି ଆପଣା ହୃଦୟର ଦେବୀ ସ୍ନହଶୀଳାକୁ ସୁଖର ବନ୍ୟାରେ ଭସେଇଦେବ। ସାରା ଦିନର ଅପରିସୀମ କ୍ଲାନ୍ତିକୁ ସ୍ନେହଶୀଳାର ପ୍ରେମରେ ଢଳେଇଦେବ, ହଜେଇ ଦେବ।

ହେଲେ ପ୍ରକାଶ ଶେଷ ମୁହୂର୍ତ୍ତରେ ଗଛ କାଟିଲା ପରି ଭାଙ୍ଗିପଡେ କାହିଁକି। ଗୋଟେ



Digitized by PPRACHIN, SOA

ଗ୍ଲାନିବୋଧରେ ଜଳିଯାଏ କାହିଁକି ଅଥଚ ସ୍ନେହଶୀଳା ଶେଯ ଉପରେ ଜଡସଡ ହେଇ ପଡ଼ିରହେ ସକାଳ ପର୍ଯ୍ୟନ୍ତ।

ହେଲେ ସକାଳରୁ ସବୁ କିଛି ଠିକ୍ ରୀତିରେ ଚାଲିଥାଏ। ପ୍ରକାଶ ଉଠିବା ବେଳକୁ ସ୍ନେହଶୀଳା ବାମ୍ଫ ଉଠୁଥିବା ଚା'କପେ ଧରେଇ ଦିଏ ତା ହାତରେ। ପାଖରେ ବସି ନିଜେ ଚା'ପିଇ ଘର ଓଳେଇ ଗାଧୋଇ ପାଧୋଇ ଧୂପ ଦିଏ ଜଳଖିଆ ପ୍ରସ୍ତୁତ କରି ଖାଇବା ଟେବୁଲ୍‌ରେ ଥୋଇଦିଏ। ପାଖରେ ବସି ଖାଇବା ଦେଖେ, ଗେଲ୍ଲେଇ ହୁଏ। ପ୍ରକାଶ ମୁହଁରେ ଟିକେ ହସ ଭରି ଦେବାକୁ ଚେଷ୍ଟା କରେ। ପ୍ରକାଶ କିନ୍ତୁ ହସିପାରନ୍ତି ନାହିଁ ଜମା।

ଦିନେ ସକାଳ ୯ଟା ବେଳକୁ କେହି ଜଣେ ସାଧୁ ବାବା ସଂକୀର୍ତ୍ତନ କରି ଭିକ୍ଷା କରୁଥିବାର ଅପୂର୍ବ ଦୃଶ୍ୟ ସ୍ନେହଶୀଳାର ଦୃଷ୍ଟିଗୋଚର ହେଲା। ହଳଦୀ ରଂଗର ପରିଧାନ ସାଙ୍ଗକୁ କାନ୍ଧରେ ଗୋଟିଏ ଝୁଲାମୁଣି। ହାତରେ ଗିନି ହଳେ। ମୁହଁରେ କଳା ମଚ୍ ମଚ୍ ଶ୍ମଶ୍ରୁ। ଆଖି ଦି'ଟା ପଦ୍ମପାଖୁଡ଼ା ପରି ଲୋଭନୀୟ। ସୁସ୍ଥ ଶ୍ୟାମଳ ରଂଗର ଚେହେରା। ଓଠରେ ଧାରେ ସ୍ମିତ ହସ, ମନ ମୁଗ୍ଧକର। ଭିକ୍ଷା ଦିଅ ବୋଲି କହିବେନି, ଖାଲି ସଂକୀର୍ତ୍ତନ କରି ଚାଲିଯିବେ, ଏହାହିଁ ତାଙ୍କର ଶୃଙ୍ଖଳା। ଦାତା ଆପେ ଯାଇ ଦେଇ ଆସିବେ। ଆଃ କି ଚମତ୍କାର ଆକର୍ଷଣ!

ସାଧୁବାବାଙ୍କ ପ୍ରଥମ ଦର୍ଶନରେ ସ୍ନେହଶୀଳା ଭିତରେ ଗୋଟେ ତଡିତ୍ ତରଙ୍ଗ ଖେଳିଗଲା। ଆଖିର କମନୀୟ ଚାହାଣୀ ସ୍ନେହଶୀଳାର ସାରା ଶରୀରକୁ ଛାଇଗଲା। ତତ୍‌କ୍ଷଣାତ୍ ଘର ଭିତରକୁ ଯାଇ ପାଞ୍ଚଟଙ୍କିଆ ମୁଦ୍ରାଟିଏ ଆଣି ବାବାଙ୍କ ହାତରେ ବଢ଼ାଇଦେଲା। ବାବା ଯିବା ପାଇଁ ଉଦ୍ୟତ ହେଉଥାନ୍ତି। ଆଉ କେଇଟା ସେକେଣ୍ଡରେ ସେ ହୁଏତ ତାଙ୍କ ଫାଟକ ପାଖରୁ ଫେରିଯାଇଥାନ୍ତେ।

ବାବା ଅଳ୍ପ ହସିଦେଇ 'ହଉ ମା, ତୋର ମଙ୍ଗଳ ହେଉ' ଏତକ କହି ଚାଲିଗଲେ। କି ଭୁବନ ବିମୋହନ ହସ ସତରେ! ସ୍ନେହଶୀଳାର ହୃଦୟକୁ ଥରେଇଦେଲା ମୁହୂର୍ତ୍ତକରେ। ସ୍ନେହଶୀଳା କିଛିକ୍ଷଣ ବାବାଙ୍କ ପ୍ରତ୍ୟାବର୍ତ୍ତନ ପଥକୁ ଚାହିଁ ରହିଥିଲା। ବାବାଙ୍କ ପାଦ ଦି'ଟା କେଡେ ପ୍ରଶସ୍ତ! ବାହୁ ଯୁଗଳ ଆଜାନୁ ଲମ୍ବିତ ବଳିଲା ବଳିଲା। ବୟସ ଚାଳିଶ ସରିକି ହେବ। କେଡେ ପ୍ରଶାନ୍ତ ସୌମ୍ୟ ତାଙ୍କର ମୁଖ ମଣ୍ଡଳ।

ସଂକୀର୍ତ୍ତନର ମଧୁର ସ୍ୱର ଧିରେ ଧିରେ ଅପସରି ଗଲା। ସ୍ନେହଶୀଳା ସଂବିତ ଫେରି ପାଇଲା ଅଚାନକ୍।

ଗୋଟେ ମାସ ଭିତରେ ସ୍ନେହଶୀଳା ଜଳଜୀବ ସଂଗ୍ରହାଳୟ, ସାମୁଦ୍ରିକ ସଂଗ୍ରହାଳୟ, ସ୍ମୃତି ଉଦ୍ୟାନ, ମହାନଦୀ ମୁହାଣ ସବୁଆଡେ ବୁଲି ଆସିଲାଣି। ମଝିରେ ମଝିରେ କେତେବେଳେ କେମିତି ଜଗନ୍ନାଥ ମନ୍ଦିର କି ସମୁଦ୍ର କୂଳ ଆଡେ ବୁଲି ଆସିଲେ



Digitized by PPRACHIN, SOA

ଭଲଲାଗେ। ଜଗନ୍ନାଥ ମନ୍ଦିରର ବାଇଶି ପାହାଚ ଉପର ଭାଗର କୌଣସିଟିରେ କିଛି ସମୟ ବସିଲେ କ୍ଲାନ୍ତି, ଅବସାଦ ସବୁ ଉଭେଇଯାଏ। ସମୁଦ୍ର ପବନ ବାଇଶି ପାହାଚକୁ ଯେପରି ଛୁଇଁ ଛୁଇଁ ଯାଉଥାଏ। ସେଇ ପବନର ସୁକୋମଳ ସ୍ପର୍ଶରେ ଇଚ୍ଛାହୁଏ ଲୋଟି ପଡିବାକୁ ସେଇଠି।

ହେଲେ ପାରାଦୀପ ଆଉ ଏବେ ଭଲ ଲାଗୁନି ସ୍ନେହଶୀଳାକୁ। ଗୋଟେ ରୁଟିନ୍ ଜୀବନ କେତେ ବା ଭଲ ଲାଗିବ ତାକୁ। ପ୍ରକାଶଙ୍କୁ ସମୟ ନାହିଁ କୁଆଡେ ଯିବାକୁ। ଖାଲି କାମ ଆଉ କାମ। ୩ବର୍ଷ ଭିତରେ ସେ ବାହାରକୁ ଟିକେ ଯାଇପାରିଲେନି ସ୍ନେହଶୀଳାକୁ ସାଙ୍ଗରେ ନେଇ। ମଝିରେ ମଝିରେ ଗାଁ ଆଡେ ବୁଲିଆସେ ସ୍ନେହଶୀଳା। ଶାଶୁ ଶ୍ୱଶୁରଙ୍କୁ ଦେଖିଆସେ। ସପ୍ତାହେ ଖଣ୍ଡେ ରହି ତାଙ୍କର ସେବାକରେ, ମନ ଟିକେ ହାଲ୍‌କା ଲାଗେ। ସ୍ନେହଶୀଳାର ସେବା ଏବଂ ସେମାନଙ୍କ ସ୍ନେହ ସାଙ୍ଗକୁ ନଣନ୍ଦ ବନିର ଅଝଟ ତାକୁ ଭାରି ଭଲଲାଗେ। ଶାଶୁଙ୍କୁ କହିଦିଏ, ମା'ମୁଁ ତୁମ ପାଖରେ ରହନ୍ତିନି !

ଶାଶୁ କହନ୍ତି-ପ୍ରକାଶ କ'ଣ ତୋତେ ହଇରାଣ କରୁଛି ? ତୁ ସେଠି ନରହି ଏଠି କାହିଁ ରହିବାକୁ ଚାହୁଁଚୁ। ପ୍ରକାଶ ହଇରାଣ ହେଉଥିବ, ତୁ ଏଠି ବେଶୀଦିନ ରହନା ଲୋ ମା' !

୩ବର୍ଷ ହେଲାଣି, କୋଳରେ ଛୁଆଟିଏ ନାହିଁ କି କିଛି ଆଶା ବି କରିପାରୁନି ସ୍ନେହଶୀଳା। ଶାଶୁଙ୍କୁ କେମିତି ଖୋଲି କହିବ ଏକଥା ଶାଶୁ କ'ଣ ଜାଣି ପାରୁନାହାନ୍ତି !

ଶାଶୁ ଯେ ସ୍ନେହଶୀଳାର ମନର କଥା ଜାଣୁ ନାହାନ୍ତି ଏକଥା ନୁହେଁ। ଜାଣି ବା କ'ଣ କରିବେ। ପୁଅ ବୋହୁଙ୍କ ପାଇଁ ପୂଜାଅର୍ଚ୍ଚନା ଯାହାତ କରିବେ। ସେ ସବୁ କାମରେ ଜମା ହେଳା କରିନାହାନ୍ତି ଶାଶୁ ଶ୍ୱଶୁର। ସ୍ନେହଶୀଳା ପୁଣି ପାରାଦୀପ ଫେରିଆସେ। ଗୋଟିଏ କଥା ତାକୁ ଅତି ଆପଣାର ଲାଗେ ଯାହାକୁ ସେ ଖାସ ଝୁରି ହେଉଥାଏ। ସାଧୁବାବା ମାସକେ ଥରେ ଆସନ୍ତି, ମାସର ପ୍ରଥମ ସୋମବାର। ଏଥର ସେ ସ୍ନେହଶୀଳାର ଫାଟକ ଦେଇ କୀର୍ତ୍ତନ କରି ସିଧା ଚାଲିଯାଉନାହାନ୍ତି, ଅନ୍ତତଃ ଦୁଇମିନିଟ୍ ପର୍ଯ୍ୟନ୍ତ ରହୁଛନ୍ତି। ଯାହାଫଳରେ କି ସ୍ନେହଶୀଳା ଆଉ ତରବର ନହୋଇ ଧିରେ ସୁସ୍ଥେ ଭିକ୍ଷା ଆଣି ବାବାଙ୍କୁ ଦେଉଛି ଓ ତାଙ୍କ ସହ ଆଶ୍ରମ ବିଷୟରେ ପଦେ ଦି'ପଦ କଥା ହେଉଛି।

ବାବାଙ୍କ ଆଶ୍ରମ କେନ୍ଦ୍ରାପଡାଠୁ କିଛି ଦୂର। ନାଁ ତାଙ୍କର ଆନନ୍ଦ। ଛୋଟ ଆଶ୍ରମଟିଏ। ଗଛ ବୃଛରେ ଭରପୁର। ବହୁ ଔଷଧିୟ ଗଛ ଲଗେଇଛନ୍ତି ବାବା ତାଙ୍କ ଆଶ୍ରମରେ। ଚେରମୂଳି ଚିକିତ୍ସା ଜାଣନ୍ତି ବାବା। ପ୍ରାକୃତିକ ଚିକିତ୍ସା ବି ଜାଣନ୍ତି। ସେଠାକାର ରୋଗୀଙ୍କୁ ଚିକିତ୍ସା ଦିଅନ୍ତି ଭିକ୍ଷା ଲବ୍ଧ ଉପାର୍ଜନରେ। ଯୋଗ ବି ଶିକ୍ଷା ଦିଅନ୍ତି।

ସ୍ନେହଶୀଳା ପ୍ରକାଶଙ୍କୁ କେତେଥର କହିଲାଣି, ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ,



Digitized by PPRACHIN, SOA

ତାଙ୍କର ଯୌନ ଅସାମର୍ଥ୍ୟ ବିଷୟରେ। ପ୍ରକାଶ ସବୁବେଳେ ହଁ ଭରନ୍ତି କିନ୍ତୁ ସେଥିପାଇଁ ସମୟ କରିପାରନ୍ତି ନାହିଁ। ଅଥଚ ସ୍ନେହଶୀଳା ପାଇଁ ଦୁଃଖରେ ବିବଶ ହୋଇଥାନ୍ତି ପ୍ରତ୍ୟେକ ଥର।

ସ୍ନେହଶୀଳା ଗୋଟିଏ ଅଦ୍ଭୁତ ଧରଣର ଝିଅ। ଝିଅ ନୁହେଁ ତ ଫୁଲଟିଏ କହିପାର, ନତୁବା ଚାବିଦିଆ କଣ୍ଢେଇଟେ କହିପାର। ଫୁଲ ପରି କୋମଳ, ଢ଼ଳ ଢ଼ଳ ଛଳଛଳ କମନୀୟ। ତା'ର କଥାରେ କଥାରେ ପ୍ରତ୍ୟେକ ପଦପାତରେ ଭରିରହିଛି ଲାସ୍ୟ, ଅପୂର୍ବ ମାଧୁର୍ଯ୍ୟ। ଦେବୀଟିଏ କି କ'ଣ ! ଜୀବନର ସର୍ବୋଚ୍ଚ ସୁଖରୁ ବଂଚିତ ହେଲେ ବି ଅଭିମାନ କରେନି, ଦୁଃଖ କରେନି, ଭାଙ୍ଗି ବି ପଡେନି। ତା'ର ଏଇ ସରଳତାର ସୁଯୋଗରେ ପ୍ରକାଶ କ'ଣ ତାକୁ ଅଣହେଳା କରିବ ? ବଂଚିତ କରିବ ତା'ର ପ୍ରାପ୍ୟରୁ ?

ନିର୍ଜନରେ ପ୍ରକାଶ ଭାଙ୍ଗିପଡେ। କାନ୍ଦି ଉଠେ। ଛାତିଟା ତା'ର ଫାଟିଯାଏ ଖଣ୍ଡ ଖଣ୍ଡହେଇ। ମିଛ ପୌରୁଷର ମୁଖାପିନ୍ଧା ମଣିଷଙ୍କ ପରି ସେ ସ୍ନେହଶୀଳା ପାଖରେ ନିଜକୁ ଛୋଟକରି ପାରେନା। ଅଥଚ ପ୍ରଚୁର ଟଙ୍କା, ବିଳାସ ବ୍ୟସନର ମୋହ, ସୌଖୀନ ସ୍ୱାଚ୍ଛନ୍ଦ୍ୟର ସମସ୍ତ ଉପଚାରରେ ସେ ସ୍ନେହଶୀଳାକୁ ଜୟ କରିବାକୁ ପ୍ରୟାସ କରେ। ସ୍ନେହଶୀଳା ହୃଦୟ ଆଭ୍ୟନ୍ତରରେ ଲୁଚି ରହିଥିବା ଦୁଃଖକୁ ଅଚିରେ ଠାବକରେ, ଅଥଚ ପ୍ରକାଶ କରିପାରେନା।

ସ୍ନେହଶୀଳା କହେ, ଜଣେ ସାଧୁବାବା ଆନନ୍ଦ ମାସକରେ ଥରେ ଭିକ୍ଷାକରି ଆସନ୍ତି। ଆୟୁର୍ବେଦ ଓ ପ୍ରାକୃତିକ ଚିକିତ୍ସା କରନ୍ତି ସେ। ତାଙ୍କ ପରାମର୍ଶ ଟିକେ ନେବା କି ?

ପ୍ରକାଶ ବୁଲା ଭଟକା ବାବାଙ୍କ ପରାମର୍ଶକୁ ଆଦୌ ପସନ୍ଦ କରେନା। ଏମାନେ ଜାଣିବାର ହେଇଥିଲେ ଭିକ୍ଷା ଝୁଲି ଧରି ବୁଲନ୍ତେ କାହିଁକି ? ଲୋକ ତ ତାଙ୍କ ପାଖରେ ପହଞ୍ଚନ୍ତେ !

ସ୍ନେହଶୀଳା ଦିନେ ସାଧୁବାବାଙ୍କୁ ପଚାରିଲା-ଆପଣ ଭିକ୍ଷା କରିନ୍ତି କାହିଁକି ? ଆପଣତ ବୃକ୍ଷଲତା ଚିକିତ୍ସା କରନ୍ତି, ପ୍ରାକୃତିକ ଚିକିତ୍ସା ବି କରନ୍ତି। ଲୋକମାନେ ତ ଆପଣଙ୍କ ପାଖକୁ ଆସୁଥିବେ ଚିକିତ୍ସା ପାଇଁ। ସେମାନେ କ'ଣ ଆପଣଙ୍କୁ କିଛି ଦକ୍ଷିଣା ଦିଅନ୍ତିନି ?

ବାବା ଆନନ୍ଦ ହସ ହସ ମୁହଁରେ କହିଥିଲେ- ମୁଁ ସେମାନଙ୍କଠୁ ଦକ୍ଷିଣା ନିଏ ନାହିଁ। ମୋର ଗୁରୁ ମୋତେ ନିର୍ଦ୍ଦେଶ ଦେଇଥିଲେ, ତୁ ଭିକ୍ଷା କରି ଚଳିବୁ। ଚିକିତ୍ସା ସେବା ଦେଇ କିଛି ଅର୍ଥ ଗ୍ରହଣ କରିବୁ ନାହିଁ। ଦରକାର ପଡିଲେ ଦୁସ୍ଥ ଲୋକଙ୍କୁ ସାହାଯ୍ୟ କରିପାରୁ। ଆଶ୍ରମ ସଂପର୍କରେ ଏବଂ ଆମର ଚିକିତ୍ସା ଧାରା ସମ୍ପର୍କରେ ଆସିଲେ ଯିନା ବୁଝିହେବ, ଜାଣିହେବ।



Digitized by PPRACHIN, SOA

ସ୍ନେହଶୀଳାର ଇଚ୍ଛାହେଲା- ଆଶ୍ରମ ଆଡେ ଥରେ ବୁଲି ଆସନ୍ତା କି! ପ୍ରକାଶ ସିନା ଏଥିରେ ରାଜିହେଲେ ହବ!

ବିବାହ ଜୀବନର ୫ବର୍ଷ ପୂରିଗଲା। ପ୍ରତ୍ୟେକ ଅନ୍ୟକୁ ଭୟକରିବାକୁ ଲାଗିଲେ। ଦିନେ ସ୍ନେହଶୀଳା ପ୍ରକାଶ ପାଖରେ ଅଳିକଲେ- ତୁମେ ତୁମର ଚିକିତ୍ସା ପାଇଁ କ'ଣ ଚିନ୍ତା କଲ? ଆମେ କେତେଦିନ ଏମିତି ରହିବା!

ପ୍ରକାଶ ନୀରବ ରହିଲେ। ଅଥଚ ବେଳେ ବେଳେ ଆବେଗର ତାଡନାରେ ଦୁଇଟି ଶରୀର ଅବଚେତନାର ଭୂମିରେ ଏକାଠି ହେଇଯାଆନ୍ତି ଏବଂ ଆହତ ହେଇ ଫେରିଆସନ୍ତି ନିଜ ନିଜର ଇଲାକାକୁ।

ସ୍ନେହଶୀଳା ଆଉ ସେ ପ୍ରସଙ୍ଗକୁ ଦୋହରାଇଲା ନାହିଁ। ଅଥଚ ତା ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରକାଶ ବୋଧହୁଏ ଧରିନେଇଛନ୍ତି ନାରୀଟିଏ ଖାସ୍ ପୁରୁଷର ଅଧିନସ୍ଥ ଏକ ପ୍ରାଣୀ। ସୁଖ ଦୁଃଖ ସହିତ ସମଭାଗିନୀ। ତାଛଡା ସ୍ନେହଶୀଳା ବହୁତ ଭଲ ଝିଅଟିଏ। ଏପରି ଝିଅ ଭାଗ୍ୟରେ ଥିଲେ ମିଳେ ସିନା। ସମୟ ପାଇଲେ ହୁଏତ ନିଜର ଅପାରଗତା ବିଷୟରେ ଧ୍ୟାନ ଦେବ। ବ୍ୟସ୍ତ ବିବ୍ରତ ହେବାର ପିଲା ସେ ନୁହେଁ। ପ୍ରକାଶ ସାଙ୍ଗ ସାଥି ଯିଏ କ୍ୱାର୍ଟସକୁ ଆସିଛନ୍ତି, ସ୍ନେହଶୀଳାର ରୂପ ଗୁଣରେ ବିମୋହିତ ହୋଇଛନ୍ତି। ସମସ୍ତେ ତା'ର ପ୍ରଶଂସାରେ ଶତମୁଖ ହେଇଛନ୍ତି। ସ୍ନେହଶୀଳା ସେମାନଙ୍କ ସାଙ୍ଗରେ ମିଶିଯାଏ ସାଙ୍ଗ ପରିକା। ସେମାନଙ୍କ ବାନ୍ଧବୀମାନଙ୍କ ସହିତ ଅନ୍ତରଙ୍ଗହେଇଯାଏ। ଆପଣାର କରିନିଏ କ୍ଷଣକେ।

ଗୋଟାଏ ଉଦାସ ସକାଳରେ ଆନନ୍ଦଙ୍କର ସଂକୀର୍ତ୍ତନର ମଧୁର ଧ୍ୱନି ନିନାଦିତ ହେଲା ସେମାନଙ୍କ ଫାଟକ ପାଖରେ। ସକାଳ ୯ଟା ଗଡିଗଲାଣି। ଆକାଶରେ ମେଘଙ୍କ ରୋଷଣି। ପାଗଟା ଥଣ୍ଡା ଥଣ୍ଡା ଲାଗୁଚି। ହୁଏତ ଆଉ କିଛି ସମୟ ପରେ ବର୍ଷା ହୋଇପାରେ।

ସ୍ନେହଶୀଳା ପଚାରିଲା-ଆଜି ଏମିତି ପାଗରେ ଘରୁ ବାହାରିଲେ କାହିଁକି? ଆନନ୍ଦ ଓଠ ଧାରରେ ମୃଦୁ ମହ ହସଟିଏ ଆଙ୍କିଦେଇ କହିଲେ- ଆଶ୍ରମରୁ ବାହାରିଲା ବେଳେ ପାଗ ଭଲ ଅଛି ତ ଆଉ ପରବର୍ତ୍ତୀ ଚିନ୍ତା କରେନା। ବର୍ଷା ହେଲେ ଯୋଉଠି ଟିକେ ରହିଯିବି।

'ଆପଣ ଆଜି ଆମଘରେ ମଧ୍ୟାହ୍ନରେ ପ୍ରସାଦ କରିବେ', ସ୍ନେହଶୀଳା ନିର୍ଭୟରେ କହିଦେଲା।

'କାହିଁ ଯା ପାଇଁ ଏତେ କଷ୍ଟ କରିବ ମା'! ଆସ୍ତିସୂଚକ ଭଙ୍ଗୀରେ ଏତକ କହି ଆନନ୍ଦ ଗିନି ବଜେଇ ଆଗେଇଗଲେ।



Digitized by PPRACHIN, SOA

ଧିରେ ଧିରେ ପବନ ବହିବା ଆରମ୍ଭ ହେଲା। ଝିପିଝିପି ବର୍ଷା ମଧ୍ୟ ପାଗକୁ ଅଧିକ ଅସହିଷ୍ଣୁ କରିଦେଲା। ସ୍ନେହଶୀଳା କିନ୍ତୁ ଯଥାଶୀଘ୍ର ରୋଷେଇବାସ ସାରିଦେଲା ୧୨ଟା ସୁଦ୍ଧା। ସକାଳୁ ପ୍ରକାଶ ସରକାରୀ ଗସ୍ତରେ ବାହାରି ଯାଇଛନ୍ତି ଭୁବନେଶ୍ୱର। ଫେରିବେ ଆସନ୍ତା କାଲିକୁ। ଆନନ୍ଦଙ୍କ ଯତ୍ନ ନେବାରେ କିଛି ଅସୁବିଧା ହୁଏତ ହେବନି। ତେଣୁ ଆଶ୍ୱସ୍ତ ଥାଏ ସ୍ନେହଶୀଳା।

ଆନନ୍ଦ ଅଧା ଭିଜି ଆସି ପହଞ୍ଚିଲେ ସାଢ଼େ ବାରଟା ବେଳେ। ସ୍ନେହଶୀଳା ତାଙ୍କ ପରିଧାନ ବଦଳେଇବା ପାଇଁ ନୂଆ ଧୋତିଟେ ଦେଲେ। କୌପୁନିକୁ ଛାଡି ସବୁ ବଦଳେଇ ଦେଲେ ଆନନ୍ଦ।

ଶ୍ୟାମଳ ଶରୀରର କମନୀୟ କାନ୍ତି ସାଙ୍ଗକୁ ଦାନ୍ତ ଗୁଡିକର ଉଜ୍ଜ୍ୱଳତା ସ୍ନେହଶୀଳା ପ୍ରାଣକୁ ଉଚ୍ଚାଟ କରୁଥାଏ କାହିଁକି !

ଭୋଜନ କରିସାରି ଆନନ୍ଦ ଗଦ୍ ଗଦ୍ ହେଇ କହିଲେ, କି ତୃପ୍ତି ! ଏପରି ଭୋଜନ ମୁଁ କେଉଁଠି କେବେ ଗ୍ରହଣ କରିନି। ତୁମର ଲକ୍ଷ୍ମୀ ହାତ ମା' ! ଏବେ ତୁମେ ପ୍ରସାଦ ଗ୍ରହଣ କର।

ହଁ, ମୁଁ ତ କରିବି ଆପଣ ବିଶ୍ରାମ କରନ୍ତୁ, ମୁଁ ବ୍ୟବସ୍ଥା କରିଦେଇଚି-ଏତକ କହି ତାଙ୍କୁ ଅତିଥି ପ୍ରକୋଷ୍ଠକୁ ନେଇଗଲେ ସ୍ନେହଶୀଳା।

ବର୍ଷାର ବେଗ ବଢ଼ି ଚାଲିଛି। ବଢ଼ି ଚାଲିଛି ପବନର ବେଗ ବି। ସ୍ନେହଶୀଳା ଖାଇସାରି, ଆନନ୍ଦଙ୍କ ଦେହରେ ପତଳା ଚାଦରଟେ ଘୋଡେଇ ଦେଲେ। ଆନନ୍ଦଙ୍କ ଅର୍ଦ୍ଧନିମିଳିତ ଚକ୍ଷୁ କ୍ଷଣୁଟିଏ ବିସ୍ଫାରିତ ହେଇଗଲା ସ୍ନେହଶୀଳାଙ୍କ ଚକ୍ଷୁ ଦୁଇଟିରେ। ଦୁଇଟି ତୀର ଯେପରି ବିଦ୍ଧ ହୋଇଗଲା। ସଙ୍ଗେ ସଙ୍ଗେ ପୁଣି ପଲକ ପଡିଗଲା। ଆଉ ଖୋଲିଲାନି ତାଙ୍କର ଚକ୍ଷୁ ଯୁଗଳ। ସ୍ନେହଶୀଳା ଚାହିଁ ରହିଲେ କିଛିକ୍ଷଣ ଅପଲକ ଦୃଷ୍ଟିରେ। ଆନନ୍ଦ ଘୁଙ୍ଗୁଡି ମାରିଲେ। ସ୍ନେହଶୀଳା ଫେରି ଆସିଲେ ନିଜର କୋଠରିକୁ। ନିଜର ଶେଯ ଉପରେ ପଡିରହି ଛଟପଟ ହେବାକୁ ଲାଗିଲେ।

ପ୍ରକାଶଙ୍କ ବ୍ୟତୀତ ସେ ଆଉ କାହାକୁ ଚାହିଁ ନାହିଁ। ସବୁବେଳେ ଆଶା ରଖିଛି, ପ୍ରକାଶ ଠିକ୍ ହେଇଯିବେ। ପ୍ରକାଶ ବହୁତ ଭଲ ପିଲା, ଭଲ ସ୍ୱାମୀଟିଏ। ହେଲେ ସେ ଆଜି ଏମିତି ହେଇଯାଉଛି କାହିଁକି ? ତା'ର ସର୍ବାଙ୍ଗ ଆଜିର ଏ ଝଡ ବର୍ଷାରେ ଜଳିଯାଉଛି କାହିଁକି ? ସେ ନିଦ ଭିତରେ ନିଜର ସତ୍ତା ହରେଇ ଦେଉଛି କାହିଁକି ?

ତିନିଟା ସୁଦ୍ଧା ଆନନ୍ଦ ଶଯ୍ୟା ତ୍ୟାଗ କଲେ। ମୁହଁ ଧୋଇ ପାଣି ପିଇଲେ ଏବଂ ଦର୍ଜା ପାଖକୁ ଆସି ପବନ ଓ ବର୍ଷାର ବେଗକୁ ଲକ୍ଷ୍ୟକଲେ।

'ଆଜି ଝଡ ବର୍ଷାର ସୂଚନା ଦିଆଯାଇଛି। ଟି.ଭି. ଖବରରୁ ଜଣା ପଡିଛି।' ଏତକ



Digitized by PPRACHIN, SOA

କହି ସ୍ନେହଶୀଳା ଆନନ୍ଦଙ୍କ ମୁହଁକୁ ଚାହିଁ ରହିଲା।

ଆନନ୍ଦ ନିର୍ଲିପ୍ତ ଭାବରେ କହିଲେ-ଆଜି ତାହେଲେ ମୋତେ ଏଇଠି ବିଶ୍ରାମ ନେବାକୁ ପଡିବ। ମା'ତୁମର ବାବୁ ତ କାହିଁ ଏଯାଏ ଆସି ନାହାନ୍ତି।

'ସେ ଭୁବନେଶ୍ୱର ଅଫିସ୍ କାମରେ ଯାଇଛନ୍ତି, ଆସନ୍ତା କାଲି ଆସିବେ'ସ୍ନେହଶୀଳା ଉତ୍ତର ଦେଲା।

ଆନନ୍ଦ ଦୀର୍ଘଶ୍ୱାସ ଛାଡିଲେ ନିର୍ଲିପ୍ତ ଚିତ୍ତରେ।

ସ୍ନେହଶୀଳାର ମୁହଁରେ ଧାରେ ହସ ଖେଳିଗଲା। ସ୍ନେହଶୀଳ ପଚାରିଲା-ଆଶ୍ରମରେ ଆଉ କିଏ ଅଛନ୍ତି ?

-କେହି ନାହାନ୍ତି, ଆନନ୍ଦ କହିଲେ।

-ମାନେ ! ଆପଣଙ୍କ ଅନୁପସ୍ଥିରେ ଆଶ୍ରମର ନୀତି କେମିତି ଚାଲେ ଯେ !

-ଆଶ୍ରମରେ ଠାକୁର ମୂର୍ତ୍ତି ନାହାନ୍ତି। ପୂଜାର୍ଚ୍ଚନା ତେଣୁ ନଥାଏ। ସଂଧ୍ୟାରେ ସଂଗୀତ ଚର୍ଚ୍ଚା ଯାହା ହୁଏ। ଯୋଗ ଶିକ୍ଷା ବି ଦିଆଯାଏ। ସକାଳୁ ତ ରୋଗୀ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଏ। ଆନନ୍ଦ ଥିଲେ, ଆଶ୍ରମରେ ଗହଳ ଚହଳ ଲାଗିଥାଏ। ଆନନ୍ଦ ନଥିଲେ ଦିନ ତମାମ ଶୂନ୍‌ଶାନ୍। ଶ୍ରଦ୍ଧାଳୁମାନେ ସଂଧ୍ୟାରେ ଆସି ସଂଗୀତ ଚର୍ଚ୍ଚା କରିଥାନ୍ତି। ସାଧାରଣ ଲୋକଙ୍କ ମନୋରଂଜନ ପାଇଁ ସଂଗୀତ ଚର୍ଚ୍ଚା, ପ୍ରକୃଷ୍ଟ ମାଧ୍ୟମ ଭାବରେ ଗ୍ରହଣ କରିଥାନ୍ତି ଲୋକମାନେ। ଆଶ୍ରମର ଚାବିଟିଏ ଜଣେ ଶ୍ରଦ୍ଧାଳୁଙ୍କ ପାଖରେ ରହିଥାଏ। ସେ ଏ ସବୁର ବୁଝା ସୁଝା କରନ୍ତି।

-ଚା'ଆଣୁଚି।

-ନାଁ ଦରକାର ନାହିଁ। ରାତ୍ରିରେ ଖାଦ୍ୟ ଗ୍ରହଣ କରେନାହିଁ। ସୂର୍ଯ୍ୟାସ୍ତ ପୂର୍ବରୁ ସାମାନ୍ୟ ଫଳାହାର କିବା ରୁଟି ପଟେ କି ମୁଠେ ଚୂଡା ଜଳଖିଆ ଭାବରେ ଗ୍ରହଣ କରିଥାଏ।

ଝଡର ବେଗ ବଢୁଥିଲା। ବର୍ଷା ତାଣ୍ଡବ ମୁଦ୍ରାରେ ନୃତ୍ୟ କରି ଚାଲିଥିଲା। ଗୋଟାଏ ରିମ୍ ଝିମ୍ ପରିବେଶର ମାଦକତା ପ୍ରସରି ଯାଉଥିଲା ଘର ସାରା। ଆନନ୍ଦ ଧ୍ୟାନରେ ବସିଗଲେ। ଆଖି ଆଉ ଖୋଲିଲାନି।

ବାହାରେ ଝଡର ଝଙ୍କାର। ଭିତରେ ନିରବତାର ମୌନ ଅଭିସାର।

କ'ଣ ସ୍ନେହଶୀଳା ଅଭିସାରିକା ?

ଗୋଟେ ଘଣ୍ଟା ପରେ ପ୍ରାୟ ପାଞ୍ଚଟା ବେଳକୁ ଆନନ୍ଦଙ୍କ ଧ୍ୟାନ ଭଗ୍ନ ହେଲା। ଆଖି ଖୋଲି ଦେଖିଲେ ସ୍ନେହଶୀଳା ଅପଲକ ନୟନରେ ଚାହିଁ ରହିଛି। ସ୍ନେହଶୀଳା ଆଖିର ଦର୍ଜା ବନ୍ଦ କରୁନାହିଁ। ତା ଆଖିର ନିଆଁ ହୁତୁହୁତୁ ହେଇ ଜଳୁଚି। ଆନନ୍ଦଙ୍କୁଗ୍ରାସ କରିବାପାଇଁ



Digitized by PPRACHIN, SOA

ତୁହାକୁ ତୁହା ମାଡି ଆସୁଛି ।

ଅଥଚ ଆନନ୍ଦ ସ୍ଥିର ଥିଲେ । ଆଖି ମୁଦି ଦେଲେ । ସ୍ନେହଶୀଳା ତଡିତ୍ ବେଗରେ ସେଠୁ ଚାଲିଗଲା । ମୁହୂର୍ତ୍ତକ ମଧ୍ୟରେ ଦୁଇଟି ସେଓ ଓ ଗ୍ଲାସେ କ୍ଷୀର ଆଣି ଆନନ୍ଦଙ୍କ ପାଖରେ ରଖିଲା । କାକୁସ୍ଥ ହୋଇ ଠିଆହେଲା ।

ଆଶୀର୍ବାଦ ଭିକ୍ଷାର ନମନୀୟ ମୁଦ୍ରା ସ୍ନେହଶୀଳାର ଶରୀର ମନକୁ ଆଚ୍ଛନ୍ନ କରିଥିଲା ଯେପରି ।

ସବୁ ନିରୀକ୍ଷଣ କରୁଥିଲେ ଆନନ୍ଦ । ସ୍ନେହଶୀଳାଙ୍କର କି ଆତିଥ୍ୟ ସତରେ ! ବ୍ରହ୍ମର୍ଷି ଦୁର୍ବାସାଙ୍କୁ ରୂପସୀ, ଲାବଣ୍ୟମୟୀ ଅନୁଢ଼ା କୁନ୍ତୀ କରିଥିବା ପରିଚର୍ଯ୍ୟା ଠୁଁ କମ ନୁହେଁ କଦାପି ।

ଆନନ୍ଦ ପ୍ରଶସ୍ତ କୋଠରିଟିରେ କିଛି ସମୟ ପଦାଚାରଣ କଲେ । ତା'ପରେ ପାଞ୍ଚମିନିଟ୍ ସ୍ଥିର ହୋଇ ମୁଦ୍ରିତ ଚକ୍ଷୁରେ ବସିରହିଲେ ଓ ଆଖି ଖୋଲିଲେ । ପୁଣି ଧ୍ୟାନରେ ବସିଲେ ବହୁ ସମୟ ଧରି ।

ବର୍ଷାର ନୃତ୍ୟ ଥମି ଆସୁଥିଲା । ପବନର ଗତି କିନ୍ତୁ ସେମିତି ଥିଲା । ସ୍ନେହଶୀଳା ନିଜର କାମ ଭିତରେ ଆନନ୍ଦଙ୍କ ଗତିବିଧିର ଶୃଙ୍ଖଳା ଲକ୍ଷ୍ୟ କରୁଥିଲା ।

ଆନନ୍ଦ ଶଯ୍ୟା ଗ୍ରହଣ କଲେ । ସ୍ନେହଶୀଳା କୋଠରିର ଆଲୋକ ନିଭେଇ ଦେଇ ନୀଳ ରଂଗର ନିସ୍ତେଜ ଆଲୋକଟିଏ ଜଳେଇ ଦେଲା ଏବଂ ଆନନ୍ଦଙ୍କ ପଦ ସେବା କରିବା ପାଇଁ ନିବେଦନ କଲା ।

ଆନନ୍ଦ ଧିର ନମ୍ର ସ୍ୱରରେ କହିଲେ- ମା'ମୁଁ ବହୁତ ଖୁସି ତୁମର ଆତିଥ୍ୟରେ । ଏ ଅକିଞ୍ଚନର ତୁମେ ଯେତିକି ସେବା କରିଛ ଭୁଲି ପାରିବିନି । କ'ଣ ବା ତୁମକୁ ପ୍ରତିଦାନରେ ଦେଇପାରିବି ! ମୁଁ ତ ସହଜେ ଯୋଗଭ୍ୟାସ କରେ । ଶରୀରର ପୀଡା, କ୍ଲାନ୍ତି ମୋତେ ବାଧେନି । ତେଣୁ କିଛି ସେବା ଦରକାର ନାହିଁ ।

'ନାଁ ! ଆପଣ ମନା କରନ୍ତୁ ନାହିଁ । ମୁଁ ଏ ମହାନ୍ ସୁଯୋଗ ଛାଡିବି ନାହିଁ, ଏତକ କହି ସ୍ନେହଶୀଳା ଆନନ୍ଦଙ୍କ ପାଦସ୍ପର୍ଶ କଲା ।

କି ବଳିଷ୍ଠ ସୁଗଠିତ ବଳା, ଜାନୁ, ପିଚା ଓ ପିଠିର ମାଂସ ପେଶୀ । ଅଜାନୁ ଲମ୍ବିତ ବଳିଷ୍ଠ ମାଂସଳ ବାହୁ ଯୁଗଳ । ମଉଳା ଚନ୍ଦନର ମିଠା ବାସ୍ନା ସାଙ୍ଗକୁ କାଖ ତଳର ଝାଳ ଗନ୍ଧ । ଆଃ ! ସ୍ନେହଶୀଳାର ସମଗ୍ର ଶରୀର ଶିହରିକ ହୋଇ ଯାଉଛି । ଆନନ୍ଦଙ୍କ ଅର୍ଦ୍ଧ ମୁଦ୍ରିତ ନୟନରେ ଓ ପୁଲକିତ ତନୁରେ ବେପଥୁ ବିମଥିତ । ଲହୁଣି ପରି କଅଁଳ ହାତର ମଧୁର ସ୍ପର୍ଶ, ଅପୂର୍ବ ତନୁଶ୍ରୀରୁ ଝରିପଡୁଥିବା ସ୍ନିଗ୍ଧ ଶୀତଳ ଗନ୍ଧ ଧିରେ ଧିରେ ଆଚ୍ଛନ୍ନ କରି ପକଉଛି ଆନନ୍ଦଙ୍କୁ ।



Digitized by PPRACHIN, SOA

ସ୍ନେହଶୀଳା ଢ଼ଳିପଡ଼ିଲେ ଆନନ୍ଦଙ୍କ ମସୃଣ ଛାତି ଉପରେ। ଆନନ୍ଦ ଉଠିପଡ଼ି ଟୋକିନେଲେ ସେହି ଲସ୍ୟାମୟୀ ମଧୁଛନ୍ଦା, ପ୍ରତିଗନ୍ଧା ମଦଳସାଙ୍କୁ। ଅଧର ମଧୁ ଆକଣ୍ଠ ପାନ କଲେ ଯୁଗ ଯୁଗର ତୃଷା ପ୍ରଶମନ କରିବାକୁ। ଆନନ୍ଦଙ୍କ ଥର ଥର ବାହୁ ଯୁଗଳକୁ ଯାବୁଡ଼ି ଧରିଲା ସ୍ନେହଶୀଳା ସମର୍ପିତ ମୁଦ୍ରାରେ।

ପୁଣି ବର୍ଷାର ବେଗ ବଢ଼ିଚାଲିଥିଲା। ପବନ ଥମି ଯାଇଥିଲା। ଆନନ୍ଦଙ୍କ ପ୍ରାଣରୁ ଆନନ୍ଦର ବର୍ଷା ଝରି ପଡୁଥିଲା ସ୍ନେହଶୀଳାର ମନ ପ୍ରାଣ ଶରୀରର ମହମ ଉପତ୍ୟକାରେ। ଆଃ ଯେପରି ନିସ୍ତରିଲି ନିସ୍ତରିଲି କହି ସ୍ନେହଶୀଳା ଆଖି ବୁଜି ଦେଲା। କି ପରମ ତୃପ୍ତି! କି ମଧୁର ଶାନ୍ତି! କି ମଧୁର ମୋକ୍ଷ!

ସ୍ନେହଶୀଳାଙ୍କ ଆଲୁଳାୟିତ କୁନ୍ତଳକୁ ସଜାଡ଼ି ଦେଲେ ଆନନ୍ଦ। ସଜାଡ଼ି ଦେଲେ କେଶ, ବାସ! କୋମଳ ସ୍ପର୍ଶରେ ମୁଣ୍ଡ ଆଉଁସି ଦେଲେ। ସ୍ନେହଶୀଳା ଶୋଇ ଯାଆନ୍ତୁ ଶାନ୍ତିରେ। ଆଃ ସ୍ନେହଶୀଳା!

ବ୍ରାହ୍ମ ମୁହୂର୍ତ୍ତରୁ ଉଠି ଆନନ୍ଦ ନିତ୍ୟକର୍ମମାନ ଶେଷକଲେ। ଯୋଗମୁଦ୍ରାରେ ଉପବେଶନ କଲେ। ଓଁକାର ଧ୍ୱନିରେ ନିଦ ଭାଙ୍ଗିଗଲା ସ୍ନେହଶୀଳାଙ୍କର। ଆନନ୍ଦଙ୍କ ଶଯ୍ୟାରେ ନିଜକୁ ଆବିଷ୍କାର କରି ପ୍ରଥମେ ଆଶ୍ଚର୍ଯ୍ୟ ଚକିତ ହେଇଗଲା। ଆସ୍ତେ ଆସ୍ତେ ସଂବିତ୍ ଫେରି ଆସିଲା ତାଙ୍କର। ଲଜ୍ଜାରେ ମୁଖ ମଣ୍ଡଳ ଆରକ୍ତ ହେଇଗଲା। ମୁଣ୍ଡରେ ସରୁ ଓଢ଼ଣାଟେ ଟାଣି ଆନନ୍ଦଙ୍କୁ ପ୍ରଣିପାତ କଲା।

ଆନନ୍ଦ ନିର୍ଲିପ୍ତ ଚିତ୍ତରେ ଅଭୟ ମୁଦ୍ରାରେ ଆଶୀର୍ବାଦ କଲେ- ତୁମର ମନର ବାସନା ପୂର୍ଣ୍ଣ ହେଇଚି ସ୍ନେହଶୀଳା! ଏଥର ଖୁସିରେ ରୁହ। ତୁମେ କେବେ ପ୍ରକାଶଙ୍କୁ ଧରି ଆଶ୍ରମ ଆଡେ ଆସ। ସେଠିକି ଗଲେ ସବୁ ବୁଝି ପାରିବ।

ସକାଳୁ ସକାଳୁ ଆନନ୍ଦ ବିଦାୟ ନେଲେ। ଆକାଶ୍ ବେଶ୍ ପରିଚ୍ଛନ୍ନ ହେଇଯାଇଥିଲା। ସୂର୍ଯ୍ୟ କିରଣ ବିଛି ହେଇଯାଇଥିଲା ଚତୁର୍ଦ୍ଦିଗରେ। ଆନନ୍ଦଙ୍କ ବିଦାୟ ବେଳର ଚେହେରାରେ ଗତକାଲିର ଦୀପ୍ତି ସାମାନ୍ୟ ମହଳଣ ହେଇନଥିଲା। ସେ ଆହୁରି ସ୍ୱଚ୍ଛ ନିର୍ବିକାର ଲାଗୁଥିଲେ। ମୁହଁର ହସ ଆହୁରି ମାଧୁର୍ଯ୍ୟମୟ ଲାଗୁଥିଲା।

ଅଥଚ ସ୍ନେହଶୀଳା! ସଦ୍ୟ ପ୍ରସ୍ଫୁଟିତ ଫୁଲପରି ବେଶ୍ ସତେଜ ଓ ଉଜ୍ଜ୍ୱଳ ଦିଶୁଥିଲେ। ତା'ର ମନେ ହେଉଥିଲା, ଆନନ୍ଦ ଯେପରି ତା ଭିତରେ ରହିଯାଇଛନ୍ତି। ଓଃ ଆନନ୍ଦ!

ଆନନ୍ଦଙ୍କ ଚଲାପଥକୁ ଚାହିଁ ଚାହିଁ ସେ ଦ୍ୱାର ବନ୍ଦ କରି ଭିତରକୁ ଆସିଲା। ସକାଳର ନିତ୍ୟକର୍ମ ସ୍ୱାଭାବିକ ଭାବରେ ସାରିଲା। ପ୍ରକାଶଙ୍କ ଠୁଁ ଫୋନ୍‌ରେ ଜାଣିଲା ସେ ଦି'ଟା ସୁଦ୍ଧା ପହଞ୍ଚିବେ ବୋଲି।



Digitized by PPRACHIN, SOA

ପ୍ରକାଶ ଠିକ୍ ସମୟରେ ଆସି ପହଞ୍ଚିଲେ। ଚଳ ଚଞ୍ଚଳ ସ୍ନେହଶୀଳା ଆଜି କାହିଁ ତାଙ୍କୁ ଖୁବ୍ ଶାନ୍ତ, ଧିର ସ୍ଥିର ଲାଗୁଥିଲେ। ଗଙ୍ଗାଜଳରେ ସଦ୍ୟ ସ୍ନାନ ସାରି ଆସିଥିବାର ମନେ ହେଉଥିଲା। ବେଶ୍ ପବିତ୍ର ଲାଗୁଥିଲା ତାଙ୍କର ଶ୍ୱେତ ଶୁଭ୍ର ଶରୀର। ଠିକ୍ ଦେବୀ ପ୍ରତିମାଟିଏ ପରି।

ସ୍ନେହଶୀଳାଙ୍କ ହାତର ରାନ୍ଧଣା ଆଜି ବେଶ୍ ସୁଆଦିଆ ଲଗୁଥିଲା। ସୁଆଦିଆ ଲାଗୁଥିଲା ତାଙ୍କର ମଧୁକ୍ଷରା କଥା। ପରମ ତୃପ୍ତିରେ ଖାଇସାରି ସେ ସ୍ନେହାଶୀଳାଙ୍କ ଅଧରରେ ଚୁମ୍ବନର ମୁଦ୍ରା ଆଙ୍କିଗଲେ।

ସବୁଦିନ ପରି ସଂଧ୍ୟାରେ ଅଫିସରୁ ଫେରିଲେ ପ୍ରକାଶ। ସ୍ନେହଶୀଳାଙ୍କର ସବୁଠୁଁ ପ୍ରିୟ କ୍ରିମ୍ କେକ୍ ଆଣିଥିଲେ ତାଙ୍କପାଇଁ। ସୁଯୋଗ ଦେଖି ସ୍ନେହଶୀଳା ଭରପୁର ଆବେଗରେ ନିବେଦନ କଲା- ସନ୍ୟାସୀ ଆନନ୍ଦ ଗତକାଲି ଆସିଥିଲେ। ତୁମେ ତ ତାଙ୍କୁ ଜାଣିନ। ସେ ନିମନ୍ତ୍ରଣ କରିଛନ୍ତି ଦିନେ ତାଙ୍କ ଆଶ୍ରମକୁ ଯିବାପାଇଁ। ବେଶୀ ଦୂର ନୁହେଁ। ଏଠୁ ୬୦କି.ମି. ମାତ୍ର। ସକାଳୁ ଗଲେ ଦିନଟା ସେଠି କଟେଇ ରାତି ସୁଦ୍ଧା ଫେରି ଆସନ୍ତେ। କ'ଣ କହୁଚ ?

ପ୍ରକାଶ ଏକାଥରେ ରାଜି ହୋଇଗଲେ ଏବଂ କହିଲେ ଆଗାମୀ ରବିବାର ସକାଳୁ ସକାଳୁ ଯିବା।

ସ୍ନେହଶୀଳା ଆନନ୍ଦରେ ବିଭୋର ହୋଇ ଉଠିଲା ଓ ପ୍ରକାଶଙ୍କୁ ଅହେତୁକ ଭାବରେ କୁଣ୍ଢାଇ ଧରିଲା।

ରବିବାର ଦିନ ସକାଳ ସାତଟା ସୁଦ୍ଧା ମାରୁତି କାର୍‌ଟେ ଲାଗିଲା 'ଆନନ୍ଦ ଧାମ' ଆଶ୍ରମରେ। ଜାତୀୟ ରାଜପଥ ୫-ଏରେ ୫୦କି.ମି ଗଲାପରେ ଭିତରକୁ ୬/୭କି.ମି ପରେ ଏହି ଆଶ୍ରମ। ଏମାନେ ପହଞ୍ଚିବା ବେଳକୁ ଆନନ୍ଦ ସ୍ଥାନୀୟ ଲୋକଙ୍କୁ ଯୋଗ ଶିକ୍ଷା ଦେଉଥିଲେ। କିଛି ବୟସ୍କ ପୁରୁଷ, ସ୍ତ୍ରୀ ଏବଂ ପୁଅ ଝିଅ ଶିକ୍ଷା ଗ୍ରହଣ କରୁଥିଲେ। ଆନନ୍ଦ ଏମାନଙ୍କୁ ଦେଖି ତାଙ୍କ ଆସନ ପାଖରେ ବସିବାକୁ ଇଙ୍ଗିତ କଲେ। ଯୋଗ ଶେଷର କେହି କେହି ନିଜର ରୋଗ ବ୍ୟାଧି ସଂପର୍କରେ ଆନନ୍ଦଙ୍କ ପରାମର୍ଶ ଲୋଡ଼ିଲେ। ଆନନ୍ଦ କାହାକୁ ଆୟୁର୍ବେଦୀୟ ତା' କାହାକୁ ପ୍ରାକୃତିକ ଚିକିତ୍ସାର ପରାମର୍ଶ ଦେଲେ। ସମସ୍ତେ ଯଥାରୀତି ପ୍ରଣିପାତ ପୂର୍ବକ ଆନନ୍ଦଙ୍କଠୁ ବିଦାୟ ନେଲେ। କେବଳ ଦୁଇଜଣ ସହଯୋଗୀ ତାଙ୍କ ସହିତ ରହିଲେ।

ଆଶ୍ରମ କହିଲେ ସ୍କୁଲ ଘର ପରି ଲମ୍ବା ଚାଳ ଘରଟିଏ। ପ୍ରଶସ୍ତ ବାରଣ୍ଡା। ବେଶ୍ ପରିଚ୍ଛନ୍ନ। ଆଗରେ ଧାଡି ଧାଡି ହେଇ ଫୁଲଗଛ। ଆଶ୍ରମର ଚାରିପଟରେ ବିଭିନ୍ନ ଫଳ ଓ ଔଷଧିୟ ଗଛ ଶାନ୍ତିକୁଞ୍ଜ ପରି ଲାଗୁଛି। ଶାନ୍ତ ଶୀତଳ ପରିବେଶ। ପାଖକୁ ଲାଗି ଛୋଟ



Digitized by PPRACHIN, SOA

ରୋଷ ଘରଟିଏ। ଆନନ୍ଦ ଆଶ୍ରମରେ ଥିବାବେଳେ ମଧ୍ୟାହ୍ନରେ ଯାହା ରୋଷେଇ ହୁଏ। ଅତିଥି ଅଭ୍ୟାଗତ ଆସିଲେ, ଆଶ୍ରମରେ ଭୋଜନ କରି ବିଶ୍ରାମ ନିଅନ୍ତି।

ଆନନ୍ଦଙ୍କ ପ୍ରଶାନ୍ତ ମୁଖ ମଣ୍ଡଳ, କାନ୍ତିମୟ ବ୍ୟକ୍ତିତ୍ୱ ପ୍ରକାଶଙ୍କୁ ବେଶ୍ ପ୍ରଭାବିତ୍ କରୁଥାଏ। ଆନନ୍ଦ ବେଶ୍ ହସ ଖୁସିରେ ଦୁଇଜଣଙ୍କୁ ଆଦର ଅଭ୍ୟର୍ଥନା କଲେ। ସହଯୋଗୀ ଜଣଙ୍କ କିଛି ମିଠା ପିଚ୍ଛୁଳି, ସେପଟା, କାକୁଡି ତିନୋଟି ପ୍ଲେଟରେ ଆଣି ସ୍ନେହଶୀଳା, ପ୍ରକାଶ ଓ ଆନନ୍ଦଙ୍କ ପାଖରେ ରଖିଲେ। ଫଳାହାର କରୁ କରୁ ଆନନ୍ଦ ପ୍ରଶ୍ନକଲେ-ଆଶ୍ରମ କେମିତି ଲାଗୁଚି ?

ପ୍ରକାଶ ଆନନ୍ଦଙ୍କୁ ବିସ୍ମୟ ଭରା ସ୍ୱରରେ ପଚାରିଲେ-ଆପଣଙ୍କ ଆଶ୍ରମରେ କୌଣସି ଦେବ ଦେବୀ ନାହାନ୍ତି କାହିଁକି ? ଏଠି କ'ଣ କିଛି ପୂଜାର୍ଚ୍ଚନା ହୁଏନି ?

ଆନନ୍ଦ ହସି ହସି କହିଲେ- ଦେବ ଦେବୀ ଏଇ ପାଖ ଗାଁ ମନ୍ଦିରରେ ଅଛନ୍ତି। ଦେଶ ସାରା ମଠ ମନ୍ଦିରେ ଭର୍ତ୍ତି ହେଇଛନ୍ତି। ତାଙ୍କର ସେବା ପୂଜା ରକ୍ଷଣା ବେକ୍ଷଣ, ମନ୍ଦିର ନିର୍ମାଣ ଆଦିରେ ବହୁ ସମୟ ଅପଚୟ ଓ ଅର୍ଥ ଅପଚୟ ହେଉଛି ! ସେ କାମରେ ବହୁତ ଲୋକ ନିୟୋଜିତ ହେଇଛନ୍ତି। ଆନନ୍ଦ ସେଥିରେ ନାହିଁ। ଯେଉଁଥିରେ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ମଙ୍ଗଳ ହେବ, ଆନନ୍ଦ ସେହିପରି କିଛି କାମ କରୁଛି। ନାଁ କ'ଣ କହୁଚ ବାବା !

ପ୍ରକାଶ ତାରିଫ୍ କରି କହିଲେ-ଆପଣତ ସବୁଠୁଁ ନିଆରା।

ଆନନ୍ଦ କହି ଚାଲିଲେ-ଆହୁରି ଅନେକ ଭଲକାମ ଅଛି କରିବାକୁ। ସବୁତ ଏକାବେଳେ କରିହେବନି କି ଜଣେ ସବୁକାମ ମଧ କରିପାରିବନି। ଯାହା କିଛି ଜରୁରୀ ଏବଂ ସହଜସାଧ, ସେପରି କିଛି ଭଲକାମ ଆମେ ହାତକୁ ନେବା ଦରକାର କି ନାହିଁ !

ପ୍ରକାଶ ଆନନ୍ଦଙ୍କୁ ଚାହିଁ ରହିଥିଲେ ଖୁସିରେ ଗଦ୍ ଗଦ୍ ହେଇ। ସ୍ନେହଶୀଳା ପ୍ରକାଶଙ୍କ ସମସ୍ୟା ସଂଭ୍ରମରେ ସୂଚେଇଦେଲା ଆନନ୍ଦଙ୍କୁ ଏବଂ ଆନନ୍ଦ ପ୍ରକାଶଙ୍କ ଠାରୁ ସମସ୍ତ କଥା ବୁଝି ଆୟୁର୍ବେଦୀୟ ଓ ପ୍ରାକୃତିକ ଚିକିତ୍ସାର ପରାମର୍ଶ ଦେଲେ ତାଙ୍କୁ।

ମଧ୍ୟାହ୍ନ ଭୋଜନ ସମୟ ହେଇଯାଇଥିଲା। ସହକାରୀ ଜଣକ ପତ୍ର ପକାଇଲେ। ଆଉଜଣେ ଖାଦ୍ୟ ଆଣି ପରଶିଲେ। ତୃପ୍ତିକର ଭୋଜନ ସାରି ଉଭୟ ଆନନ୍ଦଙ୍କ ଆଶୀର୍ବାଦ ଭିକ୍ଷାକରି ଉଠିଲେ ବିଦାୟ ନେବାକୁ। ଆନନ୍ଦ ନିମନ୍ତ୍ରଣ ରଖିଲେ, ମଝିରେ ମଝିରେ ବୁଲି ଆସିବାକୁ ଓ ତାଙ୍କ ସହିତ ନିଜର ସୁଖ ଦୁଃଖ ବାଣ୍ଟିବାକୁ।

ମାସକ ପରେ ପ୍ରକାଶ ଜାଣିଲେ ସ୍ନେହଶୀଳା ମା ହେବାକୁ ଯାଉଛନ୍ତି। ଆନନ୍ଦରେ ନାଚିଗଲେ ପ୍ରକାଶ ଓ ଧନ୍ୟବାଦ ଦେଲେ ବାବା ଆନନ୍ଦଙ୍କୁ ସେ ଦେଇଥିବା ପରାମର୍ଶ ଓ ଚିକିତ୍ସା ପାଇଁ। ସ୍ନେହଶୀଳା ଖାଲି ଯାହା ହସୁଥିଲେ।



Digitized by PPRACHIN, SOA

ପ୍ରତିମାସରେ ଗୋଟିଏ ସପ୍ତାହ ବାବା ଆନନ୍ଦ ଭିକ୍ଷା ଉଦ୍ଦେଶ୍ୟରେ ପାରାଦୀପ ଏବଂ ସମସ୍ତ ଆଖପାଖରେ ସହର ଓ ଗାଁ ମାନଙ୍କୁ ଯାଉଥିଲେ। ଏଥର ସେ ଆଉ ପାରାଦୀପ ଯିବାର ଦେଖିବାକୁ ମିଳିଲାନି। ସ୍ନେହଶୀଳା ଓ ପ୍ରକାଶ ଅପେକ୍ଷା କରି ଆଉ ବାବାଙ୍କ ସାକ୍ଷାତ ଲାଭକରି ପାରିଲେନି। ଦୁଇ ତିନିମାସ ପରେ ଦିନେ ରବିବାର ସ୍ନେହଶୀଳା ପ୍ରକାଶ ଆସି ଆନନ୍ଦ ଧାମ ଆଶ୍ରମରେ ପହଞ୍ଚିଲେ। ବାବା ହସ ହସ ମୁଖରେ ସେମାନଙ୍କୁ ସ୍ୱାଗତ ଜଣେଇଲେ। ସ୍ନେହଶୀଳା ମା'ହେବାକୁ ଯାଉଛନ୍ତି ବୋଲି ପ୍ରକାଶ ଜଣେଇଲେ ବାବାଙ୍କୁ। ବାବା ଶୁଭକାମନା କରିବା ସହିତ ଖାଦ୍ୟପେୟର ଶୃଙ୍ଖଳା ଏବଂ କେତେକ ପ୍ରାକୃତିକ ଚିକିତ୍ସାର ବିଧି ବତେଇଦେଲେ।

ଭିକ୍ଷାପାଇଁ ପାରାଦୀପ ନଯିବାର କାରଣ ବିଷୟ ପଚାରିବାରୁ ବାବା ଜଣେଇଲେ, ସେ ଦୂର ସ୍ଥାନକୁ ଆଉ ଭିକ୍ଷା କରି ଯାଉ ନାହାନ୍ତି। ଏ କଥାର ରହସ୍ୟ ବିକାଶଙ୍କ ପାଇଁ ଅବୋଧ ହେଲେ ମଧ ସ୍ନେହଶୀଳା ଠିକ୍ ବୁଝିପାରିଥିଲେ ଏବଂ ନିଜ ଭିତରେ ଆନନ୍ଦଙ୍କୁ ତୀବ୍ର ଭାବରେ ଅନୁଭବ କରୁଥିବାର ସୂଚନା ସେ ତାଙ୍କୁ ଇଙ୍ଗିତରେ ଜଣେଇଦେଲେ। ସ୍ନେହଶୀଳାଙ୍କୁ ଆଶ୍ରମରେ ପାଇ ଆନନ୍ଦ ଧନ୍ୟ ହେଇଯାଉଥିଲେ ଏବଂ ନିଜର ଅଭ୍ୟନ୍ତରରେ କେଉଁଠି ସ୍ନେହଶୀଳା ଲୁଚି ରହିଛନ୍ତି ତାହା ସେ ଠାବ କାରିପାରୁନଥିଲେ ଅଥଚ ଗୋଟେ କୃଷ୍ଣସାର ପରି ନିଜ ଚାରିପଟରେ ଘୁରି ବୁଲୁଥିଲେ।

ମଧାହ୍ନ ପ୍ରସାଦ ସେବନ କରି ପ୍ରକାଶ ଓ ସ୍ନେହଶୀଳା ଖୁସିରେ ଗଦ୍ ଗଦ୍ ହେଇ ବାବା ଆନନ୍ଦଙ୍କଠୁ ବିଦାୟ ନେଇଥିଲେ ସେଦିନ।

ବାବା ଆଉ ପାରାଦୀପ ଫେରି ନଥିଲେ। ଯଥା ସମୟରେ ସ୍ନେହଶୀଳା ପୁତ୍ର ସନ୍ତାନଟିଏ ଜନ୍ମଦେଲା। ପଦ୍ମ ପାଖୁଡା ପରି ଦୁଇଟି ଢ଼ଳ ଢ଼ଳ ଆଖି, ଲମ୍ବା ନାକ, କାନ, ହାତ ଓ ଗୋଡ। ଠିକ୍ ଆନନ୍ଦଙ୍କ ପରି ବିରଳ ଓ ଜ୍ୟୋତିଷ୍ମାନ। ଯଦିଓ ମୋଟାମୋଟି ଭାବରେ ପିଲାଟି ବାପା ପ୍ରକାଶଙ୍କ ପରି ଦିଶୁଥିବାର ଯେ କେହି କହିପାରେ। କିନ୍ତୁ ନିରିଖେଇ ଦେଖିଲେ ସେ ଥିଲା ସଂପୂର୍ଣ୍ଣ ଭିନ୍ନ, ଏକଥା ହିଁ କେବଳ ସ୍ନେହଶୀଳା ଜାଣେ।

ସ୍ନେହଶୀଳାଙ୍କ ଶାଶୁ ଶ୍ୱଶୁର ନଣନ୍ଦଙ୍କ ଗହଳ ଚହଳ ଲାଗିଗଲା ପ୍ରକାଶଙ୍କ ସରକାରୀ ବାସଭବନରେ। ଶାଶୁ କହିଲେ-ଛୁଆଟା ଅବିକଳ ଆମ ପ୍ରକାଶ ପରିକା। ଶ୍ୱଶୁର କହିଲେ-ଠିକ୍ ସେଇଆ ଲାଗୁଛି। ନଣନ୍ଦ କହିଲେ- ନାଃ ନାଃ ଶିଶୁ କୃଷ୍ଣଙ୍କ ପରି ସୁନ୍ଦର ସୁଢ଼ଳ ଚେହେରା ! ଶେଷରେ ହସି ହସି ସ୍ନେହଶୀଳା କହିଲେ-ନାଃ, କାହା ପରିକା ନୁହେଁ। ସେ ନିଜ ପରିକା !

ସମସ୍ତେ ହସି ଉଠିଲେ ସ୍ନେହଶୀଳାର ମନ୍ତବ୍ୟରେ। ସ୍ନେହଶୀଳା ବେଶ୍ ଖୁସିଥିଲା। ଖୁସିଥିଲେ ବି ପ୍ରକାଶ। 'ଆନନ୍ଦଧାମ' ଆଶ୍ରମରୁ ଫେରିବାର ମାସକ ଭିତରେ ସତକୁ ସତ



Digitized by PPRACHIN, SOA

ପ୍ରକାଶ ନିଜର ସାମର୍ଥ୍ୟ ଧିରେ ଧିରେ ହାସଲ କରିପାରିଥିଲେ ଏବଂ ସନ୍ତାନଟିଏ ଆସିବା ପରେ ବେଶ୍ ଆସ୍ଥା ସ୍ଥାପନ କରିଥିଲେ ନିଜ ଉପରେ। ଏତେଦିନ ଘରଟା ପୂରିଲା ଭଳି ଲାଗୁଥିଲା। ଅଥଚ ଭିତରେ ଭିତରେ ପରିବାର ପାଇଁ ଗୋଟାଏ ଶୂନ୍ୟସ୍ଥାନ ଯେପରି ରହିଯାଉଥିଲା ବାବା ଆନନ୍ଦଙ୍କ ପାଇଁ। ଆନନ୍ଦଙ୍କ ସହିତ ଘନିଷ୍ଠ ହେବାପରେ ସେ ଥରୁଟିଏ ହେଲେ ତାଙ୍କ ଘରକୁ ଆସିନାହାନ୍ତି। ଏକଥା ସ୍ୱାମୀ ପ୍ରକାଶ ଯେତିକି ଅନୁଭବ କରଥିଲେ, ତାଠୁ ଢ଼େର ତୀବ୍ର ଭାବରେ ଅନୁଭବ କରୁଥିଲା ସ୍ନେହଶୀଳା।

ଏକୋଇଶିଆ ଏବଂ ନାମକରଣ ଉତ୍ସବକୁ ବାବା ଆନନ୍ଦଙ୍କୁ ନିମନ୍ତ୍ରଣ କରିବା କଥା ଉଭୟ ସ୍ୱାମୀ ସ୍ତ୍ରୀ ପ୍ରଥମ କାର୍ଯ୍ୟକ୍ରମ ଭାବରେ ବିଚାର ଆଲୋଚନା କଲେ। ସ୍ଥିର ହେଲା ତାଙ୍କୁ ନିମନ୍ତ୍ରଣ କରିବାକୁ ନିଜେ ଯିବେ ପ୍ରକାଶ। ପାଞ୍ଚଦିନ ପୂର୍ବରୁ ପ୍ରକାଶ ଆଶ୍ରମରେ ପହଞ୍ଚି ଯାହା ଦେଖିଲେ ସେଥିରେ ହତବାକ୍ ହେଇଗଲେ। ତାଙ୍କର ସହଯୋଗୀ ବିଶ୍ୱମୋହନ ଶିକ୍ଷାର୍ଥୀ ମାନଙ୍କୁ ସକାଳୁ ଯୋଗଶିକ୍ଷା ଦେଉଥିଲେ। ପ୍ରକାଶଙ୍କୁ ଦେଖି ସାଦର ଅଭ୍ୟର୍ଥନା ଜଣାଇଲେ। ଯୋଗଶିକ୍ଷା ସମାପ୍ତ ହେବାପରେ ଆବଶ୍ୟକ ମୁତାବକ ସ୍ୱାସ୍ଥ୍ୟ ଓ ରୋଗ ସଂପର୍କୀୟ ପ୍ରାକୃତିକ ଚିକିତ୍ସା, ଯୋଗ ପ୍ରୟୋଗ ଏବଂ ସ୍ଥଳ ବିଶେଷରେ ଆୟୁର୍ବେଦୀୟ ଚିକିତ୍ସାର ପରାମର୍ଶ ଦେଉଥାନ୍ତି ଆର୍ତ୍ତମାନଙ୍କୁ। ସବୁ ବାବା ଆନନ୍ଦଙ୍କ ଶୃଙ୍ଖଳାରେ ଚାଲିଥାଏ। ମନେହୁଏ ବାବାଙ୍କ ଯୋଗ୍ୟ ଦାୟାଦ ଯେପରି ତିଆରି ହେଇ ଯାଇଛନ୍ତି ଯାରି ଭିତରେ।

ପ୍ରକାଶ ଏଥର ଆହୁରି ଅଭିଭୂତ ହୋଇପଡିଲେ ଏବଂ ବାବା ଆନନ୍ଦଙ୍କ ଅନୁପସ୍ଥିତି ସଂପର୍କରେ ଜାଣିବାକୁ ଚାହିଁଲେ। ବିଶ୍ୱମୋହନ ଧିର ଅଥଚ ଶାନ୍ତ ଭାବରେ ବ୍ୟକ୍ତକଲେ- ବାବା ଆନନ୍ଦ ଆଜକୁ ସାତ ଦିନ ହେବ ପରିଭ୍ରମଣରେ ଯାଇଛନ୍ତି। ବୋଧହୁଏ ସେ ଆଉ ଫେରିବେନି। ସେ ଜାଣନ୍ତି ଆପଣ ଏଠିକି ଆସିବେ। ତେଣୁ ଆପଣଙ୍କୁ ଜଣେଇବାକୁ କହିଛନ୍ତି ଯେ ଆପଣ ଏଇ ଆଶ୍ରମ ସହିତ ସଂପର୍କ ରକ୍ଷାକରି ସହଯୋଗ କରିବେ।

ପ୍ରକାଶ ଜାଣିବାକୁ ଚାହିଁଲେ-ବାବା ଆନନ୍ଦ ଆଉ ଫେରିବେନି କହିଲେ ଯେ!

ବିଶ୍ୱମୋହନ ଉତ୍ତର ଦେଲେ- ଆନନ୍ଦ ସ୍ଥିର ଭାବରେ କୋଉଠି ରହନ୍ତି ନାହିଁ। ତିନି ଚାରିବର୍ଷରୁ ଅଧିକ ଦିନ କେଉଁଠି ରହିବାକୁ ତାଙ୍କୁ ଗୁରୁଙ୍କର ବାରଣ ଅଛି। ଯୋଗ, ପ୍ରାକୃତିକ ଚିକିତ୍ସା, ଔଷଧୀୟ ବୃକ୍ଷ ରୋପଣକରି ଗୋଟେ ନିରାମୟ, ସୁଖୀ ଓ ପ୍ରଦୂଷଣ ମୁକ୍ତ ପୃଥିବୀ ଗଠନ କରିବାର ଲକ୍ଷ୍ୟ ନେଇ ଆନନ୍ଦ ଓ ତାଙ୍କ ଗୁରୁ ଭାରତ ସାରା ଏହିପରି ଗୋଟିଏ ଗୋଟିଏ କେନ୍ଦ୍ର ସ୍ଥାପନ କରିବାରେ ଲାଗିଛନ୍ତି। ଏବେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ଆମର। ହୁଏତ ଏଣିକି ଆନନ୍ଦଙ୍କୁ ଏ ଦେଶର ଆଉ କୋଉ ସ୍ଥାନରେ ଦେଖିବାକୁ ମିଳିବ।

ବିଶ୍ୱମୋହନଙ୍କ ଅନୁରୋଧରେ ପ୍ରକାଶ ଆଶ୍ରମରେ ମଧ୍ୟାହ୍ନ ପ୍ରସାଦ ସେବନ କରି ବିଦାୟ ନେଲେ। ତାଙ୍କ ମନରେ ଗୋଟେ ବିରାଟ ଶୂନ୍ୟତା ଯେପରି ପ୍ରସରି ଯିବାକୁ ଲାଗିଲା।



Digitized by PPRACHIN, SOA

ଏହି ସମ୍ବାଦ ସ୍ନେହଶୀଳାର ପାଖରେ ପହଞ୍ଚିବା କ୍ଷଣି ତା' ଆଖି ଲୁହରେ ଭିଜିଗଲା। ସେ ଭାବିବାକୁ ଲାଗିଲା-ବାବା ଆନନ୍ଦ ତାକୁ ଯେପରି ଅନାଥକରି ଚାଲିଗଲେ। ସେହିଁ ତ ତାଙ୍କ ହୃଦୟରେ ଆଶାର ଗୋଟେ ବରଗଛ ପାଲଟି ଯାଇଥିଲେ। ସେଇ ଗଛର ଛାଇତଳେ ତାଙ୍କର ଛୋଟିଆ ସଂସାରଟା ହସି ଖେଳିବାକୁ ଆରମ୍ଭ କରିଥିଲା। ତାଙ୍କର ଅବର୍ତ୍ତମାନରେ ଏମାନଙ୍କ ମାନସିକ ଅବସ୍ଥା କ'ଣ ଯେ ହେବ!

ନବଜାତକର ଏକୋଇଶା ଓ ନାମକରଣ ଉତ୍ସବ ଖୁବ୍ ନିରାଡମ୍ବର ଭାବରେ ପାଳିତ ହେଲା। ନାମକରଣ ସମୟରେ ପୂଜକ ପୁତ୍ରର ନାମକରଣ ପାଇଁ ପ୍ରକାଶଙ୍କୁ ପଚାରିଲେ। ପାଖରେ ଥିଲେ ବାପା, ବୋଉ, ଶଳା, ସ୍ତ୍ରୀ ସ୍ନେହଶୀଳା ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବ। ପ୍ରକାଶ ସ୍ନେହଶୀଳାଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ। ସ୍ନେହଶୀଳା ତତ୍କ୍ଷଣାତ୍ ଉତ୍ତର ଦେଲେ 'ଆନନ୍ଦ ପ୍ରକାଶ'।

ନାମଟିକୁ ପ୍ରକାଶ ଅନୁମୋଦନ କଲେ ଆନ୍ତରିକ ଭାବରେ। ଏହି ଆନନ୍ଦ ଦାୟକ ମୁହୂର୍ତ୍ତରେ ଅନ୍ୟମାନେ ନୀରବ ରହିଥିଲେ। ଅଥଚ ଖୁସିଥିଲେ।

ପୂଜକ ଏହି ନାମରେ ଅଭିମନ୍ତ୍ରିତ କଲେ ନବଜାତକକୁ। ପୂଜା ଶେଷ ହେଲା। ଭୁରି ଭୋଜନରେ ବନ୍ଧୁବାନ୍ଧବ ସମସ୍ତେ ଆପ୍ୟାୟିତ ହେଲେ।

ସମସ୍ତେ ବିଦାୟ ନେବାପରେ ପ୍ରକାଶଙ୍କ ଖୁସି ସହିତ ଅପେକ୍ଷାକୃତ ଗମ୍ଭୀରତା ମିଶି ରହିଥିଲା। ଅବଶିଷ୍ଟ ମୁହୂର୍ତ୍ତ ଗୁଡ଼ା ତାଙ୍କ ପାଇଁ କାହିଁକି କେଜାଣି ଅବସାଦ ଓ କ୍ଳାନ୍ତିକର ଲାଗୁଥିଲା।

ଶିଶୁପୁତ୍ର ଆନନ୍ଦ ପ୍ରକାଶ ବାପାଂକୁ ଚାହିଁ ରହି ରହି କାନ୍ଦୁଥିଲା। ସ୍ନେହଶୀଳା କଷ୍ଟେମଷ୍ଟେ ପିଲାଟିକୁ ବୋଧ କଲେ। ରାତ୍ରିର ପଣତ ଉହାଡରେ ବାବା ମା' ଓ କୁନିପୁଅ ନିର୍ଭୟରେ ନିଜକୁ ହଜେଇ ଦେଇଥିଲେ ସେଇ ରାତିରେ।

ସକାଳୁ ସକାଳୁ ଶାଶୁ, ଶ୍ୱଶୁର, ନଣନ୍ଦ, ଭାଇ ଓ ବନ୍ଧୁମାନେ ଯେଝା ବାଟରେ ବିଦାୟ ନେଲେ। ସେଦିନ ପ୍ରକାଶ ଛୁଟିରେ ରହିଥାନ୍ତି। ସମସ୍ତଙ୍କୁ ଯଥାରୀତି ବିଦାୟ ଦେଇ ପ୍ରକାଶ ଓ ସ୍ନେହଶୀଳା ବେଶ୍ ଆଶ୍ୱସ୍ତ ଅନୁଭବ କଲେ।

ଶିଶୁପୁତ୍ରର ମିଠା ମିଠା କୁଆଁ ରାବ ଓ ପରୀଟିଏ ପରି ଘର ସାରା ପ୍ରିୟତମା ସ୍ନେହଶୀଳାଙ୍କ ନସର ପସର ପରିବେଶକୁ ଅହେତୁକ ଭାବରେ ଆମୋଦିତ କରୁଥିଲା। ପ୍ରକାଶ ଆଜି ଅନୁଭବ କଲେ, ଯେପରି ପରିପୂର୍ଣ୍ଣ ଲାଗୁଥିଲା ତାଙ୍କର ସଂସାର। ଆଜି ନା କାମକୁ ଯିବାର ଉଦ୍‌ବେଗ ଅଛି, ନା ଉଦ୍‌ବେଗ ଅଛି ବନ୍ଧୁବାନ୍ଧବଙ୍କ ଝାମେଲାର। ଘରର ପ୍ରତ୍ୟେକ ଜାଗାରେ ସ୍ନେହଶୀଳା ପରି ରଂଗୀନ୍ ଚଢ଼େଇର ଖ୍ୱଚିର ମିଚିରି ରାଗିଣି ତ ଗୋଟେ ନବାଗତର ଓଁକାର ନିନାଦ। କି ମୁଗ୍ଧକର! ଆଃ ତାଙ୍କ ସଂସାରଟା କେଡେ ସୁନ୍ଦର ହେ!



Digitized by PPRACHIN, SOA

ପ୍ରକାଶଙ୍କର ଖୁସି ମିଜାଜ ଦେଖି ସ୍ନେହଶୀଳା ତାଙ୍କ କୋଳରେ ଲୋଟିଗଲେ ଗେହ୍ଲେଇ ହେଇ। ପ୍ରକାଶ ଭାବୁଥିଲେ ଏପରି ସୁଖ ସତରେ କାହା ଭାଗ୍ୟରେ ଥିବ!

ସ୍ନେହଶୀଳା ହଠାତ୍ ଉଠିପଡ଼ିଲେ । ପ୍ରକାଶଙ୍କୁ ଚାହିଁ କାକୁସ୍ଥ ହେଇ କହିଲେ, ମୋତେ କ୍ଷମା କରିଦେବ ପ୍ରକାଶ ! ମୁଁ ତୁମ ପାଖରେ ଛଳନା କରିଛି।

ପ୍ରକାଶ ବିସ୍ମିତ ହେଇଗଲେ ସ୍ନେହଶୀଳାର ଏ ବ୍ୟବହାରରେ। ପୁଣି କ'ଣ ହେଲା ! ଏଇଲେ ତ ସବୁ ଠିକ୍ ଥିଲା।

ସ୍ନେହଶୀଳା କହି ଚାଲିଲା-ଏପୁଅ  କାହାର ଭାବୁଚ ପ୍ରକାଶ ?

-କାହାର ମାନେ ? ପ୍ରକାଶ ଓଲଟା ପ୍ରଶ୍ନ କଲେ।

-ନାଁ ଏ ପୁଅ ତୁମର ନୁହେଁ।

-ତେବେ ?

-ଏ ପୁଅ ଆନନ୍ଦଙ୍କ ଔରଷରୁ ଜନ୍ମ ହେଇଚି।

ପ୍ରକାଶ ଆହୁରି ଚକିତ ହୋଇଗଲେ ଏବଂ ସ୍ନେହଶୀଳାଙ୍କୁ ବଲବଲ କରି ଚାହିଁ ରହିଲେ।

-ହଁ ପ୍ରକାଶ !ସେଦିନ ସେଇ ଝଡବର୍ଷା ଦିନ। ତୁମେ ଗସ୍ତରେ ଯାଇଥିଲ। ବାବା ଆନନ୍ଦ ବର୍ଷା ଆରମ୍ଭ ପୂର୍ବରୁ ଭିକ୍ଷା ପାଇଁ ଆସିଥିଲେ। ପାଗ ଖରାପ ଥିବାରୁ ମୁଁ ତାଙ୍କୁ ଆମନ୍ତ୍ରଣ କରିଥିଲି ଆମଘରେ ମଧ୍ୟାହ୍ନ ଭୋଜନ କରି ବିଶ୍ରାମ ନେବାକୁ। ସେ ଭୋଜନ ସାରି ଆମଘରେ ରହିଗଲେ ପ୍ରବଳ ବର୍ଷା ପବନ ଯୋଗୁ। ତାଙ୍କର ବ୍ୟକ୍ତିତ୍ୱ ଓ ସୌନ୍ଦର୍ଯ୍ୟରେ ମୁଁ ଯେପରି ଅଭିଭୂତ ହୋଇଯାଇଥିଲି। ତାଙ୍କର ସେବା କରିବା ଭିତରେ ମୋରଶରୀର ମନ କିଛି ବାଧା ବନ୍ଧନ ମାନିନଥିଲା ସେଦିନ ଏବଂ ତାଙ୍କର ବାରଣ ସତ୍ତ୍ୱେ ମୁଁ ଢଡି ଯାଇଥିଲି ତାଙ୍କର ସୁଗଠିତ ବାହୁ ଯୁଗଳରେ। ତା'ପରଠୁ ସେ ବୋଧହୁଏ ଜାଣିଶୁଣି ଆଉ ପାରାଦୀପ ଆସି ନାହାନ୍ତି ଭିକ୍ଷା କରି ଏବଂ କୋଳରେ ଛାଡି ଯାଇଛନ୍ତି ତାଙ୍କର ଉପସ୍ଥିତି। ଟିକେ ରହି ସ୍ନେହଶୀଳା କହିଲେ: ବହୁତ ମହାନ୍ ସିଏ !

ପ୍ରକାଶ: ମହାନ୍ ପ୍ରେମିକ ବି !

ସ୍ନେହଶୀଳା: ବହୁ ବିଚିତ୍ର !

ପ୍ରକାଶ: ବଡ ଅଦ୍ଭୁତ ବ୍ୟକ୍ତିତ୍ୱ

ସ୍ନେହଶୀଳା: ତାଙ୍କୁ ଭୁଲି ହେବନି।

ପ୍ରକାଶ: କାରଣ ସେ ଆମ ଭିତରେ ରହିଛନ୍ତି।

ସ୍ନେହଶୀଳା ଭାଙ୍ଗିପଡିଲା ଭୀଷଣ ଭାବରେ। କଇଁ କଇଁ ହେଇ କାନ୍ଦି ଉଠିଲା। ପୁନର୍ବାର ମିନତି କଲା- ପ୍ରକାଶ ମୋତେ କ୍ଷମାକର ! ପ୍ରକାଶ ତାଙ୍କୁ କୋଳେଇ ନେଲେ



Digitized by PPRACHIN, SOA

ଆଦରରେ ଏବଂ ଚୁମା ପରେ ଚୁମା ଛାଇଦେଲେ ତାଙ୍କ ଲାଲ୍ ଅଧରରେ। ମୁଣ୍ଡ ଆଉଁସିଦେଇ କହିଲେ- ତୁମେ ମୋ ପାଇଁ ସବୁବେଳେ ସ୍ନେହଶୀଳା, ଅନନ୍ୟା। ପାଞ୍ଚବର୍ଷ ଧରି ତୁମେ ମୋତେ କ୍ଷମାକରି ଆସିଚ। ଅଥଚ ଏଇଥିପାଇଁ ମୋର କ୍ଷମା ଚାହୁଁଛ!

-କୁହ କେଉଁ ସ୍ତ୍ରୀ ତା'ର ସ୍ୱାମୀ ଆଗରେ ଏତେ ଖୋଲିଦେଇପାରେ, ଫିଟେଇ ଦେଇପାରେ ନିଜକୁ! କୁହ, ତୁମେ ସତରେ ଦେବୀ ହେଇ ଯାଇଚ ସ୍ନେହଶୀଳା। ମୋ ପାଖରେ ତୁମେ ସ୍ତ୍ରୀ ନୁହଁ ଦେବୀ। ମୋ ମନ ଭିତରେ ଯେଉଁ ସନ୍ଦେହର ବିନ୍ଦୁ ସୃଷ୍ଟି ହେଇଥିଲା, ସେ ଗୋଟାଏ ବ୍ଲାକ୍ ହୋଲ ହୋଇ ଆମକୁ ତା ଗର୍ଭରେ ଲୀନ କରିବା ପୂର୍ବରୁ ତୁମେ ତାକୁ ପୋଛି ଦେଇଛ। ତୁମେ ଧନ୍ୟ କରିଚ ନିଜକୁ! ଧନ୍ୟ କରିଚ ମୋ ଜୀବନକୁ।

ସ୍ନେହଶୀଳା ଆହୁରି ଜୋର୍‌ରେ ଯାବୁଡ଼ି ଧରିଲେ ପ୍ରକାଶଙ୍କୁ।

ପ୍ରକାଶ ଓ ସ୍ନେହଶୀଳା ପ୍ରକୃତପକ୍ଷେ ଦେହ ଓ ମନରେ ଏକ ଏବଂ ଅଭିନ୍ନ ହେଇଯାଇଥିଲେ ସେଦିନ।



Digitized by PPRACHIN, SOA

# ଗୋବିନ୍ଦ ସାର୍

ଦୀର୍ଘ ଚାଳିଶ ବର୍ଷର ବ୍ୟବଧାନ ପରେ ଗୋବିନ୍ଦ ସାର୍ ବ୍ରଜ ଭାଇନାଙ୍କ ସାଂଗରେ ଆସି ଆମ ବସାଘରେ ପହଞ୍ଚିଲେ। ବ୍ରଜଭାଇନା ତାଙ୍କ ଛାତ୍ର। ସାର୍‌ଙ୍କୁ ଅକସ୍ମାତ୍ ସକାଳୁ ସକାଳୁ ଦେଖି ଯେତିକି ବିସ୍ମିତ ହେଲି, ସେତିକି ଆନନ୍ଦରେ ଫାଟି ପଡ଼ିଲି। ସେ ବି ମୋତେ ପାଇ ସମଧିକ ଖୁସି ହେଲେ। ଆନନ୍ଦରେ ଗଦ୍ ଗଦ୍ ହୋଇ କହିଲି - ସାର୍, ଏତେ ଦିନ ପରେ ଆପଣଙ୍କ ସହ ସାକ୍ଷାତ ହେଲା ! ବହୁଦିନ ହେବ ଆପଣଙ୍କୁ ଦେଖିନି।

ଗୋବିନ୍ଦ ସାର୍ ! ମୁଁ ୧୯୫୩ ମସିହାରେ ଶିଶୁ ଶ୍ରେଣୀରେ ପଢୁଥିବାବେଳେ ସେ ଆସି ଆମ ସ୍କୁଲରେ ଏକମାତ୍ର ଶିକ୍ଷକ ଭାବରେ ଯୋଗଦେଲେ। ସେତେବେଳେ ପ୍ରଥମ ଶ୍ରେଣୀ ପୂର୍ବରୁ ଶିଶୁ ଶ୍ରେଣୀରେ ପଢ଼ିବାକୁ ପଡୁଥାଏ। ଗୋଟେ ନିମ୍ନପ୍ରାଥମିକ ବିଦ୍ୟାଳୟରେ ଶିଶୁ ଶ୍ରେଣୀଠାରୁ ତୃତୀୟ ଶ୍ରେଣୀଯାଏ ବିଧିବଧ ଚାରୋଟି ଶ୍ରେଣୀଥାଏ। ଗୋବିନ୍ଦ ସାର୍ ସଦ୍ୟ ଟ୍ରେନିଂ ଶେଷକରି ଆମ ସ୍କୁଲକୁ ଆସିଥାନ୍ତି। ମାଇନର ପାଶ୍‌ପରେ ଶିକ୍ଷକମାନଙ୍କୁ ଇ.ଟି. ଟ୍ରେନିଂ ନେବାକୁ ପଡୁଥାଏ। ମାଟ୍ରିକ୍ ପାଶ୍ କରିଥିବା ଶିକ୍ଷକ ସେତେବେଳେ ପ୍ରାଥମିକ ସ୍ତରରେ ବହୁତ କମ୍ ଥାଆନ୍ତି। ଇ.ଟି. ପାଶ୍ କରିଥିବା ଶିକ୍ଷକମାନେ ପଞ୍ଚମ ଶ୍ରେଣୀଯାଏ ବେଶ୍ ସୁରୁଖୁରୁରେ ପାଠପଢ଼ାନ୍ତି। ଆମ ସ୍କୁଲରେ ଚାରୋଟି କ୍ଲାସକୁ ଜଣେ ମାତ୍ର ଶିକ୍ଷକ। ଗୋବିନ୍ଦ ସାର୍। କେତେ ସୌମ୍ୟକାନ୍ତ ଚେହେରା ତାଙ୍କର ! ଗୋରା ତକ ତକ ଦେହ। ଟିକେ ଟିକେ ବସନ୍ତ ଦାଗ ମୁହଁସାରା ଅଛି। ଯେମିତି ସ୍ଥୂଳ ସେମିତି ଲମ୍ବ। ଆକର୍ଣ୍ଣ ଲମ୍ବିତ ଭ୍ରୂଲତା। ବିସ୍ଫାରିତ ଚକ୍ଷୁ। ଡାଳିମ୍ବ ମଂଜିପରି ଦନ୍ତ ପଂକ୍ତି। ହସ୍ତ, ପାଦ ସୁଠାମ ସୁନ୍ଦର। ଓଠରେ ସ୍ମିତ ହାସ। ଗୋଟେ ଲୋଭନୀୟ ବ୍ୟକ୍ତିତ୍ୱ ଗୋବନ୍ଦ ସାର୍‌ଙ୍କର। ପାଦରେ ଶୋଭାପାଉଛି କଠଉ। କଠଉ ମଡେଇ ଚାଲିବା ବେଳର ଟପ୍ ଟପ୍ ଆବାଜ ପିଲାମାନଙ୍କ



Digitized by PPRACHIN, SOA

ମନରେ ଚମକ ଆଣେ। ଗୋଟେ ଗୁରୁକୂଳ ଆଶ୍ରମର ଆଚର୍ଯ୍ୟ ପରି ମନେହୁଅନ୍ତି ଯେପରି।

ଗୋବିନ୍ଦ ସାର୍‌ଙ୍କ ଆଦମ କାଇଦା ସ୍ୱତନ୍ତ୍ର ଧରଣର। ସେତେବେଳେ ଖୁବ୍ ବଡ ବଡ ପିଲା ୨ୟ ଓ ୩ୟ ଶ୍ରେଣୀରେ ପଢୁଥାନ୍ତି। ସମସ୍ତେ ଧୋତି ପିନ୍ଧୁଥାନ୍ତି ଓ ଗୋଟେ ଗୋଟେ ଚଦର ଘୋଡେଇ ହେଇ ସ୍କୁଲକୁ ଆସନ୍ତି। ପେଣ୍ଟ ସାର୍ଟର ପ୍ରଚଳନ ପ୍ରାୟ ନଥାଏ କହିଲେ ଚଳେ। ଯୋଉ ପିଲା ଯେତେ ଡେରିରେ ଆସିବ, ସେତେ ଶୂନ ଖାଇବ ଅର୍ଥ ସେତେ ପାହାର ଖାଇବ। ଡେରିରେ ଆସିବା ପିଲା ଶୂନ ଖାଇବା ପାଇଁ ଦଣ୍ଡ ସ୍ୱରୂପ ଧାଡି ଧାଡି ହେଇ ଠିଆହେବେ। ଜଣ ଜଣକୁ ଶୂନ ଦେବାପରେ ସେମାନେ ଯେଝା ଯେଝା ଜାଗାରେ ଯାଇ ବସିବେ। ପିଲାଙ୍କୁ ଦଣ୍ଡସ୍ୱରୂପ ମାଡଦେବା ଗୋଟିଏ ମାମୁଲି କଥା ସେତେବେଳେ, ଅଭିଭାବକ ଚାହେଁ ପିଲା ମାଡଗାଳି ଖାଉ। ମଣିଷ ହେଉ। ମାଡ଼ଦେଲେ ମଧ୍ୟ ଗୋବିନ୍ଦ ସାର୍ ଜମା ରାଗନ୍ତି ନାହିଁ। ହସି ହସି ପାହାର ପରେ ପାହାର କଷି ଦେଉଥାନ୍ତି। ସବୁବେଳେ ହସ ହସ ମୁହଁ। ସୁନ୍ଦର ହସ୍ତାକ୍ଷର ବି। ସୁନ୍ଦର କଣ୍ଠ। ଭଲ ଚିତ୍ର ବି କରନ୍ତି। ଭଲ ଭାବରେ ବଗିଚା କାମ କରାନ୍ତି ପିଲାଙ୍କୁ ନେଇ। ସ୍କୁଲ ଛୁଟିପରେ ପିଲାମାନେ ବଗିଚାରେ ମାଟି ହାଣନ୍ତି, ଫୁଲଗଛ ଲଗାନ୍ତି। ପରିବା ଚାଷ କରନ୍ତି। ଗଛମାନଙ୍କରେ ପାଣି ଦିଅନ୍ତି। ସମସ୍ତେ ଆନନ୍ଦ ଓ ଆଗ୍ରହରେ ସେ କାମ କରନ୍ତି। କାମ ଶିଖିବା ସେଇ ସ୍କୁଲ ଜୀବନରୁ ହିଁ ଆରମ୍ଭ ହୁଏ। ଫଳରେ ପିଲାମାନେ କ୍ଷେତ ବାଡ଼ିରେ ବାପା ମା' ମାନଙ୍କୁ ସାହାଯ୍ୟ କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ।

ସ୍କୁଲ ଆଗରେ ଗୋଟେ ଆୟତାକାର କ୍ଷେତ୍ରର ଅଗଣା ଥାଏ। ତା'ପରେ ସ୍କୁଲ ବଗିଚା। ସେଇ ଅଗଣାରେ ପିଲାମାନେ ଠିଆହେଇ ପ୍ରାର୍ଥନା କରନ୍ତି। ଶୀତଦିନେ ମଧ୍ୟ ଚଟପକେଇ ସେଇଠି ପିଲାମାନେ ପାଠପଢ଼ନ୍ତି। ଚଦର ଘୋଡେଇ ହେଇଥିବା ପିଲା ଉପରେ ଯେତେବେଳେ ଛାଟବସେ, ପେଁ ପେଁ ଶବ୍ଦ ହୁଏ। କେହି କେହି ପିଲା 'ସାର୍ ମରିଗଲି ମରିଗଲି' ବୋଲି ଚିତ୍କାର କରୁଥାନ୍ତି। ସାର୍ କିନ୍ତୁ ସେଥିପ୍ରତି ନିସ୍ପୃହ ଥାଆନ୍ତି।

ସ୍କୁଲ ବଗିଚାରେ ଅଗଣାକୁ ଲାଗି ଧାଡି ଧାଡି ବାମନ କଦଳୀ ଗଛ ଲଗାହୋଇଥାଏ। କଦଳୀ କାନ୍ଦି ସବୁ ଭୂଇଁକି ଲାଗି ଓହଳିଥାଏ। ସେତେବେଳେ ସମୟରେ ଚୋରି ଚପଟର ପ୍ରଶ୍ନନଥାଏ। ସ୍କୁଲକୁ ଦେବାଳୟ ପରି ପବିତ୍ର ଅନୁଷ୍ଠାନ ଭାବରେ ଲୋକମାନେ ଜ୍ଞାନ କରନ୍ତି। ସାର୍‌ଙ୍କୁ ମଧ୍ୟ ସମାନ ଭାବରେ ଭକ୍ତି, ଶ୍ରଦ୍ଧା କରନ୍ତି ଗାଁ ଲୋକେ। କଦଳୀ ପାଚିଲେ, ପ୍ରାର୍ଥନାପରେ ପିଲାମାନଙ୍କୁ ବଣ୍ଟାଯାଏ। ସମସ୍ତଙ୍କୁ ଗୋଟିଏ ଲେଖାଏଁ କଦଳୀ ଧରେଇ ଦିଆଯାଏ। ସେ କଦଳୀର ସୁଆଦ ଆଜି ବି ମିଠା ଲାଗେ ଭାବିଲେ। ଗୋଟିଏ ଖାଇବା ପରେ ଆଉ ଗୋଟିଏ ଖାଇବାକୁ ପାଟି ଟାକୁ ଟାକୁ ହେଉଥାଏ। ହେଲେ ଆଉ ଗୋଟିଏ



Digitized by PPRACHIN, SOA

ଲେଖାଏଁ କଦଳୀ ଦେବାକୁ କଦଳୀ ନିଅଣ୍ଟ ପଡିଥାଏ। ସେଇଥିପାଇଁ ସାର୍‌ଙ୍କ ପାଦ ପାଖରେ ମୁଣ୍ଡ ଆପେ ନଇଁଯାଏ।

ପିଲାଙ୍କ ଅଂଗୁଠିକୁ ବେତରେ ରଗଡି ହସ୍ତାକ୍ଷର ଭଲ ଲେଖିବାକୁ ପ୍ରବର୍ତ୍ତାଯାଏ। ସାର୍‌ଙ୍କ ପରି ସୁନ୍ଦର ହସ୍ତାକ୍ଷର ଲେଖିବାକୁ ପିଲାମାନେ ଯତ୍ନ କରିଥାନ୍ତି। କିନ୍ତୁ ସାର୍‌ଙ୍କ ପରି ଲେଖିହୁଏନି। ସାର୍‌ଙ୍କ ହସ୍ତାକ୍ଷର ଅନନ୍ୟ ଥାଏ। ସାର୍ ବି ସୁନ୍ଦର କଣ୍ଠରେ ଗୀତ ଗାଆନ୍ତି ଏବଂ କାହାର ପାଲା ମେଳା ଦରକାର ହେଲେ ଯାଇ କରନ୍ତି। ସେଥିରୁ ଅବଶ୍ୟ ଦୁଇ ପଇସା ରୋଜଗାର ହୁଏ। ସେତେବେଳେ ଦରମା ତ ବହୁତ କମ୍ ଥାଏ। ମାସକୁ କୋଡ଼ିଏ ଟଙ୍କା ଭିତରେ ଥାଏ। ସେଇଥିରେ ଚଳିବାକୁ ହୁଏ। ହେଲେ ପିଲାମାନେ ପ୍ରତି ଶନିବାର ମୁଠି ଚାଉଳ, ସୋରିଷ ତେଲ ଓ ଡାଲି, ପନିପରିବା ଆଦି ଆଣିଥାନ୍ତି। ସେଇଥିରେ ସାର୍ ରୋଷେଇ ବାସ କରି ଖାଆନ୍ତି। ସେତକ ମଧ୍ୟ ସାର୍‌ଙ୍କ ପାଇଁ ଯଥେଷ୍ଟ ହୋଇଥାଏ।

ଗୋବିନ୍ଦ ସାର୍‌ଙ୍କ ସହିତ ଗୁନ୍ଥିହୋଇଥିବା ସ୍ମୃତି ଗୋଟି ଗୋଟି ମନେପଡ଼ିଲା। ଆମେ ଶିଶୁ ଶ୍ରେଣୀରେ ପଢୁଥିବାରୁ ସାର୍ ଆମକୁ ବେଶୀ କିଛି ପଢ଼େଇବାର ସୁଯୋଗ ପାଇନାହାନ୍ତି। ହେଲେ ତାଙ୍କ ସମୟରେ ଶିଶୁ ଶ୍ରେଣୀରେ ପଢୁଥିବା ପିଲାଟିକୁ ଯେ ସାର୍ ମନେ ରଖିଛନ୍ତି ଓ ଖୋଜି ଖୋଜି ଆସିଛନ୍ତି, ଏକଥା ଭାବିଲା ବେଳକୁ ମନରେ ଗୋଟିଏ କୌତୂହଳ ଆସିଯାଇଥାଏ। ହୁଏତ ଯେଉଁ ପିଲାମାନେ ଓପରକୁ ଓପରକୁ ପଢ଼ିଲେ, ବି.ଏ., ଏମ୍.ଏ. ପାଶ୍ କଲେ, ସବୁ ସାର୍ ତାଙ୍କୁ ମନେ ରଖିଥାଆନ୍ତି। ସାର୍‌ଙ୍କ ପାଖରେ ପିଲାଟିଏ ଯେତେ ବଡ ହେଲେ ମଧ୍ୟ ଶିଶୁଟିଏ ପରି ବଶମ୍ବଦ।

ଗୋବିନ୍ଦ ସାର୍ କାଳ ବିଳମ୍ବ ନକରି କହିବାକୁ ଲାଗିଲେ ତାଙ୍କ ଦୁଃଖର କଥା। ସେ ଗୋଟିଏ ବିଧବା ସ୍ତ୍ରୀ ଲୋକଠାରୁ ଶହେଟି ଟଙ୍କା ଧାର କରିଥିଲେ, ଅଥଚ ତାକୁ ଯଥା ସମୟରେ ଶୁଝି ପାରିଲେ ନାହିଁ। ତେଣୁ ସେ ଶୋଧୁଛି ତାଙ୍କୁ। ସେଇଥିପାଇଁ ତାଙ୍କର ମାତ୍ର ଶହେଟି ଟଙ୍କା ଦରକାର। ମୋତେ କହିଲେ, 'ତୁ ମତେ ଶହେ ଟଙ୍କା ଦେଇଥା, ଗାଁରେ କିଛି ଦିନ ପରେ ସପ୍ତା ବସିବ (ଅର୍ଥାତ୍ ସାତଦିନ ଭାଗବତ ପାଠ କରାଯିବ)। ସପ୍ତା କାମ ସାରି ଯେଉଁ ପାରିଶ୍ରମିକ ପାଇବି, ତୋ ଟଙ୍କା ଶୁଝିଦେବି।' ମୁଁ ସ୍ତମ୍ଭୀଭୂତ ହୋଇଗଲି ଏକଥା ଶୁଣି। କି ଦାରିଦ୍ର୍ୟ ଭୋଗୁଛି ଜଣେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସତରେ !

ସାର୍ ଫେର୍ କହିବାକୁ ଲାଗିଲେ, ମୋର ପେନ୍‌ସନ୍ ସାଙ୍କସନ୍ ପାଇଁ ଯାଇଥିଲି ସେକ୍ରେଟାରୀଏଟ୍। (ସେତେବେଳେ ସେକ୍ରେଟାରୀଏଟ୍‌ରେ ପେନ୍‌ସନ୍ ସାଂକସନ ହେଉଥାଏ)। ନିକଟରେ ହୋଇଯିବ ଆଶା କରୁଛି। ସେଇଠି ମୋର ଦେଖା ହେଲା ପୁରାତନ ଛାତ୍ର ବିଦ୍ୟାଧର ସହିତ। ତଅଁର ମୁଣ୍ଡି ତା' ଘର। ସେ ତାଙ୍କ ଗାଁରେ ଶିକ୍ଷକ ଥିବାବେଳେ ତାର



Digitized by PPRACHIN, SOA

ବିଧବା ମା' ଆସି ଆପତ୍ତି କଲା ଯେ ବିଦ୍ୟାଧର ପାଠ ପଢ଼ିବାକୁ ଜମା ଆସୁନାହିଁ। ଲୁଚୁଛି। ମୁଁ ଦିନେ ବେତ ନେଇଗଲି। ସେ କିଆ ବୁଦାମୂଳେ ମୋତେ ଦେଖି ଲୁଚିଲା। ମୁଁ ତାକୁ ଧରି ପକେଇଲି ଓ ବେତରେ ପାହାର ପରେ ପାହାର କଷିଦେଲି। ସେ ଦିନୁ ସେ ଗୋଟାପଣେ ସାବାଡ଼। ବିଚରା ମୋତେ ଦେଖି ଭାରି ଆଦର କଲା ବସାକୁ ଡକେଇ ଖାଇବା ପିଇବା ଖବର ବୁଝିଲା ଓ ବାଟ ଖର୍ଚ୍ଚ ଦେଇ ବିଦାକଲା। ସେ ତ କହିଛି, ପେନ୍‌ସନ୍ ସାଂକସନ କଥା ବୁଝିଦେବ ବୋଲି।

ସାର୍‌ଙ୍କୁ ସଂଗେ ସଂଗେ ଶହେଟି ଟଙ୍କା ଆଣିଦେଲି। ବ୍ରଜ ଭାଇନା ଅଭାବି ଲୋକ। ସେ ବୋଧହୁଏ ସାର୍‌ଙ୍କ କଥା ବୁଝି ପାରିନାହାନ୍ତି ବୋଲି, ମୋ ପାଖକୁ ଆଣି ଆସିଛନ୍ତି। ସାର୍ ନିଶ୍ଚୟ ମୋତେ ଖୋଜିଥିବେ। ଭଲହେଲା, ସାର୍ ମୋତେ ମନେ ରଖିଛନ୍ତି, ସେଇ ଯଥେଷ୍ଟ। ସାର୍‌ଙ୍କୁ ଚ' କରି ଆଣିଦେଲି। ସହଧର୍ମିଣୀ ସ୍କୁଲକୁ ଯାଇଥିଲେ। ଥିଲେ ହୁଏତ ଖୁସି ହେଇଥାନ୍ତେ।

ସାର୍ ଉଠିଲେ ଯିବାପାଇଁ। ପାଦ ଛୁଇଁ ନମସ୍କାର କଲି। ଭାବିଲି, କେଡେ ହସ ଖୁସିର ମଣିଷ। ପିଲାମାନଙ୍କୁ ପଢ଼ାଇବାରେ ଆନନ୍ଦ। ଲଳିତ କଣ୍ଠରେ ଗୀତ ଗାଇବାରେ ଆନନ୍ଦ ଭିତରେ ଅଭାବ, ଦୈନ୍ୟ ରୂପକ ଦାନବ କବଳରୁ ଏପରି ମଣିଷର ତ୍ରାହି କାହିଁ! ପେନ୍‌ସନ୍ ବାବଦକୁ ଶହେ କି ଦୁଇ ଶହ ଟଙ୍କା ପାଇବେ, ସେତେବେଳେ ସମୟର ମୂଲ୍ୟ ଅନୁସାରେ। ସେତକ ମଧ ତାଙ୍କର ହାତ ପାଇଟି ହେଉନାହିଁ ଯଥା ସମୟରେ! ଏକଥା ଭାବି ଭାବି କିଛି ସମୟ ବିବଶ ହୋଇଗଲି। ସତରେ ମଣିଷ କେଡେ ଅସହାୟ ବାର୍ଦ୍ଧକ୍ୟ ଅବସ୍ଥାରେ! ଏ ପରିସ୍ଥିତି ମଣିଷକୃତ ନୁହେଁକି?

ପଛରେ ଗୋଟିଏ କଥା ଅବଶ୍ୟ ମନକୁ ଆସିଲା। ସାର୍‌ଙ୍କୁ କ'ଣ କହିଥିଲେ ହେଇ ନଥାନ୍ତା, ସାର୍ ଏ ଶହେଟଙ୍କା ଆଉ ଫେରେଇବେ ନାହିଁ। ସାର୍ ଛାତିରେ ଛେପ ପକେଇ ରହିଥାନ୍ତେ। ଟଙ୍କାଟା ଫେରେଇବା କଥା ଉଠିବାକୁ ସାର୍‌ଙ୍କ ଚିନ୍ତା ନିଶ୍ଚୟ ବଢ଼ିଯିବ। ସପ୍ତା ବସେଇ ସାର୍ ଖୁବ୍ ବେଶୀରେ ଶହେ ଟଙ୍କା ପଇବେ। ତାଙ୍କର ଅଭାବୀ ସଂସାରକୁ ନିଅଣ୍ଟ। ସେ ମତେ ଦେବେ କୋଉଠୁ! କଣ କଲି! ଏକଥା ସାର୍‌ଙ୍କୁ ନ କହି କେଡେ ଭୁଲ୍‌ଟାଏ କରି ବସିଲି। ଜଣେ ଛାତ୍ରଠାରୁ ଟଙ୍କା ଉଧାର ନେଇ, ଫେରେଇବା ଯେ ନିହାତି ଜରୁରୀ, ଏକଥା ସାର୍‌ଙ୍କୁ ବାରବାର ବିବ୍ରତ କରୁଥିବ!

ମୋର ତିନି ମହଲାରେ ଥିବା କ୍ୱାଟରରେ ବାଲ୍‌କୋନୀକୁ ଆସି ଠିଆ ହେଲି। ଯେତେବେଳେ ଉଦାସ ଉଦାସ ଲାଗେ କି ବିଷାଦ ମୋତେ ଗ୍ରାସକରେ ସେତେବେଳେ ଏଇ ବାଲ୍‌କୋନୀକୁ ଆସିଥାଏ। ବାଲ୍‌କୋନୀରେ ଲଗେଇଥିବା ଯୁଈ ଗଛକୁ ବେଳେବେଳେ



Digitized by PPRACHIN, SOA

ଉହେଁ। କେମିତି ଯୁଇଲତା ଫୁଲରେ ଭର୍ତ୍ତି ହେଉଛି ! ଯୁଇ ଫୁଲର ସୁଗନ୍ଧି ମନକୁ ଶୀତଳ କରୁଛି ! ତା'ରି ଭିତରେ ବସିଥିବା ଚଟିଆ ଦିଟାଙ୍କ ଖିଚିରି ମିଚିରି ଶବ୍ଦ ଶୁଣେ। ଭାରି ଖୁସି ଲାଗେ। ସକଳ ଦୁଃଖ ଅବସାଦ ଭୁଲିଯାଏ। ଆଜି କିଂତୁ ଯୁଇଲତାର ଆକର୍ଷଣ ନାହିଁ, ଚଟିଆ ଦିଟାଙ୍କ ଖିଚିରି ମିଚିରି ରାଗର କମ୍ପନ ନାହିଁ। ବେଳେବେଳେ ପ୍ରଶାନ୍ତ ନୀଳ ଆକାଶର ଦୃଶ୍ୟ ବାଲ୍‌କୋନୀରେ ଠିଆହୋଇ ଉପଭୋଗ କରେ। ଭସା ମେଘଙ୍କ ପଟୁଆର ଦେଖେ। ମନ ଆନାମନା ହେଇଯାଏ କିଛି କ୍ଷଣ। ପୁଣି ଫେରିଆସେ ଜୀବନର ନିଷ୍ଠୁର ବାସ୍ତବତା ଭିତରକୁ। ଆଜି କିନ୍ତୁ ଆକାଶରେ ମେଘ ସବୁ ଢେଉ ଢେଉକା ହେଇ ଆକାଶ ସାରା ଛାଇ ଯାଇଛନ୍ତି। ମହଳନ ମେଘ। ମେଘଙ୍କ ରୂପ ରୋଗଣୀରେ ଚମକ ନାହିଁ କି ଔଜ୍ଜ୍ୱଲ୍ୟ ନାହିଁ। ମୋର ମନ ବିଷାଦରେ ଭରିଗଲା। ତରବର ହେଇ ଘର ଭିତରକୁ ଚାଲି ଆସିଲି। ନିତ୍ୟକର୍ମ ଶେଷ କରି ଅଫିସ୍ ଯିବାକୁ ପଡ଼ିବ ନା !

ତା' ପରେ ପରେ ଗୋବିନ୍ଦ ସାର୍‌ଙ୍କ କଥା ଭୁଲିଗଲି। ଏମିତି କିଛିଦିନ ଚାଲିଗଲା। ପୁଣି ଦିନେ କାହିଁକି ଗୋବିନ୍ଦ ସାର୍‌ଙ୍କ କଥା ମନକୁ ଆସିଲା। ସେଇ ପାପବୋଧ ମନକୁ ଘାରିଲା। କାହିଁ ସାର୍‌ଙ୍କୁ ସେ ଶହେଟଙ୍କା ଫେରେଇବାକୁ ମନା କଲିନି ! ଏବେ ତ ସାର୍‌ଙ୍କ ସପ୍ତା ବଢ଼ିଯିବଣି। ସାର୍ ତାଙ୍କ ପାରିଶ୍ରମିକ ପାଇସାରିବେଣି। ସାର୍ ତ କାହିଁ ଟଙ୍କା ଫେରେଇବାକୁ ଆସିଲେନି। ସତରେ ସେ କଣ ଟଙ୍କା ଫେରେଇ ପାରିବେ। ଖାଲି ମନସ୍ତାପ କରିବେ ଯାହା। ତାଙ୍କର ମନସ୍ତାପ ପାଇଁ ମୁଁ କଣ ଦାୟୀ ନୁହେଁ। ସାର୍ ଯଦି ଯା' ଭିତରେ ଇହଲୀଳା ସମ୍ବରଣ କରସାରିଥିବେ, ତେବେ ତାଙ୍କର ଦୁଃଖ ରହିଯାଇଥିବ, ମୋ ଟଙ୍କା ଫେରେଇଲେ ନାହିଁ ବୋଲି। ଏ ପ୍ରକାର ମାନସିକ ଅସନ୍ତୁଳନ ଭିତରେ ଭାବିଲି, ଦିନେ ସାର୍‌ଙ୍କ ଘରକୁ ଯିବି। ଧୋତି ଖଣ୍ଡେ, ସାର୍ଟ କପଡ଼ାଟିଏ, ଛତାଟିଏ ଓ କିଛି ଟଙ୍କା ପଇସା ସାର୍‌ଙ୍କୁ ଦେଇ ଆସିବି। କହିବି, ଆପଣ ଆଉ ସେ ଶହେଟଙ୍କା ମୋତେ ଫେରେଇବା ଦରକାର ନାହିଁ।

ବ୍ରଜଭାଇନାଙ୍କୁ ସାଂଗ କଲି, ସାର୍‌ଙ୍କ ଘରଆଡେ ଯିବାପାଇଁ। ବହୁଦିନ ହେବ ସାର୍‌ଙ୍କ ଗାଁ ଆଡେ ଯାଇନାହିଁ। ଅବଶ୍ୟ ଆମ ଗାଁରୁ ତିନି ଚାରି କିଲୋମିଟର ତାଙ୍କ ଗାଁ। ବ୍ରଜ ଭାଇନା ହିଁ ଯିବା, ଯିବା କହି ଆଉ ମୋ ସହିତ ସାଂଗ ହେଇ ଯାଇପାରିଲେ ନାହିଁ। ଶେଷରେ ସ୍ଥିର କଲି ଏକୁଟିଆ ଯିବାପାଇଁ ଏବଂ ବାହାରିଲି। ଯଦିଓ ଯା' ଭିତରେ ଅବଧି ବର୍ଷଟିଏ ହେଇଯାଇଥିଲା। ସାର୍‌ଙ୍କ ଗାଁ ମୁଣ୍ଡ ବରଗଛ ପାଖରେ ଯାଇ ପହଞ୍ଚିଲି। ଗାଁ ମୁଣ୍ଡରେ କିଛି ଦୋକାନ ଘର ଦେଖିବାକୁ ପାଇଲି। ଗାଁକୁ ମୋରମ ରାସ୍ତା। ଆଗରୁ ବହୁ ଅପନ୍ତରା ଥିଲା। ବର୍ଷାଦିନେ ସୁସ୍ଥ ମଣିଷଟିଏ ମଧ ଯାଇପାରିବ ନାହିଁ ଗାଁ ଭିତରକୁ। ବୋହେ ପଙ୍କ



Digitized by PPRACHIN, SOA

କାଦୁଅ। ଏବେ ଖାଲ ଢ଼ିପ ହେଉ ପଛକେ ମୋରମ ପଡିଛି। ଗାଁ ମୁଣ୍ଡ ଦୋକାନରେ ପଚାରିଲି, ଗୋବିନ୍ଦ ସାର୍‌ଙ୍କ କଥା। ଯାହା ଶୁଣିଲି, ବିଶ୍ୱାସ କରିପାରିଲି ନାହିଁ।

ସାର୍ ପାଖାପାଖି ବର୍ଷେ ହେବ ଦେହ ତ୍ୟାଗ କରିଛନ୍ତି। ବୋଧହୁଏ ସପ୍ତା ବସେଇବା ପରେ। ସାର୍‌ଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କ ପଛେ ପଛେ ଚାଲିଗଲେ। ଅଭାବ ଓ ଦୈନ୍ୟ ଭିତରେ ସାର୍‌ଙ୍କ ଶେଷ ଜୀବନ କଟିଗଲା। ପଚାରିଲି ସାର୍‌ଙ୍କ ପେନ୍‌ସନ୍ ରାଶି କ'ଣ ମିଳିଥିଲା ? ଉତ୍ତରରେ ନାସ୍ତିବାଣୀ ଶୁଣିଲି। ଏବେବି ସାର୍‌ଙ୍କ ପେନ୍‌ସନ୍ ମିଳିନାହିଁ।

ଭାବିଲି, ସାର୍‌ଙ୍କ ପେନ୍‌ସନ୍ ମିଳିଲେ କେଉଁ ଉତ୍ତରାଧିକାରୀ ପାଇବ। ସ୍ତ୍ରୀ, ନା ବାଳକ ପିଲା ନାଁ ଆଉ କିଏ ? ସାର୍‌ଙ୍କ ସ୍ତ୍ରୀତ ତାଙ୍କ ପଛେ ପଛେ ଚାଲିଯାଇଛନ୍ତି। ଝିଅମାନେ ତ ବଡହେଇ ବା' ସାହା ହେଇ ଯାଇଛନ୍ତି। କିଏ ତେବେ ପେନ୍‌ସନ୍ ପାଇବ। ଭାବୁଥିଲି, ଏତେ ତ୍ୟାଗ ପୂତ ଜୀବନ ପାଇଁ ସାର୍ ତେବେ ସମାଜଠୁଁ କି ପୁରସ୍କାର ପାଇଲେ !

ହାୟ ! ଗୋବିନ୍ଦ ସାର୍ !



Digitized by PPRACHIN, SOA

Digitized by PPRACHIN, SOA

ନବେ ଦଶକରୁ ପ୍ରଗତିଶୀଳ କବିତା ରଚନା କରିବାରେ ଏକ ପରିଚିତ ନାମ ହେଉଛନ୍ତି **କବି ଭଗବାନ ମହାପାତ୍ର** । ଜନ୍ମ:୧୩ ଡିସେମ୍ବର ୧୯୪୪ ମସିହା ବୁଧବାର ।

ଏହି ସଂକଳନରେ ଗ୍ରଥିତ କେତୋଟି ଗଳ୍ପ ଶ୍ରେଣୀ ଭାବନା ଓ ବୈପ୍ଳବିକ ଚେତନା ଆଧାରିତ । ସ୍ୱଳ୍ପ ସଂଖ୍ୟକ ହେଲେବି ତାହା ଓଡ଼ିଆ ସାହିତ୍ୟରେ ବିଶେଷ ମାନ୍ୟତା ଦାବୀ ରଖେ । ତା'ଛଡା ସାମାଜିକ ଓ ରାଜନୈତିକ ବ୍ୟଙ୍ଗ, ମାନବିକ ସମ୍ବେଦନାରେ ତାଙ୍କ ଗଳ୍ପଗୁଡିକ ଋଦ୍ଧିମନ୍ତ । ଏହି ଗଳ୍ପକାର ଜଣେ ପ୍ରଗତିକାମୀ କାବ୍ୟଶିଳ୍ପୀ ଭାବରେ ପରିଚିତ । 'ଅଗ୍ନିବୀଣା' ଓ 'ଆରୋହଣ' ଆଦି କ୍ରାନ୍ତିକାରୀ ସାହିତ୍ୟ ପତ୍ର ସମ୍ପାଦନାରେ ବହୁମୂଲ୍ୟ ଅଭିଜ୍ଞତା ତାଙ୍କ ସୃଜନ ପ୍ରତିଭାକୁ ମଧ୍ୟ ପ୍ରଦୀପ୍ତ କରିଥାଏ । ଆମର ଆଶା ଓ ବିଶ୍ୱାସ, ଏହି ଉପାଦେୟ ଗଳ୍ପ ସଙ୍କଳନ **'ରକ୍ତ ନିଶାଣ'** ନିଷ୍ଚୟ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିବ ।

-ପ୍ରକାଶକ

Digitized by PPRACHIN, SOA